# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୬/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 6/2023 Page 16 ₹ 7.00

୪୯ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 160 ମୂଲ୍ୟ ₹୭/-


# ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ

**ଗତ ୫ ମାସ ମଧ୍ୟରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ୧୦ ଯବାନ ଶହୀଦ ହୋଇଥିବାବେଳେ ୬ ନାଗରିକଙ୍କ ମୃତ୍ୟୁ ଘଟିଛି। ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଆତଙ୍କବାଦ ଉପରେ ଲଗାମ ଲାଗିବ ବୋଲି କେନ୍ଦ୍ର ସରକାର ବାହୁସ୍ଫୋଟ ମାରିଥିଲେ। କିନ୍ତୁ ଏହି ସବୁ ଆକ୍ରମଣ ପରେ ଉପତ୍ୟକାରେ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ ଉଠିଛି।**

| | | |
|---|---|---|
| ମେ' ୫ | ରାଜୌରି | ୫ ଯବାନ ମୃତ |
| ଏପ୍ରିଲ ୨୦ | ପୁଞ୍ଚ | ୫ ଯବାନ ମୃତ |
| ଜାନୁୟାରୀ ୧ ଓ ୨ | ଡଙ୍ଗ୍ରି | ୬ ନାଗରିକ ମୃତ |


ଆକ୍ରମଣ ପରେ ରାଜୌରି ଅଞ୍ଚଳରେ କଡ଼ା ପହରା।

**ଶ୍ରୀନଗର,୫।୫**

ଜମ୍ମୁ-କଶ୍ମୀରର ରାଜୌରି ଜିଲାରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ଏପ୍ରିଲ ୨୦ରେ ରାଜୌରିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ ଯବାନଙ୍କ ଜୀବନ ଯାଇଥିଲା। ସେହି ଆକ୍ରମଣ ଘଟାଇଥିବା ଆତଙ୍କବାଦୀମାନେ କାଣ୍ଡି ଅଞ୍ଚଳର କେଶରୀ ହିଲ୍‌ସ୍ଥିତ ଏକ ଗୁମ୍ଫାରେ ଲୁଚି ରହିଥିବା ନେଇ ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଦୋଷାରୋପର ଖେଳ

# ଦୂରସଞ୍ଚାରଠାରୁ ଦୂରରେ

**ଦେଶ ଡିଜିଟାଲ ହେଉଛି। ବିକଶିତ ଭାରତର ସ୍ୱପ୍ନ ବୁଣା ଚାଲିଛି। ହେଲେ ସେହି ସ୍ୱପ୍ନରେ ସାମିଲ ହୋଇପାରିନି ରାଜ୍ୟର ୪୫୪୯ ଗାଁ। କାରଣ ଦୂର ସଞ୍ଚାର ଠାରୁ ଦୂରରେ ରହିଛନ୍ତି ଏସବୁ ଗ୍ରାମବାସୀ। ମୋବାଇଲ ନେଟ୍‌ୱର୍କ କି ଇଣ୍ଟରନେଟ ସେବା ଉପଲବ୍ଧ ନ ଥିବାରୁ ଏଠାରେ ହୋଇପାରୁନି କ୍ୟାଶଲେସ କାରବାର। ଘରେ ବସି ମାତ୍ର କେଇ ସେକେଣ୍ଡରେ ନିଜ ଅସୁବିଧା ଦୂର କରିପାରୁନାହାନ୍ତି ଗ୍ରାମବାସୀ। ଇଣ୍ଟରନେଟ ଜରିଆରେ ରୋଜଗାର ତ ଦୂରର କଥା କାଗଜ ଓ ସମୟ ମଧ୍ୟ ସଞ୍ଚୟ ହୋଇପାରୁନି ଏମାନଙ୍କ ଦ୍ୱାରା। ବର୍ଷ ପରେ ବର୍ଷ ବିତୁଥିଲେ ମଧ୍ୟ ନା ଏମାନଙ୍କୁ ମିଳୁଛି କେନ୍ଦ୍ର ସରକାରଙ୍କ ସହଯୋଗ ନା ବିକାଶ ଦିଗରେ କରାଯାଉଛି ଆବଶ୍ୟକ ପ୍ରୟାସ। ସେଇଥିପାଇଁ ସାରା ଜଗତ ସହ ଏଯାଏ ଯୋଡ଼ି ହୋଇପାରିନାହାନ୍ତି ଏମାନେ।**


ବେତର ଗାଁର ଏକ ଗଛରେ ମୋବାଇଲ ଫୋନ ଝୁଲାଯାଇଛି।

**ଅନୁଗୋଳ/ ଢେଙ୍କାନାଳ ଅଫିସ/ ଭୁବନେଶ୍ୱର (ବ୍ୟୁରୋ), ୫।୫**

ବର୍ତ୍ତମାନ ସମୟରେ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ମୋବାଇଲ। ହେଲେ ଚିନ୍ତାର ବିଷୟ, ରାଜ୍ୟରେ ମୋଟ୍ ୫୧ ହଜାର ୧୭୬ ଗାଁ ମଧ୍ୟରୁ ୪ ହଜାର ୫୪୯ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। କେବଳ ଅନୁଗୋଳ ଓ ଢେଙ୍କାନାଳ ଜିଲାକୁ ଦେଖିଲେ ଶତାଧିକ ଗ୍ରାମ ଏହି ତାଲିକାରେ ରହିଛି। ଅନୁଗୋଳର ୨୨୫ ପଞ୍ଚାୟତରେ ଥିବା ୧,୮୮୭ ଗାଁ ମଧ୍ୟରୁ ୯୫ ଗ୍ରାମରେ ଆସୁନି ନେଟ୍‌ୱର୍କ। ଜିଲା ସଦର ମହକୁମାଠାରୁ ୪୦ କିଲୋମିଟର ଦୂର ସାତକୋଶିଆ ☞ପୃଷ୍ଠା-୪







# ‘ମନ୍ କୀ ବାତ୍’ ନ ଶୁଣିବାରୁ ସ୍କୁଲ ପିଲାଙ୍କୁ ୧୦୦ ଲେଖାଏ ଜରିମାନା

**ଡେରାଡୁନ୍,୫।୫**

ଏପ୍ରିଲ ୩୦ରେ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୦୦ତମ ଅଧ୍ୟାୟକୁ ଦେଶବିଦେଶରେ ଶୁଣାଯାଇଥିଲା। ଏଥିପାଇଁ ଭାଜପା ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। କିନ୍ତୁ ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ୍‌ରେ ଥିବା ଏକ ସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଯାଇଥିଲା। ଛାତ୍ରୀଛାତ୍ରମାନେ ‘ମନ୍ କୀ ବାତ୍’ ଶୁଣିବା ପାଇଁ ସ୍କୁଲକୁ ଆସି ନ ଥିଲେ। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ଜଣ ପିଛା ୧୦୦ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ବିଦ୍ୟାଳୟର ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ଜରିମାନା ଅସୁଲ କରିବା ଲାଗି ସ୍କୁଲ ମ୍ୟାନେଜମେଣ୍ଟ




ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାଶନାଲ ଆସୋସିଏଶନ୍ ଫର୍ ପ୍ୟାରେଣ୍ଟ୍ସ ଆଣ୍ଡ ଷ୍ଟୁଡେଣ୍ଟ୍ସ ରାଇଟ୍ସ ଅଧ୍ୟକ୍ଷ ଆରିଫ୍ ଖାନ୍ ଏନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟର ମୁଖ୍ୟ ଶିକ୍ଷା ଅଧିକାରୀଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଶିକ୍ଷା ବିଭାଗ ଏହା ଉପରେ ୩ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ଉକ୍ତ ସ୍କୁଲକୁ ନୋଟିସ କରିଛି।

ଆରିଫ୍ ଖାନ୍ କହିଛନ୍ତି, ଡେରାଡୁନ୍‌ସ୍ଥିତ ଜିଆର୍‌ଡି ନିରଞ୍ଜନପୁର ଏକାଡେମୀ ରବିବାର ‘ମନ୍ କୀ ବାତ୍’ ଶୁଣିବା ପାଇଁ ସ୍କୁଲ ଆସି ନ ଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ଛାତ୍ରୀଛାତ୍ର ସେଦିନ ସ୍କୁଲ ଆସି ନ ଥିଲେ ସେମାନେ ୧୦୦ ଟଙ୍କା ଜରିମାନା ଦେବେ ନଚେତ୍ ନିଜ ମେଡିକାଲ ସାର୍ଟିଫିକେଟ୍ ଦାଖଲ କରିବେ। ଅଭିଭାବକମାନେ ଉକ୍ତ ଅର୍ଡରର ସ୍କ୍ରିନ୍‌ଶର୍ଟ ମଧ୍ୟ ଶେୟାର କରିଛନ୍ତି। ଏନେଇ ମୁଖ୍ୟ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର କହିଛନ୍ତି, ସ୍କୁଲକୁ ଏକ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷ ୩ ଦିନ ମଧ୍ୟରେ ନିଜ ଆଭିମୁଖ୍ୟ ସ୍ପଷ୍ଟ ନ କଲେ, ବିଦ୍ୟାଳୟ ତରଫରୁ ଟଙ୍କା ଅସୁଲ କରାଯାଉଥିଲା ବୋଲି ଧରାଯିବ। ଏହାପରେ ବିଭାଗ କାର୍ଯ୍ୟାନୁଷ୍ଠାନ ନେବ।


ଜାପାନର ସୁଜୁ ସହରରେ ଭୂକମ୍ପ ଯୋଗୁ ଭାଙ୍ଗିଯାଇଥିବା କୋଠା ଏକ କାର୍ ଉପରେ ପଡ଼ିଛି।

## ଜାପାନରେ ଭୂକମ୍ପ: ଜଣେ ମୃତ

**ଟୋକିଓ,୫।୫**

କେନ୍ଦ୍ରୀୟ ଜାପାନରେ ଶୁକ୍ରବାର ଅପରାହ୍ଣରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଏଥିରେ ସୁଜୁ ସହରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଅନେକ ଘର ଭାଙ୍ଗିଯାଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୫ ମାପ କରାଯାଇଛି। ହୋନ୍‌ଶୁ ଦ୍ୱୀପ ଏହାର କେନ୍ଦ୍ରସ୍ଥଳ ବୋଲି ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି।

# ସର୍ବିଆରେ ପୁଣି ଗୁଳିକାଣ୍ଡ: ୮ ମୃତ

### ୪୮ ଘଣ୍ଟାରେ ଦ୍ୱିତୀୟ

**ବେଲ୍‌ଗ୍ରେଡ୍,୫।୫**

ସର୍ବିଆରେ ଦୁଇଦିନ ମଧ୍ୟରେ ଲଗାତର ଦୁଇଟି ବଡ଼ ଗୁଳିକାଣ୍ଡ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ପ୍ରଥମ ଆକ୍ରମଣରେ ୯ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଦ୍ୱିତୀୟ ଗୁଳିକାଣ୍ଡରେ ଆଉ ୮ ଜଣ ନିହତ ହୋଇଛନ୍ତି। ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭୁସିସ୍ ସଦ୍ୟ ଗୁଳିକାଣ୍ଡକୁ ନିନ୍ଦା କରିବା ସହ ଦେଶରେ ଖୁବ୍‌ଶୀଘ୍ର ନୂଆ ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ରୁ ପ୍ରାୟ ୬୦ କି.ମି. ଦୂର ମାଡେନୋଭାକ୍‌ରେ ଗୁରୁବାର ମଧ୍ୟରାତ୍ରିରେ ହଠାତ୍ ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଥିଲା। ଜଣେ ୨୧ ବର୍ଷୀୟ ବନ୍ଧୁକଧାରୀ ଏକ ଚଳନ୍ତା କାରରୁ ଆଖିବୁଜା ଗୁଳି ଚଳାଇଥିଲେ। ସେ ଏକ ଅଟୋମେଟିକ୍ ଅସ୍ତ୍ରରେ ଅବିଚାରିତ ଭାବେ ଗୁଳି ଚଳାଇ


ସର୍ବିଆ ଗୁଳିକାଣ୍ଡରେ ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ଲୋକେ କାନ୍ଦୁଛନ୍ତି।

ତିନୋଟି ଗ୍ରାମ ଅତିକ୍ରମ କରିଥିଲେ। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୪ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ବିଆ ପୋଲିସ ରାତି ସାରା ତାଙ୍କୁ ଖୋଜିବା ପରେ ଶୁକ୍ରବାର ଆକ୍ରମଣସ୍ଥଳରୁ ୯୦ କି.ମି. ଦୂର କ୍ରାଗଜେଭାକ୍‌ରେ ଗିରଫ କରିଛି। ତାଙ୍କ ନାମର ଶର୍ଟଫର୍ମ ହେଉଛି ୟୁ.ବି.। ସରକାରୀ ଟି.ଭି. ଚ୍ୟାନେଲ ଆର୍‌ଟିଏସ୍‌ରେ ପ୍ରସାରିତ ରିପୋର୍ଟ ଅନୁସାରେ ଅଭିଯୁକ୍ତଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୪ଟି ହ୍ୟାଣ୍ଡ ଗ୍ରେନେଡ୍ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହା ପୂର୍ବରୁ ବୁଧବାର ପୂର୍ବାହ୍ଣ ୮ଟା ୪୦ରେ ରାଜଧାନୀ ବେଲ୍‌ଗ୍ରେଡ୍‌ର ଭ୍ଲାଡିସ୍ଲାଭ୍ ରିବ୍‌ନିକାର୍ ପ୍ରାଥମିକ ବିଦ୍ୟାଳୟରେ ଜଣେ ୧୪ ବର୍ଷୀୟ ବାଳକ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ସେ ଗୁଳି ଚଳାଇବାରୁ ୮ ଶିଶୁ ଓ ସ୍କୁଲର ଜଣେ ସୁରକ୍ଷା କର୍ମୀ ନିହତ ଏବଂ ୬ ଶିଶୁଙ୍କ ସମେତ ଜଣେ ଶିକ୍ଷକ ଆହତ ହୋଇଥିଲେ। ନିଜ ବାପାଙ୍କ ବନ୍ଧୁକରୁ ଗୁଳିମାଡ଼ କରିଥିବା କେ.କେ.ଙ୍କୁ ସ୍କୁଲ ପରିସରରେ ପୋଲିସ ଗିରଫ କରିଥିଲା। ସର୍ବିଆରେ ବନ୍ଧୁକ ବ୍ୟବହାରକୁ ନେଇ କଠୋର ଆଇନ ଥିବାରୁ ଏଭଳି ଗୁଳିକାଣ୍ଡ ବିରଳ। ୨୦୧୩ରେ କେନ୍ଦ୍ରୀୟ ସର୍ବିଆରେ ଏକ ଗାଁରେ ଜଣେ ବାଲ୍‌କାନ୍ ଯୁଦ୍ଧ ଭେଟେରାନ୍ ଆଖିବୁଜା ଗୁଳି ଚଳାଇବାରୁ ୧୩ ଜଣ ନିହତ ହୋଇଥିଲେ। ଦୁଇଟି ଗୁଳିକାଣ୍ଡ ପରେ ସରକାର ବନ୍ଧୁକ ଆଇନକୁ ଆହୁରି ମଜଭୁତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ସ୍କୁଲଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରିବା ଲାଗି ୧,୨୦୦ ନୂଆ ପୋଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ।

# ପାୱାର ଏନ୍‌ସିପି ଅଧ୍ୟକ୍ଷ ରହିବେ

**ମୁମ୍ବାଇ,୫।୫**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ୩ ଦିନ ପୂର୍ବେ ଦେଇଥିବା ଇସ୍ତଫାକୁ ଶୁକ୍ରବାର ପ୍ରତ୍ୟାହାର କରିନେଇଛନ୍ତି। ମୁମ୍ବାଇରେ ମଙ୍ଗଳବାର ନିଜ ଆତ୍ମଜୀବନୀ ‘ଲୋକ୍ ମାଝେ ସଙ୍ଗତିର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଥିଲେ। ଏଥିସହ ତାଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଏକ କମିଟି ଗଢ଼ିଥିଲେ। ତେଣୁ ନୂଆ ଏନ୍‌ସିପି ମୁଖ୍ୟ କିଏ ହେବେ ସେନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପାୱାର ନିଜ ନିଷ୍ପତ୍ତି ପରିବର୍ତ୍ତନ କରନ୍ତୁ ବୋଲି ଦାବିକରି ଏନ୍‌ସିପି ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇତିମଧ୍ୟରେ କେତେଜଣ ନେତା ମଧ୍ୟ ଦଳର ସାଙ୍ଗଠନିକ ପଦରୁ ଇସ୍ତଫା ଦେଇଥିଲେ।



ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ଦଳୀୟ ସହକର୍ମୀ ଓ କର୍ମୀମାନଙ୍କ ଭାବାବେଗକୁ ସେ ଅସମ୍ମାନ କରିବାକୁ ଚାହୁଁନାହାନ୍ତି। ତାଙ୍କ ପ୍ରତି ଦଳୀୟ କର୍ମୀଙ୍କ ଭଲ ପାଇବା ଓ ଆସ୍ଥାକୁ ଦେଖି ସେ ଭାବବିହ୍ୱଳ ହୋଇଯାଇଛନ୍ତି। ସେ ସମସ୍ତଙ୍କ ଅନୁରୋଧକୁ ରକ୍ଷାକରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଦଳରେ ସାଙ୍ଗଠନିକ ପରିବର୍ତ୍ତନକୁ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ମଣିପୁରର ସବୁ ଜିଲାରେ ହାଇ ଆଲର୍ଟ

**ଇମ୍ଫାଲ/ନୂଆଦିଲ୍ଲୀ,୫।୫**

ମଣିପୁର ରାଜଧାନୀ ଇମ୍ଫାଲରେ ବୁଧବାର ନାଗା ଓ କୁକି ସମ୍ପ୍ରଦାୟର ଲୋକେ ‘ଆଦିବାସୀ ଏକତା ଶୋଭାଯାତ୍ରା’ କରୁଥିବାବେଳେ ସଂଖ୍ୟାବହୁଳ ମେଇତି ଅଣଆଦିବାସୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ସ୍ଥିତି ଅଣାୟତ୍ତ ହୋଇଥିଲା। ପୋଲିସ ଗୁଳିରେ ୬ ଜଣ ନିହତ ହେବା ପରେ ରାଜ୍ୟରେ ମୋବାଇଲ ଇଣ୍ଟରନେଟ୍‌କୁ ବନ୍ଦ କରାଯିବା ସହ ହିଂସା ପ୍ରଭାବିତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା, ଯାହାକି ଶୁକ୍ରବାର ମଧ୍ୟ ବଳବତ୍ତର ରହିଛି। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ



ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କର୍ଣ୍ଣାଟକ ଗସ୍ତ ବାତିଲ କରି ମଣିପୁର ସ୍ଥିତି ଉପରେ ନଜର ରଖିଥିବା ଜଣାପଡ଼ିଛି। ଗୁରୁବାର ୯,୦୦୦ ଆଦିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଶୁକ୍ରବାର ଭାରତୀୟ ବାୟୁସେନା ଆଇ ୫୦୦ ଲୋକଙ୍କୁ ଆସାମର କାଚର ଜିଲାକୁ ନେଇଛି। ମଣିପୁରର ସବୁ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି।

# ‘ଆତଙ୍କବାଦୀ ମାନସିକତାକୁ ସମର୍ଥନ କରୁଛି କଂଗ୍ରେସ’

### କର୍ଣ୍ଣାଟକରେ ‘ଦି କେରଳା ଷ୍ଟୋରି’ ପ୍ରସଙ୍ଗ ଉଠାଇଲେ ମୋଦି

**ବେଲ୍ଲାରି,୫।୫:** ବହୁ ବାଦବିବାଦ ପରେ ଶୁକ୍ରବାର ‘ଦି କେରଳା ଷ୍ଟୋରି’ ମୁକ୍ତିଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକର ବେଲ୍ଲାରିରେ ଏକ ସଭାକୁ ସମ୍ବୋଧିତ କରି ଏହି ଫିଲ୍ମର ଅବତାରଣା କରିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ଷଡ଼ଯନ୍ତ୍ର ଉପରେ ପର୍ଯ୍ୟବସିତ ‘ଦି କେରଳା ଷ୍ଟୋରି’କୁ କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ବିରୋଧ କରୁଛି। ଟେରର ଫଣ୍ଡିଂ ଜରିଆରେ ଉକ୍ତ ଫିଲ୍ମକୁ ବ୍ୟାନ୍ କରିବାକୁ ଉଦ୍ୟମ ଚଳାଇଥିବା ତତ୍ତ୍ୱଙ୍କୁ ବିରୋଧୀ ଦଳ ସମର୍ଥନ କରୁଛି। ବୋମା, ବନ୍ଧୁକ ଓ ପିସ୍ତଲ ପ୍ରଚଣ୍ଡ ଶବ୍ଦ ସୃଷ୍ଟି କରିଥାଏ। କିନ୍ତୁ ସମାଜରେ ଗହ୍ୱର ସୃଷ୍ଟିକାରୀ ଆତଙ୍କବାଦୀ ଷଡ଼ଯନ୍ତ୍ରର କୌଣସି ଶବ୍ଦ ଶୁଣାଯାଇ ନ ଥାଏ। ଏପରି କି ଅଦାଲତ ମଧ୍ୟ ଏହି ଧରଣର ଆତଙ୍କବାଦକୁ ନେଇ ଚିନ୍ତାବ୍ୟକ୍ତ କରିସାରିଛନ୍ତି। ଆଜିକାଲି ‘ଦି କେରଳା ଷ୍ଟୋରି’କୁ ନେଇ ଅନେକ ଚର୍ଚ୍ଚା ଚାଲିଛି। ଏହି ଫିଲ୍ମ କେବଳ କେରଳରେ ଆତଙ୍କବାଦ ଷଡ଼ଯନ୍ତ୍ରକୁ ନେଇ ଗତିଶୀଳ ହୋଇଛି। ଲୋକଙ୍କୁ ବୋକା ବନାଇବା ପାଇଁ କଂଗ୍ରେସ ମିଥ୍ୟା ପ୍ରଚାର କରୁଛି ବୋଲି ମୋଦି ଟାର୍ଗେଟ କରିଛନ୍ତି।

## ସଂକ୍ଷେପରେ

### ଜେଟ୍ ଏୟାରୱେଜ୍ ଅଫିସରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୫।୫:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବ୍ୟାଙ୍କ ଠକେଇ ମାମଲାରେ ଶୁକ୍ରବାର ଜେଟ୍ ଏୟାରୱେଜ୍ ଅଫିସ ଓ ଏହାର ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ମୁମ୍ବାଇ ବାସଭବନରେ ଚଢ଼ାଉ କରିଛି। ନରେଶଙ୍କ ବିରୋଧରେ କାନାରା ବ୍ୟାଙ୍କର ୫୩୮ କୋଟି ଟଙ୍କା ଠକେଇ ଅଭିଯୋଗ ରହିଛି। ତାଙ୍କ ସ୍ତ୍ରୀ ଅନିତା ଗୋୟଲ ଏବଂ ଏୟାରଲାଇନ୍ସର ପୂର୍ବତନ ଡାଇରେକ୍ଟର ଗୌରାଙ୍ଗ ସେଟ୍ଟିଙ୍କ ଅଫିସ ଓ ଘରେ ମଧ୍ୟ ସିବିଆଇ ଅଧିକାରୀମାନେ ଚଢ଼ାଉ କରିଥିବା ଜଣାପଡ଼ିଛି। ଜେଟ୍ ଏୟାରୱେଜ୍ କାନାରା ବ୍ୟାଙ୍କରୁ ନେଇଥିବା ୮୪୮.୮୬ କୋଟି ଟଙ୍କାରୁ ୫୮୨.୬୨ କୋଟି ଅଦ୍ୟାବଧି ପରିଶୋଧ କରିନାହିଁ।

### ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା

**ଭୋପାଳ, ୫।୫:** ମଧ୍ୟପ୍ରଦେଶ ମୋରେନାସ୍ଥିତ ଲେପା ଗ୍ରାମରେ ଶୁକ୍ରବାର ଜମି ବିବାଦକୁ କେନ୍ଦ୍ରକରି ଗୋଟିଏ ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ଥିବାବେଳେ ୨ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜମିକୁ ନେଇ ଧୀର ସିଂ ତୋମାର ଓ ଗଜେନ୍ଦ୍ର ସିଂ ତୋମାରଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଅଳିଆ ଫିଙ୍ଗିବାକୁ ନେଇ ୨୦୧୩ରେ ଉଭୟଙ୍କ ପରିବାର ମଧ୍ୟରେ ବିବାଦ ହୋଇଥିଲା। ଏହାକୁ ନେଇ କେତେଜଣ ଯୁବକ ରାଇଫଲରୁ ଗୁଳି ଚଳାଇବାରୁ ଗଜେନ୍ଦ୍ରଙ୍କ ସମେତ ତାଙ୍କ ପରିବାରର ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି।

### ଆମେରିକାରେ ୪୦ ବିଲିୟନ ଡଲାର ନିବେଶ କରିଛନ୍ତି ଭାରତୀୟ କମ୍ପାନୀ

**ୱାଶିଂଟନ, ୫।୫:** ଆମେରିକାରେ ୧୬୩ ଭାରତୀୟ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୪୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ କରିଛନ୍ତି। ଏହାଦ୍ୱାରା ସେଠାରେ ୪,୨୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ଏକ ସର୍ଭେରେ କୁହାଯାଇଛି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ‘ଇଣ୍ଡିଆନ ରୁଟ୍ସ, ଆମେରିକାନ୍ ସଏଲ’ ନାମରେ ସର୍ଭେ କରାଯାଇଥିଲା, ଯାହାକୁ ବୁଧବାର ଆମେରିକାରେ ଭାରତର ରାଷ୍ଟ୍ରଦୂତ ତରନଜିତ ସିଂ ସାନ୍ଧୁ ଲଞ୍ଚ୍ କରିଛନ୍ତି। ଆମେରିକାରେ ଭାରତୀୟ କମ୍ପାନୀଗୁଡ଼ିକ କର୍ପୋରେଟ ସାମାଜିକ ଦାୟିତ୍ୱ ବାବଦରେ ୧୮୫ ନିୟୁତ ଡଲାର ଖର୍ଚ୍ଚ କରିଛନ୍ତି। ସେହିପରି ଆମେରିକାର ଗବେଷଣା ଓ ବିକାଶ ପ୍ରକଳ୍ପରେ ସେମାନେ ୧ ବିଲିୟନ ଡଲାର ବିନିଯୋଗ କରିଛନ୍ତି। ଭାରତୀୟ କମ୍ପାନୀ ନିବେଶ ଯୋଗୁ ଟେକ୍ସାସରେ ସର୍ବାଧିକ ୨୦,୯୦୬ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ ନ୍ୟୁୟର୍କରେ ୧୯,୯୦୬, ନ୍ୟୁଜର୍ସିରେ ୧୭,୭୧୩, ୱାଶିଂଟନରେ ୧୪,୫୨୫, ଜର୍ଜିଆରେ ୧୩,୯୪୫, ଓହିଓରେ ୧୨,୧୮୮, ମୋଣ୍ଟାନାରେ ୯,୬୦୩ ଏବଂ ଇଲିନୋଇସ୍‌ରେ ୮,୪୫୪ ନିଯୁକ୍ତି ସୃଷ୍ଟି ହୋଇଛି।

# ଆଜି କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକ


କୁଇନ୍ ଅଫ୍ କନ୍‌ସର୍ଟ କାମିଲା
ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ

**ଲଣ୍ଡନ, ୫।୫**

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ ଏବଂ କୁଇନ୍ ଅଫ୍ କନ୍‌ସର୍ଟ କାମିଲାଙ୍କ ରାଜ୍ୟାଭିଷେକ ଶନିବାର ଖୁବ୍ ଆଡମ୍ବର ସହକାରେ ପାଳନ ହେବାକୁ ଯାଉଛି। ସ୍ଥାନୀୟ ସମୟ ୧୦ଟା ୨୦ ମିନିଟ୍‌ରେ ଚାର୍ଲ୍ସଙ୍କ ପ୍ରଶେସନ ସେଣ୍ଟ୍ରାଲ ଲଣ୍ଡନସ୍ଥିତ ବକିଂହାମ ପ୍ୟାଲେସ୍‌ରୁ ୱେଷ୍ଟମିନଷ୍ଟର ଆବେ ଅଭିମୁଖେ ପାଖାପାଖି ୨ କିଲୋମିଟର ଦୂର ଯିବ। କିଙ୍ଗ୍ ଚାର୍ଲ୍ସ ଓ କାମିଲା ଡାଇମଣ୍ଡ ଜୁବିଲି ଷ୍ଟେଟ୍ କୋଚ୍ (ଘୋଡ଼ାଗାଡ଼ି)ରେ ବସି ଯାତ୍ରା କରିବେ। ୧୧ଟା ସମୟରେ କିଙ୍ଗ୍ ଚାର୍ଲ୍ସ ଓ ରାଣୀ ଭାବେ କାମିଲାଙ୍କ ରାଜ୍ୟାଭିଷେକ ପ୍ରକ୍ରିୟା ଆରମ୍ଭ କରାଯିବ। ଠିକ୍ ମଧ୍ୟାହ୍ନ ସମୟରେ ଇଂଲଣ୍ଡ ଚର୍ଚ୍ଚର ଉଚ୍ଚପଦରେ ଥିବା କ୍ଲେରିକ୍ ଏବଂ କାଣ୍ଟେରବରି ଜଷ୍ଟିନ୍ ୱେଲବିର ଆର୍ଚବିଶପ ଚାର୍ଲ୍ସଙ୍କୁ ରାଜମୁକୁଟ ପିନ୍ଧାଇବେ, ଯାହା ୧ ଘଣ୍ଟା ଧରି ଚାଲିବ। ୧,୦୦୦ ବର୍ଷର ଚିରାଚରିତ ପ୍ରଥାରେ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କରାଯିବ। କାଣ୍ଟେରବରିର ଆର୍ଚବିଶପ୍ ଚାର୍ଲ୍ସଙ୍କୁ ଶପଥ ପାଠ କରାଇବେ। ଏହି ଅବସରରେ ସେ ରାଜାଙ୍କୁ କିଛି ପ୍ରଶ୍ନ କରିବେ, ଯାହାର ଉତ୍ତର ଚାର୍ଲ୍ସ ପବିତ୍ର ବାଇବେଲ୍ ଉପରେ ହାତ ରଖି ଦେବେ। ରାଜ୍ୟାଭିଷେକରେ ବ୍ୟବହାର ହେବାକୁ ଥିବା ଅଭିମନ୍ତ୍ରିତ ପବିତ୍ର ତେଲକୁ ଏକ ସୁନା ଆମ୍ପୁଲା (ପବିତ୍ର କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଏକ ପାତ୍ର) ଜରିଆରେ ଚାର୍ଲ୍ସଙ୍କ ଶରୀରରେ ଲଗାଯିବ। ଏହି ନୀତିକୁ କୌଣସି ବାହାରର ବ୍ୟକ୍ତି ଦେଖିପାରିବେ ନାହିଁ। ତେବେ ଦ୍ୱାଦଶ ଶତାବ୍ଦୀ ପୁରୁଣା ରୁପା ଚାମଚ ମଧ୍ୟ ଏଥିରେ ବ୍ୟବହାର କରାଯିବ। କିଙ୍ଗ୍ ଚାର୍ଲ୍ସଙ୍କୁ ପବିତ୍ର କରାଯିବା ପରେ ତାଙ୍କୁ ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିବା ରାଜ୍ୟାଭିଷେକ ସିଂହାସନରେ ବସାଇ ସୁନାରେ ତିଆରି ମାଣିକ ଓ ମୂଲ୍ୟବାନ୍ ରତ୍ନପଥର ଖଚିତ ରାଜମୁକୁଟକୁ ଚାର୍ଲ୍ସଙ୍କୁ ପିନ୍ଧାଯିବ। ଏହାପରେ କାମିଲାଙ୍କୁ ଅନ୍ୟ ଏକ ଆସନରେ ବସାଇ ମୁକୁଟ ପିନ୍ଧାଯିବ। ଏହାପରେ ବିରାଟ ସମାରୋହ ଜରିଆରେ ବ୍ରିଟେନ୍ ରାଜା ଓ ରାଣୀ ଗୋଲ୍ଡ ଷ୍ଟେଟ୍ କୋଚ୍ (ଘୋଡ଼ାଗାଡ଼ି) ରେ ବସି ବକିଂହାମ ରାଜପ୍ରାସାଦକୁ ଫେରିବେ। ଏହି ଘୋଡ଼ାଗାଡ଼ିକୁ ୧୭୬୨ ରେ ନିର୍ମାଣ କରାଯାଇଥିଲା, ଯାହାର ଓଜନ ୪ ଟନ୍ ରହିଛି। ଅପରାହ୍ଣ ପ୍ରାୟ ୨ଟା ୧୫ ମିନିଟ୍‌ରେ ରାଜପ୍ରାସାଦ ବାଲ୍‌କୋନିରେ ବସି ରାଜା ଚାର୍ଲ୍ସ ଓ ରାଣୀ କାମିଲା ରୟାଲ୍ ଏୟାର ଫୋର୍ସର ଫ୍ଲାଏପାଷ୍ଟ ଦେଖିବେ।

କରୋନେଶନ୍‌ରେ ଖର୍ଚ୍ଚ ହେଉଥିବା ଅର୍ଥ ବାବଦରେ ରାଜପରିବାର ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ରିପୋର୍ଟ ମୁତାବକ ସମାରୋହରେ ବ୍ରିଟେନ୍ ସରକାର, ବକିଂହାମ ପ୍ୟାଲେସ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଉଛି। ଏହି ବିଶାଳ ସମାରୋହରେ ପାଖାପାଖି ୨,୩୦୦ ଭିଆଇପି ଅତିଥି ସାମିଲ ହେବେ। ଉପରାଷ୍ଟ୍ରପତି ଜଗଦୀପ ଧନକର କରୋନେଶନ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶୁକ୍ରବାର ୨ ଦିନିଆ ଲଣ୍ଡନ ଗସ୍ତରେ ବାହାରିଛନ୍ତି। ଧନକରଙ୍କ ସହ ତାଙ୍କ ସ୍ତ୍ରୀ ସୁଦେଶ ଧନକର ମଧ୍ୟ ଯାଇଛନ୍ତି। ବହୁ ଭାରତୀୟ ବଂଶୋଦ୍ଭବ ସମାରୋହରେ ଯୋଗଦେବାକୁ ଥିବାବେଳେ ଏମାନଙ୍କ ମଧ୍ୟରେ ସେଫ୍ ମଞ୍ଜୁ ମଲ୍‌ହି ରହିଛନ୍ତି। ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବ୍ରିଟିଶ୍ ଏମ୍ପାୟାର ମେଡାଲ (ବିଇଏମ୍) ବିଜେତା ମଞ୍ଜୁ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

କାମିଲା ଏବଂ ଚାର୍ଲ୍ସଙ୍କ ପରିବାରର ଅନେକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରିନ୍ସ ୱିଲିୟମ୍, କାଥେରିନ୍‌ଙ୍କ ସହ ପ୍ରିନ୍ସ ହ୍ୟାରି ମଧ୍ୟ ରାଜ୍ୟାଭିଷେକ ସମାରୋହରେ ସାମିଲ ହେବେ। କିନ୍ତୁ ହ୍ୟାରିଙ୍କ ସ୍ତ୍ରୀ ମେଘାନ ଏଥିରେ ଯୋଗ ଦେବେ ନାହିଁ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରାଁ, ଆମେରିକା ଫାଷ୍ଟ ଲେଡି ଜିଲ ବାଇଡେନ୍, ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜେଜ ଡୁଡା, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନେଜ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ପ୍ରମୁଖ ରାଷ୍ଟ୍ର ମୁଖ୍ୟ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ସାମିଲ ହେବେ। ଅନ୍ୟପକ୍ଷେ ରୁଷିଆ, ବେଲାରୁଷ, ମ୍ୟାନ୍‌ମାର, ଇରାନ୍ ଓ ଆଫଗାନିସ୍ତାନ ଆଦି ଦେଶ ଏଥିରେ ସାମିଲ ହେବେନାହିଁ। ରାଜ୍ୟାଭିଷେକ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ରାଜ୍ୟାଭିଷେକ ପରେ ରବିବାର ଦିନ ବ୍ରିଟେନ୍‌ରେ ଷ୍ଟ୍ରିଟ୍ ପାର୍ଟି ଜରିଆରେ କରୋନେଶନ୍ ଲଞ୍ଚର ଆୟୋଜନ କରାଯାଇଛି। ରାଜପରିବାର ପକ୍ଷରୁ ସୋମବାର ସାରା ଦେଶରେ ଛୁଟି ଘୋଷଣା କରାଯାଇଛି।






# ବିଶ୍ୱ ମହାମାରୀ ତାଲିକାରୁ ହଟିଲା କରୋନା

**ଜେନେଭା, ୫ା୫**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଶୁକ୍ରବାର କୋଭିଡ୍-୧୯କୁ ବିଶ୍ୱ ମହାମାରୀ ତାଲିକାରୁ ହଟାଇଦେଇଛି। କୋଭିଡ୍ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଲଗାତର କମିବା ଯୋଗୁ ଡବ୍ଲ୍ୟୁଏଚ୍ଓ ଏହି ନିଷ୍ପତ୍ତି ନେଇଛି। ତିନିବର୍ଷ ଭିତରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ମୋଟ ୭ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିବା ଡବ୍ଲ୍ୟୁଏଚ୍ଓ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ କରୋନା ଭୂତାଣୁ ଦ୍ୱାରା ଲୋକେ ସଂକ୍ରମିତ ହେବାର ଡର ରହିଛି। ଏଚ୍ଆଇଭି ଭଳି କୋଭିଡ୍ ମଧ୍ୟ ଏକ ମହାମାରୀ ସ୍ଥିତିରେ ରହିବ। ବହୁ ଆଶାରେ କୋଭିଡ୍-୧୯କୁ ବୈଶ୍ୱିକ ମହାମାରୀ ତାଲିକାରୁ ହଟାଯାଉଥିବା ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡା. ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍ କହିଛନ୍ତି। କୋଭିଡ୍ ମହାମାରୀ ତାଲିକାରୁ ହଟାଯିବା ସତ୍ତ୍ୱେ ସଂକ୍ରମଣ ଭୟ କମିନାହିଁ। ଭାଇରସ୍ ଏବେ ମଧ୍ୟ ବାୟୁମଣ୍ଡଳରେ ଉପସ୍ଥିତ ରହିଛି। ଏହାର ସଂକ୍ରମଣରେ ଆକ୍ରାନ୍ତଙ୍କ ପ୍ରାଣହାନି ଘଟିବା ସହ ଏହାର ଗୁଣବତ୍ତାରେ ପରିବର୍ତ୍ତନ ଦେଖାଯିବ ବୋଲି ଘେବ୍ରେୟେସସ୍ କହିଛନ୍ତି। ୨୦୨୦ ଜାନୁୟାରୀରେ ଡବ୍ଲ୍ୟୁଏଚ୍ଓ କୋଭିଡ୍-୧୯କୁ ବୈଶ୍ୱିକ ମହାମାରୀ ଭାବେ ଘୋଷଣା କରିଥିଲା। କରୋନା ମୁକାବିଲା ପାଇଁ ଟିକା ଏକମାତ୍ର ଅସ୍ତ୍ର ପାଲଟିଛି। କାରଣ ଏହାକୁ ସମ୍ପୂର୍ଣ୍ଣ ଭଲ କରିବାର ଉପାୟ ଏବେ ସୁଦ୍ଧା ବୈଜ୍ଞାନିକମାନେ ଖୋଜି ବାହାର କରିପାରି ନାହାନ୍ତି। ଆମେରିକା,ବ୍ରିଟେନ୍ ଭଳି ଅନେକ ଦେଶ ବର୍ତ୍ତମାନ କୋଭିଡ୍ ସହିତ ଜିଇବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷେ ଗୁଡ଼ିଏ ଦେଶରେ କରୋନା ଟିକା ଅଦ୍ୟାବଧି ଉପଲବ୍ଧ ହୋଇପାରି ନାହିଁ। କରୋନାକୁ ସଂକ୍ରମଣକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିବ। ଅନେକ ସମୟରେ ନୂଆ ମହାମାରୀର ଆଗମନରେ ହିଁ ପୂର୍ବ ମହାମାରୀ ଶେଷ ହୋଇଯାଏ ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି।


ଡା. ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍

# ଲଘୁଚାପ ସୃଷ୍ଟି ହେଲେ ବାତ୍ୟା ଆକଳନ କରିହେବ: ଆଇଏମ୍‌ଡି

**ଭୁବନେଶ୍ୱର,୫ା୫(ବ୍ୟୁରୋ)**

ଆସନ୍ତା ୬ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୭ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ଘନୀଭୂତ ହୋଇ ୮ କିମ୍ବା ୯ ତାରିଖ ବେଳକୁ ଅବପାତର ରୂପନେବା ସମ୍ଭାବନା ରହିଛି। ଲଘୁଚାପ କ୍ରମେ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତିକରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୯ ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ ବୋଲି ଆଇଏମ୍‌ଡି(ଭାରତୀୟ ପାଣିପାଗ ବିଭାଗ) ପକ୍ଷରୁ ଆକଳନ କରାଯାଇଛି। ତେବେ ଘୂର୍ଣ୍ଣିବଳୟ କେବେ ହେବ ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

ଅନ୍ୟପକ୍ଷରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଲଘୁଚାପ ସୃଷ୍ଟି ନ ହେବା ଯାଏ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରିବା ସମ୍ଭବ ନୁହେଁ। ଯଦିଓ ଓଡ଼ିଶା ବାତ୍ୟାପ୍ରବଣ ରାଜ୍ୟ, ତେବେ ସବୁ ବାତ୍ୟାର ପ୍ରଭାବ ଯେ ଓଡ଼ିଶା ଉପରେ ରହିବ ତାହା କହିବା ଠିକ୍ ନୁହେଁ। ସମ୍ଭାବ୍ୟ ବାତ୍ୟା କିମ୍ବା ଓଡ଼ିଶା ଉପରେ ଏହାର ପ୍ରଭାବ ନେଇ ଆଇଏମ୍‌ଡି ପକ୍ଷରୁ କୌଣସି ପୂର୍ବାନୁମାନ ହୋଇନାହିଁ। ଲଘୁଚାପ ସୃଷ୍ଟି ହେବା ପରେ ବାତ୍ୟା ଗତିପଥ, ବେଗ ଇତ୍ୟାଦି ସମ୍ପର୍କରେ ଠିକ୍ ତଥ୍ୟ ଦିଆଯାଇପାରିବ। ଗ୍ରୀଷ୍ମ ସମୟରେ ଅର୍ଥାତ୍ ମେ' ମାସରେ ଅନେକ ବାତ୍ୟା ସୃଷ୍ଟି ହେଉଛି। ଏହି ସମୟରେ ବାତ୍ୟା ଆସୁଥିବା କିଛି ନୂଆ ନୁହେଁ। ତେବେ ସବୁ ବାତ୍ୟା ଯେ ଓଡ଼ିଶା ଉପରେ ପକାଇବ ତାହା ମଧ୍ୟ ଠିକ୍ ନୁହେଁ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ତେବେ ୱିଣ୍ଡି ୱେଦର ଭଳି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ବାତ୍ୟା ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡ଼େ ମୁହାଁଇବା ଅଧିକ ସମ୍ଭାବନା ରହିଛି। ଓଡ଼ିଶା ପ୍ରତି ବିପଦ ନ ଥିବା କୁହାଯାଇଛି। ବାତ୍ୟା ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ମଧ୍ୟ ତତ୍ପର ହୋଇ ଉଠିଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଏସ୍‌ଆରସି ପ୍ରମୁଖ ସମୀକ୍ଷା ବୈଠକ କରିଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି।

ବାତ୍ୟା ଆସୁ କି ନ ଆସୁ ଆସନ୍ତା ୭ ତାରିଖରୁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସକୁ ଟପିଯିବା ସମ୍ଭାବନା ରହିଛି। ତାତିର ପ୍ରକୋପ ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ ବର୍ଷା ହୋଇଛି। ଏଥିଯୋଗୁ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଶୁକ୍ରବାର ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା ୧୮, ଯାଜପୁର ୮.୪, ଛତ୍ରପୁର ୨.୬, ନବରଙ୍ଗପୁରରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଯୋଡ଼ା ମଣ୍ଡଳରେ ୫୯ ଖଣି ବନ୍ଦ

**ଯୋଡ଼ା,୫ା୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ସମୁଦାୟ ୯୦ଟି ଖଣି ମଧ୍ୟରୁ ୫୯ଟି ବନ୍ଦ ରହିଛି। ମାତ୍ର ୩୧ ଖଣି କାର୍ଯ୍ୟକ୍ଷମ ହେଉଥିବା ବେଳେ ବୈଧାନିକ କାରଣ ଯୋଗୁ ଅନେକ ଖଣି ଚାଲିପାରୁନାହିଁ। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ଏଥିସହ ଖଣି ପ୍ରିମିୟମ ପ୍ରଦାନରେ ଭିନ୍ନ ନିୟମ କାରଣରୁ ଖଣି ଓ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା କମୁଛି। ଫଳରେ ନୂତନ ନିଲାମଧାରୀ କ୍ଷତି ସହୁଥିବା ଖଣି ବିଶାରଦମାନେ କହିଛନ୍ତି।



ଖଣି ବିଭାଗ ସୂଚନା ଅନୁଯାୟୀ, ବିଭିନ୍ନ ବୈଧାନିକ କାରଣ ଯଥା ଫରେଷ୍ଟ କଞ୍ଜରଭେଶନ ଆକ୍ଟ, ଏନଭାରମେଣ୍ଟ କ୍ଲିୟରାନ୍ସ, ଆଇବିଏମ୍ (ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ)ପ୍ଲାନ ପ୍ରଭୃତିରେ ଅନୁମୋଦନ ବିଳମ୍ବ ହେତୁ ପ୍ରାୟ ୫୯ ଖଣି କେବଳ ଯୋଡ଼ା ଖଣି ମଣ୍ଡଳରେ ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟରୁ ଏହି ସବୁ ଅନୁମୋଦନ ମିଳିଥାଏ। ରାଜ୍ୟ ଏବଂ କେନ୍ଦ୍ରର ସମନ୍ୱୟ ଅଭାବ ଏବଂ ଲିଜ୍‌ଧାରୀମାନଙ୍କର ଅପାରଗତା ହେତୁ ଅନୁମୋଦନ ନ ପାଇ ଖଣିଗୁଡ଼ିକ ବନ୍ଦ ରହିଛି। ଅଧୁନା ଯୋଡ଼ା ଖଣି ମଣ୍ଡଳରେ କାର୍ଯ୍ୟକ୍ଷମ ଥିବା ୩୧ ଖଣି ମଧ୍ୟରୁ ନିଲାମ ମାଧ୍ୟମରେ ୧୦ଟି ଖଣି ନୂତନ ଭାବେ ୨୦୨୦ ପରେ ଲିଜଧାରୀ ପାଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ୮୭୪ ଲକ୍ଷ ୮୪ହଜାର ୨୮୬ .୧୯ମେଟ୍ରିକ ଟନ ଖଣିଜ ଉତ୍ତୋଳିତ ହୋଇଥିବା ବେଳେ ୭୧୮ ଲକ୍ଷ ୩୪ ହଜାର ୬୪୬.୭୮ମେଟ୍ରିକ ଟନ ଖଣିଜ ପରିବହନ ହୋଇଛି। ଏଥିରୁ ଆର୍ଥିକ ବର୍ଷରେ ୧୬ ହଜାର ୮୯୪ କୋଟି ରାଜସ୍ୱ ମିଳିଛି। ତେବେ ୫୯ଟି ଖଣି ବନ୍ଦ ରହିଥିବାରୁ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ଜିଲା ଖଣିଜ ପାଣ୍ଠି ନିଅଣ୍ଟ ହେଉଛି। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମିନେରାଲ୍ସ ଏକ୍ସପ୍ଲୋରେଶନ ଟ୍ରଷ୍ଟ (ଏନ୍‌ଏମ୍‌ଇଟି)ର ରାଜସ୍ୱ ହ୍ରାସ ପାଉଛି। ଅପରପକ୍ଷରେ ନିଲାମ ମାଧ୍ୟମରେ ଲିଜ୍ ପାଇଥିବା ଲିଜ୍‌ଧାରୀମାନେ ଅଧିକ ପ୍ରିମିୟମ ଦେଇ ଖଣି ଚଳାଉଥିବା ବେଳେ ବହୁ ଖଣିର ଲିଜ୍ ସମୟ ବଳବତ୍ତର ଥିବାରୁ ସେମାନେ ପ୍ରିମିୟମ ଦେବାରୁ ବର୍ତ୍ତିଯାଉଛନ୍ତି। କେବଳ ରାଜସ୍ୱ ଓ ଡିଏମ୍‌ଏଫ୍ ଦେଉଛନ୍ତି। ଫଳରେ ଇସ୍ପାତ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା ବ୍ୟବଧାନ ବଢ଼ୁଥିବାରୁ ଖଣି ଓ ଶିଳ୍ପ ରୁଗ୍‌ଣ ହେଉଛି। ୱାନ ନେଶନ ୱାନ ଟ୍ୟାକ୍ସ ନୀତି କେନ୍ଦ୍ର ସରକାର ଲାଗୁ କରିଥିବା ବେଳେ ରାଜସ୍ୱ କ୍ଷେତ୍ରରେ ଏହାକୁ ଲାଗୁ କରାଗଲେ ଖଣି ଓ ଶିଳ୍ପ କ୍ଷେତ୍ରରେ ସ୍ୱଚ୍ଛତା, ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ପ୍ରତିପାଦିତ ହେବ ବୋଲି ଇଣ୍ଡଷ୍ଟ୍ରିଜ୍ ଏବଂ ମାଇନିଂ ଅବଜରଭର ପତ୍ରିକାର ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି କହିଛନ୍ତି।

# ଗର୍ଭାଶୟରେ ଶିଶୁର ବ୍ରେନ୍ ସର୍ଜରି

**ୱାଶିଂଟନ୍, ୫ା୫**



ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଇତିହାସ ସୃଷ୍ଟି ହୋଇଛି। ପ୍ରଥମଥର ପାଇଁ ବିଶ୍ୱରେ ଜଣେ ଗର୍ଭସ୍ଥ ଶିଶୁର ମସ୍ତିଷ୍କରେ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି। ଆମେରିକାର ଏକ ଡାକ୍ତରୀ ଟିମ୍ ଗର୍ଭାଶୟ ଭିତରେ ଶିଶୁର ବ୍ରେନ୍ ସର୍ଜରି କରି ଏବେ ପ୍ରଶଂସା ସାଉଁଟିଛନ୍ତି। ଉକ୍ତ ଗର୍ଭସ୍ଥ ଶିଶୁ ବିରଳ ଭେନସ୍ ଅଫ୍ ଗାଲେନ୍ ମାଲଫର୍ମେଶନ୍ ରୋଗରେ ଆକ୍ରାନ୍ତ ଥିବାବେଳେ ଜୀବନ ରକ୍ଷା ପାଇଁ ଅପରେଶନ୍ ଜରୁରୀ ଥିଲା। ବ୍ରିଘାମ ଆଣ୍ଡ ଓମେନ୍ସ ହସ୍ପିଟାଲ ଓ ବୋଷ୍ଟୋନ୍ ଚିଲ୍ଡ୍ରେନ୍ସ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯାଇଛି।

ଗର୍ଭରେ ଥିବା ଶିଶୁର ମସ୍ତିଷ୍କରୁ ରକ୍ତ ଯେଉଁ ଶିରା ଦେଇ ହୃତ୍‌ପିଣ୍ଡକୁ ଯିବା କଥା, ତାହାର ବିକାଶ ଠିକ୍ ଭାବେ ନ ହେବାକୁ ଭେନସ୍ ଅଫ୍ ଗାଲେନ୍ ମାଲଫର୍ମେଶନ ବୋଲି କୁହାଯାଏ। ଏହା ଏକ ଜଟିଳ ରୋଗ। ଏଥିରେ ଆକ୍ରାନ୍ତ ଶିଶୁ ଜନ୍ମ ହେବା ପରେ ହୃଦ୍‌ରୋଗରେ ପୀଡ଼ିତ ହେବା ଆଶଙ୍କା ବେଶି। ପ୍ରାୟ କ୍ଷେତ୍ରରେ ଶିଶୁର ବଞ୍ଚିବାର ସମ୍ଭାବନା କ୍ଷୀଣ ବୋଲି ଡାକ୍ତର କହିଛନ୍ତି। ନିୟମିତ ଅଲଟ୍ରାସାଉଣ୍ଡ ଚେକ୍‌ଅପ୍ ସମୟରେ ମା'ଙ୍କ ଗର୍ଭାଶୟରେ ଥିବା ଉକ୍ତ ଶିଶୁର ମସ୍ତିଷ୍କ ଶିରା ବିକାଶରେ ସାମାନ୍ୟ ତ୍ରୁଟି ଥିବା ଜଣାପଡ଼ିଥିଲା। ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହ ଠିକ୍‌ଭାବେ ହେଉ ନ ଥିବାରୁ ଶିଶୁର ମୃତ୍ୟୁ ନେଇ ଆଶଙ୍କା ବଢ଼ିଯାଇଥିଲା। ଏହାପରେ ଶିଶୁ ଜୀବନ ରକ୍ଷା ପାଇଁ ଅଲଟ୍ରାସାଉଣ୍ଡ ଗାଇଡାନ୍ସ ଜରିଆରେ ବ୍ରେନ୍‌ର ଅସ୍ତ୍ରୋପଚାର ନିଷ୍ପତ୍ତି ନିଆଯାଇଥିଲା। ମାସେ ତଳେ ସୁରକ୍ଷିତ ଭାବେ ଶିଶୁଟି ଜନ୍ମ ନେଇଥିଲା।

ତେବେ ଉକ୍ତ ଅସ୍ତ୍ରୋପଚାର ସମୟରେ ଶିଶୁର ବ୍ରେନ୍‌ରେ ଆଘାତ ଏବଂ ହୃତ୍‌ପିଣ୍ଡ ଅକାମୀ ହୋଇଯିବାର ବଡ଼ ଆଶଙ୍କା ଥିବା ବୋଷ୍ଟୋନ୍ ଚିଲ୍ଡ୍ରେନ୍ସ ହସ୍ପିଟାଲର ରେଡିଓଲୋଜିଷ୍ଟ ଡା. ଡାରେନ୍ ଓର୍ବାଚ କହିଛନ୍ତି।

# ପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପାଇଁ ୩ ସଂସ୍ଥା ମଧ୍ୟରେ ଏମ୍‌ଓୟୁ



**ଭୁବନେଶ୍ୱର, ୫ା୫(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇଦେବା ପାଇଁ ଶୁକ୍ରବାର ଓପିଟିସିଏଲ୍, ଭାରତ ସଞ୍ଚାର ନିଗମ ଲିମିଟେଡ୍ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା(ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭାରତନେଟ୍ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅବସରରେ ରାଜ୍ୟ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଓପିଟିସିଏଲ୍‌ର ନିର୍ଦ୍ଦେଶକ ବି.ବି. ମେହେଟ୍ଟା ଏବଂ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମୁଖ୍ୟ ମହାପ୍ରବନ୍ଧକ ଆର୍.ଏନ୍. ପଲ୍ଲାଇ, ଆଇଟି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଅତିରିକ୍ତ ଶାସନ ସଚିବ ତଥା ଓକାକ୍ ସିଇଓ ମନୋଜ ପଟ୍ଟନାୟକ, ଓକାକ୍ ଜେନେରାଲ ମ୍ୟାନେଜର ମଧୁମିତା ରଥ, ପ୍ରଶାସନିକ ଅଧିକାରୀ ପ୍ରବୋଧ ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା କହିଛନ୍ତି, ଭାରତନେଟ୍-ଓଡ଼ିଶା ପ୍ରକଳ୍ପ ଦ୍ୱାରା କେବଳ ବ୍ଲକ ମୁଖ୍ୟାଳୟ ନୁହେଁ, ବରଂ ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମପଞ୍ଚାୟତରେ ମଧ୍ୟ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ। ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତ ସରକାରୀ ସେବା ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ଲୋକମାନେ ବ୍ୟାଙ୍କିଙ୍ଗ୍, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କିଭଳି ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ସୁବିଧାରେ ପାଇପାରିବେ ସେଥିଲାଗି ସରକାର ଚେଷ୍ଟିତ ଅଛନ୍ତି। ରାଜ୍ୟ ସରକାର ୫-ଟି ଅଧୀନରେ ଯେଉଁସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି, ସେଥିପାଇଁ ଇଣ୍ଟରନେଟ୍‌ର ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେବ। ଓପିଟିସିଏଲ୍ ଏବଂ ଓକାକ୍ ନିଜର କାର୍ଯ୍ୟର ପାରଦର୍ଶିତା ଦେଖାଇ ସଫଳ ଭାବେ ଏବଂ ଧାର୍ଯ୍ୟ ସମୟରେ ଭାରତନେଟ୍-୨ ପର୍ଯ୍ୟାୟର ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିଥିବାରୁ ମନ୍ତ୍ରୀ ଏହି ଦୁଇ ସଂସ୍ଥାକୁ ପ୍ରଶଂସା କରିଛନ୍ତି। ଭାରତ ସଞ୍ଚାର ନିଗମ ଲିମିଟେଡ୍ ମଧ୍ୟ ଏହି ଭିତ୍ତିଭୂମିର ଲାଭ ଉଠାଇ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବାକୁ ସୁଦୃଢ଼ କରିପାରିବ। ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମୁଖ୍ୟ ମହାପ୍ରବନ୍ଧକ ଆର୍.ଏନ୍ . ପଲ୍ଲାଇ କହିଛନ୍ତି, ୫୪୫ କୋଟି ଟଙ୍କା ବିନିମୟରେ ୨୦,୦୦୦ କିଲୋମିଟର ଦୀର୍ଘ ଅପ୍‌ଟିକାଲ ଫାଇବର କେବୁଲିଂ ମାଧ୍ୟମରେ ୧୩୨ ବ୍ଲକର ୨୯୩୨ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ଫଳରେ ଗ୍ରାମାଞ୍ଚଳରେ ଲୋକେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ପାଇପାରିବେ ବୋଲି ସେ କହିଛନ୍ତି।

# ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଗ୍ରହଣ କଲା ଲୋକ ସଭା

**ସମ୍ବଲପୁର,୫ା୫(ବ୍ୟୁରୋ)**


ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ, କଳାହାଣ୍ଡି ଓ ବରଗଡ ଲୋକ ସଭା ଏମ୍‌ପି।

**ସମ୍ବଲପୁର ହିଂସା ଘଟଣା**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ହିଂସା ଘଟିଥିଲା। ଆହତ ଓ ମୃତକଙ୍କ ପରିବାରକୁ ଭେଟିବାକୁ ଆସୁଥିବା ସମୟରେ ଭାଜପା ସଂସଦୀୟ ଟିମ୍‌କୁ ସମ୍ବଲପୁର ସୀମାକୁ ପୂରାଇ ଦିଆ ଯାଇ ନ ଥିଲା। ଏହାକୁ ନେଇ ବରଗଡ ଏମ୍‌ପି ସୁରେଶ ପୂଜାରୀ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଓ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଏପ୍ରିଲ ୨୫ରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଲୋକ ସଭା ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ସଚିବାଳୟ ତରଫରୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସଂସଦର ସ୍ୱାଧିକାର ଓ ନୈତିକତା (ପ୍ରିଭିଲେଜ ଓ ଏଥିକ୍ସ) କମିଟି କେନ୍ଦ୍ର ସରକାରଙ୍କ କାର୍ମିକ, ପେନସନ ଏବଂ ଜନ ଅଭିଯୋଗ ମନ୍ତ୍ରାଳୟ (ଡିଓପିଟି)ର ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଦେଇଛନ୍ତି। ଭାଜପା ଏମ୍‌ପିଙ୍କ ଗତିରୋଧ କରିବା ଏବଂ ସଂସଦୀୟ କାର୍ଯ୍ୟ କରିବାରେ ବିରୋଧର କାରଣ ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସନ୍ତା ୧୫ ଦିନ ଭିତରେ ରାଜ୍ୟ ସରକାରଙ୍କଠାରୁ ସଂଗ୍ରହ କରି ଡିଓପିଟି ମନ୍ତ୍ରଣାଳୟ ସଂସଦୀୟ ସଚିବାଳୟକୁ ପ୍ରଦାନ କରିବେ। ଏହାପରେ ସଂସଦୀୟ ସଚିବାଳୟ ଉକ୍ତ ରିପୋର୍ଟ ସହ ଅଭିଯୋଗକୁ ସଂକଳିତ କରି ବାଚସ୍ପତିଙ୍କୁ ପ୍ରଦାନ କରିବେ ବୋଲି ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଝାରସୁଗୁଡାଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏମ୍‌ପି ସୁରେଶ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ସେ କହିଥିଲେ, ରାଷ୍ଟ୍ରବାଦୀ ସ୍ଲୋଗାନ ପ୍ରସଙ୍ଗରେ ସମସ୍ତେ ଅବଗତ ଅଛନ୍ତି। ଏହି ଘଟଣାରେ ଜଣେ ଆଦିବାସୀ ଯୁବକଙ୍କ ହତ୍ୟା ହୋଇଥିଲା, ଯାହାକୁ ଚପାଇଦେବା ପାଇଁ ପ୍ରୟାସ କରାଯାଇଥିଲା। ଇଣ୍ଟରନେଟ ବନ୍ଦ ସହ କର୍ଫ୍ୟୁ ଲାଗୁ କରାଯାଇଥିବାରୁ ସାଧାରଣ ଜୀବନ କଷ୍ଟଦାୟକ ହୋଇପଡିଥିଲା। ହିଂସାକାଣ୍ଡର ଶିକାର ହୋଇ ଗୁରୁତର ଆହତମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତକ ପରିବାର ଓ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟିବା ସହିତ ଜିଲା ପ୍ରଶାସନ ଏବଂ ଆରଡିସିଙ୍କ ସହ କଥା ହୋଇ ଘଟଣା ସଂପର୍କରେ ଅବଗତ ହେବାକୁ ଏପ୍ରିଲ ୧୮ରେ ଭାଜପା ସଂସଦୀୟ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଅନୁମତିକୁ ହଠାତ ବାତିଲ କରିଦିଆଯାଇଥିଲା। ବିନା ନିର୍ଦ୍ଦେଶନାମାରେ ମୋତେ ସମ୍ବଲପୁର ସାକ୍ଷୀପଡା ସ୍ଥିତ ବାସଭବନରେ ୧୮ ତାରିଖ ସକାଳ ୬ରୁ ଦିନ ୧୧ଟା ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଗୃହବନ୍ଦୀ କରି ରଖିଥିଲ। ସେହିପରି ପ୍ରତିନିଧି ଦଳରେ ମୋ ସହିତ ଆସୁଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟ ଏମ୍‌ପି ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡାଙ୍କୁ ମଧ୍ୟ ଝାରସୁଗୁଡା-ସମ୍ବଲପୁର ଜିଲାର ସୀମାନ୍ତ ଠେଲକୋଲେଇ ଥାନାଠାରେ ଅଟକ ରଖାଯାଇଥିଲା। କର୍ଫ୍ୟୁ କୋହଳ ସମୟରେ ସମ୍ବଲପୁରରେ ପ୍ରବେଶ କରାଇ ନ ଦେବା ଏବଂ ରାତି ୮ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖାଯିବାର କାରଣ ସଂପର୍କରେ ପଚରାଯିବାରୁ ଉପସ୍ଥିତ ପୋଲିସ ପ୍ରଶାସନଙ୍କଠାରୁ କୌଣସି ଉତ୍ତର ମିଳି ନ ଥିଲା। ଜିଲାପାଳ କିମ୍ବା କୌଣସି ଅଧିକାରୀଙ୍କ ଲିଖିତ ଆଦେଶ ଦିଆଯାଇ ନ ଥିଲା। କର୍ଫ୍ୟୁ କୋହଳ ସମୟରେ ବିନା ଆଦେଶନାମାରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଟକ ରଖିବା, ସେମାନଙ୍କ ସ୍ୱାଧିକାର ଭଙ୍ଗ ସହ ସେମାନଙ୍କ ବିଶେଷ ଅଧିକାରକୁ ଭଙ୍ଗ କରାଯାଇଥିଲା ବୋଲି ସୁରେଶ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଉକ୍ତ ଘଟଣାର ସତ୍ୟାସତ୍ୟକୁ ନେଇ ରିପୋର୍ଟ ଦେବାକୁ ଲୋକ ସଭା ସଚିବଙ୍କ ପାଖରୁ ଚିଠି ଆସିଛି। ଏହାକୁ ସମ୍ମାନ ଜଣାଇ ଠିକ୍ ତଥ୍ୟ ଦାଖଲ କରାଯିବ।

INDIAN MARITIME UNIVERSITY
(A Central University, Government of India)
(Established by an Act of the Parliament in 2008)
Azadi Ka Amrit Mahotsav
G20




Indian Maritime University offers UG & PG programmes in the fast growing maritime sector in campuses of IMU & in institutes affiliated with IMU

We offer programmes under :
- Marine Engineering & Technology
- Maritime Management
- Naval Architecture & Ocean Engineering
- Nautical Science

IMU-CET DATE: 10.06.2023

IMU-CET is mandatory for admissions to DGS approved programmes in IMU campuses / Affiliated institutes of IMU / Non Affiliated institutes

To Register
SCAN THE BELOW QR CODE
UG & PG Programmes (except BBA)
BBA Programmes

For more information visit, www.imu.edu.in
For enquiries, email us at
cet23@imu.ac.in ; bba23@imu.ac.in

LAST DATE TO REGISTER FOR IMU-CET : 18 MAY 2023
Follow us @IMUHeadquarters @IMU_Headquarters @IMU_HQ

# ଶିମିଳିପାଳ ବୁଲିଲେ ରାଷ୍ଟ୍ରପତି


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲି ଦେଖୁଛନ୍ତି।


ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରାଯାଉଛି।

**ବାରିପଦା ଅଫିସ/ ରାଇରଙ୍ଗପୁର, ୫।୫(ଡି.ଏନ୍.ଏ.)**

୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିବସ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲିଛନ୍ତି। ପୂର୍ବାହ୍ନରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଅଭିମୁଖେ ବାହାରି ଯଶିପୁରସ୍ଥିତ ଛେଳିଗୁଦୁରି ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସଡ଼କ ପଥରେ ଯାଇ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ। ଶିମିଳିପାଳ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରଥମେ ଶିମିଳିପାଳ ମଧ୍ୟରେ ଥିବା ଚହଲା ଅଞ୍ଚଳକୁ ଯାଇଥିଲେ। ସେଠାରୁ ୧୫ କି.ମି ଭିତରକୁ ଯାଇ ପ୍ରକୃତିର ନୈସର୍ଗିକ ଶୋଭାରାଜିକୁ

## ପ୍ରକୃତିର ଶୋଭାରାଜି ଉପଭୋଗ କଲେ

ଉପଭୋଗ କରିଥିଲେ। ରାଷ୍ଟ୍ରପତି ଶିମିଳିପାଳ ମଧ୍ୟରେ ପ୍ରାୟ ୩ ଘଣ୍ଟା ୧୫ ମିନିଟ୍ ରହିଥିଲେ। ଅଭୟାରଣ୍ୟ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଶିମିଳିପାଳକୁ ଜାତୀୟ ଅଭୟାରଣ୍ୟ ଘୋଷଣା କରାଯିବାରେ ବିଳମ୍ବ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କାରଣ ପଚାରି ବୁଝିଥିଲେ। ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ବନବାସୀ ଓ ଜନଜାତି ସମ୍ପ୍ରଦାୟ ଲୋକଙ୍କ ଥଇଥାନ ପାଇଁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ଶିମିଳିପାଳରେ ମଧ୍ୟାହ୍ନଭୋଜନ କରିଥିଲେ। ତାଙ୍କ ପାଇଁ ୨୮ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ପରେ ସଡ଼କ ପଥରେ ଯଶିପୁର ହେଲିପ୍ୟାଡ୍‌କୁ ଫେରିଥିଲେ। ସେଠାରୁ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ ସମୟରେ ବାରିପଦା ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସଡ଼କ ପଥରେ ଷ୍ଟେଶନବଜାରସ୍ଥିତ ଗେଷ୍ଟ ହାଉସ୍‌କୁ ଯାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଗୁରୁବାର ରାଇରଙ୍ଗପୁରସ୍ଥିତ ବାସଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବାବା ପୁଣ୍ୟେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ସେ ଦୀର୍ଘ ଦିନ ଧରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଠାକୁରଙ୍କ ରୀତିନୀତି ସମ୍ପର୍କରେ ସେବାୟତଙ୍କଠାରୁ ପଚାରି ବୁଝିଥିଲେ। ପ୍ରତ୍ୟୁଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀମାନେ ତାଙ୍କ ବାସଭବନକୁ ଆସି ସାକ୍ଷାତ କରିଥିଲେ। ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମମାଟି ଦାଣ୍ଡବୋଷ-କାପିବୁରୁସ୍ଥିତ ସମାଧି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରୁ ବାହାରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# କେନ୍ଦୁପତ୍ର ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କା ସହାୟତା

**ଭୁବନେଶ୍ୱର,୫।୫(ବ୍ୟୁରୋ)**

**ଉପକୃତ ହେବେ ୮ ଲକ୍ଷରୁ ଅଧିକ**

**ଗୋଟିଏ ବର୍ଷରେ ସର୍ବକାଳୀନ ରେକର୍ଡ ସହାୟତା ୧୯୪ କୋଟି**

କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ୨୦୨୨ ଫସଲ ବର୍ଷ ପାଇଁ ଏହି ସହାୟତା ମିଳିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୮୩ କୋଟି ଟଙ୍କାର ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଦୁଇଟି ପର୍ଯ୍ୟାୟକୁ ମିଶାଇ କେନ୍ଦୁପତ୍ର ହିତାଧିକାରୀମାନେ ୧୯୪ କୋଟି ଟଙ୍କାର ସହାୟତା ପାଇବେ, ଯାହା କି ଗୋଟିଏ ଫସଲ ବର୍ଷରେ ଏକ ସର୍ବକାଳୀନ ରେକର୍ଡ।

ସରକାରଙ୍କ ଏହି ଘୋଷଣା ଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ୭.୭୫ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଏହି ସହାୟତା ମିଳିବ। ପ୍ରତ୍ୟେକ ତୋଳାଳିଙ୍କୁ ୧ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଣିବୋତଲ ଓ ଚପଲ ପାଇଁ ଯଥାକ୍ରମେ ୨୦୦ ଓ ୧୬୦ ଟଙ୍କା ମିଳିବ। ସେହିପରି ପ୍ରତ୍ୟେକ ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଆର୍ଥିକ ସହାୟତା ଭାବରେ ୧୫୦୦ ଟଙ୍କା ଦିଆଯିବ।

କେନ୍ଦୁପତ୍ର ସଂଗ୍ରହ ହେଉଥିବା ରାଜ୍ୟର ୨୨ଟି ଜିଲା ମଧ୍ୟରୁ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ଜିଲାର ହିତାଧିକାରୀମାନେ ଏହି ସହାୟତା ପାଇବେ। ନିର୍ବାଚନ ଆଚରଣ ବିଧି ଉଠିବା ପରେ ଝାରସୁଗୁଡ଼ାର ହିତାଧିକାରୀମାନଙ୍କୁ ଏହି ସହାୟତା ମିଳିବ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ୮୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦୁପତ୍ର ହିତାଧିକାରୀମାନେ, ଯେଉଁମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି, ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଘୋଷଣା ସହାୟକ ହେବ।

# ସମନ୍ୱିତ କୃଷି ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବଡ଼ ପଦକ୍ଷେପ: ମନ୍ତ୍ରୀ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧୀକରଣ ଏକ ଫଳପ୍ରଦ ପଦକ୍ଷେପ। ଏହା ଉପରେ ରାଜ୍ୟ ସରକାର ସବୁବେଳେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହିପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷିଭବନଠାରେ ଶୁକ୍ରବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟର ୯ ଜନଜାତି ଅଧ୍ୟୁଷିତ ଜିଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ ପଞ୍ଚାୟତରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ୩୦୦ ପଞ୍ଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରତି ପଞ୍ଚାୟତର ଅନ୍ତତଃପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ଲକ୍ଷେ ୮୦ ହଜାର କୃଷକ ପରିବାର ଉପକୃତ ହେବେ। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୨୨ଟି ଜିଲାର ଲକ୍ଷେ ୪୨ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ତଥା ଡାଲି, ଚିନାବାଦାମ, ମକା, ରାଶି, ମାଣ୍ଡିଆ, କପା ଏବଂ ବିଭିନ୍ନ ପ୍ରକାର ଫଳ ଓ ପନିପରିବା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଧାନ ଫସଲରୁ ଅଣଧାନ ଫସଲ ଯଥା: ଡାଲି, ତୈଳବୀଜ, ମାଣ୍ଡିଆ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରାଯାଇଥିବା ଜମିର ପରିମାଣର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଡାକ୍ତରଖାନା ପାଇଖାନାରେ ଜନ୍ମହେଲା ଶିଶୁକନ୍ୟା

**ବରଗଡ଼ ଅଫିସ,୫।୫**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନା ପାଇଖାନାରେ ଜଣେ ମହିଳା ଶିଶୁକନ୍ୟା ଜନ୍ମ ଦେଇଥିବାବେଳେ ପାଇଖାନା ପ୍ୟାନ୍ ଭିତରୁ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଡାକ୍ତରଖାନାରେ ଶିଶୁକନ୍ୟାର ଚିକିତ୍ସା ଚାଲିଛି।

ସୂଚନା ଅନୁସାରେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା କକରାଝୁରି ଗ୍ରାମର ବିପିନ ମିର୍ଦ୍ଧା ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ସନ୍ତୋଷିନୀଙ୍କୁ ଗୁରୁବାର ରାତି ପ୍ରାୟ ୧୧ଟାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତର ନ ଥିବାରୁ କେହି ସନ୍ତୋଷିନୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନ ଥିଲେ। ଶୁକ୍ରବାର ସକାଳ ପ୍ରାୟ ସାଢେ ୭ଟାରେ ସନ୍ତୋଷିନୀ ଶୌଚ ପାଇଁ ଡାକ୍ତରଖାନାରେ ଥିବା ପାଇଖାନାକୁ ଯାଇଥିଲେ। ଶୌଚ ସମୟରେ ନବଜାତ ଶିଶୁକନ୍ୟା ଜନ୍ମ ହୋଇ ପାଇଖାନା ପ୍ୟାନ୍ ଭିତରକୁ ଅଧେ ଶରୀର ପଶିଯାଇଥିଲା। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ଏବଂ ସ୍ୱାସ୍ଥ୍ୟକର୍ମୀ ଶିଶୁକନ୍ୟାକୁ ପ୍ୟାନ୍‌ରୁ ଉଦ୍ଧାର କରିଥିଲେ ବୋଲି ସନ୍ତୋଷିନୀ କହିଛନ୍ତି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦରକାର ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) ଡା. ବି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗୁରୁବାର ରାତିରେ ଡାକ୍ତରଖାନାରେ ଡାକ୍ତର ଥିଲେ। ଶୁକ୍ରବାର ସକାଳେ ଉକ୍ତ ମହିଳାଙ୍କ ପ୍ରସବ ବେଦନା ହୋଇଥିଲା। ସେ ପାଇଖାନାକୁ ପରିସ୍ରା ପାଇଁ ଯାଇଥିବା ବେଳେ ସନ୍ତାନ ପ୍ରସବ ହୋଇଥିଲା। ବର୍ତ୍ତମାନ ଶିଶୁଟି ସୁସ୍ଥ ଅଛି ବୋଲି ଡା.ନାୟକ କହିଛନ୍ତି।



# ଶିମିଳିପାଳ ବୁଲିଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲି ଦେଖୁଛନ୍ତି।



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରାଯାଉଛି।

ବାରିପଦା ଅଫିସ/ ରାଇରଙ୍ଗପୁର, ୫।୫(ଡି.ଏନ୍.ଏ.)

୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିବସ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲିଛନ୍ତି। ପୂର୍ବାହ୍ନରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଅଭିମୁଖେ ବାହାରି ଯଶିପୁରସ୍ଥିତ ଛେଳିଗୁଡୁରି ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସଡ଼କ ପଥରେ ଯାଇ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ। ଶିମିଳିପାଳ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରଥମେ ଶିମିଳିପାଳ ମଧ୍ୟରେ ଥିବା ଚହଲା ଅଞ୍ଚଳକୁ ଯାଇଥିଲେ। ସେଠାରୁ ୧୫ କି.ମି ଭିତରକୁ ଯାଇ ପ୍ରକୃତିର ନୈସର୍ଗିକ ଶୋଭାରାଜିକୁ

## ପ୍ରକୃତିର ଶୋଭାରାଜି ଉପଭୋଗ କଲେ

ଉପଭୋଗ କରିଥିଲେ। ରାଷ୍ଟ୍ରପତି ଶିମିଳିପାଳ ମଧ୍ୟରେ ପ୍ରାୟ ୩ ଘଣ୍ଟା ୧୫ ମିନିଟ୍ ରହିଥିଲେ। ଅଭୟାରଣ୍ୟ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଶିମିଳିପାଳକୁ ଜାତୀୟ ଅଭୟାରଣ୍ୟ ଘୋଷଣା କରାଯିବାରେ ବିଳମ୍ବ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କାରଣ ପଚାରି ବୁଝିଥିଲେ। ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ବନବାସୀ ଓ ଜନଜାତି ସମ୍ପ୍ରଦାୟ ଲୋକଙ୍କ ଥଇଥାନ ପାଇଁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ଶିମିଳିପାଳରେ ମଧ୍ୟାହ୍ନଭୋଜନ କରିଥିଲେ। ତାଙ୍କ ପାଇଁ ୨୮ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ପରେ ସଡ଼କ ପଥରେ ଯଶିପୁର ହେଲିପ୍ୟାଡ୍‌କୁ ଫେରିଥିଲେ। ସେଠାରୁ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ ସମୟରେ ବାରିପଦା ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସଡ଼କ ପଥରେ ଷ୍ଟେଶନବଜାରସ୍ଥିତ ଗେଷ୍ଟ ହାଉସ୍‌କୁ ଯାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଗୁରୁବାର ରାଇରଙ୍ଗପୁରସ୍ଥିତ ବାସଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବାବା ପୁଣ୍ୟେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ସେ ଦୀର୍ଘ ଦିନ ଧରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଠାକୁରଙ୍କ ରୀତିନୀତି ସମ୍ପର୍କରେ ସେବାୟତଙ୍କଠାରୁ ପଚାରି ବୁଝିଥିଲେ। ପ୍ରତ୍ୟୁଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀମାନେ ତାଙ୍କ ବାସଭବନକୁ ଆସି ସାକ୍ଷାତ କରିଥିଲେ। ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମମାଟି ଦାଣ୍ଡବୋଷ-କାପିବୁରୁସ୍ଥିତ ସମାଧି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରୁ ବାହାରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# କେନ୍ଦୁପତ୍ର ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କା ସହାୟତା

ଭୁବନେଶ୍ୱର,୫।୫(ବ୍ୟୁରୋ)

**ଉପକୃତ ହେବେ ୮ ଲକ୍ଷରୁ ଅଧିକ**

**ଗୋଟିଏ ବର୍ଷରେ ସର୍ବକାଳୀନ ରେକର୍ଡ ସହାୟତା ୧୯୪ କୋଟି**

କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ୨୦୨୨ ଫସଲ ବର୍ଷ ପାଇଁ ଏହି ସହାୟତା ମିଳିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୮୩ କୋଟି ଟଙ୍କାର ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଦୁଇଟି ପର୍ଯ୍ୟାୟକୁ ମିଶାଇ କେନ୍ଦୁପତ୍ର ହିତାଧିକାରୀମାନେ ୧୯୪ କୋଟି ଟଙ୍କାର ସହାୟତା ପାଇବେ, ଯାହା କି ଗୋଟିଏ ଫସଲ ବର୍ଷରେ ଏକ ସର୍ବକାଳୀନ ରେକର୍ଡ।

ସରକାରଙ୍କ ଏହି ଘୋଷଣା ଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ୭.୭୫ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଏହି ସହାୟତା ମିଳିବ। ପ୍ରତ୍ୟେକ ତୋଳାଳିଙ୍କୁ ୧ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଣିବୋତଲ ଓ ଚପଲ ପାଇଁ ଯଥାକ୍ରମେ ୨୦୦ ଓ ୧୬୦ ଟଙ୍କା ମିଳିବ। ସେହିପରି ପ୍ରତ୍ୟେକ ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଆର୍ଥିକ ସହାୟତା ଭାବରେ ୧୫୦୦ ଟଙ୍କା ଦିଆଯିବ।

କେନ୍ଦୁପତ୍ର ସଂଗ୍ରହ ହେଉଥିବା ରାଜ୍ୟର ୨୨ଟି ଜିଲା ମଧ୍ୟରୁ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ଜିଲାର ହିତାଧିକାରୀମାନେ ଏହି ସହାୟତା ପାଇବେ। ନିର୍ବାଚନ ଆଚରଣ ବିଧି ଉଠିବା ପରେ ଝାରସୁଗୁଡ଼ାର ହିତାଧିକାରୀମାନଙ୍କୁ ଏହି ସହାୟତା ମିଳିବ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ୮୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦୁପତ୍ର ହିତାଧିକାରୀମାନେ, ଯେଉଁମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି, ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଘୋଷଣା ସହାୟକ ହେବ।

# ସମନ୍ୱିତ କୃଷି ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବଡ଼ ପଦକ୍ଷେପ: ମନ୍ତ୍ରୀ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧୀକରଣ ଏକ ଫଳପ୍ରଦ ପଦକ୍ଷେପ। ଏହା ଉପରେ ରାଜ୍ୟ ସରକାର ସବୁବେଳେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହିପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷିଭବନଠାରେ ଶୁକ୍ରବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟର ୯ ଜନଜାତି ଅଧ୍ୟୁଷିତ ଜିଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ ପଞ୍ଚାୟତରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ୩୦୦ ପଞ୍ଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରତି ପଞ୍ଚାୟତର ଅନ୍ତତଃପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ଲକ୍ଷେ ୮୦ ହଜାର କୃଷକ ପରିବାର ଉପକୃତ ହେବେ। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୨୨ଟି ଜିଲାର ଲକ୍ଷେ ୪୨ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ତଥା ଡାଲି, ଚିନାବାଦାମ, ମକା, ରାଶି, ମାଣ୍ଡିଆ, କପା ଏବଂ ବିଭିନ୍ନ ପ୍ରକାର ଫଳ ଓ ପନିପରିବା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଧାନ ଫସଲରୁ ଅଣଧାନ ଫସଲ ଯଥା: ଡାଲି, ତୈଳବୀଜ, ମାଣ୍ଡିଆ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରାଯାଇଥିବା ଜମିର ପରିମାଣର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଡାକ୍ତରଖାନା ପାଇଖାନାରେ ଜନ୍ମହେଲା ଶିଶୁକନ୍ୟା

ବରଗଡ଼ ଅଫିସ,୫।୫

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନା ପାଇଖାନାରେ ଜଣେ ମହିଳା ଶିଶୁକନ୍ୟା ଜନ୍ମ ଦେଇଥିବାବେଳେ ପାଇଖାନା ପ୍ୟାନ୍ ଭିତରୁ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଡାକ୍ତରଖାନାରେ ଶିଶୁକନ୍ୟାର ଚିକିତ୍ସା ଚାଲିଛି।

ସୂଚନା ଅନୁସାରେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା କକରାଝୁରି ଗ୍ରାମର ବିପିନ ମିର୍ଦ୍ଧା ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ସନ୍ତୋଷିନୀଙ୍କୁ ଗୁରୁବାର ରାତି ପ୍ରାୟ ୧୧ଟାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତର ନ ଥିବାରୁ କେହି ସନ୍ତୋଷିନୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନ ଥିଲେ। ଶୁକ୍ରବାର ସକାଳ ପ୍ରାୟ ସାଢେ ୭ଟାରେ ସନ୍ତୋଷିନୀ ଶୌଚ ପାଇଁ ଡାକ୍ତରଖାନାରେ ଥିବା ପାଇଖାନାକୁ ଯାଇଥିଲେ। ଶୌଚ ସମୟରେ ନବଜାତ ଶିଶୁକନ୍ୟା ଜନ୍ମ ହୋଇ ପାଇଖାନା ପ୍ୟାନ୍ ଭିତରକୁ ଅଧେ ଶରୀର ପଶିଯାଇଥିଲା। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ଲୋକେ ଏବଂ ସ୍ୱାସ୍ଥ୍ୟକର୍ମୀ ଶିଶୁକନ୍ୟାକୁ ପ୍ୟାନ୍‌ରୁ ଉଦ୍ଧାର କରିଥିଲେ ବୋଲି ସନ୍ତୋଷିନୀ କହିଛନ୍ତି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦରକାର ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) ଡା. ବି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗୁରୁବାର ରାତିରେ ଡାକ୍ତରଖାନାରେ ଡାକ୍ତର ଥିଲେ। ଶୁକ୍ରବାର ସକାଳେ ଉକ୍ତ ମହିଳାଙ୍କ ପ୍ରସବ ବେଦନା ହୋଇଥିଲା। ସେ ପାଇଖାନାକୁ ପରିସ୍ରା ପାଇଁ ଯାଇଥିବା ବେଳେ ସନ୍ତାନ ପ୍ରସବ ହୋଇଥିଲା। ବର୍ତ୍ତମାନ ଶିଶୁଟି ସୁସ୍ଥ ଅଛି ବୋଲି ଡା.ନାୟକ କହିଛନ୍ତି।



ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । -ଶ୍ରୀଅରବିନ୍ଦ

# ଦୋଷାରୋପର ଖେଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହାତରେ ମଳ ସଫା କରିବା ଗୁଜରାଟରେ ବେଆଇନ ହୋଇଥିଲେ ବି ଏହି କାର୍ଯ୍ୟ କରିବା ଫଳରେ ରାଜ୍ୟର ବିଭିନ୍ନ ଭାଗରେ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ବାସ୍ତବରେ ଏହି ସଂଖ୍ୟା ଯଥେଷ୍ଟ ବେଶି ହେବ ବୋଲି ସାମାଜିକ କର୍ମୀମାନେ ଦାବି କରିଛନ୍ତି । କେତେକ ରିପୋର୍ଟ ଅନୁଯାୟୀ, ଦେଶରେ ମେହେନ୍ତର ମୃତ୍ୟୁ ସଂଖ୍ୟାରେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି । ତଥାପି ପ୍ରଧାନମନ୍ତ୍ରୀ ଗୁଜରାଟକୁ ବିକାଶର ଆଦର୍ଶ ମଡେଲ ଭାବେ ଘୋଷଣା କରିବାକୁ କେବେ ବି ଥକି ପଡୁନାହାନ୍ତି । ନିଶ୍ଚିତ ଭାବେ ଏହି ଘଟଣା ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ପାଇଁ ଲଜ୍ଜାଜନକ । ବିରୋଧୀଦଳଗୁଡ଼ିକ ଏହି ପ୍ରସଙ୍ଗକୁ ଉଠାଇ ରାଜ୍ୟ ସରକାରଙ୍କୁ ଦାୟୀ କରି ଏହି ସବୁ ମୃତ୍ୟୁ ଘଟଣାର ତଦନ୍ତ ଜାତୀୟ ମାନବ ଅଧିକାର ଆୟୋଗ(ଏନ୍ଏଚ୍ଆର୍ସି) କରିବା ପାଇଁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଏବେ ପରସ୍ପର ଭିତରେ ଦୋଷାରୋପର ଖେଳରେ ମନ୍ତ୍ରୀମାନେ ଅମଲାତନ୍ତ୍ରୀଙ୍କୁ ଦୋଷ ଦେବାର ସମ୍ଭାବନା ଦେଖାଯାଇଛି । ମନ୍ତ୍ରୀମାନେ ପ୍ରଶାସନିକ ବିଫଳତାକୁ ସମସ୍ୟାର ମୂଳ କାରଣ ଭାବେ ଦର୍ଶାଇ ଘଟଣାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିପାରନ୍ତି । ଏହାକୁ ଲକ୍ଷ୍ୟକରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଙ୍କଜ ଜୋଷୀ ବାବୁମାନେ ମେହେନ୍ତରମାନଙ୍କ ସମସ୍ୟାଗୁଡ଼ିକୁ ସମାଧାନ କରିବା ଲାଗି ଅଧିକ ସକ୍ରିୟତା ପ୍ରକାଶ କରିବାକୁ କହିଛନ୍ତି ବୋଲି କେତେଜଣ ମତ ଦିଅନ୍ତି । ମେହେନ୍ତରମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନର କାର୍ଯ୍ୟକାରିତାକୁ ସଞ୍ଚାଳନ କରିବା ସହ ସେମାନଙ୍କ ଥଇଥାନ ଲାଗି ସାଧନ ଯୋଗାଇଦେବାକୁ ଏକ ଟାସ୍କଫୋର୍ସ ଗଠନ କରିବା ସକାଶେ ମୁଖ୍ୟମନ୍ତ୍ରୀ ପଟେଲଙ୍କ ପାଇଁ ଏକ ପ୍ରସ୍ତାବ ଥିବା ମଧ୍ୟ କୁହାଯାଉଛି । ସେ ଯାହା ହେଉନା କାହିଁକି ବହୁଚର୍ଚ୍ଚିତ 'ଗୁଜରାଟ ମଡେଲ'ର ଚମକକୁ ରକ୍ଷା କରାଯିବା ଉଚିତ ।

### ନିବେଶ ଚିନ୍ତା

ହରିୟାଣାର ନୂଆ ନିବେଶ ଯୋଜନାର ଅଂଶ ୨୦୨୧-୨୨ର ୩% ତୁଳନାରେ ୬ ବର୍ଷରେ ସବୁଠୁ ନିମ୍ନକୁ ଖସି ୧%ରେ ରହିଛି । ତେବେ ନିବେଶ ଯୋଜନାଗୁଡ଼ିକ ୨୦୨୨-୨୩ରେ ଖୁବ୍ ଶୀଘ୍ର ୩୦ ପ୍ରତିଶତ ଖସିବ ବୋଲି କୁହାଯାଉଛି । ଚିନ୍ତାଜନକ ଖବର ହେଉଛି, ମାନୁଫାକ୍ଚରିଂ ନିବେଶ ୬୦% ପ୍ରତିଶତ ହ୍ରାସପାଇଛି । ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ପାଇଁ ଏକ ଖରାପ ଖବର । ସୂତ୍ରରୁ ପ୍ରକାଶ, ଗତବର୍ଷ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନଙ୍କ ପାଇଁ ୩୦,୦୦୦ ଦରମା ପର୍ଯ୍ୟନ୍ତ ପ୍ରାଇଭେଟ ସେକ୍ଟର ଚାକିରିରେ ୭୫ % ସଂରକ୍ଷଣ କରିବା ଲାଗି ତରବରିଆ ଭାବେ ଅଣାଯାଇଥିବା ଅଇନ ସହ ଖଟ୍ଟରଙ୍କର ଏବକାର ନିବେଶ ସଙ୍କଟ ସହ ସମ୍ପର୍କ ଅଛି । ନ୍ୟାୟାଳୟରେ ଏହା ଉପରେ ଚ୍ୟାଲେଞ୍ଜ କରାଯିବା ପରେ ଯଦିଓ ଏହା ସାମୟିକ ଭାବେ ବନ୍ଦ ରହିଛି, ତଥାପି ଏହାର କାର୍ଯ୍ୟକାରିତା ଉପରେ ସନ୍ଦେହ ଲାଗିରହିଛି, ଯେଉଁଥିପାଇଁ ନିବେଶକମାନେ ନିବେଶ କରିବା ଲାଗି ପଛଘୁଞ୍ଚା ଦେଉଛନ୍ତି । ସ୍ଥାନୀୟ ନିଯୁକ୍ତିକୁ ନେଇ ଉକ୍ତ ଆଇନ ସ୍ପଷ୍ଟତଃ ରାଜନୈତିକ ଲକ୍ଷ୍ୟରେ ଅଣାଯାଇଥିଲା, ଯାହା ନିବେଶକମାନଙ୍କ ମନରେ ଭୟ ସୃଷ୍ଟି କରିଥିଲା । ବିଶ୍ୱାସ କରାଯାଉଥିଲା, ଏହି ଆଇନ ଯଦି କାର୍ଯ୍ୟକାରୀ କରାଯାଏ ତେବେ ମହାମାରୀ ପରବର୍ତ୍ତୀ ଆର୍ଥିକ ସୁଧାର ଅଧିକ ଧିମା ହୋଇଯିବ, ଆଇନ ଅନୁପାଳନଜନିତ ବୋଝ ବଢିଯିବ । ଉକ୍ତ ଘଟଣାରେ ବାବୁମାନେ ଚୁପ୍ ରହିଛନ୍ତି । ସୂତ୍ରରୁ ପ୍ରକାଶ, ଏକ ଅନୁକୂଳ ବିଜ୍ନେସ ପରିବେଶ ପାଇଁ ହରିୟାଣାର ଭାବମୂର୍ତ୍ତି ଫେରାଇ ଆଣିବା ଲାଗି ମୁଖ୍ୟ ଶାସନ ସଚିବ ସଞ୍ଜୀବ କୌଶଲ ବରିଷ୍ଠ ସହଯୋଗୀମାନଙ୍କ ସହ ଆଲୋଚନା କରୁଛନ୍ତି ।

### ପଡ଼ୋଶୀଙ୍କ ପାଇଁ ପ୍ରୋଗ୍ରାମ

ପଡ଼ୋଶୀ ଦେଶଗୁଡ଼ିକ ସହ ସମ୍ପର୍କ ଦୃଢ଼ କରିବା ଲାଗି ଭାରତର ନୀତି ଏବେ ନୂଆ ମୋଡ଼ ନେଇଛି । ନ୍ୟାଶନାଲ ସେଣ୍ଟର ଫର୍ ଗୁଡ୍ ଗଭର୍ନାନ୍ସ (ଏନ୍ସିଜିଜି) ପଡ଼ୋଶୀ ଓ ଦୂରଦେଶର ଅମଲାତନ୍ତ୍ରୀମାନଙ୍କ ପାଇଁ ଦକ୍ଷତା ନିର୍ମାଣ ପ୍ରୋଗ୍ରାମ ବା କାର୍ଯ୍ୟକ୍ରମ ଆୟୋଜନ କରୁଛି । ଆଞ୍ଚଳିକ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ମଜଭୁତ କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିର ଅଂଶ ଭାବେ ଏନ୍ସିଜିଜି ଦ୍ୱାରା ଏହିସବୁ କାର୍ଯ୍ୟକ୍ରମ ଆୟୋଜନ ହେଉଛି । ପ୍ରଭାବଶାଳୀ ତଥା ଦକ୍ଷତାପୂର୍ଣ୍ଣ ଶାସନ ପାଇଁ ସିଭିଲ୍ ସର୍ଭାଣ୍ଟମାନଙ୍କୁ କୌଶଳ ଏବଂ ଜ୍ଞାନ ଯୋଗାଇଦେବା ଲକ୍ଷ୍ୟରେ ଏହା କରାଯାଉଛି । ସାର୍ବଜନୀନ ପ୍ରଶାସନ, ଇ-ଗଭର୍ନାନ୍ସ, ଡିଜିଟାଲ ଟ୍ରାନ୍ସଫର୍ମେଶନ ଏବଂ ନେତୃତ୍ୱଭିତ୍ତିକ ବିକାଶ କ୍ଷେତ୍ରରେ ଏହି ପ୍ରୋଗ୍ରାମଗୁଡ଼ିକ ଗୁରୁତ୍ୱ ଦେଉଛି । ଏନ୍ସିଜିଜି ମହାନିର୍ଦ୍ଦେଶକ ଭାରତ ଲାଲ୍ ଏକ ପ୍ରଭାବଶାଳୀ ତଥା ବିଶିଷ୍ଟ ବିଶେଷଜ୍ଞଙ୍କ ତାଲିକାରେ ସାମିଲ ହୋଇଛନ୍ତି । ଏବକାର ସେସନ୍କୁ ନେତୃତ୍ୱ ଦେବା ଲାଗି ଏଥିରେ ଜିପିଏସ୍ସିର ପୂର୍ବତନ ଅଧ୍ୟକ୍ଷ ଦିନେଶ ଦାସା, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ଜିଷ୍ଣୁ ବରୁଆ ଏବଂ ପୂର୍ବତନ ବରିଷ୍ଠ କୂଟନୀତିଜ୍ଞ ସଞ୍ଜୟ ଭଟ୍ଟାଚାର୍ଯ୍ୟ ପ୍ରମୁଖ ରହିଛନ୍ତି । ୨୦୨୩ରେ ଜି୨୦ର ଭାରତର ଅଧ୍ୟକ୍ଷତା ହିଁ ବିଶ୍ୱ ସମ୍ମୁଖରେ ଏହିସବୁ ଦକ୍ଷତା ନିର୍ମାଣ ପ୍ରୋଗ୍ରାମ ପ୍ରଦର୍ଶନ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି । ଶତତ ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ଅନ୍ୟ ଦେଶଗୁଡ଼ିକୁ ସମାନ ପ୍ରକାର ପ୍ରୋଗ୍ରାମ ଆପଣାଇବାକୁ ଉତ୍ସାହିତ କରିବା ପାଇଁ ଦକ୍ଷତା ନିର୍ମାଣକୁ ପ୍ରୋତ୍ସାହିତ କରିବାକୁ ଏକ ମୁଖ୍ୟ ସାଧନ ଭାବେ ଜି୨୦ ସୁଯୋଗକୁ ଉପଯୋଗ କରିବା ଲାଗି ମୋଦି ସରକାର ଆଶା କରୁଛନ୍ତି ।

Email: dilipcherian@gmail.com

# ଶାସିତର ସାହିତ୍ୟ



ମାୟାଧର ନାୟକ

ଆମ ଓଡ଼ିଶାରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତ୍ତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି । ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ବ୍ୟକ୍ତି । ହୁଏତ ସେମାନଙ୍କ ମଧ୍ୟରୁ ଶତକଡ଼ା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ । ଯେଉଁ ଧାରାର ସାହିତ୍ୟ ସମ୍ପର୍କରେ ଓଡ଼ିଶାରେ ଏତେ ତୁମ୍ଭିତୋଫାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତ୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି । ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ । ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସମ୍ପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯା'ନ୍ତି ଲୋକଲୋଚନର ଅଗୋଚରରେ । ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଞ୍ଚି ରହନ୍ତି କେବଳ । ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା ।

ବର୍ତ୍ତମାନର ସାହିତ୍ୟ କ'ଣ ସତରେ ଆଧୁନିକ ସାହିତ୍ୟ ? ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ । ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ । ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତି କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ- ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ ଏମିତି ଏକ ଅନ୍ଧମୁହାଣିରେ ଓଡ଼ିଶାର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି । ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ । ସେମାନେ ଲେଖାଳି କାହିଁକି ନା ସେମାନଙ୍କର ସାହିତ୍ୟ ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ । ନିଜ ମାଟି ପାଣି ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାହିଁ । ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର । ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଞ୍ଚିତ ।

ବର୍ତ୍ତମାନର ସାହିତ୍ୟ କିତାବୀ ସାହିତ୍ୟ । ଓଡ଼ିଆ ଭାଷାରେ ଏଇ କୋଡ଼ିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି । ମହାଭାରତରେ କୋକୁଆ ମାତିବା ପରି ଏବର ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି । ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି । ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଙ୍କଟ । ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ । ଆମର ଅଧିକାଂଶ ଲେଖକ କେତେଦୂର ଗାଁ ଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି ? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ପର୍ଶ ନାହିଁ, ସଂଘର୍ଷ ନାହିଁ- ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ । ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ ଜୀବନଠାରୁ ସୁଦୂରବର୍ତ୍ତୀ ହୋଇଉଠିବା ଫଳରେ ପାଠକୀୟତା ହରାଇ ବସୁଛି । ହଁ, ଆଜି ଓଡ଼ିଆ ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରି କି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡ଼ା ଅନ୍ୟ ଲେଖକମାନଙ୍କୁ ପଢ଼ିଥାନ୍ତି କି ଆନ୍ତରିକତାର ସହିତ ? ବରଂ ଓଡ଼ିଆ ଭାଷାର ଲେଖକ ତା' ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି । ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ କାହିଁକି ନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା । କହିବାର କଥା ହେଉଚି- ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ ?



ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ । ଆଜି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରିପାରୁଛୁ କି ? ଏଇ କିଛିବର୍ଷ ତଳେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ, ଯେଉଁଦିନ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି । ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଞ୍ଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସମ୍ପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ । ଆଜିର ଓଡ଼ିଆ ସାହିତ୍ୟରେ ବ୍ୟକ୍ତିତ୍ୱର ସଙ୍କଟ ଏକ ଦୁଃଖଦ ସତ୍ୟ । ଇତିହାସରେ ଡାଇନୋସର୍ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ । ପୁରସ୍କାର ନ ପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି ?

ଶାସିତର ସାହିତ୍ୟ ଏ ଆଜିର ସାହିତ୍ୟ । ସାଧାରଣ ମଣିଷର ଅନୁପ୍ରବେଶ ଏ ସାହିତ୍ୟରେ କାହିଁ ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଞ୍ଚନାର ପ୍ରସାରିତ ପରମ୍ପରା । ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ ବିଶ୍ୱାସଘାତକତା ହିଁ ହୋଇପଡ଼ିଛି ଓଡ଼ିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ । ଆଜିର ସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଚ୍ଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି ।

ଆଜି ଓଡ଼ିଆ ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର - ଯାହା ଏ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ । ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନ ପଡ଼ିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ।

ଯାଜପୁର ରୋଡ୍, ଯାଜପୁର
ମୋ : ୯୮୬୧୦୩୪୧୬୩

# ସମୟ ସ୍ରୋତରେ ସମ୍ପର୍କ



ଡ. ସୌମ୍ୟା ପରିଡ଼ା

କେହି ଜଣେ ପଚାରିଲେ ବଞ୍ଚିବା ପାଇଁ କ'ଣ କର । କହିଲି ଲେଖାଲେଖି କରେ, ଗଛ ଲଗାଏ, ସାଙ୍ଗସାଥୀଙ୍କୁ ଭେଟେ । ଆଉ ଆପଣ ? ସେ କହିଲେ, ମୁଁ କେବଳ କାମ କରେ । ଆଉ କିଛି କରିବାକୁ ସମୟ ହିଁ ନାହିଁ । ଜୀବନ ଏବେ ନିରାଶପ୍ରାୟ । ଘରୁ ଅଫିସ୍ ଆଉ ଅଫିସ୍ରୁ ଘର । ତା'ଛଡ଼ା ଆଉ କିଛି କରିହୁଏନି । ନୂଆ ବାହାଘର ପରେ ସିନା ଖୁସିର ସଂସାର ଚାଲେ । ହେଲେ ପରେ ସେସବୁ ଜଞ୍ଜାଳ । ଛୁଆପିଲା, ଘରର ହାନିଲାଭ ଆଉ କର୍ତ୍ତବ୍ୟରେ ବନ୍ଧା ମଣିଷ ଯାହା ନିଇତି ଦଉଡ଼ିବା କଥା । ଏବେ ଘରେ ପାଦ ଦେଉ ଦେଉ ସବୁଦିନ କଳି ନ ହେଲେ ମନୋମାଳିନ୍ୟ । କେତେ ଆଉ ଖେଟେଖେଟେ ଶୁଣିବି, ଏବେ ଯାହା ଶୁଣିଲେ ବି ଏ କାନରେ ପୂରେଇ ସେ କାନରେ ବାହାର କରିଦିଏ । ତା'ପରେ ବି ଶାନ୍ତି ନାହିଁ ।

ମନୋଜ ''ସମୟ ସହ ସବୁକଥା ଧୀରେ ଧୀରେ ବଦଳେ । ଆଗରୁ ଅଫିସ୍ ସରିଲେ କେମିତି ଘରକୁ ଯିବି ଭାବୁଥିଲି । ହେଲେ ଏବେ ଏତେ ଜଞ୍ଜାଳ ବୋଝ ଯେ, କେମିତି ଅଧିକ କାମ କରି ପରିବାରର ଛୋଟ ବଡ଼ ଆବଶ୍ୟକତା ପୂରଣ କରିବି ସେଇ ଚିନ୍ତା । ତେଣୁ ଘରୁ ମୁଁ ସକାଳୁ ବାହାରିଯାଏ ଆଉ ଡେରି ରାତିରେ ପହଞ୍ଚେ ।''

ମିନତି ''ନୂଆ ନୂଆ ବାହାହୋଇ ଆସିଲା ପରେ ସବୁ ଠିକ୍ଠାକ୍ ଚାଲିଥିଲା । ହେଲେ ଧୀରେ ଧୀରେ ଦିହିଙ୍କଠୁ କେବେ ଦୁହେଁ ଦୂରେଇଗଲୁ ଜଣାପଡ଼ିଲାନି । ଆଗରୁ ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ ଆଉ ଏବେ ନିଜ ପିଲାମାନେ ଆମର ପ୍ରାଥମିକତା । ତେଣୁ ତା' ଭିତରେ ଦିହିଙ୍କ ସମ୍ପର୍କ କଥା ପଚାରେ କିଏ ।''

ଆଜିକାଲି ବିଭିନ୍ନ କାରଣ ନେଇ ଉଭୟ ମହିଳା ଓ ପୁରୁଷ ଚାପଗ୍ରସ୍ତ । ଆଉ ସେଥିପାଇଁ ପାରିବାରିକ କଳହ, ଘରୋଇ ହିଂସା, ଛାଡ଼ପତ୍ର, ହତ୍ୟା ଏସବୁ ଯେମିତି ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଆମ ଜେଜେମା' ଜେଜେବାପା, ଆମ ମା'-ବାପା ଆଉ ଆମର ଏବେକାର ସମ୍ପର୍କ ଭିତରେ ଯେମିତି ଆକାଶପାତାଳ ତଫାତ୍ । ସେତେବେଳେ ଆର୍ଥିକସ୍ତରରେ ଏତେ ସ୍ୱଚ୍ଛଳ ନ ଥିଲେ ବି ମାନସିକସ୍ତରରେ ସେମାନେ ଆମଠୁ ଥିଲେ ଢେର୍ ଆଗରେ । ଯୌଥ ପରିବାରର ମଜା ଥିଲା ଅଲଗା । ପରସ୍ପର ପ୍ରତି ସ୍ନେହ, ଆଦର, ଅସୁବିଧାରେ ଜଣେ ଅନ୍ୟ ଜଣଙ୍କର ସାହାରା ହେବା, ସମ୍ପର୍କକୁ ନିଜ ନିଜ ଭିତରେ ସଜାଡ଼ି ରଖିବା ଯେମିତି ସେମାନଙ୍କ ପାଇଁ ବେଶ୍ ସହଜ ଥିଲା । କିନ୍ତୁ ଏବେ ପରିବାର କହିଲେ ମା'-ବାପା ଆଉ ଛୁଆ । ତା'ସହ ମୋଟାଅଙ୍କର ଦରମା ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ଆମ ସମ୍ପର୍କକୁ ଯୋଡ଼ିପାରୁନାହିଁ । ଭବିଷ୍ୟତକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁ କରୁ ଆମେ ଯେମିତି ବର୍ତ୍ତମାନକୁ ନିଜଠୁ ଦୂରେଇ ଦେଇଛେ । 'ଆଜି'ଠାରୁ ଆମକୁ 'ଆସନ୍ତାକାଲି'ର ନିଶା ବେଶି ଘାରିଛି । ତେଣୁ ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ବଳିପଡୁଛି । ଉଭୟ ଶାରୀରିକ ଓ ମାନସିକସ୍ତରରେ ସମ୍ପର୍କ ଦୁର୍ବଳ ହେଉଛି, ଯାହାର ପ୍ରଭାବ ପିଲାମାନଙ୍କ ଉପରେ ପଡୁଛି । କାମର ଚାପ, ଦାୟିତ୍ୱ ବୋଝ, ପରିବାର ଭରଣପୋଷଣର ଭାର, ଛୁଆର ଭବିଷ୍ୟତ ଏସବୁ ଭିତରେ ପେଷିହୋଇ ମଣିଷ କେବେ ନିଜଠୁ ଓ ନିଜ ଲୋକଙ୍କଠୁ ଦୂରେଇ ଯାଉଛି ଜାଣିହେଉନି । ଘରେ ନୁହେଁ ବରଂ ବାହାରେ ସାଙ୍ଗସାଥୀ, ଶୁଭେଚ୍ଛୁଟିଏ ହାନିଲାଭ ପଚାରିବାକୁ ଅଧିକ ଗୁରୁତ୍ୱ ଦେଉଛି । ନିଜ ଅଜାଣତରେ ନିଜ ଲୋକଙ୍କୁ ପଛରେ ଛାଡ଼ି ଅନ୍ୟ କାହା ସହ ସମୟ ବିତେଇବା, କଥାହେବା, ସାମାଜିକ ଗଣମାଧ୍ୟମ ଜରିଆରେ ସମ୍ପର୍କକୁ ନିବିଡ଼ କରିବାଟାକୁ ଅଧିକ ଗୁରୁତ୍ୱ ଦେଉଛି ।



ଅନେକ ସମୟରେ ଜଞ୍ଜାଳ ଭିତରେ ଫସି ସ୍ୱାମୀ-ସ୍ତ୍ରୀ ଉଭୟ ଉଭୟଙ୍କର ମନକଥା କହିପାରନ୍ତିନି । କେବେକେବେ ଜଣେ ଅନ୍ୟ ଜଣକୁ ବୁଝନ୍ତିନାହିଁ । ଆଉ କେବେକେବେ ମୁଁ କାହିଁକି ଆଗ କହିବି ସେ କହୁ, ମୁଁ କାହିଁକି ଆଗ ବୁଝେଇବି, ସେ କ'ଣ ମୋ ମନକଥା ବୁଝିପାରୁନାହିଁ, ଏମିତି ଭାବନାରେ ମାସ ମାସ ବିତିଯାଏ । ଆଉ ତା' ଭିତରେ ଗୋଟିଏ ଛାତ ତଳେ ରହିଲେ ବି ମାନସିକସ୍ତରରେ ସେମାନେ ଉଭୟ ଉଭୟଙ୍କଠୁ ବହୁ ଦୂରକୁ ଚାଲିଯାଆନ୍ତି । ସ୍ୱାମୀ-ସ୍ତ୍ରୀ ସମ୍ପର୍କ କେବଳ ଶାରୀରିକ ନୁହେଁ ବରଂ ମାନସିକ ବି । ହେଲେ ଆମ ସାମାଜିକ ଚଳଣି ଏମିତି, ଯୋଉଥିପାଇଁ ଏବେ ବି ଏସବୁକୁ ନେଇ ପରିବାରର ଅନ୍ୟ ସଦସ୍ୟମାନେ କଥାହେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ ମନୋମାଳିନ୍ୟ ହେଲେ ସାଧାରଣତଃ ଘରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଏକୁଟିଆ ଛାଡ଼ିଦିଅନ୍ତି । ତେଣୁ ଅନେକ ସମୟରେ ସେମାନଙ୍କୁ କେହି ଟିକିଏ ବୁଝେଇଦେଲେ ଯେଉଁ କଥାର ସମାଧାନ ହୋଇଯିବା କଥା ସେଇଟି ହୁଏନାହିଁ । ଦୁଇଟି ଲୋକ ମାନସିକ ଓ ଶାରୀରିକସ୍ତରରେ ଯେତେ ନିବିଡ଼ ତାଙ୍କ ସମ୍ପର୍କ ସେତେ ସୁଦୃଢ଼ । ହେଲେ ଯୋଉଠି ମଣିଷକୁ ଲାଗେ ତା' ମନର ମଣିଷ ତାକୁ ସେତିକି ଗୁରୁତ୍ୱ ଦେଉନାହିଁ, ସେଇଠି ସମସ୍ୟା ହେବା ଆରମ୍ଭ ହୁଏ । କଥାଟା ସତ ହେଉ କି ସେ ଲୋକର ଭାବନା, କାରଣ ଯାହାହେଉନା କାହିଁକି ସମ୍ପର୍କରେ ଫାଟ ହେବା ଆରମ୍ଭ ହୁଏ । ମନୋବିଜ୍ଞାନୀ ଗୀତା ଦାସ (କାନାଡ଼ା)ଙ୍କ ମତରେ, ଅନ୍ୟ ଲୋକର ବ୍ୟବହାର ଓ କଥାବାର୍ତ୍ତା ଯେମିତି ଆମ ମନରେ ଭଲ ବା ଖରାପ ପ୍ରତିକ୍ରିୟା ସୃଷ୍ଟିକରେ, ସେମିତି ଆମ ବ୍ୟବହାର ଓ କଥାବାର୍ତ୍ତା ତା' ମନରେ ମଧ୍ୟ ଭଲ କି ଖରାପ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଏଥିପାଇଁ କ୍ରିୟା-ପ୍ରତିକ୍ରିୟାର ବିଷଚକ୍ର ଭାଙ୍ଗିବାକୁ ପଡ଼ିଲେ ଅନ୍ୟ ଲୋକକୁ ଅପେକ୍ଷା ନ କରି ନିଜକୁ ଆଗକୁ ଆସିବାକୁ ପଡ଼ିବ । ଅନ୍ୟ ଲୋକର ବ୍ୟବହାର ଉପରେ ଆପଣଙ୍କର ନିୟନ୍ତ୍ରଣ ନାହିଁ । କିନ୍ତୁ ନିଜ ବୁଝାମଣା, କଥାବାର୍ତ୍ତା, ବ୍ୟବହାର, ମନୋଭାବ ବଦଳାଇପାରିଲେ ପରୋକ୍ଷ ଭାବରେ ଅନ୍ୟର ବ୍ୟବହାରକୁ ପ୍ରଭାବିତ କରିପାରିବେ ।

ଯଦି କେହି ତମ ଜୀବନରୁ କେବେ ଦୂରେଇଯାଏ, ତୁମ କାହାଣୀର ଅନ୍ତ ହୁଏନାହିଁ । ବରଂ ତୁମ କାହାଣୀରେ ତା' ଚରିତ୍ରର ଅନ୍ତ ହୁଏ । ସମୟ ସହ ସମ୍ପର୍କ ବି ଲିପାପୋଛା ଖୋଜେ, ମରାମତି ଖୋଜେ । କେବେ ସଜଡ଼ା ସମ୍ପର୍କ ଅସଜଡ଼ା ଲାଗେ ତ ଆଉ କେବେ ଦୀର୍ଘ ବର୍ଷର ଅସଜଡ଼ା ସମ୍ପର୍କ ପୁଣିଥରେ ସଜାଡ଼ି ହୋଇଯାଏ । ସମୟ ସ୍ରୋତରେ ନିଜକୁ ସମ୍ଭାଳି ନ ପାରି ଅନେକେ ଦିଗହରା ହୁଅନ୍ତି, ଅଧାବାଟରେ ଝୁଣ୍ଟିପଡ଼ନ୍ତି । ବୟସ ସହ ପରିପକ୍ୱତା ବି ବଢ଼େ । ତେଣୁ ପଛକୁ ଫେରି ଭାଙ୍ଗିଯାଇଥିବା ସମ୍ପର୍କ ଆଉ ଉଜୁଡ଼ା ସଂସାରକୁ ଦେଖିଲାବେଳେ ଅନେକେ ଭାବନ୍ତି, ବୋଧହୁଏ ସେ ସମୟର ନିଷ୍ପତ୍ତିଟା ଭୁଲ୍ ଥିଲା । ପଛକୁ ଫେରି ଉଜୁଡ଼ା ସମ୍ପର୍କକୁ ସଜାଡ଼ିବାକୁ ମନ ବଳାଇଲେ ବି ଆଉ ପରିସ୍ଥିତି ନ ଥାଏ ।

ମୋ:୯୩୩୮୫୬୬୫୮୭

## ଏଇ ଭାରତରେ

ପ୍ରାଣୀଙ୍କ ପ୍ରତି ସମର୍ପିତ ମୁମ୍ବାଇର ହରସିମରନ ବାଲିଆ ଏବଂ ତାଙ୍କ ପରିବାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି । ହରସିମରନ ସଡ଼କରେ ଆହତ ପ୍ରାଣୀ ମୁଖ୍ୟତଃ କୁକୁରମାନଙ୍କୁ ଉଦ୍ଧାର କରି ଘରେ ଆଶ୍ରୟ ଦେଉଛନ୍ତି । ଏହି କାର୍ଯ୍ୟରେ ତାଙ୍କ ପରିବାର ପୂର୍ଣ୍ଣ ସହଯୋଗ କରୁଛି । ଏବେ ସୁଦ୍ଧା ତାଙ୍କ ପରିବାର ୧୦୦ରୁ ଊର୍ଦ୍ଧ୍ୱ ପ୍ରାଣୀ ରଖିଛନ୍ତି । ହରସିମରନ ଓ ତାଙ୍କ ମା'ଅମନ ବାଲିଆ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଖୁଆଉଛନ୍ତି । କେବଳ ଏତିକି ନୁହେଁ, ପ୍ରତିଦିନ ବାହାରେ ରାସ୍ତାରେ ବୁଲୁଥିବା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି । ପ୍ରତିଦିନ ଏଥିପାଇଁ ୫,୦୦୦ ଟଙ୍କା ଖର୍ଚ୍ଚ ହେଉଛି । ଏହି କାର୍ଯ୍ୟ ପରିଚାଳନା କରିବା ଲାଗି ହରସିମରନଙ୍କ ପରିବାର ତାଙ୍କ ଘର ବିକ୍ରି କରିଦେଇ ଏବେ ସେମାନେ ସହର ବାହାରେ ଗୋଟିଏ ଛୋଟ ଘରେ ରହି ସେଠାରେ ପ୍ରାଣୀମାନଙ୍କୁ ରଖୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୬ ମେ ୧୯୯୮

- ଆସାମରେ ଏଜିପି ନେତୃତ୍ୱାଧୀନ ମିଳିତ ସାମ୍ମୁଖ୍ୟଠାରୁ ମିଳିତ ସଂଖ୍ୟାଲଘୁ ସାମୁଖ୍ୟର ସମର୍ଥନ ପ୍ରତ୍ୟାହାର ।
- ମଣିପୁର ମୁଖ୍ୟମନ୍ତ୍ରୀ ଡବ୍ଲ୍ୟୁ ଜିପମାଚାସିଂଙ୍କ ମନ୍ତ୍ରିପରିଷଦରୁ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଏଲ୍. ଯାତ୍ରା ସିଂ ବହିଷ୍କୃତ ।
- ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର 'ଘୌରୀ' ପରୀକ୍ଷା ପାଇଁ ପାକିସ୍ତାନ ବିରୁଦ୍ଧରେ ଆମେରିକାର କଟକଣା ଲାଗୁ ।
- ଶ୍ରୀଲଙ୍କା ସୈନ୍ୟମାନେ ପୂର୍ବ ବାଲାଚେନାଇ, ମାଙ୍କୁଲମ୍ ଓ ଜାଫନା ଦ୍ୱିପାଞ୍ଚଳରେ ଚଢ଼ାଉ କରି ଏକ ବଙ୍କରକୁ ଧ୍ୱଂସ କରି ଦେଇଥିବା ବୋଲେ ୧୪ ବିଦ୍ରୋହୀ ନିହତ ହୋଇଛନ୍ତି ।

## ଚିରନ୍ତନୀ

ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | | |
| | 2 | | | | 6 | | 4 | |
| | 1 | | 9 | 3 | 4 | | | |
| | 4 | | | | | | 5 | |
| | | | | | 1 | | | |
| | | 5 | | | | | | 6 |
| 7 | | 6 | | 5 | 3 | 1 | | |
| | | | | | | 9 | | |
| | | | | 6 | | 5 | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 5 | 6 | 3 | 8 | 2 |
| 6 | 8 | 5 | 3 | 4 | 2 | 9 | 7 | 1 |
| 2 | 3 | 9 | 1 | 8 | 7 | 6 | 4 | 5 |
| 3 | 9 | 2 | 6 | 1 | 8 | 4 | 5 | 7 |
| 5 | 4 | 6 | 2 | 7 | 3 | 1 | 9 | 8 |
| 8 | 1 | 7 | 4 | 9 | 5 | 2 | 6 | 3 |
| 7 | 6 | 4 | 5 | 3 | 1 | 8 | 2 | 9 |
| 9 | 5 | 3 | 8 | 2 | 4 | 7 | 1 | 6 |
| 1 | 2 | 8 | 7 | 6 | 9 | 5 | 3 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଅଘୋଷିତ ବିଦ୍ୟୁତ୍ କାଟ

ମହାଶୟ,

ଏବର୍ଷ ରାଜ୍ୟରେ ପାୱାର କଟ ହେବନି ବୋଲି ଶକ୍ତି ମନ୍ତ୍ରୀ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ଗଣମାଧ୍ୟମର କାଳ୍ପନିକ ଖବର ବିଦ୍ୟୁତ୍ କାଟ ନ ହେଉଣୁ ଏହାକୁ ଆଶଙ୍କା କରୁଛନ୍ତି । ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି । ସତ୍ୟବାଦୀ(ସାକ୍ଷୀଗୋପାଳ) ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାରେ ଟାଟା ପାୱାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଲକ୍ଷ୍ୟ କରାଯାଉଛି । ସରକାରଙ୍କ ପକ୍ଷରୁ ବିଦ୍ୟୁତ କାଟ ହେବନାହିଁ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦୈନିକ ୧୫ରୁ ୨୦ ଥର ବିଦ୍ୟୁତ କାଟ ହେଉଛି । ଗତ ମାର୍ଚ୍ଚ ମାସରେ ଟାଟା କମ୍ପାନୀ ପକ୍ଷରୁ ବକେୟା ଅର୍ଥ ସମ୍ପୂର୍ଣ୍ଣ ଆଦାୟ କରାଯାଇଥିଲେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଅଞ୍ଚଳବାସୀ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଦ୍ୟୁତ କାଟ ଯୋଗୁ ପାନୀୟ ଜଳ ଯୋଗାଣ ବି ବାଧାପ୍ରାପ୍ତ ହେଉଛି । ଫଳରେ ଜନସାଧାରଣ ପାନୀୟ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି । ଏ ସମ୍ପର୍କରେ ସାକ୍ଷୀଗୋପାଳସ୍ଥିତ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ବି ସମ୍ଭବ ହେଉନାହିଁ । ଏଣୁ ଆଗକୁ ଏହି ଅଞ୍ଚଳରେ କିଭଳି ବିଦ୍ୟୁତ କାଟ ନ ହେବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଆବଶ୍ୟକ ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସ ଅଧିକାରୀଙ୍କ ଘରୁ ଚୋରି

## ସୁନା, ରୁପା ଓ ୫୦ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

**ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୫।୫:** ରାୟଗଡ଼ା ବ୍ଲକ କୋଡାପେଟା ପଞ୍ଚାୟତ ଅନ୍ତର୍ଗତ ସାଇପ୍ରିୟା ୧୧ ନମ୍ବର ଗଳିରେ ରହୁଥିବା ଜଣେ ଅତିରିକ୍ତ ଥାନାଧିକାରୀଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। କଳାହାଣ୍ଡି ଜିଲା କେସିଙ୍ଗା ଥାନାରେ ଅତିରିକ୍ତ ଥାନାଧିକାରୀ ଅନୁପ ଶତପଥୀ ପରିବାର ସହିତ କେସିଙ୍ଗାରେ ରହୁଛନ୍ତି। ଖଲିଗୁଡ଼ା ଠାରେ ରହୁଥିବା ତାଙ୍କ ଶାଶୁ ଶ୍ୱଶୁର ସାଇପ୍ରିୟାସ୍ଥିତ ଅନୁପଙ୍କ ଘରେ ରାତିରେ ଶୋଇଥାନ୍ତି। ଗୁରୁବାର ରାତିରେ ଶାଶୁ ଅସୁସ୍ଥତା ଅନୁଭବ କରିବାରୁ ସେଠାକୁ କେହି ଯାଇ ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଦୁଇଟି ଆଲମିରା, ଗୋଟିଏ ଟେବୁଲ ଡ୍ର ତାଲା ଭାଙ୍ଗି ସୁନା, ରୁପା ଓ ଟଙ୍କା ଚୋରି କରିନେଇଛନ୍ତି। ଘରୁ ପ୍ରାୟ ୮୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା, ୫୦୦ ଗ୍ରାମରୁ ଉର୍ଦ୍ଧ୍ୱ ରୁପା ଏବଂ ୫୦ ହଜାର ଟଙ୍କା ଚୋରି କରିନେଇଛନ୍ତି। ଚୋରି ହୋଇଥିବା ସୁନା ମଧ୍ୟରେ ୩ଟି ହାର, କାନ ଫୁଲ ଓ ମୁଦି ରହିଛି। ଉକ୍ତ ସାହି ପ୍ରାରମ୍ଭରେ ଏକ କଲେଜର ଛାତ୍ରାବାସ ରହିଛି ଏବଂ ଅନୁପଙ୍କ ଘର ପରେ ଏକ ନବ ନିର୍ମିତ ଘର ଅଛି। ଏହାଛଡ଼ା ପାଖାପାଖି ଘର ସଂଖ୍ୟା ବହୁତ କମ୍। ଅନୁପଙ୍କ ଘରେ ତାଲା ପଡ଼ିଥିବା ଦେଖି ଫାଇଦା ଉଠାଇଛନ୍ତି ଦୁର୍ବୃତ୍ତ। ପୋଲିସର ଉପଯୁକ୍ତ ପାଟ୍ରୋଲିଂ ହେଉ ନଥିବା କାରଣରୁ ଏଭଳି ଚୋରି ଘଟୁଛି ବୋଲି ସାଧାରଣରେ ଆଲୋଚନା ଚାଲିଛି।



ଦୁର୍ବୃତ୍ତ ସୁନାଗହଣା ନେବା ପରେ ଖୋଲାପଡ଼ିଥିବା ଡ୍ରୟାର।



ମହାପ୍ରଭୁଙ୍କ ଦର୍ଶନ ସାରି ଶୁକ୍ରବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି

**ପୁରୀ ଅଫିସ, ୫।୫**

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ମଧ୍ୟରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।

ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଅପରାହ୍ନ ପ୍ରାୟ ୨ଟା ୩୦ରେ ପୁରୀରେ ପହଞ୍ଚିଥିଲେ। ସିଂହଦ୍ୱାର ସମ୍ମୁଖରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ସେବାୟତମାନେ ତାଙ୍କୁ ସ୍ୱାଗତ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ଚନ୍ଦ୍ରଚୂଡ଼ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହମାନଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ମୁକ୍ତିମଣ୍ଡପ ନିକଟକୁ ଯାଇ ବ୍ରାହ୍ମଣମାନଙ୍କଠାରୁ ଆଶୀର୍ବାଦ ନେବା ସହ ମା’ ବିମଳା, ମା’ ମହାଲକ୍ଷ୍ମୀ, ବଟ ଗଣେଶ, ହନୁମାନ, ସାକ୍ଷୀଗୋପାଳ ମନ୍ଦିର ସହ ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରିସରରେ କିଛି ସମୟ ବିତାଇବା ପରେ ପ୍ରସ୍ଥାନ କରିଥିଲେ।

### ଦାରୁଦିଅଁଙ୍କ ଆଶୀର୍ବାଦ ନେଲେ ଉତ୍ତରାଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି

ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନ ବିଚାରପତିଙ୍କୁ ମହାପ୍ରଭୁଙ୍କ ପତିତପାବନ ବାନା, ଶ୍ରୀଅଙ୍ଗଲାଗି ଖଣ୍ଡୁଆ, ମହାପ୍ରସାଦ, ପଟ୍ଟଚିତ୍ର ଏବଂ ମହାପ୍ରଭୁଙ୍କ ସ୍ମାରକୀ (ରଥକାଠ, ରଥ ଦଉଡ଼ି, ନିର୍ମାଲ୍ୟ, ଶିରିକାପଡ଼ା, ଶରଧାବାଲି) ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସୂଚନା ଦେଇ ସେବାୟତ ମଧୁସୂଦନ ସିଂହାରୀ କହିଛନ୍ତି, ପ୍ରଧାନ ବିଚାରପତି ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇଥିଲେ। ସେ ଆଶିଷ ନେବା ସହ ଖୁସି ବ୍ୟକ୍ତ କରିଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ସେବାୟତଙ୍କୁ ପଚାରି ବୁଝିଥିଲେ। ସେହିପରି ସୁପ୍ରିମକୋର୍ଟ ବିଚାରପତି ରାଜେଶ ବିନ୍ଦାଲ ଏବଂ ଉତ୍ତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ବିପିନ ସାଂଘୀ ଶ୍ରୀମନ୍ଦିର ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। ଉଭୟଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର, ରଥକାଠ, ରଥ ଦଉଡ଼ି ଓ ନିର୍ମାଲ୍ୟ ପ୍ରଦାନ କରାଯାଇଥିଲା।

# ଯାଜପୁରର ପୂର୍ବତନ ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ଜବାବ ଦାଖଲ ନୋଟିସ

## ବିଛାଖଣ୍ଡି କଳାପଥର ହରିଲୁଟ୍ ମାମଲା

- ଭିଜିଲାନ୍ସ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ
- ୩ ତହସିଲଦାର, ୨ ଆର୍‌ଆଇ, ୮ ଜଣ ଲିଜ୍‌ଧାରୀଙ୍କୁ ମଧ ନୋଟିସ

**ଯାଜପୁର ଅଫିସ,୫।୫**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି କଳାପଥର ଖାଦାନରୁ ହରିଲୁଟ ମାମଲାରେ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ପକ୍ଷରୁ ଲୋକାୟୁକ୍ତରେ ତଦନ୍ତ ରିପୋର୍ଟ ଦାଖଲ ହୋଇଛି। ଏହି ରିପୋର୍ଟରେ ୨୦୦ କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ଦର୍ଶାଇ ତତ୍କାଳୀନ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସମେତ ୩ ଜଣ ପୂର୍ବତନ ତହସିଲଦାର, ୨ ଜଣ ରାଜସ୍ୱ ନିରୀକ୍ଷକ ଏବଂ ୮ ଜଣ ଲିଜ୍‌ଧାରୀଙ୍କୁ ଦାୟୀ କରାଯାଇଛି। ଉକ୍ତ ଭିଜିଲାନ୍ସ ରିପୋର୍ଟ ଆଧାରରେ ଲୋକାୟୁକ୍ତଙ୍କ ପକ୍ଷରୁ ଉପରୋକ୍ତ ଅଧିକାରୀ ଓ ଲିଜ୍‌ଧାରୀମାନଙ୍କୁ ୨୩।୬।୨୦୨୩ ସୁଦ୍ଧା ଜବାବ ଦାଖଲ କରିବାକୁ ନୋଟିସ ଜାରି ହୋଇଛି।

ବିଛାଖଣ୍ଡି ପାହାଡ଼ରେ ଚାଲିଥିବା ବ୍ୟାପକ କଳାପଥର ଲୁଟ୍ ସମ୍ପର୍କରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଅଭିଯୋଗକ୍ରମେ ଲୋକାୟୁକ୍ତରେ ଏକ ମାମଲା (୧୨୦/୨୦୨୧) ରୁଜୁ ହୋଇଛି। ସୂଚନା ଅଧିକାର ଆଇନ ବଳରେ ବେହୁରାଙ୍କୁ ମିଳିଥିବା ତଥ୍ୟ ଅନୁସାରେ ୮୯୦ ଏକର ପରିମିତ ବିଛାଖଣ୍ଡି ସଂରକ୍ଷିତ ଜଙ୍ଗଲରେ କଳାପଥର ଖଣି ଲିଜ୍ ଦେବାପାଇଁ କେନ୍ଦ୍ର ସରକାର କୌଣସି ଅନୁମତି ଦେଇନାହାନ୍ତି। କିନ୍ତୁ ଖଣି ମାଫିଆମାନେ ବେଆଇନ ଭାବେ ବିପୁଳ ପରିମାଣର କଳାପଥର ଉତ୍ତୋଳନ କରୁଥିବା ସମ୍ପର୍କରେ ତତ୍କାଳୀନ ଡିଏଫ୍‌ଓ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୮।୨।୨୦୧୯ରେ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ବେହୁରା ୧୨।୦୭।୨୦୧୯ରେ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବରଂ ବିଛାଖଣ୍ଡି ପାହାଡ଼ ନିକଟରେ ୧୨ଟି କ୍ରଶର୍ ୟୁନିଟ୍ ଚାଲିବା ପାଇଁ ପ୍ରଶାସନିକ ଅନୁମତି ମିଳିଥିଲା। ଫଳରେ ବେହୁରା ୮।୨।୨୦୨୧ରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ତଦନୁଯାୟୀ ଲୋକାୟୁକ୍ତଙ୍କ ପକ୍ଷରୁ ଜିଲାପାଳ ଏବଂ ତହସିଲଦାରଙ୍କୁ ନୋଟିସ ଦିଆଯିବା ସହ ତଦନ୍ତ ପାଇଁ ରାଜ୍ୟ ଭିଜିଲାନ୍ସକୁ ନିର୍ଦ୍ଦେଶ ହୋଇଥିଲା। ଭିଜିଲାନ୍ସ ଏହି ମାମଲାରେ ୨୮।୪।୨୦୨୩ରେ ରିପୋର୍ଟ ପ୍ରଦାନ କରିଥିଲା। ଚୋରା କଳାପଥର ଆକଳନ ପାଇଁ ଭିଜିଲାନ୍ସ ପକ୍ଷରୁ ଭାରତ ସରକାରଙ୍କ ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିମୋଟ୍ ସେନ୍‌ସିଂ ସେଣ୍ଟର ଏବଂ ଇସ୍ରୋର ସହାୟତା ନିଆଯାଇଥିଲା। ଭିଜିଲାନ୍ସ ରିପୋର୍ଟରେ ଜିଲାପାଳ ଦାସଙ୍କ ସମେତ ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା, ଶୀତଳ ଅଗ୍ରୱାଲ ଓ ସରୋଜ କୁମାର ପଣ୍ଡା, ପୂର୍ବତନ ରାଜସ୍ୱ ନିରୀକ୍ଷକ ବୀରକିଶୋର ମହାରଣା ଓ ସୁଶାନ୍ତ କୁମାର ସ୍ୱାଇଁ ଏବଂ ଲିଜ୍‌ଧାରୀ ସନ୍ଦୀପ ଚନ୍ଦକ, ମଞ୍ଜିତ ଚାୱାଲା, ଅମନ ସେଠୀ, ଜ୍ଞାନରଞ୍ଜନ ମହାପାତ୍ର, ଧ୍ରୁବାନନ୍ଦ ପ୍ରଧାନ, ଜୟନ୍ତ କୁମାର ଜେନା, ସତ୍ୟସାଇ କନଷ୍ଟ୍ରକ୍ସନ(ପାର୍ଟନର: ସୁଶାନ୍ତ ପରିଡ଼ା) ଏବଂ ନିହାରରଞ୍ଜନ ମାନ୍ଧାତାଙ୍କୁ ଏହି ଅନିୟମିତତା ପାଇଁ ଦାୟୀ କରାଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେସନ ପରିସରରେ ନୂତନ "ଫୁଡ୍ ପ୍ଲାଜା" ନିମନ୍ତେ ନିମ୍ନୋକ୍ତ କର୍ମଚାରୀ ଆବଶ୍ୟକ ।
୧) କ୍ୟାସିୟର, ୨) କୁକ୍ ଏବଂ ୩) କାଉଣ୍ଟର ବଏ
ନିଜର ବାୟୋଡାଟା 8435738670 ରେ ହ୍ୱାଟ୍ସଆପ୍ କରିବା ସହିତ ଶୀଘ୍ର ଯୋଗାଯୋଗ କରନ୍ତୁ ।

**WANTED**
Required PHARMA SALES REPRESENTATIVE.
Mob.No.:
8763174402
9692266944

**Walk-In-Interview**
Required For all Districts of Odisha
For Photo Copier & Printer Product
1. Zonal Sales Executive 15 Nos. (Min. 3-4 years experience in corporate marketing in IT/Office automation) Qualification-Graduate with good communication skill & having owned two wheeler is must. Fresher may apply.
2. SERVICE ENGINEER- 5 Nos. (Min. 2-3 years experience in servicing of printer/MFP/Copier) Qualification- ITI/ Diploma in Electronics & Electrical. Having owned two wheeler is must.
Interested candidates may Walk-In-Interview on 3rd May to 10th May between 10 A.M. to 4 P.M along with Bio-Data at
Gayatrree Docutechs Pvt.Ltd.
Gayatri House, Plot No.892/1498, Nayapalli,Bhubaneswar, Khurdha, Odisha-751012, Contact:9089123456/8249136920


# ଗାଡ଼ି କିସ୍ତି ଦେବାକୁ ଆସୁଥିଲେ: ଦୁର୍ଘଟଣାରେ ଦାଦା, ପୁତୁରା ମୃତ

**କାମାକ୍ଷାନଗର, ୫।୫(ଡି.ଏନ୍.ଏ.)**

ଯେଉଁ ଗାଡ଼ିର ଇଏମ୍‌ଆଇ କିସ୍ତି ଦେବାକୁ ଆସୁଥିଲେ ସେହି ଗାଡ଼ି ଦୁର୍ଘଟଣାରେ ଲିଭିଗଲା ଦାଦା, ପୁତୁରାଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବନ୍ଦାଣିଆ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ ଯାଜପୁର ଜିଲା କାଳିଆପାଣି ଥାନା ଟାଟା ମାଇନ୍ସ ମହ୍ଲାର ସାହିର ଡୁଗୁ ମାଙ୍କଡ଼ିଆ (୨୨) ଏବଂ ତାଙ୍କ ସମ୍ପର୍କୀୟ ପୁତୁରା ସିଦ୍ଧାନ୍ତ ମାଙ୍କଡ଼ିଆ (୧୮)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଡୁଗୁ ଏବଂ ସିଦ୍ଧାନ୍ତ ଏକ ବାଇକ୍ (ନଂ. ଓଡ଼ି ୦୬ ଏଲ୍ ୬୧୧୩)ର ଋଣ କିସ୍ତି ଅର୍ଥ ପୈଠ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ତେବେ ବନ୍ଦାଣିଆ ଛକରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୭୭/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।


**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg,Bhubaneswar- 751001
Ref. No OSCB/RR&DD/ 716 /2023-24 Date : 05.05.2023

**ବିଶେଷ ସୂଚନା**

No.LL:ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କର ସମସ୍ତ ଏକାଉଣ୍ଟ K.Y.C. ପୂର୍ତ୍ତି କରିବା ପାଇଁ ପରିଚୟ ପ୍ରମାଣ ପତ୍ର, ଠିକଣା ପ୍ରମାଣ ପତ୍ର କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂ କରୁଥାନ୍ତୁ ନା କାହିଁକି । ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣ ପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ, ଏବେକାର ଦୁଇଟି ପାସ୍‌ପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତା.୩୧ ମଇ ୨୦୨୩ ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ ।
ସୂଚନାଯୋଗ୍ୟ: ଯଦି ସେଭିଂସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହେଉନଥିଲେ ତଥା K.Y.C. ପୂର୍ତ୍ତି ହୋଇନଥିଲେ, କୌଣସି ସୂଚନା ନଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ।

ପରିଚାଳନା ନିର୍ଦ୍ଦେଶକ
OIPR-39012/11/0006/2324

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 02-KUR-TRD-OT-2023-24
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ଜଖପୁରା-ନିର୍ଗୁଣ୍ଡି, ଖୋର୍ଦ୍ଧା ରୋଡ଼-ଭୁଷଣ୍ଡପୁର ଏବଂ ଗୋଲନ୍ଥ୍ରା-ପଲାସା ସେକ୍ସନରେ ଅଟୋ ସେକ୍ସନ (Auto Section) ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ଅଗ୍ରଜିଲାରୀ ଟ୍ରାନ୍ସଫର୍ମର (AT) ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹ 8,73,75,494.80, EMD: ₹ 5,86,900/-, ଶେଷ ହେବା ଅବଧି : 365 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.08.05.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2023 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-130/O/23-24


# ୧୫୦୦୦ ନଡ଼ିଆ ଭାଙ୍ଗିଲେ ବିଧାୟକ



ଆନ୍ଧ୍ରପ୍ରଦେଶର ସୀମାଞ୍ଚଳମ୍ ମନ୍ଦିରରେ ବିଧାୟକ ଓ ସମର୍ଥକମାନେ ନଡ଼ିଆ ଭାଙ୍ଗୁଛନ୍ତି।

**ସୋରଡ଼ା, ୫।୫ (ଡି.ଏନ୍.ଏ.)**

ନିର୍ବାଚନ ଆସିଲେ ନେତାଙ୍କ ମାନସିକ କଥା ମନେପଡ଼େ। ୨୦୨୪ ନିର୍ବାଚନକୁ ଆଉ ମାତ୍ର ବର୍ଷେରୁ କମ୍ ସମୟ ଥିବା ବେଳେ ୨୦୧୯ର ମାନସିକ କଥା ମନେପକାଇଛନ୍ତି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ଆନ୍ଧ୍ରପ୍ରଦେଶର ସୀମାଞ୍ଚଳମରେ ଥିବା ବରାହଲକ୍ଷ୍ମୀ ନରସିମ୍ହା ସ୍ୱାମୀ ମନ୍ଦିର ଯାଇ ମାନସିକ ପୂର୍ବକ ୧୫ ହଜାର ନଡ଼ିଆ ଭାଙ୍ଗିଛନ୍ତି।

ପ୍ରକାଶ ଯୋଗ୍ୟ, ସୋରଡାରୁ ତିନିଥର ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ସ୍ୱାଇଁ ପ୍ରଥମେ ୨୦୦୯ ନିର୍ବାଚନରେ ୪୦୧୧ ଭୋଟ ବ୍ୟବଧାନରେ ଜିତିଥିଲେ। ସେତେବେଳେ ସେ ସେଠାରେ ୪୧୦୦ ନଡିଆ ଭାଙ୍ଗିଥିଲେ। ପୁନର୍ବାର ୨୦୧୪ରେ ୧୬୦୦୦ ବ୍ୟବଧାନରେ ନିର୍ବାଚନ ଜିତିବା ପରେ ଅନୁରୂପ ନଡିଆ ଭାଙ୍ଗିଥିଲେ। ସେହିପରି ୨୦୧୯ ନିର୍ବାଚନରେ ୧୩,୯୭୬ ଭୋଟରେ ଜିତିଥିଲେ। ସେତେବେଳେ ୧୫୦୦୦ ନଡିଆ ଭାଙ୍ଗିବା ପାଇଁ ମାନସିକ ରଖିଥିଲେ। ତେବେ କୋଭିଡ କଟକଣା, ବାପାଙ୍କ ଦେହାନ୍ତ ଓ ଶ୍ରାଦ୍ଧବାର୍ଷିକୀ ଶେଷ ହେବା ପରେ ନୃସିଂହ ଚତୁର୍ଦ୍ଦଶୀରେ କାର୍ଯ୍ୟ ସମ୍ପନ୍ନ ପାଇଁ ସ୍ଥିର କରିଥିଲେ। ପୂର୍ବ ପ୍ରସ୍ତୁତି କ୍ରମେ ବୁଧବାର ସୋରଡ଼ା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ଏନ୍‌ଏସି ଓ ବ୍ଲକ, ସୋରଡ଼ା ଏନ୍‌ଏସି ଓ ବ୍ଲକର ମୋଟ ୪୪ ପଞ୍ଚାୟତ ଓ ୨ ଟି ଏନ୍‌ଏସିରୁ ୧୦୦ରୁ ଉର୍ଦ୍ଧ୍ୱ ଗାଡ଼ିରେ ୬୦୦ରୁ ଅଧିକ ସମର୍ଥକ ସୋରଡ଼ାରେ ଏକତ୍ରିତ ହୋଇଥିଲେ। ବୁଧବାର ସମସ୍ତ ଗାଡି ସୀମାଞ୍ଚଳମ ଅଭିମୁଖେ ଯାତ୍ରା କରି ସେଠାରେ ଗୁରୁବାର ଭୋର ସମୟରେ ପହଞ୍ଚିଥିଲେ। ସାମୂହିକ ଭାବେ ଠାକୁର ଦର୍ଶନ କରିଥିଲେ। ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ୧୫ ହଜାର ନଡ଼ିଆ କିଣାଯାଇଥିଲା। ସକାଳ ୮ଟାରେ ପ୍ରଥମେ ବିଧାୟକ ନଡିଆ ଭଙ୍ଗା ଆରମ୍ଭ କରିଥିଲେ। ପରେ ସମସ୍ତେ ମିଶି ଭାଙ୍ଗିଥିଲେ। ସେଠାରେ ଏମ୍‌ପି ପ୍ରମିଳା ବିଶୋୟୀ ଉପସ୍ଥିତ ଥିଲେ। ସୋରଡ଼ା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଏନ୍‌ଏସି ଅଧ୍ୟକ୍ଷ ଫିରୋଜ ସେଠୀ, ଜିଲା ପରିଷଦ ସଭ୍ୟ ବିଦ୍ୟା ବିଶୋୟୀ, ସୋରଡା ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଜିଲା ପରିଷଦ ରାଜେଶ ସାହୁ, ପ୍ରଫୁଲ୍ଲ ମହାକୁଡ, ରାମ ଶବର, ସରପଞ୍ଚ ତ୍ରିଲୋଚନ ସାହୁ, ସମସ୍ତ କାଉନସିଲର, ଉପାଧ୍ୟକ୍ଷ, ସମିତିସଭ୍ୟ, ଦଳୀୟ ସଭାପତି ପ୍ରମୁଖ ସାମିଲ ହୋଇଥିଲେ।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014

**DEMAND NOTICE**

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961
RC/60/2022 27.03.2023
CANARA BANK, SAMBALPUR-II
Versus
BASANT KUMAR BEHERA

To
(CD 1) Basanta Kumar Behera, S/o. Suresh Kumar Behera, At: Sakhipara, Mohantypara, Sambalpur-1, At present at: Cherupada, PO: Modipara, Sambalpur-768002 (CD 2) Shri Suresh Kumar Behera, S/o: Late Gokul Chandra Behera, At: Sakhipara, Mohantypara, Sambalpur-1, At: present at Cherupada, PO: Modipara, Dist: Sambalpur-768002.
(CD 3) Sri Debendra Kissan, S/o: Sudershan Kisan, At: Sakhipara near Convent School, Sambalpur-768001.
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in OA/672/2017 an amount of Rs. 1315393.99 (Rupees Thirteen Lakhs Fifteen Thousands Three Hundred Ninety Three and Paise Ninety Nine Only) alongwith pendentellite and future interest @ 10% Simple Interest Yearly w.e.f. 15/12/2017 till realization and costs of Rs.16000 (Rupees Sixteen Thousands Only) has become due against you (Jointly and severally/Fully/Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under. 3. You are hereby ordered to declare on an affidavit the particulars of yours assets on or before the next date of hearing. 4. You are hereby ordered to appear before the undersigned on 19.06.2023 at 10.30 A.M. for further proceedings. 5. In addition to the sum aforesaid, you will also be liable to pay: (a) Such interests as is payable for the period commencing immediately after this notice of the certificate /execution proceedings. (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due. Given under my hand and the seal of the Tribunal, on this date 27.03.2023.
Recovery Officer
DEBTS RECOVERY TRIBUNAL, CUTTACK

No. W-02
न्याय सब के लिए
ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**
ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com
OIPR-18008/11/0005/2324

## ସଂକ୍ଷେପରେ

### ବିଏମ୍‌ସି ପକ୍ଷରୁ ବିଭିନ୍ନ ଦୋକାନ ଉପରେ ଚଢ଼ାଉ, ଜରିମାନା ଆଦାୟ



ଭୁବନେଶ୍ୱର ୫।୫ (ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରର ପରିମଳ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଛି। ନିଜ ଆଖପାଖ ପରିମୀତ ଅଞ୍ଚଳ ସଫା ସୁତୁରା ରଖିବା ସହ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି କ୍ରମରେ ଜନସାଧାରଣର ନିର୍ଦ୍ଦେଶର ପାଳନ କରୁଛନ୍ତି କି ନାହିଁ ତାହାର ତଦାରଖ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉଛି। ଶୁକ୍ରବାର ବିଏମ୍‌ସି ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ନୟାପଲ୍ଲୀ ଅଞ୍ଚଳର ବିଭିନ୍ନ ଦୋକାନ ଉପରେ ଚଢାଉ କରି ଏକକ ବ୍ୟବହାର ପ୍ଲାଷ୍ଟିକ ଜବତ କରାଯାଇଥିଲା। ଏଥିସହ ଦୋକାନୀମାନେ ଆଖପାଖ ଅଞ୍ଚଳ ଅପରିଷ୍କାର କରି ରଖିଥିବାରୁ ସେମାନଙ୍କ ଠାରୁ ଜରିମାନା ଜବତ କରାଯାଇଥିଲା। ବିଶେଷକରି ରାତି ସମୟରେ ବ୍ୟବସାୟୀମାନେ ଖାମଖିଆଲ ହୋଇ ଏଣେତେଣେ ଅଳିଆ ପକାଉଥିବା ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍, ପଲିଥିନ ଆଦି ବ୍ୟବହାର କରୁଛନ୍ତି। ତେଣୁ ଅମାନିଆଙ୍କୁ ସାବାଡ୍ କରିବାକୁ ଏବେ ବିଏମ୍‌ସି ପକ୍ଷରୁ ରାତି ସମୟରେ ଚଢାଉ କରାଯାଉଛି।

### ଓୟୁଏଟିରେ ଦେବୀ ପ୍ରସାଦ ରାୟଙ୍କ ଶୋକସଭା

ଭୁବନେଶ୍ୱର,୫।୫(ବ୍ୟୁରୋ) - ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ କୁଳପତି ତଥା ସୋଆର କୁଳାଧିପତି ପ୍ରଫେସର ଦେବୀ ପ୍ରସାଦ ରାୟଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟର ସ୍ୱାମୀନାଥନ୍ ହଲରେ ଏକ ଶୋକାସଭା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଭାତ କୁମାର ରାଉଳ, କୁଳସଚିବ ଲୋପାମୁଦ୍ରା ମହାନ୍ତି, ପିଜି ଡିନ୍ ପ୍ରଫେସର ଦେବରାଜ ବେହେରା ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସେହିପରି ଓଡ଼ିଶା ହର୍ଟିକଲଚର ସୋସାଇଟି ପକ୍ଷରୁ ମଧ ସ୍ୱର୍ଗତ ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ୪୦୦ରୁ ଊର୍ଦ୍ଧ୍ୱ ଅଧାପିକାଅଧାପକ ଓ କର୍ମଚାରୀ ଯୋଗଦେଇ ନିରବ ପ୍ରାର୍ଥନା କରିଥିଲେ। ପ୍ରଫେସର ତ୍ରିନାଥ ମହାରଣା, ଡ. ଚିତ୍ତ ରଞ୍ଜନ ମହାନ୍ତି, ଡ. ଶଶୀକଳା ବେଉରା, ଡ. ଯତୀନ୍ଦ୍ର ଦାସ, ଡ. ତୁଷାରକାନ୍ତି ଦାସ, ଡ. ପ୍ରଦ୍ୟୁମ୍ନ ତ୍ରିପାଠୀ, ଡ. ଦେବୀ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଠକ ମୌଲାନା କୈଫି ଖାନ୍‌ଙ୍କ ୮୦ ଆକାଉଣ୍ଟ

**କଟକ ଅଫିସ,୫।୫**

■ ମନ୍ତ୍ର, ପୂଜାପାଠରେ ସିନ୍ ରିକ୍ରିଏସନ୍ କଲା ପୋଲିସ

■ ୫୧ ଲକ୍ଷ ଟଙ୍କାର ବୀମା କାଗଜାତ, ଦାମୀ ଗାଡ଼ି ଜବତ

ମୌଲାନା କୈଫି ଖାନ୍ ରିମାଣ୍ଡର ତୃତୀୟ ଦିନରେ ପୋଲିସ୍‌କୁ ବେଶ୍ ସଫଳତା ମିଳିଛି। ପ୍ରଥମ ଦିନ ଜେରା ବେଳେ ଠକେଇ ବାବଦରେ ମାନି ନ ଥିବା କୈଫି ପୋଲିସ ଆଗରେ ଗୋଟିକ ପରେ ଗୋଟିଏ ଠକେଇ ଘଟଣାକୁ ସ୍ୱୀକାର କରିଛନ୍ତି। ବିଭିନ୍ନ ଠକେଇ ବାବଦରେ ପ୍ରମାଣ ଦେଖାଇବା ପରେ ସେ ମାନିବାକୁ ବାଧ ହୋଇଛନ୍ତି। କଟକ ସହରରେ ବିଭିନ୍ନ ବ୍ୟାଙ୍କ ସମେତ ଅର୍ଥ ଲଗାଣକାରୀ ସଂସ୍ଥାରେ ପ୍ରାୟ ୮୦ଟି ଆକାଉଣ୍ଟ ରହିଥିବା ପୋଲିସ ଠାବ କରିଛି। ବିଭିନ୍ନ ସ୍ଥାନକୁ ନେଇ ପୋଲିସ ଠକେଇର ସିନ୍ ରିକ୍ରିଏସନ୍ କରିଥିବା ବେଳେ ବହୁ ବିଳାସପୂର୍ଣ୍ଣ ଦାମୀ ସାମଗ୍ରୀ ଜବତ ହୋଇଥିବା ମଙ୍ଗଳବାଗ ଥାନା ଆଇଆଇସି ସୁଧାଂଶୁ ଜେନା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ତୃତୀୟ ଦିନ ରିମାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୈଫିଙ୍କଠାରୁ ହାସଲ କରାଯାଇଛି। ଠକେଇର ଶିକାର ହୋଇଥିବା କଟକ ସଦର ଅଞ୍ଚଳର ଜଣେ ମହିଳାଙ୍କ ଘରକୁ ଯାଇ ପୋଲିସ କୈଫିଙ୍କ ଦ୍ୱାରା ମନ୍ତ୍ରପାଠ, ଗୁଣି, ଗାରେଡ଼ି ଆଦିର ସିନ୍ ରିକ୍ରିଏସନ୍ କରାଇଥିଲା। ଏଥିସହ ଭାଣପୁର ପୀରବଜାର ଓ ପାଗା ନିକଟରେ ଜମି ଠାବ କରାଯାଇଥିଲା। ପୀରବଜାରରେ ଥିବା ଜମି ବାପାଙ୍କର ହୋଇଥିବା କୈଫି କହୁଥିବା ବେଳେ ସେହି ଜମିରେ କୈଫିଙ୍କ ଠକେଇ ଅର୍ଥ ଲାଗିଛି କି ନାହିଁ ସେ ନେଇ ପୋଲିସ ତଦନ୍ତ କରୁଛି। ଏଥିସହ କେଶରପୁରସ୍ଥିତ କୈଫିଙ୍କ ଘରୁ ୫୧ ଲକ୍ଷ ଟଙ୍କାର ଏଲ୍ଆଇସି ଜୀବନବୀମାର ୪ଟି କାଗଜାତ ଠାବ ହୋଇଛି। ବୀମା ପଲିସିଗୁଡ଼ିକର ପ୍ରିମିୟମ ଢେର ଅଧିକ ଥିଲା। ଏପରିକି ଗୋଟିଏ ବୀମା ବାବଦ ତ୍ରୈମାସିକ ଭାବେ ୩୪ ହଜାର ଟଙ୍କାରୁ ଆରମ୍ଭ କରି ଏକ ଲକ୍ଷ ୩୮ ହଜାର ଟଙ୍କା ଯାଏ ଡିପୋଜିଟ କରୁଥିବା ପୋଲିସ ହାତରେ ପ୍ରମାଣ ରହିଛି। ସେପଟେ ଶନିବାର ରିମାଣ୍ଡ ସରୁଥିବାରୁ ଶୁକ୍ରବାର ଦୁଇଟି ସ୍ଥାନକୁ ନେଇ ସିନ୍ ରିକ୍ରିଏସନ କରିଛି ପୋଲିସ। କଟକ ସଦର ଥାନା ଅଞ୍ଚଳର ଶର୍ମିଳା ବିବି ନାମକ ମହିଳାଙ୍କଠାରୁ ପୁଅକୁ ଚାକିରି କରାଇଦେବା ଏବଂ ଘରତଳୁ ରତ୍ନ ବାହାର କରିବା କହି ୫ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ପରେ ସେଠାକୁ ନେଇ ସିନ୍ ରିକ୍ରିଏସନ କରାଇଛି ପୋଲିସ। କୈଫି କିଭଳି ଓ କେମିତି ଘର ଖୋଳି ରତ୍ନ ବାହାର କରୁଥିଲେ ସିନ ରିକ୍ରିଏସନ ବେଳେ ସେ ସବୁ ସତ ପୋଲିସ ଆଗରେ ବଖାଣିଛନ୍ତି।

**ବିମାନ ଭ୍ରମଣ ସଉକ**

ରାଜ୍ୟ ବାହାରକୁ ଯାଇ ବିମାନରେ ଭ୍ରମଣ କରିବା କୈଫିଙ୍କର ସଉକ ଥିଲା। ସେ ବିଭିନ୍ନ ସ୍ଥାନ ବୁଲିବା ଓ ବିମାନଭଡ଼ା ବାବଦରେ ପ୍ରାୟ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବିଶେଷ କରି ଆଜମେର, ଦିଲ୍ଲୀ, ବାଙ୍ଗାଲୋର, ବରେଲି ସର୍ଫ, ଦାର୍ଜିଲିଂ, ମୋନାଲି ଆଦି ସ୍ଥାନକୁ ବିମାନରେ ଯାଇ ଭ୍ରମଣ କରିଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

**କୋଲକାତାରେ ଠକେଇ**

ରାଜ୍ୟ ବାହାରେ ମଧ କୈଫିଙ୍କ ଠକ ସାମ୍ରାଜ୍ୟ ବିସ୍ତାର ଲାଭ କରିଛି। ସେ କୋଲକତାରୁ ମୋଟା ଅଙ୍କର ଅର୍ଥ ଠକିଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କୈଫି ଏହାକୁ ଅସ୍ୱୀକାର କରୁଛନ୍ତି। ତେଣୁ ପୋଲିସ କୋଲକାତା ଯାଇ ସେ ବାବଦରେ ତଦନ୍ତ କରିବ। ଏପରିକି ତାଙ୍କୁ ପୁଣି ଥରେ ରିମାଣ୍ଡରେ ଅଣାଯାଇପାରେ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

**କାଚଗ୍ଲାସ୍‌ରେ ମନ୍ତ୍ରପାଣି**

କେହି ବ୍ୟକ୍ତି ଗୁଣିଗାରେଡ଼ି କରିବା ଅଥବା ମନ୍ତ୍ରତନ୍ତ୍ର ଆଦି ସମସ୍ୟା ନେଇ କୈଫିଙ୍କ ନିକଟକୁ ଆସିଲେ ସେମାନଙ୍କୁ ସେ ଭିନ୍ନ ଭିନ୍ନ ଢଙ୍ଗରେ ଚର୍ଚ୍ଚା କରୁଥିଲେ। ଏପରିକି କାଚଗ୍ଲାସ୍‌ରେ ପାଣି ଆଣି ୫/୭ ଥର ମନ୍ତ୍ର ପଢ଼ି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିଇବାକୁ ଦେଇଥାନ୍ତି। ସେହି ପାଣି ପିଇବା ପରେ ବ୍ୟକ୍ତି ଜଣଙ୍କର ଏକପ୍ରକାର ବିଶ୍ୱାସ ଜନ୍ମିଯାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ ଯାହା କହନ୍ତି ସେ ସହଜରେ ମାନିଥାନ୍ତି ବୋଲି କୈଫି ପୋଲିସ୍‌କୁ କହିଛନ୍ତି।

**ଅଣ୍ଟୁ ନ ଥିଲା ରୋଜଗାର**

କୈଫି କଟକ ସହରର ୨/୩ଟି ମସ୍‌ଜିଦ୍‌ରେ ପିଲାଙ୍କୁ ପାଠ ପଢ଼ାଉଥିଲେ। ହେଲେ ମାସିକ ରୋଜଗାର ମାତ୍ର ୭ରୁ ୮ ହଜାର ହେଉଥିଲା, ଯାହା ପରିବାର ଖର୍ଚ୍ଚ ପାଇଁ ଅଣ୍ଟୁ ନ ଥିଲା। ତେବେ ମନରେ କାର୍ ଚଢ଼ିବା, ଭଲ ଘର ତିଆରି ଯୋଜନା ଏବଂ ସ୍ତ୍ରୀ, ମା'ବାପାଙ୍କୁ ବୁଲାଇବାର ଇଚ୍ଛା ରହିଥିଲା ଯାହା ଏତିକି ରୋଜଗାରରେ ସମ୍ଭବ ନୁହେଁ ବୋଲି ସେ ଭାବିସାରିଥିଲେ। ତେଣୁ ଅଧିକ ଅର୍ଥ ଉପାର୍ଜନ ପାଇଁ ସେ ଏପରି ପନ୍ଥା ଆପଣେଇବା ପାଇଁ ସ୍ଥିର କରିନେଇଥିଲେ।

**ଆଲିମ ପାଠରୁ ଶିଖିଥିଲେ ଗୁଣିଗାରେଡ଼ି**

କୈଫି ରାଜ୍ୟ ବାହାରକୁ ଯାଇ ବହୁତ କିଛି ପାଠ ପଢ଼ିଥିଲେ। ମୌଲାନା, କୋରାନ୍, ହାପିଜ୍ ଓ ଆଲିମ ଆଦି ଅନେକ ପାଠରେ ସେ ବହୁ ଜ୍ଞାନ ହାସଲ କରିଥିଲେ। ଆଲିମ ପାଠରୁ ଗୁଣିଗାରେଡ଼ି, ତନ୍ତ୍ର ଆଦି ସମ୍ପର୍କରେ ଶିଖିଥିବା ସେ ଜେରାବେଳେ ପୋଲିସ୍ ନିକଟରେ ସ୍ୱୀକାର କରିଛନ୍ତି।

## ଶାନ୍ତିସ୍ତୂପରେ ବୁଦ୍ଧ ପୂର୍ଣ୍ଣିମା

**ପୁରୁଣା ଭୁବନେଶ୍ୱର,୫।୫(ଡି.ଏନ୍.ଏ.)**

ଶାନ୍ତିସ୍ତୂପ ଧଉଳିରେ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏନେଇ ପୂର୍ବାହ୍ନରେ ସୁଧର୍ମୀ ଗୃହରେ ପୂଜା ପାଉଥିବା ଭଗବାନ ଗୌତମ ବୁଦ୍ଧଙ୍କୁ କ୍ଷୀରରେ ସ୍ନାନପୂର୍ବକ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଡ୍ରମ୍ ବାଜା ବଜାଯାଇଥିଲା। ଶାନ୍ତିସ୍ତୂପରେ ପୂଜା ପାଉଥିବା ବୁଦ୍ଧଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ବସ୍ତ୍ରଦାନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଳିଙ୍ଗ ନିପନ ବୁଦ୍ଧ ସଂଘ ଏବଂ ଏକତା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ମଙ୍କ(ବୁଦ୍ଧିଷ୍ଟ) ଲି.କ୍ୟୁ. ୟଙ୍ଗ୍, ଓଟିଡିସି ଚେୟାରମ୍ୟାନ ଲେନିନ୍ ମହାନ୍ତି, ସଂଘ ଉନ୍ନୟନ ସଂଯୋଜକ ରବି ମହାରଣା, ଏକତା ଟ୍ରଷ୍ଟ ମୁଖ୍ୟ ଦୀପ୍ତିରେଖା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶାନ୍ତିସ୍ତୂପ ପାଦଦେଶରେ ଜାପାନୀ ଗୃହ ଆଦି ଅଞ୍ଚଳରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ଏବଂ ଧଉଳି ବ୍ୟବସାୟୀ ସଂଘର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବିଜେଇଏମ୍‌ରେ କବିତା ଆସର



କବିତା ଆସରରେ ବ୍ୟଙ୍ଗକବି ସତ୍ୟାନାଶ ଏବଂ ଅନ୍ୟମାନଙ୍କ ସହ ବିଦ୍ୟାଳୟର ପରିଚାଳନା କମିଟି କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀଶିକ୍ଷକ।

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ୍ ଚଳିତବର୍ଷ ୫୦ ବର୍ଷ ପୂରଣ କରୁଛି। ଏହି ଅବସରରେ ବକ୍ସି ଜଗବନ୍ଧୁ ସାହିତ୍ୟ ସଂସଦ ପକ୍ଷରୁ ଆନ୍ତଃବିଦ୍ୟାଳୟ ଓଡ଼ିଆ କବିତା ଲିଖନ ପ୍ରତିଯୋଗିତା ତଥା କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟଙ୍ଗକବି ସତ୍ୟାନାଶ ସାହିତ୍ୟର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର ସାହିତ୍ୟ ନିମନ୍ତେ କବି ବା ଲେଖକଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କମିଟି ପରିଚାଳକ ପ୍ରତାପ କୁମାର ଜେନା ଇଂଲିଶ ମିଡିୟମ ସ୍କୁଲରେ ସାହିତ୍ୟ ସଂସଦ ଭଳି ଅନୁଷ୍ଠାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା କମିଟିର ଅତିରିକ୍ତ ପରିଚାଳକ ସଂଗ୍ରାମ କେଶରୀ ନାୟକ ସାହିତ୍ୟ ନିମନ୍ତେ ଉତ୍ସର୍ଗୀକୃତ ଭାବନା ରଖିବାକୁ କହିଥିଲେ। ବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଓ ଉପାଧକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କବିତା ଆସରରେ ୫୦ରୁ ଊର୍ଦ୍ଧ୍ୱ କବିତା ପାଠ କରାଯାଇଥିଲା। ୧୨ଟି ବିଦ୍ୟାଳୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କବିତା ଲିଖନ ପ୍ରତିଯୋଗିତାର ଶ୍ରେଷ୍ଠ ୩ଟି କବିତାର କବିଙ୍କୁ ପୁରସ୍କୃତ କରାଯାଇଥିଲା ଓ ଅନ୍ୟମାନଙ୍କୁ ଯୋଗଦାନ ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ପର୍ଯ୍ୟବେକ୍ଷକ ଶିବାନୀ ପଟ୍ଟନାୟକ, ବରଦା ପ୍ରସାଦ ପାଇକରାୟ, ସୁଚରିତା ଦାସ, ସ୍ମିତା ମହାନ୍ତି, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

## ଆଜି ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

**ପୁରୀ ଅଫିସ, ୫।୫ :** ଜୁନ ୨୦ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏହାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମ୍ପନ୍ନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ମାସ ୧୧ ତାରିଖରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଶନିବାର ଆଇନ ମନ୍ତ୍ରୀଙ୍କ ଅଧକ୍ଷତାରେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ, ପରକ୍ରମା ମାର୍ଗ କାର୍ଯ୍ୟ ଓ ବଡ ଦାଣ୍ଡ କାର୍ଯ୍ୟ ନେଇ ଆଲୋଚନା ହେବ। ଏଥିସହ ପ୍ରଥମ ସମନ୍ୱୟ ବୈଠକରେ ଦିଆଯାଇଥିବା କାର୍ଯ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯିବ।

## ଦୃଷ୍ଟିବାଧିତ ପାରାସେଲର ସମ୍ବର୍ଦ୍ଧିତ



ବିଧାୟକ ସତ୍ୟନାରାୟଣ ପ୍ରଧାନ ବାପିନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର ୫।୫ (ବ୍ୟୁରୋ)**

ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ଭାବେ ବଙ୍ଗୋପସାଗର ଉପରେ ପାରାସେଲିଂ କରି ଚର୍ଚ୍ଚାକୁ ଆସିଥିଲେ ବାପିନା ନାୟକ। ଏଥିପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଥିବାବେଳେ ଶୁକ୍ରବାର ନୟାଗଡ଼ ଜିଲା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ବାପିନାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଗୋପବନ୍ଧୁ ଛକସ୍ଥିତ ସରକାରୀ ବାସଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଉତ୍ତରୀୟ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କର ଏହି ଦୁଃସାହସିକ କାର୍ଯ୍ୟ ପାଇଁ ବିଧାୟକ ତାଙ୍କୁ ପ୍ରଶଂସା କରି କହିଲେ, ବାପିନାଙ୍କ ପାଇଁ ସାରା ଓଡ଼ିଶା ଆଜି ଗର୍ବିତ। ଖେଳ ପ୍ରତି ରୁଚି ରଖିଥିବା ଏହି ଉଦୀୟମାନ ଖେଳାଳିଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ୍, ସେଞ୍ଚୁରିଆନ୍ ବ୍ଲଡ୍ ଡୋନର ଗୋପୀମୋହନ ପଟ୍ଟନାୟକ, ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭିକାରୀପଡ଼ା ଗ୍ରାମରେ ବାପିନାଙ୍କ ଘର। ସେ ଏବେ ଓଡ଼ିଶା ଫୁଟ୍‌ବଲ ଦଳର କ୍ୟାପ୍‌ଟେନ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।



ବିପ୍ଲବୀ ଧରଣୀଧର ନାଏକଙ୍କ ଜୟନ୍ତୀରେ ଶୁକ୍ରବାର ଜୟଦେବ ବିହାର ଇଏସ୍ଆଇ ହସ୍ପିଟାଲ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଧରଣୀଧର ନାଏକ, ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାନ୍ ବିପ୍ଲବୀ ତଥା କେନ୍ଦୁଝରର ପ୍ରଜାମେଳି ନେତା ଧରଣୀଧର ନାଏକ(ଭୂୟାଁ)ଙ୍କ ୧୫୯ତମ ଜୟନ୍ତୀ ଏବଂ ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୮ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳନ୍‌ରେ ବିପ୍ଲବୀ ଧରଣୀଧର ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେହିପରି ନିଳାଦ୍ରୀ ବିହାର ସୀତାନାଥ ବସ୍ତିସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାୟ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ଉଇ ଫର୍ ଭୁବନେଶ୍ୱର, ବିଜେଡି ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଲ୍ଲୀରେ ନିଃଶୁଳ୍କ ଦନ୍ତ ପରୀକ୍ଷଣ ଶିବିର

**ଭୁବନେଶ୍ୱର ୫।୫ (ବ୍ୟୁରୋ)**

ହାଇଟେକ ଡେଣ୍ଟାଲ ମେଡ଼ିକାଲ କଲେଜ ଏବଂ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ୱାର୍ଡ ନଂ. ୩୭ରେ ନିଃଶୁଳ୍କ ଦନ୍ତ ପରୀକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହାଇଟେକ ଡେଣ୍ଟାଲ କଲେଜର ଡାକ୍ତରମାନଙ୍କ ଦ୍ୱାରା କସ୍ତୁରବା ଖେଳ ପଡ଼ିଆ ନିକଟରେ ଏହି ଶିବିର ଆୟୋଜିତ ହୋଇଥିଲା। ଲୋକମାନଙ୍କୁ ସୁସ୍ଥ ଓ ନୀରୋଗ ରହିବା ସହ ଦାନ୍ତର ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ କର୍ପୋରେଟର ଗୁରୁତ୍ୱ ଦେଇଥିଲେ। ଏଥିରେ ନୂଆପଲ୍ଲୀ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ଜନସାଧାରଣ, ବୟୋଜ୍ୟେଷ୍ଠ ବ୍ୟକ୍ତି ଦାନ୍ତ ପରୀକ୍ଷା କରିଥିଲେ। କଳିଙ୍ଗ ପରିଷଦର ଉପସଭାପତି ମହେଶ୍ୱର ବେହେରା, ସମ୍ପାଦକ ମନୋରଞ୍ଜନ ବେହେରା, ସର୍ବେଶ୍ୱର, ଗଣେଶ, ଗୌରା, ରାକେଶ, ରୀଙ୍କୁନ ପ୍ରମୁଖ ଯୁବ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଭୁଲ୍ ଆର୍ଥିକ ନୀତି ବେରୋଜଗାର ବଢ଼ାଉଛି

**ଭୁବନେଶ୍ୱର,୫।୫(ବ୍ୟୁରୋ)**

**ଏଆଇୱାଇଏଫ୍‌ର ରାଜ୍ୟସ୍ତରୀୟ ଯୁବ କର୍ମଶାଳା**

ଅଖିଳ ଭାରତ ଯୁବ ସଂଘ (ଏଆଇୱାଇଏଫ) ପକ୍ଷରୁ ରାଜ୍ୟସ୍ତରୀୟ ଯୁବ କର୍ମଶାଳା ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଆଇୱାଇଏଫ୍‌ର ରାଜ୍ୟ ସଭାପତି ସାଥି ପ୍ରଦୀପ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାକୁ ଜାତୀୟ ସଭାପତି ସୁଖବିନ୍ଦର ସିଂ ମାହେଶ୍ୱରୀ ଉଦ୍‌ଘାଟନ କରିଥିଲେ। 'ଦେଶର ଆର୍ଥିକ ଅବସ୍ଥା ଓ ଯୁବପିଢ଼ିଙ୍କ ଭବିଷ୍ୟତ' ଆଲୋଚନାଚକ୍ରରେ ସ୍ତମ୍ଭକାର ଡ. ସନ୍ତୋଷ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଭୁଲ୍ ଆର୍ଥିକ ନୀତି ବେରୋଜଗାର ବୃଦ୍ଧିର ମୁଖ୍ୟ କାରଣ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତଥା ଯୁବସଂଘର ପୂର୍ବତନ ରାଜ୍ୟ ସଭାପତି ଡ. ପ୍ରଶାନ୍ତ ମିଶ୍ର କହିଲେ, ଗତ କିଛିବର୍ଷ ହେଲା କେନ୍ଦ୍ରରେ ମୋଦି ଓ ରାଜ୍ୟରେ ନବୀନ ସରକାରଙ୍କ ଯୁବମାରଣ ନୀତି ପାଇଁ ଲକ୍ଷ ଲକ୍ଷ ଯୁବତୀଯୁବକ ନିଯୁକ୍ତି ହରାଇବା ସହ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଏ ସରକାର ଯୁବ, ଛାତ୍ର, ଶ୍ରମିକ ଓ ମହିଳାମାନଙ୍କୁ ପ୍ରତିଦିନ ଆକ୍ରମଣ କରିଚାଲିଛନ୍ତି। କେନ୍ଦ୍ର ସରକାର ଯେଉଁଭଳି ନୀତି ଗ୍ରହଣ କରୁଛନ୍ତି ତାହା ଶିକ୍ଷିତ ଯୁବତୀଯୁବକଙ୍କୁ ପଥଭ୍ରଷ୍ଟ କରି ସାମ୍ପ୍ରତିକ ହିଂସାରେ ହତିଆର ହେବା ପାଇଁ ବାଧ କରୁଛି ବୋଲି କହିଥିଲେ। ରାଜ୍ୟ ସଭାପତି ସାଥି ପ୍ରଦୀପ ସେଠୀ ରାଜ୍ୟ କେନ୍ଦ୍ର ସରକାରଙ୍କ ଯୁବନୀତି ବିରୋଧରେ ଯୁବତୀଯୁବକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ନଚେତ୍ ବେରୋଜଗାରି ଭତ୍ତା ପ୍ରଦାନ ନିମନ୍ତେ ଭଗତ ସିଂ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ (BNEGA) ପ୍ରଣୟନ ପାଇଁ ରାଜ୍ୟବ୍ୟାପୀ ଯୁବ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏଆଇଏସ୍ଏଫର ରାଜ୍ୟ ସଭାପତି ସାଥି ସଙ୍ଘମିତ୍ରା ଜେନା ଯୋଗଦେଇ ରାଜ୍ୟରେ ଏକ ବଳିଷ୍ଠ ଯୁବ ସଂଗଠନ ଗଠନ ପାଇଁ କହିବା ସହିତ ଶିକ୍ଷା ଓ ନିଯୁକ୍ତିର ସମସ୍ୟାକୁ ନେଇ ରାଜ୍ୟର ଯୁବଛାତ୍ରଙ୍କୁ ସଙ୍ଗଠିତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ସହ-ସମ୍ପାଦକ ସାଥି ତପନ ସେଠ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟର ୧୫ ଜିଲାର ଶତାଧିକ ଯୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# ଏନ୍‌ଜିଟିଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଅଧିକାରୀ

**ଭୁବନେଶ୍ୱର ୫।୫ (ବ୍ୟୁରୋ)**

**ହଜ୍ ପୋଖରୀରୁ ହଟିପାରୁନି ଜବରଦଖଲ**

■ ମେ' ସୁଦ୍ଧା ପଦକ୍ଷେପ ନେବାକୁ ଦାବି

■ ସେପ୍ଟେମ୍ବରରେ ବ୍ୟକ୍ତିଗତ ହାଜିରା ନେଇ ପିଟିଶନ ଦାଖଲ

ନୂଆପଲ୍ଲୀ ସ୍ଥିତ ହଜ ପୋଖରୀକୁ ନେଇ ବିବାଦ ଥମିବାର ନାଁ ଧରୁନି। ୬ମାସ ଅର୍ଥାତ୍ ସେପ୍ଟେମ୍ବର ୨୬ ମଧ୍ୟରେ ପୋଖରୀ ଓ ୧୦ ନମ୍ବର ପ୍ରାକୃତିକ ନାଳରୁ ସମସ୍ତ ଜବରଦଖଲ ହଟାଇବା, ୨ ମାସ ମଧ୍ୟରେ ସମ୍ପୃକ୍ତ ସ୍ଥାନରେ ନିର୍ମିତ ହୋଇଥିବା ଶନି ମନ୍ଦିରକୁ ଭାଙ୍ଗିବାକୁ ମାର୍ଚ୍ଚ ୧୭ ତାରିଖରେ ବିଏମ୍‌ସି ଏବଂ ବିଡିଏକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ମଧ୍ୟରେ ୧ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ବିଏମ୍‌ସି କିମ୍ବା ବିଡିଏ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଅପରପକ୍ଷେ ଜବରଦଖଲକାରୀମାନେ ସ୍ଥାନୀୟ ନେତାଙ୍କ ଦ୍ୱାରା ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ କରି ଏଭଳି କରୁଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଏମ୍‌ସି, ବିଡିଏ ଅଧିକାରୀମାନେ ଏନ୍‌ଜିଟି ଦେଇଥିବା ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ବ୍ଲାଇଣ୍ଡ ଆସୋସିଏସନ୍ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ଦାବି କରାଯିବା ସହ ମେ' ଶେଷ ସୁଦ୍ଧା କୌଣସି ବିଭାଗ ଏନେଇ ପଦକ୍ଷେପ ନ ନେଲେ ସେପ୍ଟେମ୍ବର ମାସରେ ବିଏମ୍‌ସି କମିଶନର, ବିଡିଏ ଚେୟାରମ୍ୟାନ ଓ ଡ୍ରେନେଜ ଡିଭିଜନର ଇଞ୍ଜିନିୟରଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ବେଞ୍ଚରେ ପିଟିଶନ ଦାଖଲ କରିବା ନେଇ ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ ଚେତାବନୀ ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଏନ୍‌ଜିଟି, କୋଲକାତା ବେଞ୍ଚରେ ୨୦୨୨ ମାର୍ଚ୍ଚ ୩୦ ତାରିଖରେ ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ, ନଟବର ସାମନ୍ତରାୟ ଓ ନିତ୍ୟାନନ୍ଦ ବେହେରା ମାମଲା ଦାଖଲ କରିଥିଲେ। ମାମଲା ଅନୁଯାୟୀ, ବେହେରାସାହିରେ ସରକାରୀ ଖାତା ନଂ ୩୮୪, ପ୍ଲଟ୍ ନଂ-୩୫୫ରେ ୭ଏକର ବିଶିଷ୍ଟ ଜଳାଶୟ ବା ହ୍ରଦ ଥିଲା। ସମୟକ୍ରମେ ଉକ୍ତ ଜଳାଶୟ ଉପରେ ଜବରଦଖଲ କରାଯାଇ ସେଠାରେ ଧାର୍ମିକ ଅନୁଷ୍ଠାନ ନିର୍ମାଣ, ବିଲ୍‌ଡରଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଆପାର୍ଟମେଣ୍ଟ ପାଇଁ ୬୦ ଫୁଟର ରାସ୍ତା ଆଦି ତିଆରି କରାଯାଇଛି। ଫଳରେ ୭ଏକର ବିଶିଷ୍ଟ ହ୍ରଦ ଏବେ ୪.୫ ଏକର ରହିଛି। ୨.୫ଏକର ଜାଗା ହରାଇବା ପରେ ହ୍ରଦର ଜଳଧାରଣ କ୍ଷମତା କମିଯାଇଛି। ଫଳରେ ବର୍ଷାଋତୁରେ ନୟାପଲ୍ଲୀ ବେହେରାସାହିରେ ରାସ୍ତାଉପରେ ୩/୪ ଫୁଟ ପାଣି ଜମି ରହୁଛି। ଏନେଇ ବିଏମ୍‌ସି, ବିଡିଏ ଏବଂ ସାଧାରଣ ପ୍ରଶାସନ ବିଭାଗରେ ସୂଚନା ଅଧିକାର କର୍ମୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳ ନ ମିଳିବାରୁ ୨୦୧୮ରେ ଉଚ୍ଚ ନ୍ୟାୟାଳୟରେ ମାମଲା ଦାଖଲ କରିଥିଲେ। ମାତ୍ର ବାରମ୍ବାର କୋର୍ଟଙ୍କ ଆଦେଶକୁ ଅବମାନନା କରି କେସ୍‌କୁ ବନ୍ଦ କରାଯାଇଥିଲା। ଫଳରେ ଏହାର ସ୍ଥାୟୀ ସମାଧାନ ପାଇଁ ଏନ୍‌ଜିଟିରେ ମାମଲା ଦାଖଲ କରାଯାଇଥିଲା। ଟ୍ରିବ୍ୟୁନାଲରେ ଶୁଣାଣି ହେବାଫଳରେ ବିଏମ୍‌ସି, ବିଡିଏ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସାଧାରଣ ପ୍ରଶାସନ ବିଭାଗ, ଡ୍ରେନେଜ ଡିଭିଜନ ଆଦି ୧୩ଜଣଙ୍କୁ ନୋଟିସ କରାଯାଇଥିଲା। ସେପ୍ଟେମ୍ବର ୨୬ରେ ପରବର୍ତ୍ତୀ ଶୁଣାଣି ରଖାଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ଜଳାଶୟ ଜମିରେ ସରକାରୀ ଯୋଜନାରୁ ବ୍ୟୟହୋଇ ୩୦ ଡିସିମିଲ ଜାଗାରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଶନି ମନ୍ଦିରକୁ ୨ମାସ ମଧ୍ୟରେ ଭାଙ୍ଗିବା, ଉକ୍ତ ହ୍ରଦ ଜମିରୁ ୨ଶହ ଡିସିମିଲ ଜାଗା ଜବରଦଖଲ କରିଥିବା ଜଣେ ମହିଳାଙ୍କ ଠାରୁ ଜମି ଆଣିବା, ୨୦୨୨ ନଭେମ୍ବର ୧୯ରେ ବିଏମ୍‌ସି ଦେଇଥିବା ସତ୍ୟପାଠ ଅନୁଯାୟୀ ୬ମାସ ମଧ୍ୟରେ ହ୍ରଦରୁ ନିର୍ଗତ ହୋଇଥିବା ୧୦ନମ୍ବର ଡ୍ରେନ୍‌ର ପୂର୍ବସ୍ଥିତି ଫେରାଇ ଆଣିବା ସହ ଡ୍ରେନ୍‌ର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ କାନ୍ଥ କରିବା, ଉଭୟପଟେ ତାରଜାଲି ଲଗାଇବା, ବେହେରାସାହି ବିପରୀତ ରୋଡ୍‌ରେ ଥିବା ହୋଟେଲରୁ ବାହାରୁଥିବା ଜଳ ମୁଖ୍ୟ ଡ୍ରେନ୍‌ରେ ମିଶୁଛି। ଏହି ଜଳରେ ଆବଶ୍ୟକତା ପରିମାଣଠାରୁ ଅଧିକ କ୍ଷତିକାରଣ ତତ୍ତ୍ୱ ଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସମ୍ପୃକ୍ତ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ମୃତବ୍ୟକ୍ତିଙ୍କ ପରିଚୟ ମିଳିଲା

**ଆଠଗଡ଼,୫।୫(ସ୍ୱ.ପ୍ର.):** ଆଠଗଡ଼ ଏନ୍ଏସି ଅନ୍ତର୍ଗତ ୧୬ନଂ. ୱାର୍ଡ କଙ୍ଗଡ଼ାସାହି ଅଟାକଳ ନିକଟରୁ ଗୁରୁବାର ମିଳିଥିବା ମୃତଦେହର ପରିଚୟ ଜଣାପଡ଼ିଛି। ମୃତକ ହେଲେ ଢେଙ୍କାନାଳ ସଦର ଥାନା ଚାଇଁପୁର ଗ୍ରାମର ପ୍ରଭାକର ନାଏକଙ୍କ ପୁଅ ମଧୁସୂଦନ ନାଏକ(୩୪)। ପରିବାର ଲୋକେ ଖବରପାଇ ଆଠଗଡ ଥାନାରେ ପହଞ୍ଚିବା ପରେ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଆଠଗଡ଼,୫।୫(ସ୍ୱ.ପ୍ର.):** ଆଠଗଡ ଏନ୍ଏସି ରଥଗଡା ଛକଠାରେ ମରଣାନ୍ତକ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଆଠଗଡ ଥାନା ଖୁଣ୍ଟକଟା ଗ୍ରାମର ବିଷ୍ଣୁ ପ୍ରସାଦ ନାଏକ(୨୭)। ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ପରେ ଅଭିଯୁକ୍ତ ସଞ୍ଜୀବ ଦାସ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତାଙ୍କ ଘର ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଧାଗୋବିନ୍ଦପୁର ଗ୍ରାମରେ ବୋଲି ପୋଲିସ କହିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ଦେବୀ ପୀଠରେ ଝାମୁଯାତ୍ରା

**ଟିଗିରିଆ, ୫।୫ (ଡି.ଏନ.ଏ.):** ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଟିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଦେବୀ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶକ୍ତିପୀଠଗୁଡ଼ିକରେ ଠାକୁରାଣୀଙ୍କ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯାଇଥିଲା। ମାନସିକଧାରୀମାନେ ନିସ୍ତାର ସହ ଆଜ୍ଞାମାଳ ପାଇଁ ଅପେକ୍ଷା କରିଥିଲେ। ବ୍ଲକର କଣ୍ଡିପୁର ଗ୍ରାମର ଆରାଧ୍ୟା ମା' ଖଣ୍ଡୁଆଳୀଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ହୋଇଥିଲା। ଏଠାରେ ଦେବୀଙ୍କ ଆଜ୍ଞାମାଳ ପାଇବା ପରେ ୧୪ ଜଣ ମାନସିକଧାରୀ ପୀଠରେ ନିଆଁ ରଡ଼ ଉପରେ ଚାଲିଥିଲେ। ସେହିଭଳି କୋଇଲକନ୍ୟା କଳାପାଟଙ୍କ ପୀଠରେ ୫ ଜଣ ମାନସିକଧାରୀ ୧୪ ହାତ ଲେଖାଏଁ, ନିଜିଗଡ ମଙ୍ଗଳା ମନ୍ଦିରଠାରେ ଜଣେ ମାନସିକଧାରୀ ୫୦ ହାତ ଲେଖାଏ ନିଆଁ ରଡ଼ ଉପରେ ଚାଲିଥିଲେ। ଏହି ଝାମୁ ଯାତ୍ରା ଦେଖିବା ଲାଗି ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ମା'ଖଇରାଣୀଙ୍କ ବୈଶାଖୀପର୍ବ

**ମାଣିଆବନ୍ଧ, ୫।୫(ଡି.ଏନ.ଏ):** ମାଣିଆବନ୍ଧର ପଶ୍ଚିମ ଦିଗରେ ଅବସ୍ଥିତ ଖଇରାଗଡର ଅଧିଷ୍ଠାତ୍ରୀ ଦେବୀ ମା'ଖଇରାଣୀଙ୍କ ବୈଶାଖୀପର୍ବ ଶୁକ୍ରବାର ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁତ ସଂଖ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ସେମାନଙ୍କ ପିଲାଙ୍କୁ ମୁଣ୍ଡନ କରାଇ ସଙ୍କୁଡି ଭୋଗ ଲଗାଇଥିଲେ। ପଣ୍ଡିତ ଚତୁର୍ଭୁଜ ଦାସ ହୋମଯଜ୍ଞ କରିଥିବାବେଳେ ପୂଜକ ରବୀନ୍ଦ୍ର ରଣା ମା'ଙ୍କ ପୂଜାନୀତି ସମ୍ପନ୍ନ କରିଥିଲେ। ଭଜନ ଓ ସଂକୀର୍ତ୍ତନରେ ପୀଠ ଉତ୍ସବ ମୁଖରିତ ହୋଇଉଠିଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ସନ୍ତୋଷ କୁମାର ମହାରଣା, ବାବୁଲି ମହାରଣା, ଶ୍ରୀଧର ସାହୁ, ପବିତ୍ର ରାଉତ, ଦ୍ୱିଜବର ରାଉତ, ବିଜୟ ବେହେରା, ପବିତ୍ର ପ୍ରଧାନ, ପ୍ରଫୁଲ୍ଲ ମହରଣା, ବାସୁଦେବ କର, ସର୍ବେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ୧୫ ବର୍ଷ ହେଲା ସୁଧୁରୁନି ଜଳବନ୍ଦୀ ସମସ୍ୟା

**କଟକ ଅଫିସ,୫।୫**



ବାଦାମବାଡ଼ି ମୁଖ୍ୟ ରାସ୍ତା ପାର୍ଶ୍ୱରେ ନିଷ୍କାସନ ହୋଇ ନ ପାରି ଜମିରହିଥିବା ନର୍ଦ୍ଦମା ଜଳ।

**ବାଦାମବାଡ଼ି ଅଞ୍ଚଳର ଦୁରବସ୍ଥା**
- ଡ୍ରେନ୍ ଜାମ୍ କରୁଛନ୍ତି ବ୍ୟବସାୟୀ
- ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ମେୟର

ବାଉନ ବଜାର ତେପନ ଗଳିର ସହର କଟକରେ ସବୁବେଳେ ଜଳବନ୍ଦୀ ସମସ୍ୟା ରହିଛି। ବିଶେଷକରି କଟକ ସହରର ମୁଖଶାଳା କୁହାଯାଉଥିବା ବାଦାମବାଡ଼ି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଅଧିକ। ଖାଲି ବାଦାମବାଡ଼ି ନୁହେଁ ବରଂ ଏହାର ସଂଲଗ୍ନ ରକ୍ସି ଲେନ, ଓଲ୍ଡ ଏଲ୍ଆଇସି କଲୋନୀ ଓ ପାଲ ମଣ୍ଡପ ଅଞ୍ଚଳରେ ମଧ୍ୟ ଜଳବନ୍ଦୀର ଅନେକ ନଜିର ରହିଛି। ବିଶେଷ କରି ରକ୍ସିଲେନ ଭିତରେ ଥିବା ଲୋକେ ବର୍ଷ ବର୍ଷ ଧରି ଜଳବନ୍ଦୀରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଜଳବନ୍ଦୀ ସମସ୍ୟାରେ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି, ଯାହାକୁ ନେଇ ସେମାନଙ୍କ ମନରେ ସିଏମସି ପ୍ରତି ଥିବା ଅସନ୍ତୋଷ ବାରି ହୋଇପଡିଛି। ତେବେ ସିଏମ୍ସି ତରଫରୁ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ଠିକ ପ୍ରଯୁକ୍ତି ବିଦ୍ୟା ସହିତ କୌଶଳର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଆଗକୁ ଲଘୁଚାପ ବର୍ଷା ଆସୁଥିବାରୁ ତତ୍ପର ହୋଇଛନ୍ତି ସିଏମ୍ସି କର୍ତ୍ତୃପକ୍ଷ। ଏଥିପାଇଁ କଟକ ମହାନଗର ନିଗମର ମେୟର, କମିଶନର ଓ ପୂର୍ବତନ ବିଧାୟକ ବାଦାମବାଡ଼ି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋକଙ୍କୁ ଜଳବନ୍ଦୀରୁ କିଭଳି ମୁକ୍ତ କରାଯାଇପାରିବ ସେନେଇ ଆଲୋଚନା କରାଯାଇଛି। ବ୍ୟବସାୟୀମାନେ ଡ୍ରେନ ଜାମ୍ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର ସୁବାସ ସିଂ କହିଛନ୍ତି। ସେହିଭଳି ଅଧିକ ବର୍ଷା ହେଲେ ଜଳବନ୍ଦୀ ହେବ ତେଣୁ ଏହାର ମୁକାବିଲା କରିବା ପାଇଁ ଭଲ ମୋଟର ନିୟୋଜିତ କରାଯିବ ବୋଲି ମେୟର ପ୍ରକାଶ କରିଛନ୍ତି। ଜଳବନ୍ଦୀ ସମସ୍ୟା ଦୂର ପାଇଁ ଦୁଇକୋଟି ଟଙ୍କାର ବ୍ୟୟ ଅଟକଳରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିବା ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି। ସେହିପରି କମିଶନର ନିଖିଲ ପବନ କଲ୍ୟାଣ କହିଛନ୍ତି, ଆସନ୍ତା ଲଘୁଚାପଜନିତ ବର୍ଷା ସହ ବର୍ଷାଋତୁ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟରେ ମୁଖ୍ୟ ରହିଛି ନାଳ ସଫା। ବିଭିନ୍ନ ସ୍ଥାନରେ ନାଳଗୁଡ଼ିକୁ ତୁରନ୍ତ ସଫା କରାଯାଇ ପଙ୍କ ଉଦ୍ଧାର କରାଗଲେ ଜଳବନ୍ଦୀ ସମସ୍ୟା ମୁକ୍ତ କରାଯାଇପାରିବ। ଅନ୍ୟପଟେ ସ୍ଥାୟୀ ସମାଧାନ ଏକମାତ୍ର ବିକଳ୍ପ ଆଉ ଏହାକୁ ଯଥାଶୀଘ୍ର କରିବାକୁ ସ୍ଥାନୀୟ ବାସିନ୍ଦା ଦାବି ରଖିଛନ୍ତି।

## ଗଞ୍ଜେଇ ଚାଲାଣକାରୀଙ୍କୁ ଅଢ଼େଇ ବର୍ଷ ଜେଲ

**ଆଠଗଡ,୫।୫(ସ୍ୱ.ପ୍ର.)**

ଆଠଗଡ ଥାନା ଅନ୍ତର୍ଗତ ମେଘାଗ୍ରାମ ସୁକୁମାରୀ ଛକରୁ ୨୫।୪।୨୨ରେ ଅବକାରୀ ବିଭାଗ ପକ୍ଷରୁ ୬.୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ମଗ୍ଗୁଲି ପଲେଇଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଅବକାରୀ ଥାନାରେ ମାମଲା (ନଂ. ୩/୨୨) ରୁଜୁ ହୋଇଥିଲା। ଗୁରୁବାର ଏହାର ରାୟ ପ୍ରକାଶ ପାଇଛି। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଦୀପ୍ତ କୁମାର ସାହୁ ଏହାର ବିଚାର କରି ଅଭିଯୁକ୍ତ ମଗ୍ଗୁଲିଙ୍କୁ ନିଶାଦ୍ରବ୍ୟ ଚୋରାଚାଲାଣ ଆଇନ ଧାରା ୨୦(ଖ), ୨(ଖ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏନେଇ ମଗ୍ଗୁଲିଙ୍କୁ୨ବର୍ଷ ୬ମାସ ସଶ୍ରମ କାରାଦଣ୍ଡାଦେଶ ସହ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପ୍ରସନ୍ନ କୁମାର ରାଉତ ଏହି ମାମଲାର ପରିଚାଳନା କରିଥିଲେ।

## ବୁଦ୍ଧ, ସନ୍ଥକବି ଭୀମ ଭୋଇ ଜୟନ୍ତୀ

**ଆଠଗଡ,୫।୫(ସ୍ୱ.ପ୍ର.)**

ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ପରିଷଦ ଆଠଗଡ଼ ତରଫରୁ ଆଠଗଡ଼ସ୍ଥିତ ଆମ୍ବେଦକର ଭବନରେ ଗୌତମ ବୁଦ୍ଧ ଏବଂ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦ ସଭାପତି ବିଚିତ୍ରାନନ୍ଦ ସେଠୀ ଏଥିରେ ଅଧକ୍ଷତା କରିଥିଲେ। ସଭାରେ ବିଳାସିନୀ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ନାଏକ, ଅରୂପ ମଲ୍ଲିକ, ବିଷ୍ଣୁ ନାଏକ, ଅଶୋକ ମଲ୍ଲିକ, ସ୍ୱପ୍ନା ସେଠି, ଦିଲୀପ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷଦର ସାଧାରଣ ସମ୍ପାଦକ ସତ୍ୟଜିତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଦ୍ଧଙ୍କ ଆଦର୍ଶରେ ସମାଜର କଲ୍ୟାଣ ସାଧନ ହୋଇପାରିବ



ବୌଦ୍ଧ ସଂଘ ତରଫରୁ ସ୍ମରଣିକା ବୋଧି ସତ୍ତ୍ୱ ଏକ ଚେତନାର ଜାଗରଣକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୫।୫(ସ୍ୱ.ପ୍ର.)**

**ବୁଦ୍ଧ ଜୟନ୍ତୀ, ସ୍ମରଣିକା ଉନ୍ମୋଚନ**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ମହମ୍ମଦପୁରର ବୁଦ୍ଧ ବିହାରରେ ଶୁକ୍ରବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ବୁଦ୍ଧ ବିହାର ପରିସରରେ ବୁଦ୍ଧ ବନ୍ଦନା, ତ୍ରିଶରଣ ବନ୍ଦନା ଓ ପରେ ଗ୍ରାମରେ ପ୍ରଭାତ ପରିକ୍ରମା କରାଯାଇଥିଲା। ମଧ୍ୟାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଧର୍ମାଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲର ପ୍ରାକ୍ତନ ମଣ୍ଡଳ ଉନ୍ନୟନ ଅଧିକାରୀ ରାଜକିଶୋର ମହାନ୍ତି, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ନରେନ୍ଦ୍ର କୁମାର ବାରିକ, ମହମ୍ମଦପୁର ସରପଞ୍ଚ ପ୍ରତିଭା ବେହେରା, ପୂର୍ବତନ ସରପଞ୍ଚ ସରୋଜ ବେହେରା, ସମିତିସଭ୍ୟ ରଞ୍ଜନ ପାତ୍ର, ରାଜକିଶୋର ମଲିକ, ମିଥୁନ ଜେନା, ବନମାଳି ରାଉଳ ପ୍ରମୁଖ ଅତିଥିବେ ଯୋଗଦେଇ ବୁଦ୍ଧଦେବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜର ଅଶେଷ କଲ୍ୟାଣ ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୌଦ୍ଧ ସଂଘ ତରଫରୁ ସ୍ମରଣିକା ବୋଧି ସତ୍ତ୍ୱ ଏକ ଚେତନାର ଜାଗରଣକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସଭାରେ ମହମ୍ମଦପୁର ବୌଦ୍ଧ ସଂଘ ସଭାପତି ବାବାଜୀ ଚରଣ ପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ସହସମ୍ପାଦକ ଅଭିମନ୍ୟୁ ପାତ୍ର, ସଂଘର ସମସ୍ତ କାର୍ଯ୍ୟକର୍ତ୍ତା, ଗ୍ରାମର ସମସ୍ତ ବୌଦ୍ଧ ପରିବାର ଉପାଷିକାଉପାଷକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ଭୃଗୁ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ମନ୍ଦିରର ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି,୫।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତସ୍ଥିତ ଶ୍ରୀ ତ୍ରିନାଥ ମହାପ୍ରଭୁଙ୍କ ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତ ଧୂପ ଦୀପ ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କୈଳାସ ଚନ୍ଦ୍ର ରାଉତ, ଧରଣୀଧର ମଲିକ, ରାଜେନ୍ଦ୍ର କୁମାର ରାଉତ, ଉତ୍ତମ ଚରଣ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଯଜ୍ଞରେ ଆହୁତି ଦିଆଯାଉଛି।

**ଟିଗିରିଆ,୫।୫(ଡି.ଏନ୍.ଏ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନସ୍ଥିତ ପ୍ରଭୁ ଶଙ୍କରେଶ୍ୱରଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସୂର୍ଯ୍ୟପୂଜା ପରେ ଚଣ୍ଡୀଯଜ୍ଞ, ମହାରୁଦ୍ର ଯଜ୍ଞ ହୋଇଥିଲା। ଏହାପରେ ପୂର୍ଣ୍ଣାହୁତି ସହ ଯଜ୍ଞ ଉଦ୍‌ଯାପିତ ହୋଇଥିଲା। ଆଚାର୍ଯ୍ୟ ପଣ୍ଡିତ ଅବିନାଶ ଦାଶ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବାବେଳେ ଗ୍ରାମ କମିଟି ସମ୍ପାଦକ ପୀତବାସ ଦାଶ, ମନୋରଞ୍ଜନ ଦାଶ,ଶିବ ପ୍ରସାଦ ଦାଶ, ବିମଳ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ନୌକାବିହାରରେ ଭକ୍ତଙ୍କୁ ଦର୍ଶନ ଦେଲେ ଯାଦବେନ୍ଦ୍ର

**ରଘୁନାଥପୁର,୫।୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଧରାଧାରପୁର ପଞ୍ଚାୟତ ଗୋପାଳପୁର ଗ୍ରାମର ଅଧିଷ୍ଠାତା ପ୍ରଭୁ ଯାଦବେନ୍ଦ୍ରଙ୍କ ୫ଦିନ ବ୍ୟାପୀ ଚାଲିଥିବା ଚନ୍ଦନ ଯାତ୍ରା ଉତ୍ସବ ବୁଦ୍ଧ ପୂର୍ଣ୍ଣିମାରେ ଶେଷ ହୋଇଛି। ପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଅଧରପଣା ଲାଗି ହୋଇଥିଲା। ଏହାକୁ ପ୍ରସାଦ ରୂପେ ପାଇବା ପାଇଁ ଉପସ୍ଥିତ ଦର୍ଶନାର୍ଥୀଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିଥିଲା। ସ୍ଥାନୀୟ ଚନ୍ଦନ ପୋଖରୀରେ ନୌକାବିହାର ସମୟରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୋଖରୀ ଚତୁଃପାର୍ଶ୍ୱରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମିନାବଜାରରେ ଲୋକଙ୍କ ଗହଳି ଜମିଥିଲା। ଏହି ଅବସରରେ କମିଟି ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲୋକମାନେ ଉପଭୋଗ କରିଥିଲେ। ଚନ୍ଦନ ଯାତ୍ରା ପରିଚାଳନାରେ କମିଟିର ସଦସ୍ୟ ରତନ ସିହ୍ନା, ସତ୍ୟାନନ୍ଦ ସାହୁ, କେଦାର କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ରାୟ, କାର୍ତ୍ତିକ ସାହୁ, ଗୋପାଳ ସେଠୀ, ରାମଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ବୋଷ, ମୋହିତ ଚକ୍ରବର୍ତ୍ତୀଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଭଗବାନ ବୁଦ୍ଧଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୁଅ

**ମାଣିଆବନ୍ଧ/ମାହାଙ୍ଗା, ୫।୫ (ଡି.ଏନ୍.ଏ/ସ୍ୱ.ପ୍ର.)**

ବୌଦ୍ଧ ଧର୍ମାବଲମ୍ବୀ ଗ୍ରାମ ମାଣିଆବନ୍ଧ ସୁନିଆପାଟଣାସାହିରେ ଶୁକ୍ରବାର ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ଏଠାରେ ଥିବା ପୁରାତନ ବୁଦ୍ଧ ମନ୍ଦିରରେ ବୁଦ୍ଧଙ୍କ ବନ୍ଦନା ଗାନ କରାଯାଇଥିଲା। ଏହି ଅବସରରେ ବୌଦ୍ଧ ଉପାସକମାନେ ପ୍ରଭାତ ଫେରିରେ ଯୋଗଦେଇଥିଲେ। ପରେ ବୌଦ୍ଧ ମନ୍ଦିରଗୁଡ଼ିକରେ ପଞ୍ଚଶୀଳ ଧ୍ୱଜା ଉତ୍ତୋଳନ କରାଯିବା ସହ ଦେବନୀତି, ବୁଦ୍ଧଲୀଳା ପାଠ କରାଯାଇଥିଲା। ସନ୍ଧ୍ୟାରେ ଧର୍ମସଭା, ସାମୂହିକ ପ୍ରାର୍ଥନା, ତ୍ରିଶରଣ ବନ୍ଦନା ଓ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ସେହିପରି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରିଠାରେ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା ବୁଦ୍ଧାୟନ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ପ୍ରଦୀପ୍ତ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବୁଦ୍ଧାୟନ କମିଟିର ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଭଗବାନ ବୁଦ୍ଧଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ଚୈତନ୍ୟ ପାଣି, ଖବରଦାତା ମନୋଜ ଆଚାର୍ଯ୍ୟ, ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ । ଏହି ପଞ୍ଚାୟତର ପୁରୁଷୋତ୍ତମପୁରସ୍ଥିତ ସହଜ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ବିଜେଡି ପକ୍ଷରୁ ବୁଦ୍ଧ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କଟକ ଜିଲା ବିଜେଡି ଉପସଭାପତି ରୁଦ୍ର ନାରାୟଣ ସିଂହ, ମୁଖ୍ୟ ବକ୍ତାଭାବେ ପଣସପୁର ପଞ୍ଚାୟତ ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ବଳରାମ ବେହେରା, ସଂଗ୍ରାମ ମୁଦୁଲି, ଅକ୍ଷୟ କୁମାର ଦାସ, ତପନ କୁମାର ସିଂହ, ମହିଳାନେତ୍ରୀ ବିଦ୍ୟୁତ୍‌ପ୍ରଭା ବେହେରା ପ୍ରମୁଖ ଯୋଗଦେଇଥିଲେ ।

## କ୍ରିକେଟ: ରାମକୃଷ୍ଣପୁର ଚାମ୍ପିୟନ

**ନିଶ୍ଚିନ୍ତକୋଇଲି,୫।୫(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର କଦମ୍ବ ବିହାରୀ କ୍ଲବ ଆନୁକୂଲ୍ୟରେ ଶକ୍ତିସାରଥି ସ୍ମାରକୀ ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ରାମକୃଷ୍ଣପୁର କ୍ରିକେଟ କ୍ଲବ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସିମଳପଡ଼ା କ୍ରିକେଟ କ୍ଲବ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ ଉଇକେଟ ହରାଇ ୨୨ ରନ ସଂଗ୍ରହ କରିଥିଲା। ଜବାବରେ ରାମକୃଷ୍ଣପୁର କ୍ରିକେଟ କ୍ଲବ ୪ ଓଭରରେ ୨୩ ରନ ସଂଗ୍ରହ କରି ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା କିଶୋର କୁମାର ବହିଆ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ପ୍ରମୋଦ କୁମାର ଭୂୟାଁ, ମୁଖ୍ୟବକ୍ତାଭାବେ ଖବରଦାତା ବଲ୍ଲଭ ଚରଣ ପଲେଇ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ଥାନୀୟ କ୍ଲବର କାର୍ଯ୍ୟକର୍ତ୍ତା ପ୍ରଦ୍ୟୁମ୍ନ ବେହେରାଙ୍କ ସହଯୋଗରେ ଆୟୋଜିତ ଏହି ଖେଳକୁ ପ୍ରିତମ ମଲ୍ଲ, ମୃତ୍ୟୁଞ୍ଜୟ ଲେଙ୍କା, କୁଳମଣି ବହିଆ, ସିଦ୍ଧାନ୍ତ ବହିଆ ପ୍ରମୁଖ ପରିଚାଳନା କରିଥିଲେ।

## ବିନୋଦବିହାରୀଙ୍କ ପୀଠରେ ଚନ୍ଦନ ଯାତ୍ରା

**ମାହାଙ୍ଗା,୫।୫(ସ୍ୱ.ପ୍ର.)**

ପୁରାଣ ପ୍ରସିଦ୍ଧ ଚନ୍ଦନ ଯାତ୍ରା ମାହାଙ୍ଗା ବ୍ଲକ୍ ଉଷୁମା ପଞ୍ଚାୟତସ୍ଥିତ ବିନୋଦ ବିହାରୀ ମନ୍ଦିର ପରିସରରେ ୬ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ପ୍ରଭୁ ବିନୋଦବିହାରୀ ପ୍ରସିଦ୍ଧ ଜରିଆ ଝିଲ୍ଲୀ ତଥା ଗୁପ୍ତ ଗଙ୍ଗାରେ ନୌକାବିହାର କରି ଚାପ ଖେଳିଛନ୍ତି। ଏହି ଅବସରରେ ମନ୍ଦିର ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପୂର୍ବତନ ପିସିସି ସଦସ୍ୟ ପ୍ରଦୀପ୍ତ ଦାସ ଯୋଗଦେଇ ପ୍ରଭୁ ବିନୋଦବିହାରୀଙ୍କ ଅପାର କୃପା ସମ୍ପର୍କରେ ଆଲୋଚନା କରିଥିଲେ। ଏଠାରେ ଯେଉଁ ଶ୍ରଦ୍ଧାଳୁ ମାନସିକ କରିଥାନ୍ତି ତାଙ୍କ ମାନସିକ ପୂରଣ ହୋଇଥାଏ ବୋଲି ଦାସ କହିଥିଲେ। ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ ନାରାୟଣ ଦ୍ୱିବେଦୀ, ସମ୍ମାନିତ ଅତିଥିଭାବେ ପାର୍ବତୀ ପରିଡା, ଯୁବସଂଗଠକ ସୁମନ୍ତ ଘଡ଼େଇ, ସେକ୍ ସଦାମ, ଅରୁଣ କୁମାର ଜେନା, ଶରତ ନାୟକ, ମନୋରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ପ୍ରଭୁ ବିନୋଦବିହାରୀଙ୍କ ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବେଶ ପଟ୍ଟନାୟକ ସଭା ସଂଯୋଜନା କରିଥିବାବେଳେ ଯୁବ ସଂଗଠକ ବିକାଶ ଗୋଚ୍ଛାୟତ ଧନ୍ୟବାଦ ଦେଇଥିଲେ। ସଭାରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା, ଡ୍ରାଇଭର ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।




ସଭାରେ ଯୋଗଦେଇଥିବା ଅତିଥିମାନେ।

## ଯୋଡ଼ିଶଙ୍ଖ ନୃତ୍ୟରେ ଦର୍ଶକ ବିଭୋର

**ବଡ଼ମ୍ବା,୫।୫(ଡି.ଏନ୍.ଏ)**



କଳାକାରମାନେ ଯୋଡ଼ିଶଙ୍ଖ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ମାଣିଆବନ୍ଧ ଏକାଦଶ ବୁଦ୍ଧ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧସ୍ଥିତ ବୁଦ୍ଧ ପର୍ଯ୍ୟଟନ କେନ୍ଦ୍ରଠାରେ ଚାଲିଥିବା ଏକାଦଶ ବୁଦ୍ଧ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ମାଣିଆବନ୍ଧର କଳା, ସଂସ୍କୃତି, ଐତିହ୍ୟ ସହ ବୌଦ୍ଧ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ମାଣିଆବନ୍ଧ ବୌଦ୍ଧ ସଂଘ ସଭାପତି ଚକ୍ରଧର ଦଳେଇ ସଭାପତିତ୍ୱ କରିଥିଲେ। ବୌଦ୍ଧ ସଂଘ ସମ୍ପାଦକ ଅଜିତ ପ୍ରସାଦ ଚୌଧୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ଅରକ୍ଷିତ ଦେବତା ଉପସଂହାର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୋଡ଼ିଶଙ୍ଖ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ସେହିପରି ସ୍ଥାନୀୟ କଳାକାରମାନେ ମଧ୍ୟ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ପ୍ରାତଃ ସମୟରେ ପ୍ରଭାତଫେରୀ, ବୁଦ୍ଧ ମନ୍ଦିର ଗୁଡିକରେ ଧ୍ୱଜା ଉତ୍ତୋଳନ, ପୂର୍ବାହ୍ନରେ ଜନ୍ମ ନୀତି ଓ ବୁଦ୍ଧଲୀଳା ପଠନ ଓ ସନ୍ଧ୍ୟାରେ ସାମୂହିକ ବନ୍ଦନା ସହ ଧର୍ମସଭା କାର୍ଯ୍ୟକ୍ରମ କରାଯାଇଥିଲା।

# ଠକ ମୌଲାନା କୈଫି ଖାନ୍‌ଙ୍କ ୮୦ ଆକାଉଣ୍ଟ ଠାବ

- ମନ୍ତ୍ର, ପୂଜାପାଠର ସିନ୍ ରିକ୍ରିଏସନ୍ କଲା ପୋଲିସ
- ୫୧ ଲକ୍ଷ ଟଙ୍କାର ବୀମା କାଗଜାତ, ଦାମୀ ଗାଡ଼ି ଜବତ

କଟକ ଅଫିସ,୫।୫

ମୌଲାନା କୈଫି ଖାନ୍ ରିମାଣ୍ଡର ତୃତୀୟ ଦିନରେ ପୋଲିସ୍‌କୁ ବେଶ୍ ସଫଳତା ମିଳିଛି। ପ୍ରଥମ ଦିନ ଜେରା ବେଳେ ଠକେଇ ବାବଦରେ ମାନି ନ ଥିବା କୈଫି ପୋଲିସ ଆଗରେ ଗୋଟିକ ପରେ ଗୋଟିଏ ଠକେଇ ଘଟଣାକୁ ସ୍ୱୀକାର କରିଛନ୍ତି। ବିଭିନ୍ନ ଠକେଇ ବାବଦରେ ପ୍ରମାଣ ଦେଖାଇବା ପରେ ସେ ମାନିବାକୁ ବାଧ ହୋଇଛନ୍ତି। କଟକ ସହରରେ ବିଭିନ୍ନ ବ୍ୟାଙ୍କ ସମେତ ଅର୍ଥ ଲଗାଣକାରୀ ସଂସ୍ଥାରେ ପ୍ରାୟ ୮୦ଟି ଆକାଉଣ୍ଟ ରହିଥିବା ପୋଲିସ ଠାବ କରିଛି। ବିଭିନ୍ନ ସ୍ଥାନକୁ ନେଇ ପୋଲିସ ଠକେଇର ସିନ୍ ରିକ୍ରିଏସନ୍ କରିଥିବା ବେଳେ ବହୁ ବିଳାସପୂର୍ଣ୍ଣ ଦାମୀ ସାମଗ୍ରୀ ଜବତ ହୋଇଥିବା ମଙ୍ଗଳବାଗ ଥାନା ଆଇଆଇସି ସୁଧାଂଶୁ ଜେନା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ତୃତୀୟ ଦିନ ରିମାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୈଫିଙ୍କଠାରୁ ହାସଲ କରାଯାଇଛି। ଠକେଇର ଶିକାର ହୋଇଥିବା କଟକ ସଦର ଅଞ୍ଚଳର ଜଣେ ମହିଳାଙ୍କ ଘରକୁ ଯାଇ ପୋଲିସ କୈଫିଙ୍କ ଦ୍ୱାରା ମନ୍ତ୍ରପାଠ, ଗୁଣି, ଗାରେଡ଼ି ଆଦିର ସିନ୍ ରିକ୍ରିଏସନ୍ କରାଇଥିଲା। ଏଥିସହ ଭାଣପୁର ପୀରବଜାର ଓ ପାଗା ନିକଟରେ ଜମି ଠାବ କରାଯାଇଥିଲା। ପୀରବଜାରରେ ଥିବା ଜମି ବାପାଙ୍କର ହୋଇଥିବା କୈଫି କହୁଥିବା ବେଳେ ସେହି ଜମିରେ କୈଫିଙ୍କ ଠକେଇ ଅର୍ଥ ଲାଗିଛି କି ନାହିଁ ସେ ନେଇ ପୋଲିସ ତଦନ୍ତ କରୁଛି। ଏଥିସହ କେଶରପୁରସ୍ଥିତ କୈଫିଙ୍କ ଘରୁ ୫୧ ଲକ୍ଷ ଟଙ୍କାର ଏଲ୍ଆଇସି ଜୀବନବୀମାର ୪ଟି କାଗଜାତ ଠାବ ହୋଇଛି। ବୀମା ପଲିସିଗୁଡ଼ିକର ପ୍ରିମିୟମ ଢେର ଅଧିକ ଥିଲା। ଏପରିକି ଗୋଟିଏ ବୀମା ବାବଦ ତ୍ରୈମାସିକ ଭାବେ ୩୪ ହଜାର ଟଙ୍କାରୁ ଆରମ୍ଭ କରି ଏକ ଲକ୍ଷ ୩୮ ହଜାର ଟଙ୍କା ଯାଏ ଡିପୋଜିଟ କରୁଥିବା ପୋଲିସ ହାତରେ ପ୍ରମାଣ ରହିଛି। ସେପଟେ ଶନିବାର ରିମାଣ୍ଡ ସରୁଥିବାରୁ ଶୁକ୍ରବାର ଦୁଇଟି ସ୍ଥାନକୁ ନେଇ ସିନ୍ ରିକ୍ରିଏସନ କରିଛି ପୋଲିସ। କଟକ ସଦର ଥାନା ଅଞ୍ଚଳର ଶର୍ମିଳା ବିବି ନାମକ ମହିଳାଙ୍କଠାରୁ ପୁଅକୁ ଚାକିରି କରାଇଦେବା ଏବଂ ଘରତଳୁ ରତ୍ନ ବାହାର କରିବା କହି ୫ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ପରେ ସେଠାକୁ ନେଇ ସିନ୍ ରିକ୍ରିଏସନ କରାଇଛି ପୋଲିସ। କୈଫି କିଭଳି ଓ କେମିତି ଘର ଖୋଳି ରତ୍ନ ବାହାର କରୁଥିଲେ ସିନ ରିକ୍ରିଏସନ ବେଳେ ସେ ସବୁ ସତ ପୋଲିସ ଆଗରେ ବଖାଣିଛନ୍ତି।

**ବିମାନ ଭ୍ରମଣ ସଉକ**

ରାଜ୍ୟ ବାହାରକୁ ଯାଇ ବିମାନରେ ଭ୍ରମଣ କରିବା କୈଫିଙ୍କର ସଉକ ଥିଲା। ସେ ବିଭିନ୍ନ ସ୍ଥାନ ବୁଲିବା ଓ ବିମାନଭଡ଼ା ବାବଦରେ ପ୍ରାୟ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବିଶେଷ କରି ଆଜମେର, ଦିଲ୍ଲୀ, ବାଙ୍ଗାଲୋର, ବରେଲି ସର୍ଫ, ଦାର୍ଜିଲିଂ, ମୋନାଲି ଆଦି ସ୍ଥାନକୁ ବିମାନରେ ଯାଇ ଭ୍ରମଣ କରିଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

**କୋଲକାତାରେ ଠକେଇ**

ରାଜ୍ୟ ବାହାରେ ମଧ କୈଫିଙ୍କ ଠକ ସାମ୍ରାଜ୍ୟ ବିସ୍ତାର ଲାଭ କରିଛି। ସେ କୋଲକତାରୁ ମୋଟା ଅଙ୍କର ଅର୍ଥ ଠକିଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କୈଫି ଏହାକୁ ଅସ୍ୱୀକାର କରୁଛନ୍ତି। ତେଣୁ ପୋଲିସ କୋଲକାତା ଯାଇ ସେ ବାବଦରେ ତଦନ୍ତ କରିବ। ଏପରିକି ତାଙ୍କୁ ପୁଣି ଥରେ ରିମାଣ୍ଡରେ ଅଣାଯାଇପାରେ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

**କାଚଗ୍ଲାସ୍‌ରେ ମନ୍ତ୍ରପାଣି**

କେହି ବ୍ୟକ୍ତି ଗୁଣିଗାରେଡ଼ି କରିବା ଅଥବା ମନ୍ତ୍ରତନ୍ତ୍ର ଆଦି ସମସ୍ୟା ନେଇ କୈଫିଙ୍କ ନିକଟକୁ ଆସିଲେ ସେମାନଙ୍କୁ ସେ ଭିନ୍ନ ଭିନ୍ନ ଢଙ୍ଗରେ ଚର୍ଚ୍ଚା କରୁଥିଲେ। ଏପରିକି କାଚଗ୍ଲାସ୍‌ରେ ପାଣି ଆଣି ୫/୭ ଥର ମନ୍ତ୍ର ପଢ଼ି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିଇବାକୁ ଦେଇଥାନ୍ତି। ସେହି ପାଣି ପିଇବା ପରେ ବ୍ୟକ୍ତି ଜଣଙ୍କର ଏକପ୍ରକାର ବିଶ୍ୱାସ ଜନ୍ମିଯାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ ଯାହା କହନ୍ତି ସେ ସହଜରେ ମାନିଥାନ୍ତି ବୋଲି କୈଫି ପୋଲିସ୍‌କୁ କହିଛନ୍ତି।

**ଅଣ୍ଟୁ ନ ଥିଲା ରୋଜଗାର**

କୈଫି କଟକ ସହରର ୨/୩ଟି ମସ୍‌ଜିଦ୍‌ରେ ପିଲାଙ୍କୁ ପାଠ ପଢ଼ାଉଥିଲେ। ହେଲେ ମାସିକ ରୋଜଗାର ମାତ୍ର ୭ରୁ ୮ ହଜାର ହେଉଥିଲା, ଯାହା ପରିବାର ଖର୍ଚ୍ଚ ପାଇଁ ଅଣ୍ଟୁ ନ ଥିଲା। ତେବେ ମନରେ କାର୍ ଚଢ଼ିବା, ଭଲ ଘର ତିଆରି ଯୋଜନା ଏବଂ ସ୍ତ୍ରୀ, ମା'ବାପାଙ୍କୁ ବୁଲାଇବାର ଇଚ୍ଛା ରହିଥିଲା ଯାହା ଏତିକି ରୋଜଗାରରେ ସମ୍ଭବ ନୁହେଁ ବୋଲି ସେ ଭାବିସାରିଥିଲେ। ତେଣୁ ଅଧିକ ଅର୍ଥ ଉପାର୍ଜନ ପାଇଁ ସେ ଏପରି ପନ୍ଥା ଆପଣେଇବା ପାଇଁ ସ୍ଥିର କରିନେଇଥିଲେ।

**ଆଲିମ ପାଠରୁ ଶିଖିଥିଲେ ଗୁଣିଗାରେଡ଼ି**

କୈଫି ରାଜ୍ୟ ବାହାରକୁ ଯାଇ ବହୁତ କିଛି ପାଠ ପଢ଼ିଥିଲେ। ମୌଲାନା, କୋରାନ୍, ହାପିଜ୍ ଓ ଆଲିମ ଆଦି ଅନେକ ପାଠରେ ସେ ବହୁ ଜ୍ଞାନ ହାସଲ କରିଥିଲେ। ଆଲିମ ପାଠରୁ ଗୁଣିଗାରେଡ଼ି, ତନ୍ତ୍ର ଆଦି ସମ୍ପର୍କରେ ଶିଖିଥିବା ସେ ଜେରାବେଳେ ପୋଲିସ୍ ନିକଟରେ ସ୍ୱୀକାର କରିଛନ୍ତି।

# ୩ ରଥର ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



**ରଥଖଳାରୁ ...**

ପୁରୀ ଅଫିସ, ୫।୫:

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାମ ଅନୁକୂଳ କରାଯାଇଛି। ମହାପ୍ରସାଦ ସମର୍ପଣ ଓ ତ୍ରିଫଳ ଭାଙ୍ଗି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ତିନିରଥର ରୂପକାର ସେବକମାନେ ୧୨ଟି ଗୁଜକାଠରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି ରଖିଛନ୍ତି। ରଥ ନିର୍ମାଣର ଦ୍ୱାଦଶ ଦିବସରେ ଅନୁକୂଳ ପୂଜା ପରେ ତିନିରଥର ତିନିଟି ଲେଖାଏ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇସେବକମାନେ ସମ୍ପନ୍ନ କରିଛନ୍ତି। ଏଥିସହ ମହାରଣାମାନେ ତିନିରଥ ପାଇଁ ଆବଶ୍ୟକ ଗୁଜ ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୬, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ୧୨ ଏବଂ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ଟି ଜଳଯନ୍ତ୍ର ନିର୍ମାଣ ଶେଷ ହୋଇଛି। ତିନିରଥର ପାର୍ଶ୍ୱଦେବତାଙ୍କ ପାଇଁ ୯/୯ଟି ଆସ୍ଥାନ ପ୍ରେମ ବା ଜଳଯନ୍ତ୍ର ନିର୍ମାଣ ସରିଛି। ସେହିପରି ଯନ୍ତାପଟା ନିର୍ମାଣ ସରିଛି। ଶୁକ୍ରବାର ମହାରଣାମାନେ ତିନିରଥର ଦୁଇଟି ଲେଖାଏ ଯନ୍ତାପଟାରେ ତିନିଟି ଲେଖାଏ ବିନ୍ଧ କାର୍ଯ୍ୟ ସହ ୪/୪ଟି କିଳା ନିର୍ମାଣ କରିଛନ୍ତି। ଏହି ଯନ୍ତାପଟା ସାହାଯ୍ୟରେ ଚକ ନିର୍ମାଣ ପାଇଁ ଅରରେ ପଇ ପିନ୍ଧା କାର୍ଯ୍ୟ ହୋଇଥାଏ। ୫/୫ଟି ଚକ ପାଇଁ ଆବଶ୍ୟାକ ଅରଗୁଡ଼ିକର ମୁଖସାଲ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତାଳଧ୍ୱଜ ରଥର ୨, ନନ୍ଦିଘୋଷ ରଥର ୨ ଏବଂ ଦେବଦଳନ ରଥର ୩ଟି ଗୁଜରେ ନୃସିଂହ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର ୪୨ ତୁମ୍ବ ପାଇଁ ଆବଶ୍ୟକ ବଳା ତଥା ପଦାରି ନିର୍ମାଣ ଚାଲିଛି। ଶୁକ୍ରବାର ମୋଟ ମହାରଣା ୭୫ ଜଣ ନିୟୋଜିତ ଥିବାବେଳେ ଭୋଇ ସେବକ ୫୯, କରତି ସେବକ ୪, କମାର ସେବକ ୧୨, ପାହି ମହାରଣା ଜଣେ, ତୁମ୍ବବିନ୍ଧ କାରିଗର ଜଣେ, ରୂପକାର ସେବକ ୧୬ ଏବଂ ରଥଖଳା ସହାୟକ ଜଣେ ଏହିପରି ମୋଟ ୧୬୯ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।

## ସଂକ୍ଷେପରେ

### ଶାନ୍ତିସ୍ତୂପରେ ବୁଦ୍ଧ ପୂର୍ଣ୍ଣିମା

ପୁରୁଣା ଭୁବନେଶ୍ୱର,୫।୫(ଡି.ଏନ୍.ଏ.): ଶାନ୍ତିସ୍ତୂପ ଧଉଳିରେ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏନେଇ ପୂର୍ବାହ୍ନରେ ସୁଧର୍ମୀ ଗୃହରେ ପୂଜା ପାଉଥିବା ଭଗବାନ ଗୌତମ ବୁଦ୍ଧଙ୍କୁ କ୍ଷୀରରେ ସ୍ନାନପୂର୍ବକ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇ ଡ୍ରମ୍ ବାଜା ବଜାଯାଇଥିଲା। ଶାନ୍ତିସ୍ତୂପରେ ପୂଜା ପାଉଥିବା ବୁଦ୍ଧଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ବସ୍ତ୍ରଦାନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଳିଙ୍ଗ ନିପନ ବୁଦ୍ଧ ସଂଘ ଏବଂ ଏକତା ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ମଙ୍କ(ବୁଦ୍ଧିଷ୍ଟ) ଲି.କ୍ୟୁ. ୟଙ୍ଗ, ଓଟିଡିସି ଚେୟାରମ୍ୟାନ ଲେନିନ୍ ମହାନ୍ତି, ସଂଘ ଉନ୍ନୟନ ସଂଯୋଜକ ରବି ମହାରଣା, ଏକତା ଟ୍ରଷ୍ଟ ମୁଖ୍ୟ ଦୀପ୍ତିରେଖା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶାନ୍ତିସ୍ତୂପ ପାଦଦେଶରେ ଜାପାନୀ ଗୃହ ଆଦି ଅଞ୍ଚଳରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଆଞ୍ଚଳିକ ବିକାଶ ପରିଷଦ ଏବଂ ଧଉଳି ବ୍ୟବସାୟୀ ସଂଘର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ପୋଲିସ ପରିଚୟ ଦେଇ ଯୁବତୀଙ୍କୁ ଅସଦାଚରଣ

ବାରଙ୍ଗ,୫।୫(ଡି.ଏନ.ଏ.) ନିଜକୁ ନନ୍ଦନକାନନ ଥାନା ପୋଲିସର ପରିଚୟ ଦେଇ ଜଣେ ଯୁବତୀଙ୍କୁ ଅସଦଚରଣ କରିଥିବା ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାକଉଚରା ଚଲାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନସ୍ଥ ଗଣ୍ଡରପୁର ନଦୀପଠାରେ ଶୁକ୍ରବାର ରାତିରେ ଜଣେ ପୁଅଝିଅ ବସି କଥାହେଉଥିଲେ। ଏହି ସମୟରେ ଚାରିଜଣ ଯୁବକ ସେମାନଙ୍କ ପାଖରେ ପହଞ୍ଚି ନନ୍ଦନକାନନ ଥାନା ପୋଲିସ ବୋଲି ପରିଚୟ ଦେଇ ନିଛାଟିଆ ସ୍ଥାନରେ କାହିଁକି ବସିଛ ବୋଲି ଧମକାଇଥିଲେ। କେବଳ ବସି କଥାହେଉଛୁ ବୋଲି ଝିଅଟି କହିବା ପରେ ଉଭୟଙ୍କୁ ଯୁବକମାନେ ଖରାପ ବ୍ୟବହାର କରିଥିଲେ। ଯୁବକମାନଙ୍କର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଯୁବତୀ ଜଣଙ୍କ ଚିତ୍କାର କରିବାରୁ ଯୁବକମାନେ ପଳାଇଯାଇଥିଲେ ବୋଲି ଯୁବତୀ ଜଣଙ୍କ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

# କୋଣାର୍କରେ ଖୋଲିବ ଆଉ ଏକ ଫାଷ୍ଟଟ୍ରାକ୍ କୋର୍ଟ



କେନ୍ଦ୍ର ଆଇନ ସଚିବ ଏସ୍. କେ. ଜି. ରାହାତେ ଏବଂ ଅନ୍ୟମାନେ ସିଭିଲ କୋର୍ଟ କମ୍ପ୍ଲେକ୍ସର ନିର୍ମାଣସ୍ଥଳୀ ବୁଲି ଦେଖୁଛନ୍ତି ।

**ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଦେଖିଲେ କେନ୍ଦ୍ର ଆଇନ ସଚିବ**

କୋଣାର୍କ,୫।୫(ଡି.ଏନ୍.ଏ.)

କେନ୍ଦ୍ର ଆଇନ ସଚିବ ଏସ୍. କେ. ଜି. ରାହାତେ ଶୁକ୍ରବାର ମଧ୍ୟାହ୍ନରେ ଅଚାନକ କୋଣାର୍କ ଗସ୍ତ କରିଛନ୍ତି। ଏଥିସହିତ ସର୍ବପ୍ରଥମେ ସେ ନୂତନ କୋଣାର୍କ ସିଭିଲ କୋର୍ଟ କମ୍ପ୍ଲେକ୍ସର ନିର୍ମାଣସ୍ଥଳୀ ବୁଲି ଦେଖିବା ସହିତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକୁ ଆସନ୍ତା ୬ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଏହି କୋର୍ଟ ତ୍ୱରିତ ନ୍ୟାୟ ଏବଂ ଜନସାଧାରଣଙ୍କୁ ଦ୍ୱାରଦେଶେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ କ୍ଷେତ୍ରରେ ରୋଜଗାର ଓ କର୍ମନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରିଥିଲେ। କୋଣାର୍କ ସିଭିଲ କୋର୍ଟ କ୍ୟାମ୍ପସ ମଧ୍ୟରେ ଖୁବଶୀଘ୍ର ଏକ ନୂଆ ଫାଷ୍ଟ ଟ୍ରାକ କୋର୍ଟ ଖୋଲାଯିବ ବୋଲି କୋଣାର୍କ ବାର୍ ଆସୋସିଏଶନ ପ୍ରତିନିଧିମାନଙ୍କୁ ସଚିବ ରାହାତେ ପ୍ରତିଶ୍ରୁତି ଦେଇଥିଲେ। ଏବଂ ତୁରନ୍ତ ଏଥିପାଇଁ ପ୍ରସ୍ତାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ପୁରୀ ଜିଲା କୋର୍ଟ ରେଜିଷ୍ଟ୍ରାର ନିଖିଲ ମହାନ୍ତି, କୋଣାର୍କ ଜେଏମ୍ଏଫ୍ସି ଭାନୁପ୍ରତାପ ମିଶ୍ର, କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ ବରାଳ, ଯୁଗ୍ମ ସମ୍ପାଦକ ଗନ୍ଧର୍ବ ଦଳାଇ, ବିଜୟ ମହାନ୍ତି, ପ୍ରଦୀପ୍ତ ପାତ୍ର, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର, ଏସ୍‌ଡିଓ ଶଶି ଭୂଷଣ ମହାନ୍ତି, ସହାୟକ ଯନ୍ତ୍ରୀ ଦିଲୀପ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବୁଦ୍ଧ ମନ୍ଦିରରେ ଶୁକ୍ରବାର ଉଦୟନାଥ ଷଡ଼ଙ୍ଗୀଙ୍କ ଲିଖିତ ପୁସ୍ତକ 'ପିଲାଙ୍କ ବୁଦ୍ଧଦେବ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଯୁବକଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୫।୫(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଘରି ପଶି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସଂପୃକ୍ତ ୨ ଭାଇକୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଳିଆ ସିଂ ଓ ଭାଇ ଭଗବାନ ସିଂ। ଜାମିନ ନିମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରି ବନ୍ଧା ହେଲେ ମ୍ୟାନେଜର

ବାରଙ୍ଗ,୫।୫(ଡି.ଏନ୍.ଏ.)

ଜଣେ ଯୁବତୀଙ୍କୁ ସୋସିଆଲ ମିଡିଆରୁ ଫସାଇ ତା'ସହ ସମ୍ପର୍କ ରଖି କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ରଖି ପରେ ବ୍ଲାକମେଲିଂ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଚନ୍ଦକା ପୋଲିସ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଓଡିଶା ମୋଟର୍ସର ମ୍ୟାନେଜର ବିଶ୍ୱଜିତ ରାଉତ। ପ୍ରକାଶ ଯେ, ଚନ୍ଦକା ଥାନା ଅଞ୍ଚଳର ଜଣେ ୨୨ବର୍ଷୀୟା ଯୁବତୀଙ୍କୁ ଭୁବନେଶ୍ୱର କେସୁରାଠାରେ ଥିବା ଓଡିଶା ମୋଟରର୍ସର ମ୍ୟାନେଜର ବିଶ୍ୱଜିତ ସୋସିଆଲ ମିଡିଆରୁ ଜାଣିବା ଆରମ୍ଭ କରିଥିଲେ। ୧ବର୍ଷର ବ୍ୟବଧାନରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଓ ପ୍ରେମ ସମ୍ପର୍କ ବଢିଯାଇଥିଲା। ଯୁବତୀଙ୍କର ସରଳତାର ସୁଯୋଗ ନେଇ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ରଖିଥିଲେ ବିଶ୍ୱଜିତ। ପରେ ଯୁବତୀଙ୍କର ଇନଷ୍ଟାଗ୍ରାମ ସାଇଟ ହ୍ୟାକକରି ତାଙ୍କର କିଛି ଅନ୍ତରଙ୍ଗ ଫଟୋ ପୋଷ୍ଟ କରିଥିଲେ ଏବଂ ଟଙ୍କା ମାଗିବା ସହ ଧମକାଇବା ଆରମ୍ଭ କରିଥିଲେ। ଟଙ୍କା ନ ଦେଲେ ସୋସିଆଲ ନେଟୱାର୍କରେ ଫଟୋକୁ ପୋଷ୍ଟ କରିବାର ଧମକ ଦେଇଥିଲେ। ଗତ ତିନିମାସ ତଳେ ଯୁବତୀଙ୍କୁ ପାଖକୁ ଡାକି ତାଙ୍କ ମୋବାଇଲରେ ଥିବା କିଛି ସମ୍ପର୍କୀୟଙ୍କ ନମ୍ବର ନେଇ ପରେ ସେମାନଙ୍କୁ ମଧ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ବିଶ୍ୱଜିତର ବ୍ଲାକମେଲିଂ କାର୍ଯ୍ୟ ବଢିବାରୁ ଯୁବତୀ ଜଣଙ୍କ ଏପ୍ରିଲ ୨୦ରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବୌଦ୍ଧ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା

**ବୋଧିଚକ୍ର ଆନୁକୂଲ୍ୟରେ ବୁଦ୍ଧ ପୂର୍ଣ୍ଣିମା ପାଳିତ**

ପୁରୀ ଅଫିସ, ୫।୫:

ବୌଦ୍ଧିକ ଅନୁଷ୍ଠାନ 'ବୋଧିଚକ୍ର' ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ପୀଠ ପରିସରସ୍ଥ ବୋଧିଦ୍ରୁମ ମୂଳ ଆସ୍ଥାନରେ ଶୁକ୍ରବାର ପବିତ୍ର ବୁଦ୍ଧପୂର୍ଣ୍ଣିମା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିକୃତି ସମ୍ମୁଖରେ ଦୀପ, ପୁଷ୍ପାଦି ନୈବେଦ୍ୟ ଅର୍ପଣ ପୂର୍ବକ ସମବେତ ବୁଦ୍ଧପ୍ରେମୀ ସମୂହ ଧ୍ୟାନ କରିଥିଲେ। ସମାରୋହରେ ଅନୁଷ୍ଠାନର ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାସକ ଉମେଶଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ। ବରିଷ୍ଠ ମାର୍ଗଦର୍ଶକ ପୂର୍ଣ୍ଣଚନ୍ଦ୍ର ସାହୁ ଧର୍ମପଦ ଅନ୍ତର୍ଗତ ମୂଳବର୍ଗରୁ କେତୋଟି ଗାଥା ପାଠୋଦ୍ଧାର ସଙ୍ଗେ ତାହାର ବିଶଦ୍ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶରତ କୁମାର ସାହୁ, ଦେବରାଜ ପ୍ରଧାନ, ପ୍ରମୋଦ କୁମାର ପଣ୍ଡା, ବିଭୂତିଭୂଷଣ କର, ସାମାଜିକ କର୍ମୀ ରବିନାରାୟଣ ସାହୁ, ହେକ୍ଟର ମିଶ୍ର, ଅଧିବକ୍ତା ଶିବପ୍ରସାଦ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଛାୟାକାନ୍ତ ନାୟକ, ଅଶୋକ କୁମାର, ଉମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସାମ୍ପ୍ରତିକ ପରିପ୍ରେକ୍ଷୀରେ ବୌଦ୍ଧ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ଏହି ଅବସରରେ ମହିମାଧର୍ମ ପ୍ରବର୍ତ୍ତକ ସନ୍ଥ ଭୀମଭୋଇଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପରିଶେଷରେ ସାମାଜିକ କର୍ମୀ ଡ. ରାଧେଶ୍ୟାମ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବେଗୁନିଆ-ବାଙ୍କୀ ବ୍ଲକ ସୀମାନ୍ତ ପଣ୍ଡାଳମ ଗ୍ରାମସ୍ଥିତ ବଜରଙ୍ଗବାଲୀ ମନ୍ଦିରର ବାର୍ଷିକୋତ୍ସବ ପାଳନ ଅବସରରେ ଅନୁଷ୍ଠିତ ଜଳଯାତ୍ରା।

# ୮ରେ ରତ୍ନଭଣ୍ଡାର ମାମଲାର ଶୁଣାଣି

- ରତ୍ନ ଅଳଙ୍କାର ଗଣତି ନେଇ ସରକାର କୋର୍ଟରେ ତଥ୍ୟ ରଖନ୍ତୁ
- ଆମିକସକ୍ୟୁରିଙ୍କ ନିକଟକୁ ଚିଠି ଲେଖିଲା ଶ୍ରୀଜଗନ୍ନାଥ ସେନା
- ୩ ବର୍ଷ ପରେ ବି ସୁପ୍ରିମକୋର୍ଟଙ୍କ ଆଦେଶ ଅନୁପାଳନ ହୋଇନି

ପୁରୀ ଅଫିସ, ୫।୫:

ଆସନ୍ତା ୮ତାରିଖରେ ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ହେବ। ସେହିଦିନ ଶୁଣାଣିବେଳେ କୋର୍ଟରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ଗଣତି ସମ୍ପର୍କରେ ରାଜ୍ୟ ସରକାର ତଥ୍ୟ ରଖନ୍ତୁ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶୁକ୍ରବାର ଆମିକସ୍‌କ୍ୟୁରିଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ନଭେମ୍ବର ୪ର ଆଦେଶକୁ ରାଜ୍ୟ ସରକାର ପାଳନ କରି ରତ୍ନଅଳଙ୍କାର ତାଲିକା ପ୍ରସ୍ତୁତ କରି ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରନ୍ତୁ। ଆସନ୍ତା ୮ତାରିଖରେ ହେବାକୁ ଥିବା ଉକ୍ତ ମାମଲାର ଶୁଣାଣିରେ ଏହା ଉପସ୍ଥାପନ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କେରଳର ଥିରୁଅନନ୍ତପୁରମ୍ ପଦ୍ମନାଭ ମନ୍ଦିରରେ ଥିବା ରତ୍ନଅଳଙ୍କାର ଗଣତି କରାଯାଇଥିଲା ବୋଲି ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

ସୂଚନା ଅନୁଯାୟୀ, ବହୁଚର୍ଚ୍ଚିତ ରତ୍ନଭଣ୍ଡାର ଚାବି ହଜିବା ଘଟଣା ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲା ନମ୍ବର ରହିଥିଲା ୬୪୯/୨୦୧୮। ରତ୍ନଭଣ୍ଡାର ଚାବି ହଜିବାର ତଦନ୍ତ, ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କରିବା ଓ ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଉପରେ ଆଇନଜୀବୀ ପାଢୀ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୯ ନଭେମ୍ବର ୪ରେ ସୁପ୍ରିମକୋର୍ଟ ଅନେକ ଆଦେଶ ଦେଇଥିଲେ। ତନ୍ମଧ୍ୟରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି ଲାଗି ଆଦେଶ ରହିଥିଲା। ତେବେ ଏହି ଆଦେଶକୁ ୩ବର୍ଷ ପୂରିଯାଇଥିଲେ ମଧ ରାଜ୍ୟ ସରକାର ତାହାକୁ ଅନୁପାଳନ କରିନାହାନ୍ତି। ଅନ୍ୟପକ୍ଷରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ଶେଷଥର ପାଇଁ ୧୩.୫.୧୯୭୮ରୁ ୨୩.୭.୧୯୭୮ ପର୍ଯ୍ୟନ୍ତ ଗଣତି କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ତେବେ ଗତ ୨୫ ତାରିଖରେ ସରକାର ସୁପ୍ରିମକୋର୍ଟରେ ଦର୍ଶାଇଛନ୍ତି, ୧୯୭୮ ମସିହାରେ ରତ୍ନଅଳଙ୍କାର ଗଣତି ହୋଇଥିଲା। ଉକ୍ତ ଅଳଙ୍କାରଗୁଡ଼ିକ ରତ୍ନଭଣ୍ଡାରରେ ସୁରକ୍ଷିତ ଥିବା ସତ୍ୟପାଠରେ ଦର୍ଶାଯାଇଛି। ତେବେ ସରକାର ମିଥ୍ୟା ସତ୍ୟପାଠ ଦେଇଥିବା ବେଳେ ଘଟଣା ଉପରୁ ନଜର ହଟାଇବା ପାଇଁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ଅଭିଯୋଗ କରିଛନ୍ତି।

# ଜଙ୍ଗଲରେ ବିତୁଛି ପ୍ରମିଳାଙ୍କ ଜୀବନ

**ସାତସପନ ପାଲଟିଛି ଆବାସ ଯୋଜନା**

ପିପିଲି,୫।୫(ଡି.ଏନ.ଏ.)

ପିପିଲି ବ୍ଲକ ଅଞ୍ଚଳରେ ଜଣେ ବୃଦ୍ଧା ପ୍ରାୟ ୨୦ବର୍ଷରୁ ଅଧିକ ସମୟ ହେବ ଜଙ୍ଗଲ ଭିତରେ ଦୁର୍ବିସହ ଜୀବନଯାପନ କାଟୁଛନ୍ତି। ସେ ହେଉଛନ୍ତି ପ୍ରମିଳା ସ୍ୱାଇଁ, ବୟସ ୭୦ ଛୁଇଁଲାଣି, ଚନ୍ଦ୍ରଦେଇପୁର ପଞ୍ଚାୟତ ୧୪ ନମ୍ବର ୱାର୍ଡରେ ଚାଳ ଘରଟିଏ। ପରିବାର କହିଲେ କେହି ନାହାନ୍ତି। ୨୦ବର୍ଷ ହେବ ଗାଁ ପଛପଟ ଜଙ୍ଗଲ ଭିତରେ ଝାଟିମାଟି କୁଡ଼ିଆ ଘରେ ରହି ଆସୁଥିଲେ। ହେଲେ ଗତ ଫନୀ ବାତ୍ୟାରେ ସେତକ ବି ଚାଲିଗଲା, ଘର ଭାଙ୍ଗି ମାଟିରେ ମିଶିଗଲା। ସେବେଠାରୁ ଏକ ପଲିଥିନ ଜରିଆରେ ୪ବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ଜୀବନ ବିତାଉଛନ୍ତି। କେତେବେଳେ ରାତିରେ ବିଛଣାରେ ସାପ ଆସି ଯାଉଛି ତ କେତେବେଳେ କୁକୁର ଆସି ହାଣ୍ଡିରୁ ଭାତ ଖାଇ ଦେଉଛି, ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡୁଛି। ବଞ୍ଚିବା ପାଇଁ ପ୍ରମିଳା ସଙ୍ଘର୍ଷ କରି ଆସୁଥିଲେ ମଧ କାହାର ନଜର ପଡୁନି ତାଙ୍କ ଉପରେ। ଫନୀ ପରେ ସହାୟତା ପାଇଁ ୩ଥର ତଦନ୍ତ ହୋଇଥିବାବେଳେ ଥ୍ରି ମ୍ୟାନ କମିଟି ମଧ ପ୍ରମିଳାଙ୍କ ବାସ୍ତବ ସ୍ଥିତିକୁ ଦେଖିଛନ୍ତି। ହେଲେ ବ୍ଲକ ପ୍ରଶାସନର ଅପାରଗତ ଯୋଗୁ ପ୍ରମିଳାଙ୍କୁ ଏପର୍ଯ୍ୟନ୍ତ ଆବାସଘର କି କୌଣସି ପ୍ରକାର ସହାୟତା ମିଳିପାରି ନାହିଁ। ଏପରିକି ବାରମ୍ବାର ନିର୍ବାଚିତ ଜନପ୍ରତିନିଧିଙ୍କୁ ଆବାସ ଖଣ୍ଡିଏ ପାଇଁ ପ୍ରମିଳା ଗୁହାରି କରିବା ସହ ଆବାସ ଯୋଜନା ପାଇଁ ଫର୍ମ ମଧ ପଞ୍ଚାୟତରେ ଦାଖଲ କରିଛନ୍ତି। ତାଙ୍କ ପାଇଁ ଆବାସ ଯୋଜନା ଯେପରି ସାତସପନ ପାଲଟି ଯାଇଛି। ସବୁଠୁ ନିରାଶ ହେବା ପରେ ଏବେ ଶେଷରେ ବୟସର ଅପରାହ୍ନରେ ଭାଗ୍ୟକୁ ଆଦରି ସେଇ ଜଙ୍ଗଲ ଭିତରେ ଅନ୍ଧକାରମୟ ଜୀବନ ବିତାଉଥିବା କହିଛନ୍ତି ପ୍ରମିଳା। ସେପଟେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ଦେଖି ୱାର୍ଡ ସଭ୍ୟ ପ୍ରଭାତୀ ସାହୁ ସହାୟତା ପାଇଁ ଆଗକୁ ଆସିଛନ୍ତି। ପ୍ରଶାସନିକ ତ୍ରୁଟି ଯୋଗୁ ପ୍ରମିଳା ଆବାସ ଯୋଜନାରୁ ଦୀର୍ଘଦିନ ହେବ ବଞ୍ଚିତ ଅଛନ୍ତି, ତେଣୁ ଯଥାଶୀଘ୍ର ବ୍ଲକ ପ୍ରଶାସନ ତଦନ୍ତ କରି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ୱାର୍ଡ ସଭ୍ୟା ସାହୁ ଦାବି କରିଛନ୍ତି।



ଜରିପାଲ ତଳେ ରହୁଥିବା ପ୍ରମିଳା ସ୍ୱାଇଁ ।

**ସଂକ୍ଷେପରେ**

## ନିର୍ଦ୍ଦେଶ ଅମାନ୍ୟ ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଦରମା ବନ୍ଦ

ପୁରୀ ଅଫିସ, ୫।୫: ପୁରୀ ଜିଲା ପିପିଲି ବ୍ଲକ୍ କମାକନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଶନ ପାଇବା ପରେ ମଧ ସରକାରୀ ବାସଭବନ ଛାଡୁ ନ ଥିଲେ। ଖୁବଶୀଘ୍ର ବାସଭବନ ଛାଡିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କୁ ଗତ ମାସ ୧୩ ତାରିଖରେ ଚିଠି ଲେଖିଥିଲେ। ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ତାଙ୍କର ସରକାରୀ ବାସଭବନ ୭ଦିନ ମଧ୍ୟରେ ଛାଡ଼ିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଜାତା ମିଶ୍ର ଏନେଇ ପିପିଲି ବ୍ଲକ୍ ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ରିପୋର୍ଟ ଦେବା ପାଇଁ କହିଥିଲେ। ତେବେ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ସରକାରୀ ବାସଭବନ ଛାଡୁ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ଦରମା ସ୍ଥଗିତ ରଖିବା ପାଇଁ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଘରଭଡ଼ା ବାବଦ ଟଙ୍କା ଆଦାୟ କରିବାକୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଉଦ୍‌ଯାପିତ

କଣାସ,୫।୫(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ବାବା ପଶ୍ଚିମାଶମ୍ଭୁ କପିଳେଶ୍ୱର ଦେବଙ୍କ ପୀଠରେ ୫ଦିନ ଧରି ଅନୁଷ୍ଠିତ ଚାଲିଥିବା ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଅଙ୍କୁରାରୋପଣ, ଶାଲାମଣ୍ଡନ, ଜଳଯାତ୍ରା, ସୌରାଅଗ୍ନିଗ୍ରହଣ, ସୂର୍ଯ୍ୟପୂଜା, ଶାଲାପୂଜା, ରୁଦ୍ରାଭିଷେକ, ଆହୂତି, ଗୀତା ଆହୂତି, ରୁଦ୍ରାଷ୍ଟାଧ୍ୟାୟୀରେ ଆହୁତି, ଚଣ୍ଡିପାଠ, ଚଣ୍ଡିଆହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଭଗବାନ ଦାସ ଓ ସହକର୍ମୀମାନେ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବା ବେଳେ ତ୍ରିଲୋଚନପୁର ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ମଣିଜିପୁର ଗ୍ରାମର ଶନିଶ୍ବର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମହାକାଳଭିଷେକ ଓ ମହାଯଜ୍ଞ ୮ଦିନ ଧରି ଅନୁଷ୍ଠିତ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶନି ମନ୍ଦିର ସେବା ସଂଘ ପକ୍ଷରୁ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି କାଦିଆ ପଞ୍ଚାୟତର ସାନଓରା ଗ୍ରାମରେ ମହାବୀର ଦେବଙ୍କ ମନ୍ଦିର ପ୍ରତିଷ୍ଠାର ୭ମ ବର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ପ୍ରବଚକ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅରୁଣ ମହାପାତ୍ର, ଦାଶରଥି ସାହୁ, ବିକ୍ରମ ସାହୁ, ପ୍ରିୟବ୍ରତ ସାହୁ ଓ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମଣିଜିପୁର ଗ୍ରାମରେ ବାବା ଗତିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ୨ତାରିଖଠାରୁ ଚାଲିଥିବା ମହାଶୌବ ଯଜ୍ଞ ମଧ ଉଦ୍‌ଯାପିତ ହୋଇଯାଇଛି ।

# ‘ଅନୁସନ୍ଧାନମୂଳକ ସାମ୍ବାଦିକତା କଷ୍ଟସାଧ ଆହ୍ୱାନ’

**ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ**

ପୁରୀ ଅଫିସ, ୫।୫:

ଦେବର୍ଷି ନାରଦଙ୍କ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଜିଲା ସଂସ୍କୃତି ଭବନରେ ‘ଦି ମିଡିଆ ରାଜ୍ୟସ୍ତରୀୟ କର୍ତ୍ତବ୍ୟରତ ସାମ୍ବାଦିକ ଓ ଲେଖକ ଫୋରମ୍’ ପକ୍ଷରୁ ‘ଅନୁସନ୍ଧାନମୂଳକ ସାମ୍ବାଦିକତା ଓ ଆଜିର ଆହ୍ୱାନ’ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ଫୋରମ୍‌ର ଉପଦେଷ୍ଟା ଶିକ୍ଷାବିତ ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଗଣମାଧ୍ୟମ ଜନମତ ଜାଗ୍ରତରେ ବଳିଷ୍ଠ ମାଧ୍ୟମ। ତେବେ ଖବରଦାତାମାନେ ନିରପେକ୍ଷ ଓ ଅନୁସନ୍ଧାନ ସମ୍ବାଦ ପରିବେଷଣରେ ବହୁ ଘାତ ପ୍ରତିଘାତ ଓ ଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ଉପଯୁକ୍ତ ସୁରକ୍ଷା ପାଇଁ କେନ୍ଦ୍ରୀୟ ସ୍ତରରେ ହୁଇସିଲ ବ୍ଲୋୟର ଆଇନ ପ୍ରଣୀତ ନ ହେଲେ ଅନୁସନ୍ଧାନମୂଳକ ସାମ୍ବାଦିକତା ଦୁରୂହ ବ୍ୟାପାର ହେବ। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଆବଶ୍ୟକ। ଦେବର୍ଷି ନାରଦଙ୍କ ପରି ଖବରଦାତାମାନେ ଗଠନମୂଳକ ଭାବରେ ନିଜ ଲେଖନୀ ଚାଳନା କଲେ ସମାଜର ହିତସାଧନ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ୍ତ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବ୍ରଜକିଶୋର ପରିଡ଼ା, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାସ, ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ସାମ୍ବାଦିକ ନାରାୟଣ ପ୍ରସାଦ ସିଂହ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ ପ୍ରମୁଖ ପ୍ରମୁଖ ମଞ୍ଚାସୀନ ଥିଲେ। ଦି ମିଡିଆର ରାଜ୍ୟ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ଏବଂ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଐତିହାସିକ ମଦନମୋହନ ମହାପାତ୍ର, ପ୍ରାଧ୍ୟାପକ ଦେବରାଜ ପ୍ରଧାନ, ଶିକ୍ଷାବିତ୍ ସଦାଶିବ ମିଶ୍ର, ଡ. ଅଭିମନ୍ୟୁ ଭୂୟାଁ, ସୁଦୀପ୍ତା ମିଶ୍ର, ତୃପ୍ତି ପଣ୍ଡା, ଆଇନଜୀବୀ ରତିକାନ୍ତ ପ୍ରତିହାରୀ, ଖବରଦାତା ମଧୁସୂଦନ ମିଶ୍ର, ଜଗନ୍ନାଥ ବସ୍ତିଆ, ଜୁପିଟର ଦାସ, ଯଜ୍ଞେଶ୍ୱର ମହାନ୍ତି, ନୃସିଂହ ଚରଣ ମହାନ୍ତି, ଲାଲା ଅନନ୍ତ ସିଂହ, ଭାଗବତ ପ୍ରସାଦ ପଟ୍ଟନାୟକ, ଭବାନୀ ପ୍ରସାଦ ବଳିୟାରସିଂ, ଅନାମ ଚନ୍ଦ୍ର ସାହୁ ଏବଂ ସୁରେଶ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦାଶରଥି ମହାପାତ୍ର, ବିଜୟ ଚରଣ ମହାନ୍ତି, ସୂର୍ଯ୍ୟକାନ୍ତ ଦାସରାୟ, ଡ. ସସ୍ମିତା ମିଶ୍ର, କରୁଣାକର ଭୋଳ, ପ୍ରଭାତ କୁମାର ତରାଇ, ତାବିନି ସାମଲ, ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୌମ୍ୟରଞ୍ଜନ ବିଶୋୟୀ, ବେଣୁଧର ପାତ୍ର, ସୌମ୍ୟ ଓ ମୟଙ୍କ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବସନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## ବାଙ୍କେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେଲାଙ୍ଗ,୫।୫(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ରେଞ୍ଚ ପଞ୍ଚାୟତସ୍ଥିତ ପିଢପାଟଣା ଗ୍ରାମର ଆରାଧ ଶ୍ରୀ ବାଙ୍କେଶ୍ୱର ଦେବଙ୍କ ପୀଠରେ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧ଜଣ ମାନସିକଧାରୀ କଳସ ଯାତ୍ରାରେ ସାମିଲ ହେବା ସହିତ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ବୁଧବାର ଜଳଯାତ୍ରା, ଦେବମଣ୍ଡଳ ପୂଜନ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଚଣ୍ଡି ଆହୁତି ଆଦି ପୂଜା ଅର୍ଚ୍ଚନା ମୁଖ୍ୟପୂଜକ ବଳରାମ ଦାଶ ଓ ସାଥିମାନଙ୍କ ଦ୍ୱାରା କରାଯାଇଥିଲା। କର୍ତ୍ତା ଭାବରେ ରାମକୃଷ୍ଣ ପରିଡା, କର୍ତ୍ତ୍ରି ଭାବରେ ସୀତା ପରିଡା କାର୍ଯ୍ୟନିର୍ବାହ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ମହେଶ୍ୱର ଜେନା, ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, ସଦସ୍ୟ କାର୍ତ୍ତିକ ବେହେରା, ଭାଗୀରଥି ଜେନା, ରବୀନ୍ଦ୍ର ଜେନା, ମହେଶ୍ୱର ସାହାଣୀ, ରଶ୍ମି ଜେନା, ଶ୍ରୀଧର ଜେନା ପ୍ରମୁଖଙ୍କ ସହିତ ଗ୍ରାମବାସୀ ଏହି ଧାର୍ମିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପୀଠରେ ୩ଦିନ ପର୍ଯ୍ୟନ୍ତ ସଂକୀର୍ତ୍ତନ, ପ୍ରବଚନ ଆଦି କରାଯାଇଥିବା ବେଳେ ପୂର୍ଣ୍ଣାହୁତିରେ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମପୁଞ୍ଜିର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଜାତୀୟ ଗ୍ରାମୀଣ ଉତ୍ସବ ଉଦ୍‌ଯାପିତ




ଜାତୀୟ ଗ୍ରାମୀଣ ଉତ୍ସବ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଡେଲାଙ୍ଗ,୫।୫(ଡି.ଏନ୍.ଏ.)

ଭାରତୀୟ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରମୁଖ ଅନୁଷ୍ଠାନ ‘ବିଶ୍ୱମୁକ୍ତି’ ଓ ପୁରାତନ ଛାତ୍ର ପରିଷଦ ଦ୍ୱାରା ଆୟୋଜିତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ୫ମ ଜାତୀୟ ଗ୍ରାମୀଣ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଗାନ୍ଧୀ ଫଟୋଚିତ୍ର ପ୍ରଦର୍ଶନୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି

**ଲୋକେ ଦେଖିଲେ ଗାନ୍ଧୀ ଫଟୋଚିତ୍ର**

ଫଟୋଚିତ୍ର ଦେଖିବା ପାଇଁ ଯୁବକ, ଛାତ୍ରୀଛାତ୍ର, ବୃଦ୍ଧ ବ୍ୟକ୍ତିମାନଙ୍କର ଭିଡ ବେଶ ଜମିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶା ସମବାୟ ନିବନ୍ଧକ ଡ. ଉଦ୍ଧବ ଚରଣ ମାଝୀ, ଉପନିବନ୍ଧକ ଶିବପ୍ରସାଦ ସ୍ୱାଇଁ ଓ ସାମାଜିକ କର୍ମୀ ଭବାନୀ ଜଗଦେବ, ଡେଲାଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ସରପଞ୍ଚ ଶେଷଦେବ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲୋକକଳା ଓ ଲୋକ ସଂସ୍କୃତି କେତେ ଗରିମାମୟ ଥିଲା ତାହା ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏଥିସହ କୃତି ଛାତ୍ରଛାତ୍ରୀ, ଖେଲୋ ଇଣ୍ଡିଆରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରାପ୍ତ ପ୍ରତିଭା ଓ ସ୍ୱାଧୀନତା ସଂଗ୍ରାମୀ ପରିବାରଙ୍କୁ ସମ୍ମାନିତ କରିଥିଲେ। ଉତ୍ସବକୁ ପୁରାତନ ଛାତ୍ର ପରିଷଦର ସଭାପତି ଅଧ୍ୟାପକ ତ୍ରିନାଥ ପରିଡ଼ା ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ବଳିୟାରସିଂହ ସଭାଧ୍ୟକ୍ଷ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଠକ ମୌଲାନା କୈଫି ଖାନ୍‌ଙ୍କ ୮୦ ଆକାଉଣ୍ଟ ଠାବ

■ମନ୍ତ୍ର, ପୂଜାପାଠର ସିନ୍ ରିକ୍ରିଏସନ୍ କଲା ପୋଲିସ୍
■୫୧ ଲକ୍ଷ ଟଙ୍କାର ବୀମା କାଗଜାତ, ଦାମୀ ଗାଡ଼ି ଜବତ

କଟକ ଅଫିସ,୫।୫:

ମୌଲାନା କୈଫି ଖାନ୍ ରିମାଣ୍ଡର ତୃତୀୟ ଦିନରେ ପୋଲିସ୍‌କୁ ବେଶ୍ ସଫଳତା ମିଳିଛି। ପ୍ରଥମ ଦିନ ଜେରା ବେଳେ ଠକେଇ ବାବଦରେ ମାନି ନ ଥିବା କୈଫି ପୋଲିସ ଆଗରେ ଗୋଟିକ ପରେ ଗୋଟିଏ ଠକେଇ ଘଟଣାକୁ ସ୍ୱୀକାର କରିଛନ୍ତି। ବିଭିନ୍ନ ଠକେଇ ବାବଦରେ ପ୍ରମାଣ ଦେଖାଇବା ପରେ ସେ ମାନିବାକୁ ବାଧ ହୋଇଛନ୍ତି। କଟକ ସହରରେ ବିଭିନ୍ନ ବ୍ୟାଙ୍କ ସମେତ ଅର୍ଥ ଲଗାଣକାରୀ ସଂସ୍ଥାରେ ପ୍ରାୟ ୮୦ଟି ଆକାଉଣ୍ଟ ରହିଥିବା ପୋଲିସ ଠାବ କରିଛି। ବିଭିନ୍ନ ସ୍ଥାନକୁ ନେଇ ପୋଲିସ ଠକେଇର ସିନ୍ ରିକ୍ରିଏସନ୍ କରିଥିବା ବେଳେ ବହୁ ବିଳାସପୂର୍ଣ୍ଣ ଦାମୀ ସାମଗ୍ରୀ ଜବତ ହୋଇଥିବା ମଙ୍ଗଳବାଗ ଥାନା ଆଇଆଇସି ସୁଧାଂଶୁ ଜେନା ସୂଚନା ଦେଇଛନ୍ତି।

# ଆଜି ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

ପୁରୀ ଅଫିସ, ୫।୫

ଜୁନ ୨୦ରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ରଥ ନିର୍ମାଣ ରଥ ଖଳାରେ ଆଗେଇ ଚାଲିଛି। ବିଗତ ବର୍ଷ ଭଳି ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମ୍ପନ୍ନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ମାସ ୧୧ ତାରିଖରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଶନିବାର ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକରେ ନୀତି ସମ୍ପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବ। ଏଥିସହ ପ୍ରଥମ ସମନ୍ୱୟ ବୈଠକରେ ଦିଆଯାଇଥିବା କାର୍ଯ୍ୟ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯିବ। ବୈଠକରେ ପରକ୍ରମା ମାର୍ଗ କାର୍ଯ୍ୟ ଓ ବଡ ଦାଣ୍ଡ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି।



ପୁରୀ ଲବଣିଖିଆ ଛକ ଅଞ୍ଚଳର ପ୍ରତିମା ବଳ ଧଉଳି ଶାନ୍ତିସ୍ତୂପ ଚିତ୍ର ମାଧ୍ୟମରେ ବିଶ୍ୱଶାନ୍ତି ବାର୍ତ୍ତା ଦେଉଛନ୍ତି ।

# ଦୋକାନ ଘର ଆବଣ୍ଟନରେ ଦୁର୍ନୀତି ଅଭିଯୋଗ

ପୁରୀ ଅଫିସ, ୫।୫:

ପୁରୀ ସହରରେ ନିର୍ମାଣ ଚାଲିଥିବା ଦଇତାପଡ଼ା ସାହି ଛକ ମାର୍କେଟ କମ୍ପ୍ଲେକ୍ସ, ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ପୁରୁଣା ଜେଲ ରୋଡ୍‌ସ୍ଥିତ ବହୁତଳ ପାର୍କିଂ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସର ଶୁଭାରମ୍ଭ ଚଳିତ ବର୍ଷ ଘୋଷଯାତ୍ରା ପୂର୍ବରୁ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ପ୍ରଶାସନ

**ହାଇକୋର୍ଟ ଯିବେ ସୂଚନା ଅଧିକାର କର୍ମୀ**

ପକ୍ଷରୁ ଦୋକାନଘର ଆବଣ୍ଟନ ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁ ତାଲିକାରେ ବିଭିନ୍ନ ମଠର ନାମ ରହିଛି। ଶ୍ରୀମନ୍ଦିର ଚାରିପାଖରେ ୭୫ମିଟର ପରିଧି ମଧ୍ୟରେ ଯେଉଁମାନଙ୍କଠାରୁ ସରକାର ଜମି କିଣିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ନାମ ଦୋକାନ ଆବଣ୍ଟନ ତାଲିକାରେ ସ୍ଥାନ ପାଇଛି। ସେହିପରି ପୂର୍ବରୁ ଦଇତାପଡାସାହି ଛକସ୍ଥିତ ମ୍ୟୁନିସିପାଲଟି ମାର୍କେଟ ଓ ମୋଚିସାହିସ୍ଥିତ ମହୋଦଧି ମାର୍କେଟରେ ଦୋକାନ କରିଥିବା କ୍ଷତିଗ୍ରସ୍ତ ଦୋକାନୀଙ୍କ ନାମ ଉକ୍ତ ତାଲିକାରେ ରହିଛି। ତେବେ ତାଲିକାରେ ପୁରୀ ସହରର କୋଟିପତି ବ୍ୟବସାୟୀ ଓ ମୁଷ୍ଟିମେୟ ସେବାୟତଙ୍କ ନାମ ମଧ ସ୍ଥାନ ପାଇଥିବା ଜଣାପଡିଛି। କେଉଁ ଆଧାରରେ ଏହା ହେଲା ତାହା ପ୍ରଶ୍ନ ହୋଇଛି ବୋଲି ମାନବାଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି। ତୁରନ୍ତ ସ୍ୱଚ୍ଛତା ଭିତ୍ତିରେ ଦୋକାନ ଘର ଆବଣ୍ଟନ କରାଯିବାକୁ ସେ ଦାବି କରିଛନ୍ତି। ନଚେତ ସେ ହାଇକୋର୍ଟଙ୍କ ଆଶ୍ରୟ ନେବେ ବୋଲି ବରାଳ କହିଛନ୍ତି।

# ୨ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ

ନିମାପଡ଼ା, ୫।୫(ଡି.ଏନ.ଏ.)



ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ନିମାପଡ଼ା ପୂର୍ତ୍ତବିଭାଗ ପକ୍ଷରୁ ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ନିମାପଡ଼ା ପାତପୁରଠାରୁ ଭାୟା ବାମନାଳ ବଳଙ୍ଗା ପୂର୍ତ୍ତ ସଡ଼କର ଭିତ୍ତିପ୍ରସ୍ତର ସ୍ଥାପନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୨କି.ମି. ବିଶିଷ୍ଟ ଏହି ପ୍ରଶସ୍ତ ପକ୍କା ସଡ଼କର ନିର୍ମାଣ କାର୍ଯ୍ୟ ୧ବର୍ଷ ମଧ୍ୟରେ ଶେଷ ହୋଇ ଲୋକାର୍ପିତ ହେବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ପକ୍କା ପ୍ରଶସ୍ତୀକରଣ ରାସ୍ତା ନିର୍ମାଣ ହେଲେ ନିମାପଡ଼ା ବ୍ଲକର ବାମନାଳ, ସଲଙ୍ଗ, ନୂଆସନ୍ଥ, ଉଚ୍ଛୁପୁର, ବଳଙ୍ଗା ଆଦି ୬ ପଞ୍ଚାୟତର ପ୍ରାୟ ୫୦ହଜାର ଜନସାଧାରଣ ଗମନାଗମନ କ୍ଷେତ୍ରରେ ବହୁଳଭାବେ ଉପକୃତ ହୋଇପାରିବେ ଓ ଏହି ରାସ୍ତା ୫ଟି ପଞ୍ଚାୟତବାସୀଙ୍କ ବହୁ ପ୍ରତିକ୍ଷୀତ ରାସ୍ତା ବୋଲି ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବାମନାଳ ଛକଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜଳ ସମ୍ପଦ ବିଭାଗ ପକ୍ଷରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଜଳସମ୍ପଦ ବିଭାଗ ପ୍ରାଚୀ ଡିଭିଜନର ନିମାପଡ଼ା କୁଶଭଦ୍ରା ନଦୀ ବ୍ରିଜଠାରୁ ପ୍ରଭୁ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ୯୫୦ ମିଟର ବିଶିଷ୍ଟ ନୂତନ ପକ୍କା ପ୍ରଶସ୍ତୀକରଣ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ଦାଶ କରିଥିଲେ। ବାମନାଳ ଓ ନିମାପଡ଼ା ଗୋଲେଇ ଛକ କୁଶଭଦ୍ରା ନଦୀ ବ୍ରିଜ ନିକଟରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଲ ହେମ୍ବ୍ରମ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏମ୍‌ପି ପ୍ରତିନିଧି ବିଜୟ ପଟ୍ଟନାୟକ, ସରପଞ୍ଚ ସୁରେନ୍ଦ୍ର ସ୍ୱାଇଁ, ସରପଞ୍ଚ ଅରବିନ୍ଦ ମଲ୍ଲିକ, ବାଳକୃଷ୍ଣ ଓଝା, କୈଳାସ ମହାପାତ୍ର, ରାକେଶ ବେହେରା, ଦୀପକ ଦାସ, ଧନୀ ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆର ଶିଳାନ୍ୟାସ

କୋଣାର୍କ,୫।୫(ଡି.ଏନ୍.ଏ.)

କୋଣାର୍କରେ ସାମାଜିକ ସଂଗଠନ ୟଙ୍ଗ ଇଣ୍ଡିଆ ଦ୍ୱାରା ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆର ଶିଳାନ୍ୟାସ ଶୁକ୍ରବାର ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗ ଦେଇ ସମଗ୍ର ଏସିଆ ମହାଦେଶରେ ଏଭଳି ପ୍ରୟାସ କାର୍ଯ୍ୟରତ ଖବରଦାତା ଏବଂ ଆଗାମୀ ଯୁବ ଖବରଦାତାଙ୍କର ତାଲିମ ଏବଂ ଦକ୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏସିଆ ସେଣ୍ଟର ଫର୍ କମ୍ୟୁନିଟି ମିଡିଆ ପାଇଁ ସରକାରୀ ସ୍ତରରେ ଯଥା ସମ୍ଭବ ସାହାଯ୍ୟ କରିବା ପାଇଁ ମନ୍ତ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଓଡିଶା ଗୋଷ୍ଠୀବେତାର ମହାସଂଘର ସଭାପତି ଏସ୍.ଏ. ସଫିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଭାରତୀୟ ଗୋଷ୍ଠୀ ବେତାର ମହାସଂଘର ଉପ ସଭାପତି ଡ. ଶିଶିର କୁମାର ଦାସ, ଆକ୍ସନଏଡର ସହନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୟଙ୍ଗ ଇଣ୍ଡିଆର ସଭାପତି ଏନ ଏ ଶାହା ଅନସାରୀଏହି କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ତାଲିମ କେନ୍ଦ୍ରରେ ଏସୀୟ ଦେଶମାନଙ୍କର ବିଭିନ୍ନ ବିଶ୍ୱବିଦ୍ୟାଳୟର ମିଡିଆ ଅଧ୍ୟୟନ ଛାତ୍ର, ଗବେଷକ, କମ୍ୟୁନିଟି ମିଡିଆ ଅଭ୍ୟାସକାରୀ ଏବଂ ଏସୀୟ ଦେଶଗୁଡ଼ିକର ଖବରଦାତାଙ୍କ ପାଇଁ ସ୍ୱଳ୍ପକାଳୀନ ପାଠ୍ୟକ୍ରମ, ତାଲିମ ଏବଂ ଦକ୍ଷତା ବିକାଶ କର୍ମଶାଳା ଆୟୋଜିତ ହେବ। ଏହି କେନ୍ଦ୍ରରେ ଜାତୀୟ ତଥା ଆନ୍ତର୍ଜାତୀୟ ସମ୍ମିଳନୀ ପାଇଁ ଏକ ସମ୍ମିଳନୀ କକ୍ଷ, ତାଲିମ ହଲ, ଆଧୁନିକ ଶ୍ରେଣୀଗୃହ, ରହିବ ସୁବିଧା, ଡିଜିଟାଲ ଲାଇବ୍ରେରୀ, କାଫେଟେରିଆ ରହିବ। ବରିଷ୍ଠ ଶିକ୍ଷାବିତ ପ୍ରତାପ ରାଉତ ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରେଡିଓ ବସୁଧା, କାମାକ୍ଷାନଗରର ମୁଖ୍ୟ ଶିଶିର ଶତପଥୀ, ରେଡିଓ ଆଉଟରିଚ, ଜଗତସିଂହପୁରର ମୁଖ୍ୟ ସୁବ୍ରତ ପତି, ରେଡିଓ ଜୁହାର, କେନ୍ଦୁଝରର ମୁଖ୍ୟ ଚଣ୍ଡୀପ୍ରସାଦ ପଟ୍ଟନାୟକ, ରାଜକିଶୋର ମହାପାତ୍ର, ଶିକ୍ଷାବିତ ରବୀନ୍ଦ୍ରନାଥ ବାହିନୀପତି, ବିଶ୍ୱଜିତ ସ୍ୱାଇଁ, ଦିଲୀପ ରାଉତ, ରାମକୃଷ୍ଣ ମହାନ୍ତିଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ବିଶେଷଜ୍ଞ, ରେଡିଓ ପ୍ରସାରକ, ଖବରଦାତା, ପ୍ରମୁଖ ସାମିଲ ଥିଲେ। ଶେଷରେ ରାଷ୍ଟ୍ରପତି ସମ୍ମାନ ପ୍ରାପ୍ତ ଶିକ୍ଷୟିତ୍ରୀ କୃଷୀଦା ବେଗମ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ଦାଜ ଆରନ, ରୋଜାଲିନ ପ୍ରଧାନ, ଟିଙ୍କିନା ରାଉତ, ଏସ. କାଜଲ, ଅନୁପ ସାହୁ ପ୍ରମୁଖ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟ ଅତିଥିମାନେ ।

**ଟ୍ରକ୍‌କୁ ଧକ୍କା ଦେଇ ଓଲଟିଲା କାର୍: ବ୍ୟବସାୟୀ ମୃତ**

**ଖୋର୍ଦ୍ଧା ଅଫିସ:** ଦଧିମାଛଗାଡ଼ିଆ ନିକଟରେ ଶୁକ୍ରବାର ଏକ ଟ୍ରକ୍‌କୁ ଧକ୍କା ଦେଇ କାର୍ ଓଲଟି ପଡ଼ିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଅଞ୍ଚଳର ଲୋକେଶ ଅଗ୍ରୱାଲ। ସୂଚନା ମୁତାବକ, ଲୋକେଶ କାର୍‌ରେ ଦଧିମାଛଗାଡିଆସ୍ଥିତ ପେଟ୍ରୋଲପମ୍ପରୁ ଖୋର୍ଦ୍ଧା ଯାଉଥିଲେ। କୌଣସି କାରଣରୁ କାରଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ୍ ପଛପଟକୁ ଧକ୍କା ଦେଇ ଓଲଟି ପଡିଥିଲା। ଲୋକେଶ ଗୁରୁତର ଆହତ ହୋଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ୨ ଭାଇ ଗିରଫ

ଭୁବନେଶ୍ୱର,୫।୫(ବ୍ୟୁରୋ)-ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଘରେ ପଶି ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ସଂପୃକ୍ତ ୨ ଭାଇକୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାଲିଆ ସିଂ ଓ ଭାଇ ଭଗବାନ ସିଂ। ଜାମିନ ନମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ବୁଧବାର ରାତି ପ୍ରାୟ ୯ ଟାରେ ଅଭିଯୁକ୍ତ ଦୁଇ ଭାଇ କାଲିଆ ଓ ଭଗବାନ ଆନନ୍ଦ ସୁରିଙ୍କ ଘରେ ପଶି ଗୋଟିଏ ସାନିଟାରୀ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଆନନ୍ଦଙ୍କର ମୁଣ୍ଡରୁ ରକ୍ତସ୍ରାବ ହେବାପରେ ସେ ଅଚେତ ହୋଇଯାଇଥିଲେ। ତାଙ୍କ ମା' ପିସିଆର୍ ଡକାଇ ପୁଅକୁ ହସ୍ପିଟାଲକୁ ନେଇଥିଲେ। ତାଙ୍କ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ସହ ଦୁଇ ଭାଇଙ୍କୁ ଗିରଫ କରିଥିଲା।

### ପୋଲିସ ପରିଚୟ ଦେଇ ଯୁବତୀଙ୍କୁ ଅସଦାଚରଣ

ବାରଙ୍ଗ,୫।୫(ଡି.ଏନ.ଏ.) ନିଜକୁ ନନ୍ଦନକାନନ ଥାନା ପୋଲିସର ପରିଚୟ ଦେଇ ଜଣେ ଯୁବତୀଙ୍କୁ ଅସଦଚରଣ କରିଥିବା ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାକଉଚରା ଚଲାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନସ୍ଥ ଗଣ୍ଡରପୁର ନଦୀପଠାରେ ଶୁକ୍ରବାର ରାତିରେ ଜଣେ ପୁଅଝିଅ ବସି କଥାହେଉଥିଲେ। ଏହି ସମୟରେ ଚାରିଜଣ ଯୁବକ ସେମାନଙ୍କ ପାଖରେ ପହଞ୍ଚି ନନ୍ଦନକାନନ ଥାନା ପୋଲିସ ବୋଲି ପରିଚୟ ଦେଇ ନିଛାଟିଆ ସ୍ଥାନରେ କାହିଁକି ବସିଛ ବୋଲି ଧମକାଇଥିଲେ। କେବଳ ବସି କଥାହେଉଛୁ ବୋଲି ଝିଅଟି କହିବା ପରେ ଉଭୟଙ୍କୁ ଯୁବକମାନେ ଖରାପ ବ୍ୟବହାର କରିଥିଲେ। ଯୁବକମାନଙ୍କର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଯୁବତୀ ଜଣଙ୍କ ଚିତ୍କାର କରିବାରୁ ଯୁବକମାନେ ପଳାଇଯାଇଥିଲେ ବୋଲି ଯୁବତୀ ଜଣଙ୍କ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

### ସିସିଟିଭିରେ ବାଇକ୍ ଚୋରିର ଦୃଶ୍ୟ

ଭୁବନେଶ୍ୱର,୫।୫(ବ୍ୟୁରୋ)- ଏୟାରପୋର୍ଟ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କ ଅଞ୍ଚଳରେ ଘର ଆଗରେ ଥିବା ଏକ ବାଇକକୁ ଜଣେ ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଏପରିକି ଚୋରି ବେଳର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଜଣେ ଯୁବକ ଚାଲି ଚାଲି ଯିବା ପରେ ଥୁଆ ହୋଇଥିବା ବାଇକକୁ ଚତୁରତାର ସହ ନେଇ ପଳାଇଯାଉଥିବା ସିସିଟିଭିରେ ଦେଖିବାକୁ ମିଳୁଛି। ଏନେଇ ଗାଡିର ମାଲିକ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତକୁ ଧରିବା ଲାଗି ଉଦ୍ୟମ ଚଳାଇଛି।

### ୮ରେ ରତ୍ନଭଣ୍ଡାର ମାମଲାର ଶୁଣାଣି

#### ଆମିକସ୍ କ୍ୟୁରିଙ୍କ ନିକଟକୁ ଚିଠି ଲେଖିଲା ଶ୍ରୀଜଗନ୍ନାଥ ସେନା

**ପୁରୀ ଅଫିସ, ୫।୫:** ଆସନ୍ତା ୮ତାରିଖରେ ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ହେବ। ସେହିଦିନ ଶୁଣାଣିବେଳେ କୋର୍ଟରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ଗଣତି ସମ୍ପର୍କରେ ରାଜ୍ୟ ସରକାର ତଥ୍ୟ ରଖନ୍ତୁ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶୁକ୍ରବାର ଆମିକସ୍‌କ୍ୟୁରିଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ନଭେମ୍ବର ୪ର ଆଦେଶକୁ ରାଜ୍ୟ ସରକାର ପାଳନ କରି ରତ୍ନଅଳଙ୍କାର ତାଲିକା ପ୍ରସ୍ତୁତ କରି ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରନ୍ତୁ। ଆସନ୍ତା ୮ତାରିଖରେ ହେବାକୁ ଥିବା ଉକ୍ତ ମାମଲାର ଶୁଣାଣିରେ ଏହା ଉପସ୍ଥାପନ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କେରଳର ଥିରୁଅନନ୍ତପୁରମ୍ ପଦ୍ମନାଭ ମନ୍ଦିରରେ ଥିବା ରତ୍ନଅଳଙ୍କାର ଗଣତି କରାଯାଇଥିଲା ବୋଲି ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ରତ୍ନଭଣ୍ଡାର ଚାବି ହଜିବା ଘଟଣା ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୧୯ ନଭେମ୍ବର ୪ରେ ସୁପ୍ରିମକୋର୍ଟ ଅନେକ ଆଦେଶ ଦେଇଥିଲେ। ତନ୍ମଧ୍ୟରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ଲାଗି ଆଦେଶ ରହିଥିଲା। ତେବେ ଏହି ଆଦେଶକୁ ୩ବର୍ଷ ପୂରିଯାଇଥିଲେ ମଧ୍ୟ ରାଜ୍ୟ ସରକାର ଅନୁପାଳନ କରିନାହାନ୍ତି।

# ଲେଡିଜ୍ ହଷ୍ଟେଲକୁ ଢେଲା ମାଡ଼, ୧୦ରୁ ଊର୍ଦ୍ଧ୍ୱ ଯୁବତୀ ଆହତ

## ରୋଡ୍ ରୋମିଓଙ୍କ ଆତଙ୍କରାଜ

- ଯୁବତୀଙ୍କୁ ଟେକା ମାରିଲେ, ବିରୋଧ କରିବାରୁ ତାଡିଲେ ଯୁବକ
- ଭଙ୍ଗାରୁଜା ସହ ଛାତ୍ରୀଙ୍କୁ ମାଡ଼ ମାରିଲେ, ଥାନାରେ ଏତଲା

ଭୁବନେଶ୍ୱର,୫।୫(ବ୍ୟୁରୋ)



ଘଟଣା ପରେ ଆତଙ୍କିତ ଅବସ୍ଥାରେ ରହିଥିବା ଯୁବତୀମାନେ।

ରାଜଧାନୀରେ ରୋଡ଼ ରୋମିଓଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ କମେଣ୍ଟ ଓ ଢ଼େଲା ମାଡ଼କୁ ବିରୋଧ କରିବାରୁ ୧୦ରୁ ଉର୍ଦ୍ଧ୍ୱ ଯୁବକ ତାଡିଯାଇ ହାଇଡ୍ରାମା କରିଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରାସାହି ସ୍ଥିତି ଉଗ୍ରତାରା ଲେଡିଜ୍ ହଷ୍ଟେଲକୁ ଅସାମାଜିକ ଯୁବକମାନେ ପଥର ମାଡ଼ କରି ଭଙ୍ଗାରୁଜା କରିଛନ୍ତି। ପଥର ମାଡ଼ରେ ହଷ୍ଟେଲର କାଚ, ପାଚେରି, ଝରକା ଆଦି ଭାଙ୍ଗିଯାଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଯୁବତୀ ଆହତ ହୋଇଛନ୍ତି। ଏନେଇ ହଷ୍ଟେଲ ଅନ୍ତେବାସୀମାନେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ହଷ୍ଟେଲ ନିକଟରେ ପ୍ରତ୍ୟେକ ଦିନ କିଛି ଯୁବକ ଖଟି କରୁଛନ୍ତି। ଏପରିକି ଆଖପାଖରେ ରହୁଥିବା ଯୁବତୀଙ୍କୁ ସେମାନେ ପ୍ରାୟ ସମୟରେ କମେଣ୍ଟ ମାରନ୍ତି। ହେଲେ ଯୁବତୀମାନେ ଭୟରେ ଏହା ବିରୋଧରେ ପ୍ରତିବାଦ କରନ୍ତି ନାହିଁ। ହେଲେ ଶନିବାର ପରିସ୍ଥିତି ଅଣାୟତ ହୋଇଥିଲା। ନିଳାବତୀ ସ୍ୱାଇଁ ନାମ୍ନୀ ଜଣେ ଯୁବତୀ ଉଗ୍ରତାରା ହଷ୍ଟେଲ ସାମ୍ନାରେ ତାଙ୍କ ଗାଡ଼ି ଧରି ଠିଆ ହୋଇଥିଲେ। ଖଟି କରୁଥିବା ରୋଡ ରୋମିଓମାନେ ତାଙ୍କୁ ଢ଼େଲା ମାଡ଼ କରିଥିଲେ। ଏହାକୁ ବିରୋଧ କରି ଲିଳାବତୀ ପ୍ରତିବାଦ କରିଥିଲେ। ଫଳରେ ଯୁବକମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରିକି ହଷ୍ଟେଲ ଭିତରକୁ ବଳପୂର୍ବକ ପଶି ଅନ୍ୟ ଯୁବତୀଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ଏଥିସହ ଢ଼େଲା ମାଡ଼ କରିଥିଲେ। ଫଳରେ ହଷ୍ଟେଲରେ ଥିବା ଗାଡ଼ି ଅନ୍ୟ ଆସବାବ ପତ୍ର ଭାଙ୍ଗି ଯାଇଛି। ୧୫ ମିନିଟରୁ ଉର୍ଦ୍ଧ୍ୱ ସମୟ ଯୁବକମାନେ ଏଭଳି ଆତଙ୍କରାଜ ଖେଳାଇଥିଲେ।





କ୍ଷତିଗ୍ରସ୍ତ ଗାଡ଼ି ଓ ଭାଙ୍ଗିଯାଇଥିବା କାଚ ଝରକା।

ଏନେଇ ଖବର ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ଯୁବକମାନେ ଛତ୍ରଭଙ୍ଗ ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ଦେବାକୁ ଏତଲା ଫର୍ଦ୍ଦରେ ଯୁବତୀମାନେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଜଧାନୀରେ କିଛି ବାଉନସର ଗ୍ୟାଙ୍ଗ ଅପରାଧ ରଚୁଥିବା ବେଳେ ଏବେ ରୋଡ ରୋମିଓଙ୍କ ଏଭଳି କାଣ୍ଡକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

# ଜାଲ୍ ଆଇକାର୍ଡ ଦ୍ୱାରା ସଚିବାଳୟରେ ପ୍ରବେଶ

## ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୫(ବ୍ୟୁରୋ)

ଜାଲ ଆଇକାର୍ଡ ଦ୍ୱାରା ସଚିବାଳୟ ଭିତରକୁ ପ୍ରବେଶ କରିବା ମାମଲାରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା କିଶୋର ନଗର ଅଞ୍ଚଳର ସମୀର କୁମାର ବର୍ମନ୍ (୪୨) ଓ ଜଗତସିଂହପୁର ଜିଲା ତରଡାପଡ଼ା ଅଞ୍ଚଳର ରାକେଶ କୁମାର ପ୍ରଧାନ (୨୯)। ରାକେଶ ସଚିବାଳୟରେ ସହଯୋଗ ବିଭାଗର ସିନିୟର ଆଇଟି ପ୍ରୋଗ୍ରାମର୍ ଭାବେ କାର୍ଯ୍ୟ କରୁଥିବା ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରେ ଲୋକସେବା ଭବନରେ ସିକ୍ୟୁରିଟି ଯାଞ୍ଚ ଚାଲିଥିଲା। ପୋଲିସ କର୍ମଚାରୀ କୁନାଲ ରଞ୍ଜନ ମହାପାତ୍ର ତଳ ମହଲା ଲିଫ୍ଟ ନିକଟରେ ସମୀରଙ୍କ ପରିଚୟ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ସମୀରଙ୍କ ନିକଟରୁ ସଚିବାଳୟର ଏକ ଜାଲ ଆଇକାର୍ଡ ପାଇଥିଲେ। ଯାହା ସ୍ୱାସ୍ଥ୍ୟ ବିଭାଗର ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ଭାବେ ଦର୍ଶାଯାଇଥିଲା। ଯାଞ୍ଚ ବେଳେ ଏହା ଏକ ନକଲି ପାସ୍ ବୋଲି ଜଣାପଡ଼ିଥିଲା।

ସମୀରଙ୍କୁ ପଚରାଉଚରା ପରେ ସେ ଏହାକୁ ରାକେଶଙ୍କଠୁ ଆଣିଥିବା କହିଥିଲେ। ଏନେଇ ଲୋକସେବା ଭବନର ସୁରକ୍ଷା ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ସୁଜିତ୍ କୁମାର ଦଳେଇଙ୍କ ଏତଲାକ୍ରମେ ପୋଲିସ ଏକ (ନଂ.୨୭୪/୨୦୨୩) ମାମଲା ରୁଜୁ କରି ସମୀର ଓ ରାକେଶଙ୍କୁ ଗିରଫ କରିଥିଲା।

# ଆଉ ଜଣେ ବାଉନ୍ସର ଗିରଫ

## ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା

ଭୁବନେଶ୍ୱର,୫।୫(ବ୍ୟୁରୋ)



ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଭାଙ୍ଗି ଲୁଟ୍ ଘଟଣାରେ ଫେରାର ଥିବା ଆଉଜଣେ ବାଉନ୍ସରଙ୍କୁ ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବେହେରା ସାହିରେ ରହୁଥିବା ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ବିଶ୍ୱଜିତ ଜେନା ଓରଫ ମୁନା (୨୮)। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ମୁନାଙ୍କୁ କୋର୍ଟଚାଲଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ବାଉନ୍‌ସର ଗ୍ୟାଙ୍ଗ ମୁଖ୍ୟ ରାଘବ ଜେନାଙ୍କ ସମେତ ୨୧ଜଣ ଗିରଫ ହୋଇଥିବାବେଳେ ଏବେ ଗିରଫଦାରି ସଂଖ୍ୟା ୨୨ରେ ପହଞ୍ଚିଛି। ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ନିକଟରେ ଥିବା ବିବାଦୀୟ ପ୍ଲଟ୍ ନଂ.୧୪୭୦ରେ ଥିବା ୨ଟି ଦୋକାନକୁ ଭାଙ୍ଗିବାକୁ ମାଲିକ ରଞ୍ଜିତ ଦାସପୁରିଆ ଅଭିଯୁକ୍ତମାନଙ୍କୁ ସୁପାରି ଦେଇଥିଲେ। ଗତ ମାର୍ଚ୍ଚ ୨୪ ବିଳମ୍ବିତ ରାତିରେ ରାଘବଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ବାଉନ୍‌ସର ବସ୍, ଜେସିବି ଓ ବାଇକ୍‌ରେ ଆସି ଦୋକାନକୁ ଭାଙ୍ଗିଦେବା ସହ ବହୁ ଟଙ୍କାର ଜିନିଷ ଚୋରିକରି ନେଇଥିଲେ। ଏନେଇ ପୋଲିସ ୪ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ମାସେ ପରେ ବି ଓଡ଼ିଆରେ ନାମଫଳକ ଲେଖିଲେ ନାହିଁ










ଭୁବନେଶ୍ୱର,୫।୫(ବ୍ୟୁରୋ)

## ନାଲିଆଖି ଦେଖାଇ ଶୋଇପଡ଼ିଲା ବିଭାଗ

ସରକାରୀ ତଥା ବେସରକାରୀ ଅଫିସ, ସ୍କୁଲ୍ କଲେଜ, ବ୍ୟବସାୟ ପ୍ରତିଷ୍ଠାନ ସବୁଠି ଓଡ଼ିଆରେ ନାମ ଫଳକ ଲେଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ ମଧ୍ୟ କରିଛନ୍ତି। ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମଧ୍ୟ ନିୟମକୁ କଡାକଡି କରିବାକୁ ଘୋଷଣା କରିବା ସହ ଚେତାବନୀ ଦେଉଛି। ହେଲେ ଇତିମଧ୍ୟରେ ରାଜ୍ୟ ସରକାରଙ୍କ କାର୍ଯ୍ୟାଳୟକୁ ଛାଡ଼ିଦେଲେ ବିଭିନ୍ନ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ତଥା କେନ୍ଦ୍ରୀୟ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନରେ ଇଂଲିଶରେ ନାମ ଫଳକ ଦେଖିବାକୁ ମିଳୁଛି। ଗତମାସ ୬ ତାରିଖରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ କର୍ମଚାରୀ ବିଭାଗ, ଶ୍ରମ ଆୟୁକ୍ତ ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାରେ ନାମଫଳକ ଲେଖିବାକୁ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୭ରେ ହୋଇଥିବା ସଂଶୋଧନ ଉପରେ ଆଲୋଚନା କରାଯାଇ ଏହାର କଡ଼ାକଡ଼ି ଅନୁପାଳନ ନିମନ୍ତେ ନିଷ୍ପତି ନିଆଯାଇଥିଲା। ଶ୍ରମ ଆୟୁକ୍ତ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମ ଫଳକ ଲଗାଯିବା ନେଇ କଡ଼ା ନିରୀକ୍ଷଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତି ହୋଇଥିଲା। ଖିଲାପକାରୀଙ୍କୁ ପ୍ରଥମେ ୭ଦିନିଆ ନୋଟିସ ଦିଆଯିବ। ପରେ ପ୍ରଥମଥର ୫ହଜାର ଟଙ୍କା ଓ ଦ୍ୱିତୀୟଥର ଖିଲାପ କଲେ ୨୫ହଜାର ଟଙ୍କା ଦଣ୍ଡ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପ୍ରିଲରୁ ଏହାକୁ ଲାଗୁ କରିବାକୁ କୁହାଯାଇଥିଲା। ଏସବୁ ପରେ ବି ରାଜଧାନୀ ଭୁବନେଶ୍ୱରରେ ବ୍ୟବସାୟୀଙ୍କୁ ଇଂଲିଶ ପ୍ରୀତି ଛାଡୁନାହିଁ। ବଡ଼ ବଡ଼ ଅକ୍ଷରରେ ଇଂଲିଶରେ ନାମ ଫଳକ ଲେଖି ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି। ସହରସାରା ଯେଉଁଠି ଦେଖିବ ଅଧିକାଂଶ ନାମ ଫଳକ ଓଡ଼ିଆରେ ଲେଖାଯାଇ ନ ଥିବା ଦେଖିବାକୁ ମିଳୁଛି। ଆଉ କିଛି ସ୍ଥାନରେ ଓଡ଼ିଆକୁ ଛୋଟ କରି ଲେଖାଯାଇଛି। ଇତିମଧ୍ୟରେ ନିର୍ଦ୍ଦେଶକୁ ମାସେ ପୂରିଥିବାବେଳେ ଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସଚେତନ କରାଯାଇ ନାହିଁ କି ନିର୍ଦ୍ଦେଶର ଠିକ୍ ଅନୁପାଳନ ନେଇ ସେପରି କିଛି ପଦକ୍ଷେପ ନିଆଯାଇ ନାହିଁ। ବିଭାଗୀୟ ଅଧିକାରୀମାନେ ନାଲିଆଖି ଦେଖାଇ ପୁଣି ଶୋଇଯାଇଥିବା ଓଡ଼ିଆ ପ୍ରେମୀ ଓ ଭାଷାବିତ୍‌ମାନେ କହିବା ସହ କ୍ଷୋଭ ପ୍ରକାଶ କରୁଛନ୍ତି।

# ଛାତ୍ରଙ୍କୁ ଫାର୍ସାରେ ଆକ୍ରମଣ କରି ଲୁଟ୍, ୨ ଗିରଫ

ଭୁବନେଶ୍ୱର,୫।୫(ବ୍ୟୁରୋ)

ରାସ୍ତାରେ ଅଟକାଇ ଛାତ୍ରଙ୍କୁ ଫାର୍ସାରେ ଆକ୍ରମଣ କରି ଲୁଟ ଘଟଣାରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ନୃସିଂହ ବାରିକ ଓ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳର ତୋଫାନ ବାରିକ। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ଓ ଗୋଟିଏ ଚାପଡ ଜବତ ହୋଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଦ୍ୱୟଙ୍କୁ ଜେଲକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଗତ ମାସ ୧୯ ତାରିଖରେ ଛାତ୍ର ଗୟାନନ୍ଦ ବେହେରା ରାତି ପ୍ରାୟ ୧୧ ଟାରେ ତାଙ୍କ ସାଙ୍ଗକୁ ନୟାପଲ୍ଲୀ ଅଞ୍ଚଳରେ ଛାଡ଼ି ଜଗନ୍ନାଥ ବିହାର ରାସ୍ତା ଦେଇ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଓ ସହଯୋଗୀ ତାଙ୍କୁ ରାସ୍ତାରେ ଅଟକାଇ ଫାର୍ସାରେ ଆକ୍ରମଣ କରି ତାଙ୍କଠାରୁ ୨ଟି ମୋବାଇଲ ଫୋନ୍ ଓ ମନି ପର୍ସ ଲୁଟ୍ କରି ଏକ ଧଳା ସ୍କୁଟିରେ ଫେରାର ହୋଇଥିଲେ। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସଂପୃକ୍ତ ୨ ଜଣଙ୍କୁ କାବୁ କରିଛି। ପଚରାଉଚରାବେଳେ ନୃସିଂହ ତା'ର ଭାଇ ଓ ସହଯୋଗୀଙ୍କ ସହ ଏହି ଲୁଟ୍ କରିଥିବା ପ୍ରକାଶ କରିଥିଲେ। ଏପରିକି ଏହା ପୂର୍ବରୁ ସେମାନେ ଏକ ଘରୋଇ ହସ୍ପିଟାଲ ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଲୁଟ୍ କରିଥିବା ସ୍ୱୀକାର କରିଥିବା ପୋଲିସ କହିଛି।

# ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରି ବନ୍ଧାହେଲେ ମ୍ୟାନେଜର

ବାରଙ୍ଗ,୫।୫(ଡି.ଏନ୍.ଏ.)

ଜଣେ ଯୁବତୀଙ୍କୁ ସୋସିଆଲ ମିଡିଆରୁ ଫସାଇ ତା'ସହ ସମ୍ପର୍କ ରଖି କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ରଖି ପରେ ବ୍ଲାକମେଲିଂ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଚନ୍ଦକା ଥାନା ପୋଲିସ ଗିରଫକରି ଶୁକ୍ରବାର କୋର୍ଟଚାଲଣ କରିଛି। ସେ ହେଲେ ଓଡିଶା ମୋଟର୍ସର ମ୍ୟାନେଜର ବିଶ୍ୱଜିତ ରାଉତ। ପ୍ରକାଶ ଯେ, ଚନ୍ଦକା ଥାନା ଅଞ୍ଚଳର ଜଣେ ୨୨ବର୍ଷିୟା ଯୁବତୀଙ୍କୁ ଭୁବନେଶ୍ୱର କେସୁରାଠାରେ ଥିବା ଓଡିଶା ମୋଟରର୍ସର ମ୍ୟାନେଜର ବିଶ୍ୱଜିତ ସୋସିଆଲ ମିଡିଆରୁ ଜାଣିବା ଆରମ୍ଭ କରିଥିଲେ। ୧ବର୍ଷର ବ୍ୟବଧାନରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଓ ପ୍ରେମ ସମ୍ପର୍କ ବଢିଯାଇଥିଲା। ଯୁବତୀଙ୍କର ସରଳତାର ସୁଯୋଗ ନେଇ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ରଖିଥିଲେ ବିଶ୍ୱଜିତ। ପରେ ଯୁବତୀଙ୍କର ଇନଷ୍ଟାଗ୍ରାମ ସାଇଟ ହ୍ୟାକକରି ତାଙ୍କର କିଛି ଅନ୍ତରଙ୍ଗ ଫଟୋ ପୋଷ୍ଟ କରିଥିଲେ ଏବଂ ଟଙ୍କା ମାଗିବା ସହ ଧମକାଇବା ଆରମ୍ଭ କରିଥିଲେ। ଟଙ୍କା ନ ଦେଲେ ସୋସିଆଲ ନେଟୱାର୍କରେ ଫଟୋକୁ ପୋଷ୍ଟ କରିବାର ଧମକ ଦେଇଥିଲେ। ଗତ ତିନିମାସ ତଳେ ଯୁବତୀଙ୍କୁ ପାଖକୁ ଡାକି ତାଙ୍କ ମୋବାଇଲରେ ଥିବା କିଛି ସମ୍ପର୍କୀୟଙ୍କ ନମ୍ବର ନେଇ ପରେ ସେମାନଙ୍କୁ ମଧ୍ୟ ବ୍ଲାକମେଲ କରିବା ଆରମ୍ଭ କରିଥିଲେ। ବିଶ୍ୱଜିତର ବ୍ଲାକମେଲିଂ କାର୍ଯ୍ୟ ବଢିବାରୁ ଯୁବତୀ ଜଣଙ୍କ ଏପ୍ରିଲ ୨୦ରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୧୧୮/୨୩ରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ଗୁରୁବାର ଯାଜପୁର କୋରେଇ ଅଞ୍ଚଳରୁ ବିଶ୍ୱଜିତଙ୍କୁ ଗିରଫ କରିଥିଲେ।

# ୩ ରଥର ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



**ପୁରୀ ଅଫିସ, ୫।୫:**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାମ ଅନୁକୂଳ କରାଯାଇଛି। ମହାପ୍ରସାଦ ସମର୍ପଣ ଓ ତ୍ରିଫଳ ଭାଙ୍ଗି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ତିନିରଥର ରୂପକାର ସେବକମାନେ ୧୨ଟି ଗୁଜକାଠରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି ରଖିଛନ୍ତି। ରଥ ନିର୍ମାଣର ଦ୍ୱାଦଶ ଦିବସରେ ଅନୁକୂଳ ପୂଜା ପରେ ତିନିରଥର ତିନିଟି ଲେଖାଏ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇସେବକମାନେ ସମ୍ପନ୍ନ କରିଛନ୍ତି। ଏଥିସହ ମହାରଣାମାନେ ତିନିରଥ ପାଇଁ ଆବଶ୍ୟକ ଗୁଜ ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୬, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ୧୨ ଏବଂ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ଟି ଜଳଯନ୍ତ୍ର ନିର୍ମାଣ ଶେଷ ହୋଇଛି। ତିନିରଥର ପାର୍ଶ୍ୱଦେବତାଙ୍କ ପାଇଁ ୯/୯ଟି ଆସ୍ଥାନ ପ୍ରେମ ବା ଜଳଯନ୍ତ୍ର ନିର୍ମାଣ ସରିଛି। ସେହିପରି ଯନ୍ତାପଟା ନିର୍ମାଣ ସରିଛି।

# ମୋବାଇଲ ପାଇଁ ଜୀବନ ନେଇଥିଲେ ଜଗନ୍ନାଥ

## ମଦ ନିଶାରେ ସାଥୀ ଡ୍ରାଇଭରଙ୍କୁ ହତ୍ୟା ଘଟଣା

- ଜଗ୍ ରଡ୍‌ରେ ମୁଣ୍ଡକୁ ପିଟିବା ପରେ ଅଶୋକଙ୍କ ତଣ୍ଟିଚିପି ମାରିଥିଲେ
- ଗିରଫ ପରେ ଜେଲ ଗଲେ, ପାଲଲହଡ଼ା ଥାନାରେ ରହିଛି ୩ ମାମଲା

ଭୁବନେଶ୍ୱର,୫।୫(ବ୍ୟୁରୋ)

ମୋବାଇଲ୍ ଫୋନ୍‌କୁ ନେଇ ମଦ ନିଶାରେ ସାଥୀ ଡ୍ରାଇଭର ଅଶୋକ ସେଠୀଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତ ଜଗନ୍ନାଥ ଧୀବର। ଗାଡି ଜଗ୍ ରଡ୍‌ରେ ମୁଣ୍ଡକୁ ପିଟିବା ପରେ ତଣ୍ଟିଚିପି ଦେଇଥିଲେ। ଏଥିରେ ଅଶୋକଙ୍କ ଜୀବନ ଚାଲିଯାଇଥିଲା। ତଦନ୍ତବେଳେ ପୋଲିସ ଏହା ଜାଣିବା ପରେ ଅଟକ ଥିବା ଜଗନ୍ନାଥଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତେବେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣରେ ବ୍ୟବହୃତ ୨ଟି ଗାଡ଼ି ଜଗ୍ ରଡ଼ ଓ ରକ୍ତଭିଜା ଗଞ୍ଜିକୁ ଜବତ କରିଛି ପୋଲିସ। ଅଭିଯୁକ୍ତ ଜଗନ୍ନାଥଙ୍କ ଘର ଅନୁଗୋଳ ଜିଲା ପାଲଲହଡା ଥାନାଞ୍ଚଳରେ ହୋଇଥିବାବେଳେ ତାଙ୍କ ନାମରେ ସ୍ଥାନୀୟ ଥାନାରେ ୩ଟି ମାମଲା ରହିଛି। ୨୦୧୬ରେ ପାଲଲହଡାରେ ଜଣେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର କରିବା ପରେ ପୋଡି ହତ୍ୟା କରିବା ମାମଲାରେ ଜଗନ୍ନାଥ ଜେଲ ଯାଇଥିଲେ ବୋଲି ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।



ଜଗନ୍ନାଥ ଧୀବର

ସୂଚନାନୁସାରେ, ଠିକାଦାର ବିପିନି ବିହାରୀ ମୁଖୀ ସ୍ୱେରେଜ୍ ଲାଇନ୍ କାମ କରୁଛନ୍ତି। ଅଭିଯୁକ୍ତ ଜଗନ୍ନାଥ ଧୀବର, ମୃତ ଅଶୋକ ସେଠୀ, କେନାଲୁ ଭୋଇ ଓ ରାଜକୁମାର ନାୟକ ତାଙ୍କ ଗାଡିର ଡ୍ରାଇଭର ଓ ହେଲପର ଭାବେ କାର୍ଯ୍ୟ କରିବା ସହ ସ୍ୱେରେଜ ଟାଙ୍କି ସଫା କରିବାରେ ନିୟୋଜିତ ଥିଲେ। ସମସ୍ତେ ଖଣ୍ଡଗିରି ଥାନା ଅନ୍ତର୍ଗତ ବାହାଦଲପୁରସ୍ଥିତ ବିପିନଙ୍କ ଏକ ଗ୍ୟାରେଜ ଥିବା ୩ ମହଲା ବିଶିଷ୍ଟ କୋଠାରେ ରହୁଥିଲେ। ଗତ ୨ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ ଡ୍ରାଇଭର ଜଗନ୍ନାଥ, ଅଶୋକ ସେଠୀ ଏବଂ ହେଲପର କେନାଲୁ ମଦ୍ୟପାନ କରିଥିଲେ। ଏହି ସମୟରେ ଅଶୋକ ସାଥୀ ଡ୍ରାଇଭର ତଥା ଅଭିଯୁକ୍ତ ଜଗନ୍ନାଥଙ୍କ ମୋବାଇଲ ଫୋନ୍‌କୁ ନେଇ ଆଉ ଫେରାଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ହେଲ୍‌ପର କେନାଲୁ ସେମାନଙ୍କୁ ବୁଝାଶୁଝା କରିବା ପରେ ଜଗନ୍ନାଥଙ୍କୁ କୋଠାର ତୃତୀୟ ମହଲାକୁ ନେଇଯାଇଥିଲେ। ଅଶୋକ ତଳ ମହଲାକୁ ଶୋଇବାକୁ ଚାଲିଯାଇଥିଲେ। କିନ୍ତୁ ମଦନିଶାରେ ଥିବା ଜଗନ୍ନାଥ କ୍ରୋଧରେ ଅଶୋକଙ୍କୁ ହତ୍ୟା କରିବାକୁ ବାରମ୍ବାର ଧମକ ଦେଉଥିଲେ। କେନାଲୁ ଶୋଇଯିବା ପରେ ଜଗନ୍ନାଥ ଏକ ଜଗ୍ ରଡ଼ ଧରି ତଳ ମହଲାକୁ ଯାଇ ଅଶୋକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଅଶୋକଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ତଳେ ପଡ଼ି ଛଟପଟ ହେଉଥିବାବେଳେ ଜଗନ୍ନାଥ ଅଶୋକଙ୍କ ପିନ୍ଧିଥିବା ବାନିୟାନକୁ ଟାଣି ନେଇ ତାଙ୍କ ଗଳାକୁ ଚିପି ହତ୍ୟା କରିଥିଲେ। ଅଶୋକ ଚେତାଶୂନ୍ୟ ହୋଇଯିବା ପରେ ଅଭିଯୁକ୍ତ ଜଗନ୍ନାଥ ପୁଣି ଉପର ମହଲାକୁ ଯାଇ କେନାଲୁଙ୍କ ପାଖରେ ଶୋଇଯାଇଥିଲେ। ସକାଳେ ଘଟଣା ଜଣାପଡିବା ପରେ ପୋଲିସ ଅଭିଯୁକ୍ତ ଜଗନ୍ନାଥ, କେନାଲୁ ଓ ରାଜକୁମାରଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ତେବେ ଏହି ଘଟଣାରେ କେବଳ ଜଗନ୍ନାଥଙ୍କର ସମ୍ପୃକ୍ତି ଥିବା ଜଣାପଡିବା ପରେ ପୋଲିସ ଅନ୍ୟ ୨ ଜଣଙ୍କୁ ଛାଡିଦେଇଛି।



ଜଟଣୀ: ଶୁକ୍ରବାର ଅପରାହ୍ଣରେ ହରିଭାଇନା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଜମିଥିବା ବର୍ଷାପାଣିରେ ଯାନବାହନ ଚଳାଚଳ କରୁଛି।



ସୀତାରାମ ଛକସ୍ଥିତ ଅଣ୍ଡରପାସ୍ ରାସ୍ତାରେ ବର୍ଷା ପାଣି ଜମି ରହିଛି।

## ସଂକ୍ଷେପରେ

### ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି, ଯାତାୟାତ ବାଧାପ୍ରାପ୍ତ

ଖୋର୍ଦ୍ଧା ଅଫିସ/ଜଟଣୀ,୫।୫(ଡି.ଏନ୍.ଏ.): କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ଅପରାହ୍ଣରେ ଖୋର୍ଦ୍ଧା ଓ ଜଟଣୀ ସହରରେ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୂଷଳ ଧାରାରେ ବର୍ଷା ଲାଗି ରହିଥିଲା। ଫଳରେ ଧନଜୀବନ ଅସ୍ତବ୍ୟସ୍ତ ହେବା ସହିତ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିଲା। ବହୁ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ରାସ୍ତାର ଦୁଇପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ଉଠା ଦୋକାନୀ ଓ ଫୁଟ୍‌ପାଥ୍ ବ୍ୟବସାୟୀ, ପରିବା ବେପାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରି କି ବର୍ଷା ପ୍ରଭାବରେ ଲୋକେ ଘରୁ ବାହାରକୁ ବାହାରିପାରି ନ ଥିଲେ। କେତେକ ଅଞ୍ଚଳରେ ପନିପରିବା ନଷ୍ଟ ହୋଇଥିବା ବେଳେ ଅନ୍ୟପଟେ ଅସହ୍ୟ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଥିବା ସାଧାରଣରେ କୁହାଯାଇଛି।

### ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ



ଜଟଣୀ,୫।୫(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ଶୁକ୍ରବାର ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ କୁଦିଆରୀ ଭୋଇସାହି ଅଞ୍ଚଳର ପାପିନା ଓରଫ ପ୍ରଶାନ୍ତ କୁମାର ବେହେରା(୩୨) ଏବଂ ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ମଝିସାହି ଅଞ୍ଚଳର ବଳିଆ ଓରଫ ବଳରାମ ଶ୍ରୀଚନ୍ଦନ(୪୨)। ଏମାନଙ୍କଠାରୁ ୭.୨୦ ଗ୍ରାମ୍ ବ୍ରାଉନ୍‌ସୁଗାର, ଗୋଟିଏ ମୋବାଇଲ ଫୋନ୍ ଏବଂ ୨,୧୨୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୬୫/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ କହିଛନ୍ତି। ସୂଚନା ମୁତାବକ, ଏହି ଥାନା ଅଧୀନ ଏକ ଘରୋଇ ବିଶ୍ୱବିଦ୍ୟାଳୟ ନିକଟ ଖଣ୍ଡୁଆଳ ମନ୍ଦିରଠାରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ଚଢ଼ାଉ କରିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ଜଟଣୀ ଅଞ୍ଚଳରେ ବିକ୍ରି କରୁଥିବା ନେଇ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

### ସହଯୋଗ ପରିବାର ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

ନିରାକାରପୁର,୫।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ସହଯୋଗ ପରିବାର ପକ୍ଷରୁ କମାଗୁରୁ ପଞ୍ଚାୟତ ମହାନ୍ତି ସାହିରେ ଘଟିଥିବା ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡ ଘଟି ଉକ୍ତ ଗ୍ରାମର ରଙ୍ଗନାଥ ମାଝିଙ୍କ ୩ ବଖରା ଘର ଜଳିଯାଇଥିଲା। ଖବରପାଇ ସହଯୋଗ ପରିବାରର କର୍ମକର୍ତ୍ତାମାନେ ପହଞ୍ଚି ଖାଦ୍ୟସାମଗ୍ରୀ ଓ ଆସବାବପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାଗତିକା ପାହାଡ଼ସିଂହ, ସାଇଶ୍ରୀ ଅନୁରାଗ, ମାନସ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ସହଯୋଗ ପରିବାର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ସାମିଲ ଥିଲେ।

# ରାଜପଥରେ ବଢ଼ୁଛି ଦୁର୍ଘଟଣା

**ଖୋର୍ଦ୍ଧା ଅଫିସ,୫।୫**

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଏବଂ ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ିଚାଲିଛି। ଅନ୍ୟପଟେ ଜିଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ କେବଳ ସଚେତନତାରେ ସୀମିତ ରହିଛନ୍ତି। ଏପ୍ରିଲ ପହିଲାରୁ ସପ୍ତାହ ବ୍ୟାପୀ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଗଲା। ଏଥିରେ କୌଣସି ପ୍ରଭାବ ପଡ଼ିଲା ନାହିଁ। ରାଜପଥରେ ଦୁର୍ଘଟଣା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ପ୍ରଶାସନ କିମ୍ବା ପରିବହନ ବିଭାଗ କେବଳ ନୀରବଦ୍ରଷ୍ଟା ସାଜିଛନ୍ତି।

ସୂଚନା ମୁତାବକ, ମେ'୧ ଅପରାହ୍ଣରେ ୫୭ ନମ୍ବର ଜାତୀୟ ରାଜପଥ ମେଡିକାଲ ଛକରେ ଏକ ଯାତ୍ରୀବାହୀ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୩ ତାରିଖରେ ୧୬ ନଂ. ରାଜପଥରେ ନିର୍ମାଣାଧୀନ କଉଡ଼ିଖଣି ଛକ ଡାଇଭର୍ସନ ପଏଣ୍ଟରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଭୁବନେଶ୍ୱର ପଟୁ ବ୍ରହ୍ମପୁରକୁ ୩ଟି ଟ୍ରକ୍ ପଛକୁ ପଛ ଯାଉଥିଲେ। ଛକ ଅତିକ୍ରମ କରିବା ବେଳେ ରାସ୍ତା ଜାଣି ନ ପାରି ଆଗରେ ଯାଉଥିବା ମାଲବାହୀ ଟ୍ରକ୍ ହଠାତ୍ ବ୍ରେକ ମାରିଥିଲା। ପଛକୁ ପଛ ଥିବା ଟ୍ରକ୍‌ଗୁଡିକ ପିଟିହୋଇଯାଇଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ଯାନବାହନ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବେଳେ ଜଣେ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ଏପ୍ରିଲ ୭ରେ ଏସ୍‌ପି ଅଫିସ ନିକଟରେ ଟ୍ରକ ଓ ହାଇୱା ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ୨୮ ତାରିଖରେ ୧୬ ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକରେ ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ୩୦ ତାରିଖରେ ୧୬ ନଂ. ଜାତୀୟ ରାଜପଥର ପିତାପଲ୍ଲୀଠାରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ସର୍ଭିସ ରୋଡ୍ ନିକଟରେ ଟ୍ରକ୍ ସହ ମୋ ବସ୍ ମୁହାଁମୁହିଁ ହୋଇଥିଲା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଥିଲେ।

ପ୍ରକାଶ ଯେ, ୧୬ ନମ୍ବର ରାଜପଥର ପିତାପଲ୍ଲୀ ଛକଠାରୁ ମଳିପଡ଼ା ଏବଂ ୫୭ ନମ୍ବର ରାଜପଥର ମେଡିକାଲ ଛକଠାରୁ ବାଘମାରୀ ପର୍ଯ୍ୟନ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ରାଜପଥ ସମ୍ପ୍ରସାରଣ ଚାଲିଥିବାରୁ ବିଭିନ୍ନ ସ୍ଥାନରେ ଏକମୁହାଁ ରାସ୍ତା ରହିଛି। ଏହି ରାସ୍ତା ଦେଇ ଦୈନିକ ଦିନରାତି ଭାରିଯାନ, ଘରୋଇ ବସ୍, ସ୍କୁଲ ବସ୍, କାର, ଦୁଇଚକିଆ ଯାନ ଯାତାୟାତ କରୁଛି। ରାଜପଥର ଉଭୟ ପାର୍ଶ୍ୱରେ ଗ୍ରାମ ରହିଛି। ଫଳରେ ଲୋକେ ଦୈନନ୍ଦିନ ଜୀବନଶୈଳୀ ପାଇଁ ରାଜପଥ ଉପରେ ନିର୍ଭରଶୀଳ। ତେବେ ନିର୍ମାଣାଧୀନ ସ୍ଥାନରେ ସଂପୃକ୍ତ ଠିକାସଂସ୍ଥା ପକ୍ଷରୁ କୌଣସି ସାଙ୍କେତିକ ଚିହ୍ନ କିମ୍ବା ବିପଦସଙ୍କୁଳ ରାସ୍ତାର ମାର୍କ ଦିଆଯାଉନାହିଁ। ଫଳରେ ଏହି ସ୍ଥାନଗୁଡ଼ିକରେ ଦୁର୍ଘଟଣା ଘଟୁଛି। ତେବେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଞ୍ଚଳଗୁଡିକୁ ବ୍ଲାକ୍ ସ୍ପଟ୍ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି।

## ଟ୍ରକ୍‌କୁ ଧକ୍କା ଦେଇ ଓଲଟିଲା କାର୍: ବ୍ୟବସାୟୀ ମୃତ



**ଖୋର୍ଦ୍ଧା ଅଫିସ,୫।୫**

୧୬ ନମ୍ବର ଜାତୀୟ ରାଜପଥରେ ପୁଣି ଅଘଟଣ। ଶୁକ୍ରବାର ଅପରାହ୍ଣରେ ଦଧିମାଛଗାଡ଼ିଆ ନିକଟରେ ଏକ ଟ୍ରକ୍ ପଛକୁ ଧକ୍କା ଦେଇ କାର୍ ଓଲଟି ପଡ଼ିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଅଞ୍ଚଳର ଲୋକେଶ ଅଗ୍ରୱାଲ। ସଦର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ମୁତାବକ, ଲୋକେଶ କାର୍‌ରେ ଦଧିମାଛଗାଡିଆସ୍ଥିତ ପେଟ୍ରୋଲ ପମ୍ପରୁ ଖୋର୍ଦ୍ଧା ଯାଉଥିଲେ। କୌଣସି କାରଣରୁ କାରଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍‌ର ପଛପଟକୁ ଧକ୍କା ଦେଇ ଓଲଟି ପଡିଥିଲା। କାର୍ ସମ୍ମୁଖ ଭାଗ ଚୂର୍‌ମାର ହୋଇଯାଇଥିବା ବେଳେ ଲୋକେଶ ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

**ବେଗୁନିଆ,୫।୫(ଡି.ଏନ୍.ଏ.)**

ବେଗୁନିଆ ଓ ବାଙ୍କୀ ବ୍ଲକ ସୀମାବର୍ତ୍ତୀ ପଣ୍ଡାଳମ ଗ୍ରାମସ୍ଥିତ ନୃସିଂହ ଦେବଙ୍କ ମନ୍ଦିର ପରିସରରେ ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ଗଣେଶ୍ୱର ପଣ୍ଡା, ଶରତ ଚନ୍ଦ୍ର ଦାଶ, ଭାଗବତ ମହାପାତ୍ର, ସୁବାସ ଚନ୍ଦ୍ର ମହାପାତ୍ର, ଗଙ୍ଗାଧର ଓଝା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ତ୍ରିଲୋକରେ ଭୟ ଦୂର କରିବା ପାଇଁ ଅନନ୍ତ ପୁରୁଷୋତ୍ତମ ମହାପ୍ରଭୁ ଜଗନ୍ନାଥ ନୃସିଂହ ରୂପ ଧାରଣ କରିଥିଲେ। ତେବେ ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ସର୍ବପୁରାତନ ଏହି ଅବତାରୀ ନୃସିଂହଙ୍କ ଜନ୍ମଦିନକୁ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉପାସନାରେ ପାଳନ କରୁଛନ୍ତି ବୋଲି ଅତିଥି ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ସଂକୀର୍ତ୍ତନ ଗାୟକ ମୁରଲୀଧର ମହାପାତ୍ର, ଅକ୍ଷୟ କୁମାର ବେହେରା, ଶ୍ରୀନିବାସ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବାୟକ ନିତ୍ୟାନନ୍ଦ ପାଣିଗ୍ରାହୀ, ଉଦୟନାଥ ପଣ୍ଡା, ଗୋଲକ ବିହାରୀ ସାହୁ ଓ ବିନୋଦ ବିହାରୀ ମହାପାତ୍ରଙ୍କୁ ଓଡ଼ିଶୀ ସଂକୀର୍ତ୍ତନ ବାୟକଙ୍କୁ ମଧ୍ୟ ସ୍ୱର୍ଗତ ନରସିଂହ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଣ୍ଡିତ କାର୍ତ୍ତିକେୟ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା କରିଥିଲେ। ଗଁପୁର, ପାଣିକୋଇଲ଼ ଓ ପଣ୍ଡାଳମ୍ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଶେଷରେ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫିଲ୍ଡ ଫାଇଟର ବିଜୟୀ



ବିଜୟୀ ଟିମ୍‌ର ଖେଳାଳିମାନେ।

**ବୋଲଗଡ଼,୫।୫(ଡି.ଏନ୍.ଏ.)**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ରିୟଲ ଫାଇଟର ଓ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ରିୟଲ ଫାଇଟର ୯ ଓଭରରେ ସମସ୍ତ ଉଇକେଟ ହରାଇ ୫୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ଖେଳାଳି ବିକ୍ରମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅଜୁ ସିଂ ଓ ପପୁ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ୍ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ବବୁଲ, କାଳିଆ, ଗୁରୁକୃଷ୍ଣ, ହାପି, ଗୁଡ୍ଡୁ, ଚିଲ୍ଲା, ମଣ୍ଟୁ, ଦୀପନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ୨୦୦ ରୋଗୀଙ୍କ ହେଲା ଚିକିତ୍ସା

**ବାଣପୁର,୫।୫(ଡି.ଏନ୍.ଏ.)**

ଆମ ଆଦର୍ଶ ଆରୋଗ୍ୟ ସେବାସଦନ ବାଣପୁର ଓ ହେଲ୍‌ଥ ଭିଲେଜ୍ ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଭାପୁର ଏବଂ ତୁମୁରାପୁଟ ଗ୍ରାମରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାପୁରଠାରେ ବାଣପୁର ବିଡିଓ ଶୀତଲ ଅଗ୍ରୱାଲ ଏବଂ ଭେଟେଶ୍ୱର ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୧୩ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ସେହିପରି ତୁମୁରାପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବିରରେ ତୁମୁରାପୁଟ ସରପଞ୍ଚ ଅକ୍ଷୟ କୁମାର ସେଠୀ ଉପସ୍ଥିତ ଥିବା ବେଳେ ୮୭ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏହି ଶିବିରକୁ ହେଲ୍‌ଥ ଭିଲେଜ୍ ହସ୍ପିଟାଲର ଡା. ଶୋଭନ କୁମାର ରଥ, ଆଦର୍ଶ ଆରୋଗ୍ୟ ସେବାସଦନର ପ୍ରତିଷ୍ଠାତା ଭି. କାମେଶ୍ୱର ଆଚାରୀ, ଲୋକନାଥ ବେହେରା, ଦେବରାଜ ପାଲସିଂହ, ଶଙ୍କର ନାରାୟଣ ମହାନ୍ତି, ସ୍ୱାସ୍ଥ୍ୟ ସହାୟକ ପ୍ରଦୀପ ସାହୁ, ଭବାନୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭି.କାମେଶ୍ୱର ଆଚାରୀ ଧନ୍ୟବାଦ ଦେଇଥିଲେ।

## ଭତ୍ତାରୁ ବଞ୍ଚିତ ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ବେଗୁନିଆ,୫।୫(ଡି.ଏନ୍.ଏ.)**

ଜନସାଧାରଣଙ୍କ ହିତ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ବିଭିନ୍ନ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଫଳରେ ଲୋକେ ଏସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ବ୍ୟତିକ୍ରମ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ମଶାଣିଆ ଗ୍ରାମର ଜୟକୃଷ୍ଣ ସାହୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଜୟକୃଷ୍ଣ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଇଁ ପ୍ରଶାସନ ନିକଟରେ ଆବେଦନ କରି ନିରାଶ ହେବା ପରେ ଏବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ପ୍ରକାରେ, ଆବେଦନକାରୀ ଜୟକୃଷ୍ଣଙ୍କ ଆଧାର, ଭୋଟ ପରିଚୟପତ୍ର ଓ ମାଟ୍ରିକ୍ ସାର୍ଟିଫିକେଟ୍‌ରେ ଜନ୍ମ ତାରିଖ ୧୯୬୧ ଏପ୍ରିଲ ୯ ରହିଛି। ସେ ୨୦୨୧ରେ ଅନ୍‌ଲାଇନରେ ଭତ୍ତା ପାଇଁ ଆବେଦନ କରି ନ ପାଇବାରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ୨୦୨୨ ମେ' ୨ରେ ଭତ୍ତା ପାଇଁ ନିବେଦନ କରିଥିଲେ। ଜିଲାପାଳ ଡିଏସ୍‌ଏସ୍‌ଓଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ବେଗୁନିଆ ବିଡିଓଙ୍କୁ ଅଭିଯୋଗ ଉପରେ ବିଚାର କରିବା ଲାଗି ଚିଠି (ନଂ.୪୬୮/୨୨) କରିଥିଲେ। ଏଥିରେ କୌଣସି ସୁଫଳ ନ ମିଳିବାରୁ ଜୟକୃଷ୍ଣ ସିନିୟର ସିଭିଲ ଜଜ୍ ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ଅଭିଯୋଗ କରିଥିଲେ। ସିନିୟର ସିଭିଲ ଜଜ୍ ଜିଲାପାଳଙ୍କୁ ଚିଠି ନଂ.୧୩୯୪/୨୨ରେ ଏହି କେସ୍‌ର ବିଚାର ପାଇଁ ଜଣାଇଥିଲେ। ଦୀର୍ଘ ୬ ମାସ ମଧ୍ୟରେ ପ୍ରଶାସନ ନିକଟରୁ କୌଣସି ସୁଫଳ ନ ମିଳିବାରୁ ଜୟକୃଷ୍ଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଏନେଇ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ଜୟକୃଷ୍ଣଙ୍କ ଆବେଦନକୁ ସୁପାରିସ କରିବା ପାଇଁ ଜିଲାପାଳଙ୍କ ନିକଟକୁ ପଠାଇଛୁ। ଆଦେଶନାମା ଆସିଲେ ଭତ୍ତା ମିଳିବ ବୋଲି ସେ କହିଛନ୍ତି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନର ତତ୍ପରତା

**ବାଣପୁର,୫।୫(ଡି.ଏନ୍.ଏ.)**



ପ୍ରଶାସନିକ ଅଧିକାରୀମାନେ ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ଣରେ ବିଡିଓ ଶୀତଲ ଅଗ୍ରୱାଲ, ଜିପିଓ ଶ୍ରୀମତୀ ଚିନ୍ନାରା, ବିଧାୟକଙ୍କ ପ୍ରତିନିଧି ମନୋଜ ପ୍ରଧାନ, ଅଗ୍ନିଶମ କର୍ମଚାରୀ ବିବେକାନନ୍ଦ ଦାସ ପ୍ରମୁଖ କୁମାରାଙ୍ଗ, ତୁମୁରାପୁଟ ଓ ଭେଟେଶ୍ୱରର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପରିଦର୍ଶନ କରି ସ୍ଥିତି ପରଖିଥିଲେ। ଅନୁରୂପଭାବେ ବାଣପୁର ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ଅପରାହ୍ଣରେ କୁଲେଇ ଓ ମୋରାମରୀ ପଞ୍ଚାୟତରେ ଥିବା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ପରଖିଛନ୍ତି। ବ୍ଲକରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ପ୍ରତ୍ୟେକ ପଞ୍ଚାୟତ ପାଇଁ ଜଣେ ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଥିବା ବିଡିଓ ଅଗ୍ରୱାଲ ସୂଚନା ଦେଇଛନ୍ତି।

# କଳିଯୁଗରେ ନାମ ସଂକୀର୍ତ୍ତନ, ଭକ୍ତିମାର୍ଗ ଶ୍ରେଷ୍ଠ

**ଖୋର୍ଦ୍ଧା ଅଫିସ,୫।୫**

### ରାସେଶ୍ୱରୀଙ୍କ ସପ୍ତଦିବସୀୟ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବ୍ରଜଗୋପିକା ସେବା ମିଶନ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ୍ ହଲ୍‌ରେ ଚାଲିଥିବା ରାସେଶ୍ୱରୀ ଦେବୀଙ୍କ ସପ୍ତମ ଦିବସୀୟ ଆଧ୍ୟାତ୍ମିକ ପ୍ରବଚନ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଶେଷ ଦିବସରେ ବହୁ ଜନସମାଗମ ହୋଇଥିଲା। ରାଧେ ରାଧେ ଗୋବିନ୍ଦ ନାମ ଉଚ୍ଚାରଣ ସହ ମନ୍ତ୍ରଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କଳିଯୁଗରେ ନାମ ଉଚ୍ଚାରଣ ଓ ଭକ୍ତିମାର୍ଗ ହେଉଛି ଶ୍ରେଷ୍ଠ ମାର୍ଗ ବୋଲି ରାସେଶ୍ୱରୀ କହିଥିଲେ। ମାନବ ଜୀବନର ଲକ୍ଷ୍ୟ ହେଉଛି ମୋକ୍ଷପ୍ରାପ୍ତି। ଅନନ୍ୟ ଭକ୍ତି ଓ ସମର୍ପଣ ଭାବ ହିଁ ମନୁଷ୍ୟକୁ ଈଶ୍ୱରତ୍ୱ ପ୍ରାପ୍ତି କରାଇଥାଏ। କର୍ମମୟ ଜୀବନରେ ମଜ୍ଜି ନ ଯାଇ ଭଗବାନଙ୍କ ପୂଜାପାଠ, ଭକ୍ତି, ସ୍ତୁତିଗାନ କରିବାକୁ ସେ କହିଥିଲେ। ରାସେଶ୍ୱରୀ ଦେବୀ ଆହୁରି କହିଥିଲେ ଯେ, ଭଗବାନ କେବେ ବି ଶରୀର କିମ୍ବା ଶାରୀରିକ କ୍ରିୟାକର୍ମକୁ ଦେଖନ୍ତି ନାହିଁ, ସିଏ କେବଳ ମନର ଶ୍ରଦ୍ଧା ଓ ଭକ୍ତିଭାବକୁ ହିଁ ଦେଖନ୍ତି। ସଂସାର ପାଇଁ କର୍ତ୍ତବ୍ୟ ଏବଂ ଭଗବାନଙ୍କୁ ଭକ୍ତି କରିବା ଉଚିତ। ପ୍ରତିଟି ଯୁଗରେ ସେହି ଯୁଗ ଅନୁସାରେ ଯୁଗ-ଧର୍ମ ନିର୍ଦ୍ଧାରିତ କରାଯାଇଅଛି। ସତ୍ୟଯୁଗରେ 'ଧ୍ୟାନ', ତ୍ରେତା ଯୁଗରେ 'ଯଜ୍ଞ' ଏବଂ ଦ୍ୱାପର ଯୁଗରେ 'ପୂଜା'। ସେହିପରି କଳିଯୁଗର ଯୁଗ-ଧର୍ମ ହେଉଛି 'ନାମ ସଂକୀର୍ତ୍ତନ'। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କାର୍ଯ୍ୟକ୍ରମ ଶେଷରେ ରାସେଶ୍ୱରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଶିକ୍ଷାବିତ୍ ମମତା ଦେ, ଖୋର୍ଦ୍ଧା ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ତହସିଲଦାର ବିଭାସ ରଞ୍ଜନ ପ୍ରଧାନ, ବିଡିଓ କ୍ଷୀରାବ୍ଧି ତନୟ ମହାନ୍ତି, ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟଦର୍ଶିନୀ, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରିଷ୍ଟା ମାନ୍ଧାତା, ନୟାଗଡ଼ ଅତିରିକ୍ତ ଜିଲା ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ବିଏମ୍‌ସି ଟାଉନ ପ୍ଲାନର୍ ଡ. ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ, ବ୍ରଜଗୋପିକା ସେବା ମିଶନର ସ୍ଥାନୀୟ ସଂଯୋଜକ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ରାସେଶ୍ୱରୀ ଦେବୀଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍‌କୁ ଧକ୍କା ଦେଇ ଓଲଟିଲା କାର୍: ବ୍ୟବସାୟୀ ମୃତ

ଖୋର୍ଦ୍ଧା ଅଫିସ,୫।୫: ୧୬ ନମ୍ବର ଜାତୀୟ ରାଜପଥରେ ପୁଣି ଅଘଟଣ। ଶୁକ୍ରବାର ଅପରାହ୍ଣରେ ଦଧିମାଛଗାଡ଼ିଆ ନିକଟରେ ଏକ ଟ୍ରକ୍ ପଛକୁ ଧକ୍କା ଦେଇ କାର୍ ଓଲଟି ପଡ଼ିବାରୁ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଅଞ୍ଚଳର ଲୋକେଶ ଅଗ୍ରୱାଲ। ସଦର ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ମୁତାବକ, ଲୋକେଶ କାର୍‌ରେ ଦଧିମାଛଗାଡିଆସ୍ଥିତ ପେଟ୍ରୋଲ ପମ୍ପ୍‌ରୁ ଖୋର୍ଦ୍ଧା ଯାଉଥିଲେ। କୌଣସି କାରଣରୁ କାରଟି ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍‌ର ପଛପଟକୁ ଧକ୍କା ଦେଇ ଓଲଟି ପଡିଥିଲା। କାର୍ ସମ୍ମୁଖ ଭାଗଁ ଚୂର୍‌ମାର ହୋଇଯାଇଥିବା ବେଳେ ଲୋକେଶ ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଫୁଲବାରୀରେ ନାମଯଜ୍ଞ

କୃଷ୍ଣପ୍ରସାଦ,୫।୫(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଫୁଲବାରୀ ଗ୍ରାମରେ ୨୬ତମ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗ୍ରାମର ଅଧିଷ୍ଠାତ୍ରୀ ମା'ମଙ୍ଗଳାଙ୍କ ପୀଠସ୍ଥଳରେ ଆୟୋଜିତ ଯଜ୍ଞକାର୍ଯ୍ୟ ପରିଚାଳନା ନିମନ୍ତେ ବେରୁଆଁବାଡ଼ି ମଠାଧୀଶ ରାମକୃଷ୍ଣ ଦାସ ମହାରାଜଙ୍କ ନେତୃତ୍ୱରେ ୭ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି। ତିତିପ, ଅଣୁଆଁ, ସିପିଆ, ଖଟିସାହି, ପରଲା ସମେତ ୬ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ଏହି ଅବସରରେ ଜଗତ କଲ୍ୟାଣ ନିମିତ୍ତ ଘୃତଯଜ୍ଞର ଆୟୋଜନ କରାଯାଇଛି। ଗ୍ରାମ୍ୟ କମିଟି ସଭାପତି ବିଦ୍ୟାଧର ପଲେଇ, ସମ୍ପାଦକ ରମେଶ ଚନ୍ଦ୍ର ନାୟକ ଉତ୍ସବ ପରିଚାଳନା କରୁଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ଶନିବାର ଉତ୍ସବର ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ବୁଦ୍ଧ ପୂର୍ଣ୍ଣିମା ପାଳିତ

ପୁରୀ ଅଫିସ,୫।୫ -ବୌଦ୍ଧ ପୂର୍ଣ୍ଣିମା ଅବସରରେ ବୌଦ୍ଧ ମନ୍ଦିର ପରିସରରେ ମାୟାଧର ମହାରଣାଙ୍କ ସଭାପତିତ୍ୱରେ ବୁଦ୍ଧ ପୂର୍ଣ୍ଣିମା ପାଳିତ ହୋଇଛି। ପ୍ରାରମ୍ଭରେ ବୁଦ୍ଧ ଦେବଙ୍କ ପୂଜାର୍ଚ୍ଚନା, ଆରାଧନା ଏବଂ ବୁଦ୍ଧ ବନ୍ଦନା ଗାନ ସହିତ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁଙ୍କ ସଞ୍ଚାଳନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଘୁନାଥ ଷଡଙ୍ଗୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ପିଲାଙ୍କ ବୁଦ୍ଧଦେବ'ର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବୁଦ୍ଧ ଦେବଙ୍କ ପ୍ରଦତ୍ତ ସର୍ବସାଧାରଣଙ୍କ ଉପଲବ୍ଧ ସମ୍ବନ୍ଧୀୟ ସାମାଜିକ ଚଳଣି ଜ୍ଞାନରେ ଆଚରଣ, ସମନ୍ୱୟ ଭାବ ଦେଖିବାକୁ ମିଳିଥାଏ। ତତ୍‌କାଳୀନ ଭାରତୀୟ ଜନମାନସରେ ନୈତିକ ଉତ୍‌ଥାନ ଏବଂ ସାମାଜିକ ବନ୍ଧନରେ ଆତ୍ମୀୟତା ପ୍ରକାଶରେ ଆବଶ୍ୟକତାକୁ ବୁଦ୍ଧଦେବ ଉଜାଗର କରିଥିଲେ। ମନୁଷ୍ୟ ତାହାର ଆଶାକୁ ସୀମିତ ରଖି ଅନ୍ୟପ୍ରତି ସଦ୍‌ଭାବନା ଓ ସହଯୋଗ ପ୍ରଦାନକୁ ତାଙ୍କ ବାଣୀରେ ଗୁରୁତ୍ୱ ଦେଇଥିଲେ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ସଭାରେ ସହଦେବ ପ୍ରଧାନ, ଇଂ. ଗିରିଜା ଶଙ୍କର ପାଢ଼ୀ, ଶ୍ୱେତକେତୁ ମିଶ୍ର, ପ୍ରଦୀପ ସାହୁ, ନ.ରାଧେଶ୍ୟାମ ରଥ, ଚନ୍ଦ୍ର ଶେଖର ମହାରଣା, ରମାବଲ୍ଲଭ ମହାପାତ୍ର, ଉମେଶ ଚନ୍ଦ୍ର ଦାଶ, ଦେବରାଜ ପ୍ରଧାନ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଦେବଦତ୍ତ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ରବିନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ଶଙ୍କରେଶ୍ୱର ମହାଦେବଙ୍କ କ୍ଷୀରସାଗର ମହୋତ୍ସବ

**ପୁରୀ ଅଫିସ, ୫।୫:**

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ପୁରୀର ଅନ୍ୟତମ ଶୈବପୀଠ ବାବା ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ କ୍ଷୀରସାଗର ମହୋତ୍ସବ ପାଳିତ ହୋଇଯାଇଛି। ଲୋକକଥା ଅନୁଯାୟୀ, ଜଗନ୍ନାଥ ବିଦ୍ୟାଧରପୁର ଗ୍ରାମର କୃଷ୍ଣ ବେହେରା ନାମକ ବ୍ୟକ୍ତି ଶଙ୍କରପୁରରେ ଗାଈଗୋଠ କରିଥିଲେ। ସେହି ଗୋଠରୁ ଏକ କାଳିଗାଈ ପ୍ରତ୍ୟହ ପ୍ରାତଃକାଳରୁ ଆସି ବର୍ତ୍ତମାନର ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ଆସ୍ଥାନରେ ପୂର୍ବରୁ ଥିବା ଏକ କଣ୍ଟାବଣରେ ଆଚ୍ଛାଦିତ ହୁଙ୍କା ଉପରେ ଠିଆ ହେଉଥିଲା। ଏହି ସମୟରେ କାଳିଗାଈ ଚିରରୁ ଆପେ ଆପେ କ୍ଷୀର ନିର୍ଗତ ହେବାକୁ ଲାଗୁଥିଲା। କୃଷ୍ଣ ଗାଈ ପଛରେ ଯାଇ ଦେଖିଲେ ଯେ, ଉକ୍ତ ହୁଙ୍କା ଉପରେ କାଳିଗାଈଟି ଠିଆ ହୋଇଛି ଏବଂ ତା' ଚିରରୁ ଆପେ ଆପେ କ୍ଷୀର ସେହି ହୁଙ୍କା ଉପରେ ନିର୍ଗତ ହେଉଛି। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଉକ୍ତ ସ୍ଥାନରେ କ'ଣ ବା ମାହାତ୍ମ୍ୟ ଅଛି ଭାବି ଗାଈଧରା ପାଞ୍ଚଣରେ ସମ୍ପୃକ୍ତ ହୁଙ୍କା ଉପରକୁ ଆଘାତ କରିଥିଲେ। ଫଳରେ ହୁଙ୍କାଟି ଭାଙ୍ଗିଯାଇଥିଲା। ସେଠାରେ ଏକ ଲିଙ୍ଗ ଶକ୍ତି ରହିଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ତାଙ୍କ ଛତାକୁ ସେହି ସ୍ଥାନରେ ପୋତିଦେଇ ତତ୍‌କ୍ଷଣାତ ଗ୍ରାମକୁ ଦୌଡ଼ିଯାଇ ଯାଦବ ଭାଇମାନଙ୍କୁ ଏହି ବିଷୟରେ ଜଣାଇଥିଲେ। ସେ ଜିଲାର ୬ଟି ବ୍ଲକର ଯାଦବମାନଙ୍କୁ ଏକତ୍ରିତ କରି ୧୮ ଦେଶ ସ୍ଥାପନ କରିବା ସହିତ ହୁଙ୍କାରୁ ଆବିର୍ଭୂତ ଶକ୍ତିକୁ ବୈଶାଖ ପୂର୍ଣ୍ଣମୀ ଦିନ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ନାମରେ ପ୍ରତିଷ୍ଠା କରି କ୍ଷୀରସାଗର ରୂପେ ପ୍ରଭୁଙ୍କ ଜନ୍ମଦିନ ପାଳନ କରିଥିଲେ। ସେବେଠୁ ଆଜକୁ ପାଞ୍ଚପୁରୁଷ ଧରି ଉକ୍ତ ଦିବସରେ ଆଡ଼ମ୍ବର ସହକାରେ କ୍ଷୀରସାଗର ମହୋତ୍ସବ ପାଳିତ ହୋଇଆସୁଛି। ଶୁକ୍ରବାର ବୈଶାଖ ପୂର୍ଣ୍ଣମୀ ଅବସରରେ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ଦେବ ବିଜେ ଶଙ୍କରପୁର ମହାପ୍ରଭୁଙ୍କର କ୍ଷୀରସାଗର ମହୋତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ ଓ ସାମାଜିକ କର୍ମୀ ରାମକୃଷ୍ଣ ହୋତା ପ୍ରମୁଖ ଯୋଗଦାନ କରିଥିଲେ। କ୍ଷୀରସାଗର ମହୋତ୍ସବରେ ୧୮ଦେଶ ଯାଦବ ସମିତିର ସଭାପତି ଗଙ୍ଗାଧର ବେହେରା, ଉପସଭାପତି ଚିତ୍ତରଞ୍ଜନ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ଯାଦବ, କୋଷାଧକ୍ଷ ଗୌରାଙ୍ଗ ବେହେରା, ସହସମ୍ପାଦକ ପୀତବାସ ବେହେରା, ପୁରୀ ସିଂହସ୍ଥାନ ଯାଦବ ସମିତିର ସଭାପତି ସନ୍ତୋଷ କୁମାର ବେହେରା, ମୁରବି ରବି ବେହେରା, ସୁଦୀପ୍ତ ବେହେରା, ପ୍ରଫୁଲ୍ଲ ବେହେରା, ଉପଦେଷ୍ଟା ଶଙ୍କର ବେହେରା, କବିରାଜ ବେହେରା, ଇନ୍ଦିରା ବେହେରା, ଶନିଆ ମହାଭୋଇ, ଭିକାରି ବେହେରା, ମକୁ ଜେନା, ବୀରେନ୍ଦ୍ର ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଶଙ୍କରେଶ୍ୱର ମହାଦେବଙ୍କୁ କ୍ଷୀରାଭିଷେକ କରାଯାଉଛି।

# କୋଣାର୍କରେ ଖୋଲିବ ଆଉ ଏକ ଫାଷ୍ଟଟ୍ରାକ କୋର୍ଟ


କେନ୍ଦ୍ର ଆଇନ ସଚିବ ଏସ୍. କେ. ଜି. ରାହାତେ ଏବଂ ଅନ୍ୟମାନେ ସିଭିଲ କୋର୍ଟ କମ୍ପ୍ଲେକ୍ସର ନିର୍ମାଣସ୍ଥଳୀ ବୁଲି ଦେଖୁଛନ୍ତି।

**କୋଣାର୍କ,୫।୫(ଡି.ଏନ୍.ଏ.)**

**ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଦେଖିଲେ କେନ୍ଦ୍ର ଆଇନ ସଚିବ**

କେନ୍ଦ୍ର ଆଇନ ସଚିବ ଏସ୍. କେ. ଜି. ରାହାତେ ଶୁକ୍ରବାର ମଧ୍ୟାହ୍ନରେ ଅଚାନକ କୋଣାର୍କ ଗସ୍ତ କରିଛନ୍ତି। ଏଥିସହିତ ସର୍ବପ୍ରଥମେ ସେ ନୂତନ କୋଣାର୍କ ସିଭିଲ କୋର୍ଟ କମ୍ପ୍ଲେକ୍ସର ନିର୍ମାଣସ୍ଥଳୀ ବୁଲି ଦେଖିବା ସହିତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକୁ ଆସନ୍ତା ୬ମାସ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଏହି କୋର୍ଟ ତ୍ୱରିତ ନ୍ୟାୟ ଏବଂ ଜନସାଧାରଣଙ୍କୁ ଦ୍ୱାରଦେଶେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପୂରଣ କରିବା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ କ୍ଷେତ୍ରରେ ରୋଜଗାର ଓ କର୍ମନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା ପ୍ରକାଶ କରିଥିଲେ। କୋଣାର୍କ ସିଭିଲ କୋର୍ଟ କ୍ୟାମ୍ପସ ମଧ୍ୟରେ ଖୁବଶୀଘ୍ର ଏକ ନୂଆ ଫାଷ୍ଟ ଟ୍ରାକ କୋର୍ଟ ଖୋଲାଯିବ ବୋଲି କୋଣାର୍କ ବାର୍ ଆସୋସିଏଶନ ପ୍ରତିନିଧିମାନଙ୍କୁ ସଚିବ ରାହାତେ ପ୍ରତିଶ୍ରୁତି ଦେଇଥିଲେ। ଏବଂ ତୁରନ୍ତ ଏଥିପାଇଁ ପ୍ରସ୍ତାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ପୁରୀ ଜିଲା କୋର୍ଟ ରେଜିଷ୍ଟ୍ରାର ନିଖିଲ ମହାନ୍ତି, କୋଣାର୍କ ଜେଏମ୍‌ଏଫ୍‌ସି ଭାନୁପ୍ରତାପ ମିଶ୍ର, କୋଣାର୍କ ବାର୍ ଆସୋସିଏଶନ ସଭାପତି ଆଇନଜୀବୀ ଶ୍ରୀଜୟ ବରାଳ, ଯୁଗ୍ମ ସମ୍ପାଦକ ଗନ୍ଧର୍ବ ଦଳାଇ, ବିଜୟ ମହାନ୍ତି, ପ୍ରଦୀପ୍ତ ପାତ୍ର, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର, ଏସ୍‌ଡିଓ ଶଶି ଭୂଷଣ ମହାନ୍ତି, ସହାୟକ ଯନ୍ତ୍ରୀ ଦିଲୀପ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ପୁରୀ ବୁଦ୍ଧ ମନ୍ଦିରରେ ଶୁକ୍ରବାର ରଘୁନାଥ ଷଡ଼ଙ୍ଗୀଙ୍କ ଲିଖିତ ପୁସ୍ତକ 'ପିଲାଙ୍କ ବୁଦ୍ଧଦେବ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

**ଜଟଣୀ,୫।୫(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ଶୁକ୍ରବାର ୨ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ କୁଦିଆରୀ ଭୋଇସାହି ଅଞ୍ଚଳର ପାପିନା ଓରଫ ପ୍ରଶାନ୍ତ କୁମାର ବେହେରା(୩୨) ଏବଂ ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ମଝିସାହି ଅଞ୍ଚଳର ବଳିଆ ଓରଫ ବଳରାମ ଶ୍ରୀଚନ୍ଦନ(୪୨)। ଏମାନଙ୍କଠାରୁ ୭.୨୦ ଗ୍ରାମ୍ ବ୍ରାଉନ୍‌ସୁଗାର, ଗୋଟିଏ ମୋବାଇଲ ଫୋନ୍ ଏବଂ ୨,୧୨୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୬୫/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ କହିଛନ୍ତି। ସୂଚନା ମୁତାବକ, ଏହି ଥାନା ଅଧୀନ ଏକ ଘରୋଇ ବିଶ୍ୱବିଦ୍ୟାଳୟ ନିକଟ ଖଣ୍ଡୁଆଳ ମନ୍ଦିରଠାରେ ବ୍ରାଉନ୍‌ସୁଗାର କାରବାର ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚି ଚଢ଼ାଉ କରିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗାର ଆଣି ଜଟଣୀ ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

**ସାକ୍ଷୀଗୋପାଳ,୫।୫ (ଡି.ଏନ.ଏ./ସ୍ୱ.ପ୍ର)**

ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡି ଦଳିତ ସାହିରେ ଘଟିଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବିପନ୍ନ ୩ଟି ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ଶୁକ୍ରବାର ନୂଆଦିଲ୍ଲୀର ଏକ ଅନୁଷ୍ଠାନ "ଗୁଞ୍ଜ"ର ଓଡିଶା ଶାଖା ସଦସ୍ୟା ଓ ସଦସ୍ୟମାନଙ୍କ ଅନୁଷ୍ଠାନର ମୁଖ୍ୟ ସୁରେଶ କୁମାର ଓ କାର୍ଯ୍ୟ କାରିଣୀ ସଦସ୍ୟ ସଂଯୁକ୍ତା ଜେନା, ସମସ୍ତ ପରିବାରକୁ ପାଲ, କମଳ, ବାଲଟି, ବାସନ ଆଦି ଘରକରଣା ସାମଗ୍ରୀ, ଆସବାବପତ୍ର ଆଦି ପ୍ରଦାନ କରିଥିଲେ। ସେମାନଙ୍କର ଅଭାବ ଅସୁବିଧା ବୁଝି ସହ ଆଗକୁ ସହଯୋଗ ଜାରି ରହିବ ବୋଲି ସୁରେଶ କୁମାର ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ଏଭଳି କାର୍ଯ୍ୟ ପାଇଁ ବିପନ୍ନ ପରିବାର ସହ ସାରଙ୍ଗଯୋଡି ଅଞ୍ଚଳବାସୀ ଧନ୍ୟବାଦ ଜଣାଇଥିଲେ।

## ତିନିରଥର ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



**ପୁରୀ ଅଫିସ, ୫।୫:**

**ରଥଖଳାରୁ ...**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ କାମ ଅନୁକୂଳ କରାଯାଇଛି। ମହାପ୍ରସାଦ ସମର୍ପଣ ଓ ତ୍ରିଫଳ ଭାଙ୍ଗି ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ତିନିରଥର ରୂପକାର ସେବକମାନେ ୧୨ଟି ଗୁଜକାଠରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ ଜାରି ରଖିଛନ୍ତି। ରଥ ନିର୍ମାଣର ଦ୍ୱାଦଶ ଦିବସରେ ଅନୁକୂଳ ପୂଜା ପରେ ତିନିରଥର ତିନିଟି ଲେଖାଏ ତୁମ୍ବରେ ଅର ସଂଯୋଗ ହୋଇ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଭୋଇସେବକମାନେ ସମ୍ପନ୍ନ କରିଛନ୍ତି। ଏଥିସହ ମହାରଣାମାନେ ତିନିରଥ ପାଇଁ ଆବଶ୍ୟକ ଗୁଜ ଚଉପଟ କାର୍ଯ୍ୟ ଶେଷ କରିଛନ୍ତି। ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ୧୬, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ୧୨ ଏବଂ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ୧୬ଟି ଜଳଯନ୍ତ୍ର ନିର୍ମାଣ ଶେଷ ହୋଇଛି। ତିନିରଥର ପାର୍ଶ୍ୱଦେବତାଙ୍କ ପାଇଁ ୯/୯ଟି ଆସ୍ଥାନ ପ୍ରେମ ବା ଜଳଯନ୍ତ୍ର ନିର୍ମାଣ ସରିଛି। ସେହିପରି ଯନ୍ତାପଟା ନିର୍ମାଣ ସରିଛି। ଶୁକ୍ରବାର ମହାରଣାମାନେ ତିନିରଥର ଦୁଇଟି ଲେଖାଏ ଯନ୍ତାପଟାରେ ତିନିଟି ଲେଖାଏ ବିନ୍ଧ କାର୍ଯ୍ୟ ସହ ୪/୪ଟି କିଳା ନିର୍ମାଣ କରିଛନ୍ତି। ଏହି ଯନ୍ତାପଟା ସାହାଯ୍ୟରେ ଚକ ନିର୍ମାଣ ପାଇଁ ଅରରେ ପଇ ପିନ୍ଧା କାର୍ଯ୍ୟ ହୋଇଥାଏ। ୫/୫ଟି ଚକ ପାଇଁ ଆବଶ୍ୟାକ ଅରଗୁଡିକର ମୁଖସାଲ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତାଳଧ୍ୱଜ ରଥର ୨, ନନ୍ଦିଘୋଷ ରଥର ୨ ଏବଂ ଦେବଦଳନ ରଥର ୩ଟି ଗୁଜରେ ନୃସିଂହ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ତିନିରଥର ୪୨ ତୁମ୍ବ ପାଇଁ ଆବଶ୍ୟକ ବଳା ତଥା ପନ୍ଦାରି ନିର୍ମାଣ ଚାଲିଛି। ଶୁକ୍ରବାର ମୋଟ ମହାରଣା ୭୫ ଜଣ ନିୟୋଜିତ ଥିବାବେଳେ ଭୋଇ ସେବକ ୫୯, କରତି ସେବକ ୪, କମାର ସେବକ ୧୨, ପାହି ମହାରଣା ଜଣେ, ତୁମ୍ବବିନ୍ଧ କାରିଗର ଜଣେ, ରୂପକାର ସେବକ ୧୬ ଏବଂ ରଥଖଳା ସହାୟକ ଜଣେ ଏହିପରି ମୋଟ ୧୬୯ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।

# ବୌଦ୍ଧ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା

**ପୁରୀ ଅଫିସ, ୫।୫:**

**ବୋଧିଚକ୍ର ଆନୁକୂଲ୍ୟରେ ବୁଦ୍ଧ ପୂର୍ଣ୍ଣିମା ପାଳିତ**

ବୌଦ୍ଧିକ ଅନୁଷ୍ଠାନ 'ବୋଧିଚକ୍ର' ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ପୀଠ ପରିସରସ୍ଥ ବୋଧିଦ୍ରୁମ ମୂଳ ଆସ୍ଥାନରେ ଶୁକ୍ରବାର ପବିତ୍ର ବୁଦ୍ଧପୂର୍ଣ୍ଣିମା ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବୁଦ୍ଧଙ୍କ ପ୍ରତିକୃତି ସମ୍ମୁଖରେ ଦୀପ, ପୁଷ୍ପାଦି ନୈବେଦ୍ୟ ଅର୍ପଣ ପୂର୍ବକ ସମବେତ ବୁଦ୍ଧପ୍ରେମୀ ସମୂହ ଧ୍ୟାନ କରିଥିଲେ। ସମାରୋହରେ ଅନୁଷ୍ଠାନର ସମ୍ପାଦକ ରମାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାସକ ଉମେଶଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ। ବରିଷ୍ଠ ମାର୍ଗଦର୍ଶକ ପୂର୍ଣ୍ଣଚନ୍ଦ୍ର ସାହୁ ଧର୍ମପଦ ଅନ୍ତର୍ଗତ ମୂଳବର୍ଗରୁ କେତୋଟି ଗାଥା ପାଠୋଦ୍ଧାର ସଙ୍ଗେ ତାହାର ବିଶଦ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶରତ କୁମାର ସାହୁ, ଦେବରାଜ ପ୍ରଧାନ, ପ୍ରମୋଦ କୁମାର ପଣ୍ଡା, ବିଭୂତିଭୂଷଣ କର, ସାମାଜିକ କର୍ମୀ ରବିନାରାୟଣ ସାହୁ, ହେକ୍ଟର ମିଶ୍ର, ଅଧିବକ୍ତା ଶିବପ୍ରସାଦ ମିଶ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଛାୟାକାନ୍ତ ନାୟକ, ଅଶୋକ କୁମାର, ଉମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସାମ୍ପ୍ରତିକ ପରିପ୍ରେକ୍ଷୀରେ ବୌଦ୍ଧ ଦର୍ଶନର ପ୍ରାସଙ୍ଗିକତା ସମ୍ପର୍କରେ ସୁଚିନ୍ତିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ମହିମାଧର୍ମ ପ୍ରବର୍ତ୍ତକ ସନ୍ଥ ଭୀମଭୋଇଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପରିଶେଷରେ ସାମାଜିକ କର୍ମୀ ଡ. ରାଧେଶ୍ୟାମ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ବୁଦ୍ଧ ଜୟନ୍ତୀ ଅବସରରେ ଶୁକ୍ରବାର ପୁରୀ ବୁଦ୍ଧ ମନ୍ଦିରରେ ଶ୍ରଦ୍ଧାଳୁମାନେ ବୁଦ୍ଧଙ୍କ ଅଭିଷେକ କରୁଛନ୍ତି।

# ୮ରେ ରତ୍ନଭଣ୍ଡାର ମାମଲାର ଶୁଣାଣି

**ପୁରୀ ଅଫିସ, ୫।୫:**

- ରତ୍ନ ଅଳଙ୍କାର ଗଣତି ନେଇ ସରକାର କୋର୍ଟରେ ତଥ୍ୟ ରଖନ୍ତୁ
- ଆମିକସ୍‌କ୍ୟୁରିଙ୍କ ନିକଟକୁ ଚିଠି ଲେଖିଲା ଶ୍ରୀଜଗନ୍ନାଥ ସେନା
- ୩ ବର୍ଷ ପରେ ବି ସୁପ୍ରିମକୋର୍ଟଙ୍କ ଆଦେଶ ଅନୁପାଳନ ହୋଇନି

ଆସନ୍ତା ୮ତାରିଖରେ ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲାର ଶୁଣାଣି ହେବ। ସେହିଦିନ ଶୁଣାଣିବେଳେ କୋର୍ଟରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ଗଣତି ସମ୍ପର୍କରେ ରାଜ୍ୟ ସରକାର ତଥ୍ୟ ରଖନ୍ତୁ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶୁକ୍ରବାର ଆମିକସ୍‌କ୍ୟୁରିଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ନଭେମ୍ବର ୪ର ଆଦେଶକୁ ରାଜ୍ୟ ସରକାର ପାଳନ କରି ରତ୍ନଅଳଙ୍କାର ତାଲିକା ପ୍ରସ୍ତୁତ କରି ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରନ୍ତୁ। ଆସନ୍ତା ୮ତାରିଖରେ ହେବାକୁ ଥିବା ଉକ୍ତ ମାମଲାର ଶୁଣାଣିରେ ଏହା ଉପସ୍ଥାପନ କରାଯିବାକୁ ପଟ୍ଟନାୟକ ଦାବି କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ କେରଳର ଥିରୁଅନନ୍ତପୁରମ୍ ପଦ୍ମନାଭ ମନ୍ଦିରରେ ଥିବା ରତ୍ନଅଳଙ୍କାର ଗଣତି କରାଯାଇଥିଲା ବୋଲି ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

ସୂଚନା ଅନୁଯାୟୀ, ବହୁଚର୍ଚ୍ଚିତ ରତ୍ନଭଣ୍ଡାର ଚାବି ହଜିବା ଘଟଣା ନେଇ ଆଇନଜୀବୀ ମୃଣାଳିନୀ ପାଢ଼ୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲା ନମ୍ବର ରହିଥିଲା ୬୪୯/୨୦୧୮। ରତ୍ନଭଣ୍ଡାର ଚାବି ହଜିବାର ତଦନ୍ତ, ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କରିବା ଓ ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଉପରେ ଆଇନଜୀବୀ ପାଢ଼ୀ ସୁପ୍ରିମକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୯ ନଭେମ୍ବର ୪ରେ ସୁପ୍ରିମକୋର୍ଟ ଅନେକ ଆଦେଶ ଦେଇଥିଲେ। ତନ୍ମଧ୍ୟରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଗଣତି ଲାଗି ଆଦେଶ ରହିଥିଲା। ତେବେ ଏହି ଆଦେଶକୁ ୩ବର୍ଷ ପୂରିଯାଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ଅନୁପାଳନ କରିନାହାନ୍ତି। ଅନ୍ୟପକ୍ଷରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ଶେଷଥର ପାଇଁ ୧୩.୫.୧୯୭୮ରୁ ୨୩.୭.୧୯୭୮ ପର୍ଯ୍ୟନ୍ତ ଗଣତି କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ତେବେ ଗତ ୨୫ ତାରିଖରେ ସରକାର ସୁପ୍ରିମକୋର୍ଟରେ ଦର୍ଶାଇଛନ୍ତି, ୧୯୭୮ ମସିହାରେ ରତ୍ନଅଳଙ୍କାର ଗଣତି ହୋଇଥିଲା। ଉକ୍ତ ଅଳଙ୍କାରଗୁଡ଼ିକ ରତ୍ନଭଣ୍ଡାରରେ ସୁରକ୍ଷିତ ଥିବା ସତ୍ୟପାଠରେ ଦର୍ଶାଯାଇଛି। ତେବେ ସରକାର ମିଥ୍ୟା ସତ୍ୟପାଠ ଦେଇଥିବା ବେଳେ ଘଟଣା ଉପରୁ ନଜର ହଟାଇବା ପାଇଁ ପ୍ରୟାସ କରୁଛନ୍ତି ବୋଲି ଶ୍ରୀଜଗନ୍ନାଥ ସେନାର ଆବାହକ ଅଭିଯୋଗ କରିଛନ୍ତି।

# ଜଙ୍ଗଲରେ ବିତୁଛି ପ୍ରମିଳାଙ୍କ ଜୀବନ

**ପିପିଲି,୫।୫(ଡି.ଏନ.ଏ.)**

ପିପିଲି ବ୍ଲକ ଅଞ୍ଚଳରେ ଜଣେ ବୃଦ୍ଧା ପ୍ରାୟ ୨୦ବର୍ଷରୁ ଅଧିକ ସମୟ ହେବ ଜଙ୍ଗଲ ଭିତରେ ଦୁର୍ବିସହ ଜୀବନଯାପନ କାଟୁଛନ୍ତି। ସେ ହେଉଛନ୍ତି ପ୍ରମିଳା ସ୍ୱାଇଁ, ବୟସ ୭୦ ଛୁଇଁଲାଣି, ଚନ୍ଦ୍ରଦେଇପୁର ପଞ୍ଚାୟତ ୧୪ ନମ୍ବର ୱାର୍ଡରେ ଚାଳ ଘରଟିଏ। ପରିବାର କହିଲେ କେହି ନାହାନ୍ତି। ୨୦ବର୍ଷ ହେବ ଗାଁ ପଛପଟ ଜଙ୍ଗଲ ଭିତରେ ଝାଟିମାଟି କୁଡ଼ିଆ ଘରେ ରହି ଆସୁଥିଲେ। ହେଲେ ଗତ ଫନୀ ବାତ୍ୟାରେ ସେତକ ବି ଚାଲିଗଲା, ଘର ଭାଙ୍ଗି ମାଟିରେ ମିଶିଗଲା। ସେବେଠାରୁ ଏକ ପଲିଥିନ ଜରିଆରେ ୪ବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ଜୀବନ ବିତାଉଛନ୍ତି। କେତେବେଳେ ରାତିରେ ବିଛଣାରେ ସାପ ଆସି ଯାଉଛି ତ କେତେବେଳେ କୁକୁର ଆସି ହାଣ୍ଡିରୁ ଭାତ ଖାଇ ଦେଉଛି, ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡୁଛି। ବଞ୍ଚିବା ପାଇଁ ପ୍ରମିଳା ସଂଘର୍ଷ କରି ଆସୁଥିଲେ ମଧ୍ୟ କାହାର ନଜର ପଡୁନି ତାଙ୍କ ଉପରେ। ଫନୀ ପରେ ସହାୟତା ପାଇଁ ୩ଥର ତଦନ୍ତ ହୋଇଥିବାବେଳେ ଥ୍ରି ମ୍ୟାନ କମିଟି ମଧ୍ୟ ପ୍ରମିଳାଙ୍କ ବାସ୍ତବ ସ୍ଥିତିକୁ ଦେଖିଛନ୍ତି। ହେଲେ ବ୍ଲକ ପ୍ରଶାସନର ଅପାରଗତ ଯୋଗୁ ପ୍ରମିଳାଙ୍କୁ ଏପର୍ଯ୍ୟନ୍ତ ଆବାସଘର କି କୌଣସି ପ୍ରକାର ସହାୟତା ମିଳିପାରି ନାହିଁ। ଏପରିକି ବାରମ୍ବାର ନିର୍ବାଚିତ ଜନପ୍ରତିନିଧିଙ୍କୁ ଆବାସ ଖଣ୍ଡିଏ ପାଇଁ ପ୍ରମିଳା ଗୁହାରି କରିବା ସହ ଆବାସ ଯୋଜନା ପାଇଁ ଫର୍ମ ମଧ୍ୟ ପଞ୍ଚାୟତରେ ଦାଖଲ କରିଛନ୍ତି। ତାଙ୍କ ପାଇଁ ଆବାସ ଯୋଜନା ଯେପରି ସାତସପନ ପାଲଟି ଯାଇଛି। ସବୁଠୁ ନିରାଶ ହେବା ପରେ ଏବେ ଶେଷରେ ବୟସର ଅପରାହ୍ନରେ ଭାଗ୍ୟକୁ ଆଦରି ସେଇ ଜଙ୍ଗଲ ଭିତରେ ଅନ୍ଧକାରମୟ ଜୀବନ ବିତାଉଥିବା କହିଛନ୍ତି ପ୍ରମିଳା। ସେପଟେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ ଦେଖି ୱାର୍ଡ ସଭ୍ୟ ପ୍ରଭାତୀ ସାହୁ ସହାୟତା ପାଇଁ ଆଗକୁ ଆସିଛନ୍ତି। ପ୍ରଶାସନିକ ତ୍ରୁଟି ଯୋଗୁ ପ୍ରମିଳା ଆବାସ ଯୋଜନାରୁ ଦୀର୍ଘଦିନ ହେବ ବଞ୍ଚିତ ଅଛନ୍ତି, ତେଣୁ ଯଥାଶୀଘ୍ର ବ୍ଲକ ପ୍ରଶାସନ ତଦନ୍ତ କରି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ୱାର୍ଡ ସଭ୍ୟା ସାହୁ ଦାବି କରିଛନ୍ତି।

**ସାତସପନ ପାଲଟିଛି ଆବାସ ଯୋଜନା**


ଜରିପାଲ ତଳେ ପ୍ରମିଳା ସ୍ୱାଇଁ।

## ଶ୍ରୀ ନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ଖୁଣ୍ଟୁଣୀ, (ଡି.ଏନ.ଏ) : ଖୁଣ୍ଟୁଣୀ-ରମ୍ଭେଇ ହାଟପଡିଆରେ ସୋମବାରଠାରୁ ଆରମ୍ଭ ହୋଇଥିବା ଶ୍ରୀ ନୃସିଂହନାଥ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି। ଏଥିରେ କଟକ ସମେତ ଭୁବନେଶ୍ୱର, ଆଠଗଡ଼, ଢେଙ୍କାନାଳ ଜିଲାରୁ ଶ୍ରଦ୍ଧାଳୁମାନେ ଆସି ଘୃତଦାନ ସହ ଅର୍ଥଦାନ କରିଥିଲେ। ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟି ତଥା ଯଜ୍ଞ କମିଟିର ସଭାପତି ମନୋଜ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସାମନ୍ତରାୟ, ବିପିନି ବିହାରୀ ପ୍ରଧାନ, ବିଜୟ କୁମାର ସାହୁ, ପ୍ରିୟବ୍ରତ ପାତ୍ର, ସୁବାସ ରାଉଳ, ସଞ୍ଜୀବ ବେହେରା, ଗୋବିନ୍ଦ ବେହେରା, ସୁଧୀର କୁମାର ଦାଶ ପ୍ରମୁଖ କମିଟି ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଓରନ୍ଦାର ରାଧାକୃଷ୍ଣ ମଠାଧିଶ ଅସିତ ବାବା ପୂର୍ଣ୍ଣାହୁତିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ୫ ବାଇକ୍, ୭ ମୋବାଇଲ ଜବତ: ୭ ଗିରଫ

କଟକ ଅଫିସ,୫।୫: ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବଟି ମାଗିବା ଅଭିଯୋଗରେ ୭ଜଣ ଯୁବକଙ୍କୁ ବାଦାମବାଡ଼ି ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ୪୨ ମୌଜା ଦଧିବାମନପୁରର ସୁନୀଲ କୁମାର ନାୟକ(୨୮), ଶଙ୍କରପୁର ନୂଆସାହିର ବବ୍‌ଲୁ ବିଶ୍ୱାଳ(୩୦), ଶଙ୍କରପୁର ଉପରସାହିର ରଣଜିତ୍ ସ୍ୱାଇଁ(୩୭), ବାଦଲ କୁମାର ସ୍ୱାଇଁ(୪୦) ଓ ସୁବ୍ରତ ସ୍ୱାଇଁ (୪୫), ଶଙ୍କରପୁର ବାରିକ୍ ସାହିର କିଶୋର କୁମାର ରାଉତ(୪୭) ଓ ଯୋବ୍ରା ନୂଆ ସାହିର ସନାତନ ଷଡ଼ଙ୍ଗୀ(୩୨)। ଅଭିଯୁକ୍ତମାନଙ୍କଠାରୁ ୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ୫ଟି ବାଇକ୍ ଓ ୭ଟି ମୋବାଇଲ୍ ପୋଲିସ ଜବତ କରିଛି। ଗିରଫ ଯୁବକମାନେ ବାଦାମବାଡ଼ିରେ ଅଟକୁଥିବା ବସ୍‌ର କଣ୍ଡକ୍ଟରଙ୍କଠାରୁ ୧୦୦ଟଙ୍କା ଓ ଉଠା ଦୋକାନୀଙ୍କଠାରୁ ୨୦୦ ଟଙ୍କା ଲେଖାଏଁ ନିୟମିତ ବଟି ଆକାରରେ ଆଦାୟ କରୁଥିଲେ। ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ପରିଚୟ ଦେଇ ଭୟ ସୃଷ୍ଟି କରୁଥିଲେ। ଖବର ପାଇ ବାଦାମବାଡ଼ି ପୋଲିସ ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ବଧୀ କୁଦରେ ବୁଦ୍ଧ ପୂର୍ଣ୍ଣିମା

ଚୌଦ୍ୱାର,୫।୫ (ଡି.ଏନ୍.ଏ.): ପର୍ଯ୍ୟଟନସ୍ଥଳୀ ତଥା ପ୍ରତ୍ନତାତ୍ତ୍ୱିକ ବିଶେଷତା ଥିବା ଚୌଦ୍ୱାରସ୍ଥିତ ପ୍ରସିଦ୍ଧ ବଧୀକୁଦରେ ବୁଦ୍ଧ ପୂର୍ଣ୍ଣିମା ଓ ବୁଦ୍ଧ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗବାନ ବୁଦ୍ଧଦେବଙ୍କ ଜୟନ୍ତୀ ଅବସରରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ବଧୀକୁଦରେ ପହଞ୍ଚି ଧୂପ ଓ ଦୀପ ଦାନକରି ଭଗବାନଙ୍କ ପୂଜାର୍ଚ୍ଚନା କରିଥିଲେ। ଚୌଦ୍ୱାର ପ୍ରେସ୍ କ୍ଲବ୍ ତରଫରୁ କୁଦରେ ଆୟୋଜିତ ଜୟନ୍ତୀ ଉତ୍ସବରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କ୍ଲବର ସମ୍ପାଦକ ରମେଶ ଚନ୍ଦ୍ର ସାମଲ,ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ, ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, କଉନସିଲର ଆଶୁତୋଷ ଦାସ, ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି, ସାମାଜିକ କର୍ମୀ କେ.ସି.ପ୍ରତାପସିଂହ, ସାମ୍ବାଦିକ ପ୍ରକାଶ ନାୟକ, ମହେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ଭଞ୍ଜ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ଏଲୋରା ରାୟ, ସସ୍ମିତା ବିଶ୍ୱାଳ, ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ତାଙ୍କ ମହତ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ବୁଦ୍ଧଦେବଙ୍କ ସମାଧି ପରିକ୍ରମା କରି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ।

### ସିପିଆଇଏମ୍ ପକ୍ଷରୁ କାର୍ଲ ମାର୍କ୍ସଙ୍କ ଜୟନ୍ତୀ

କଟକ ଅଫିସ, ୫।୫: ସିପିଆଇଏମ୍ କଟକ ନଗର କମିଟି ପକ୍ଷରୁ ଶୁକ୍ରବାର କାର୍ଲ ମାର୍କସଙ୍କ ୨୦୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପିଲଗ୍ରୀମ ରୋଡଠାରେ ଏକ ସଭା ହୋଇଥିଲା। ସିପିଆଇଏମ୍ କଟକ ନଗର କମିଟି ସମ୍ପାଦକ ପ୍ରତାପ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ୍ ଯୋଗଦେଇ କାର୍ଲ ମାର୍କ୍ସଙ୍କ ଜୀବନୀ ଓ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ପରିସ୍ଥିତିରେ ସାମ୍ରାଜ୍ୟବାଦୀ ପରିଚାଳିତ ଅର୍ଥନୀତି ଏବଂ ସାମ୍ପ୍ରଦାୟିକ ଫାସିବାଦ ବିରୋଧରେ ଆନ୍ଦୋଳନକୁ ପ୍ରଖର ଓ ପରିବ୍ୟାପ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ସଭାରେ ଜିଲା କମିଟି ସଭ୍ୟ ଇଂ. ମନମୋହନ ପତି, ଭଞ୍ଜକିଶୋର ବେହେରା, ନିର୍ମଳ ଦାସ, ରବୀନ୍ଦ୍ରନାଥ ଦାସ, ଈଶ୍ୱର ସେଠୀ, ଗଣେଶ ମାଣିଆ, ପି. ତ୍ରିଲୋଚନ ନାଇଡୁ, ରିଣ୍ଟୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଠକ ମୌଲାନା କୈଫି ଖାନ୍‌ଙ୍କ ୮୦ ଆକାଉଣ୍ଟ ଠାବ

■ ମନ୍ତ୍ର, ପୂଜାପାଠରେ ସିନ୍ ରିକ୍ରିଏସନ୍ କଲା ପୋଲିସ
■ ୫୧ ଲକ୍ଷ ଟଙ୍କାର ବୀମା କାଗଜାତ, ଦାମୀ ଗାଡ଼ି ଜବତ

କଟକ ଅଫିସ,୫।୫

ମୌଲାନା କୈଫି ଖାନ୍ ରିମାଣ୍ଡର ତୃତୀୟ ଦିନରେ ପୋଲିସ୍‌କୁ ବେଶ୍ ସଫଳତା ମିଳିଛି। ପ୍ରଥମ ଦିନ ଜେରା ବେଳେ ଠକେଇ ବାବଦରେ ମାନି ନ ଥିବା କୈଫି ପୋଲିସ ଆଗରେ ଗୋଟିକ ପରେ ଗୋଟିଏ ଠକେଇ ଘଟଣାକୁ ସ୍ୱୀକାର କରିଛନ୍ତି। ବିଭିନ୍ନ ଠକେଇ ବାବଦରେ ପ୍ରମାଣ ଦେଖାଇବା ପରେ ସେ ମାନିବାକୁ ବାଧ୍ୟ ହୋଇଛନ୍ତି। କଟକ ସହରରେ ବିଭିନ୍ନ ବ୍ୟାଙ୍କ ସମେତ ଅର୍ଥ ଲଗାଣକାରୀ ସଂସ୍ଥାରେ ପ୍ରାୟ ୮୦ଟି ଆକାଉଣ୍ଟ ରହିଥିବା ପୋଲିସ ଠାବ କରିଛି। ବିଭିନ୍ନ ସ୍ଥାନକୁ ନେଇ ପୋଲିସ ଠକେଇର ସିନ୍ ରିକ୍ରିଏସନ୍ କରିଥିବା ବେଳେ ବହୁ ବିଳାସପୂର୍ଣ୍ଣ ଦାମୀ ସାମଗ୍ରୀ ଜବତ ହୋଇଥିବା ମଙ୍ଗଳବାଗ ଥାନା ଆଇଆଇସି ସୁଧାଂଶୁ ଜେନା ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ତୃତୀୟ ଦିନ ରିମାଣ୍ଡରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୈଫିଙ୍କଠାରୁ ହାସଲ କରାଯାଇଛି। ଠକେଇର ଶିକାର ହୋଇଥିବା କଟକ ସଦର ଅଞ୍ଚଳର ଜଣେ ମହିଳାଙ୍କ ଘରକୁ ଯାଇ ପୋଲିସ କୈଫିଙ୍କ ଦ୍ୱାରା ମନ୍ତ୍ରପାଠ, ଗୁଣି, ଗାରେଡ଼ି ଆଦିର ସିନ୍ ରିକ୍ରିଏସନ୍ କରାଇଥିଲା। ଏଥିସହ ଭାଣପୁର ପୀରବଜାର ଓ ପାଗା ନିକଟରେ ଜମି ଠାବ କରାଯାଇଥିଲା। ପୀରବଜାରରେ ଥିବା ଜମି ବାପାଙ୍କର ହୋଇଥିବା କୈଫି କହୁଥିବା ବେଳେ ସେହି ଜମିରେ କୈଫିଙ୍କ ଠକେଇ ଅର୍ଥ ଲାଗିଛି କି ନାହିଁ ସେ ନେଇ ପୋଲିସ ତଦନ୍ତ କରୁଛି। ଏଥିସହ କେଶରପୁରସ୍ଥିତ କୈଫିଙ୍କ ଘରୁ ୫୧ ଲକ୍ଷ ଟଙ୍କାର ଏଲ୍‌ଆଇସି ଜୀବନବୀମାର ୪ଟି କାଗଜାତ ଠାବ ହୋଇଛି। ବୀମା ପଲିସିଗୁଡ଼ିକର ପ୍ରିମିୟମ ଢେର ଅଧିକ ଥିଲା। ଏପରିକି ଗୋଟିଏ ବୀମା ବାବଦ ତ୍ରୈମାସିକ ଭାବେ ୩୪ ହଜାର ଟଙ୍କାରୁ ଆରମ୍ଭ କରି ଏକ ଲକ୍ଷ ୩୮ ହଜାର ଟଙ୍କା ଯାଏ ଡିପୋଜିଟ କରୁଥିବା ପୋଲିସ ହାତରେ ପ୍ରମାଣ ରହିଛି। ସେପଟେ ଶନିବାର ରିମାଣ୍ଡ ସରୁଥିବାରୁ ଶୁକ୍ରବାର ଦୁଇଟି ସ୍ଥାନକୁ ନେଇ ସିନ୍ ରିକ୍ରିଏସନ କରିଛି ପୋଲିସ। କଟକ ସଦର ଥାନା ଅଞ୍ଚଳର ଶର୍ମିଳା ବିବି ନାମକ ମହିଳାଙ୍କଠାରୁ ପୁଅକୁ ଚାକିରି କରାଇଦେବା ଏବଂ ଘରତଳୁ ରତ୍ନ ବାହାର କରିବା କହି ୫ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ପରେ ସେଠାକୁ ନେଇ ସିନ୍ ରିକ୍ରିଏସନ କରାଇଛି ପୋଲିସ। କୈଫି କିଭଳି ଓ କେମିତି ଘର ଖୋଳି ରତ୍ନ ବାହାର କରୁଥିଲେ ସିନ ରିକ୍ରିଏସନ ବେଳେ ସେ ସବୁ ସତ ପୋଲିସ ଆଗରେ ବଖାଣିଛନ୍ତି।

**ବିମାନ ଭ୍ରମଣ ସଉକ**

ରାଜ୍ୟ ବାହାରକୁ ଯାଇ ବିମାନରେ ଭ୍ରମଣ କରିବା କୈଫିଙ୍କର ସଉକ ଥିଲା। ସେ ବିଭିନ୍ନ ସ୍ଥାନ ବୁଲିବା ଓ ବିମାନଭଡ଼ା ବାବଦରେ ପ୍ରାୟ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବିଶେଷ କରି ଆଜମେର, ଦିଲ୍ଲୀ, ବାଙ୍ଗାଲୋର, ବରେଲି ସର୍ଫ, ଦାର୍ଜିଲିଂ, ମୋନାଲି ଆଦି ସ୍ଥାନକୁ ବିମାନରେ ଯାଇ ଭ୍ରମଣ କରିଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

**କୋଲକାତାରେ ଠକେଇ**

ରାଜ୍ୟ ବାହାରେ ମଧ୍ୟ କୈଫିଙ୍କ ଠକ ସାମ୍ରାଜ୍ୟ ବିସ୍ତାର ଲାଭ କରିଛି। ସେ କୋଲକତାରୁ ମୋଟା ଅଙ୍କର ଅର୍ଥ ଠକିଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ କୈଫି ଏହାକୁ ଅସ୍ୱୀକାର କରୁଛନ୍ତି। ତେଣୁ ପୋଲିସ କୋଲକାତା ଯାଇ ସେ ବାବଦରେ ତଦନ୍ତ କରିବ। ଏପରିକି ତାଙ୍କୁ ପୁଣି ଥରେ ରିମାଣ୍ଡରେ ଅଣାଯାଇପାରେ ବୋଲି ଡିସିପି ପିନାକ ମିଶ୍ର କହିଛନ୍ତି।

**କାଚଗ୍ଲାସ୍‌ରେ ମନ୍ତ୍ରପାଣି**

କେହି ବ୍ୟକ୍ତି ଗୁଣିଗାରେଡ଼ି କରିବା ଅଥବା ମନ୍ତ୍ରତନ୍ତ୍ର ଆଦି ସମସ୍ୟା ନେଇ କୈଫିଙ୍କ ନିକଟକୁ ଆସିଲେ ସେମାନଙ୍କୁ ସେ ଭିନ୍ନ ଭିନ୍ନ ଢଙ୍ଗରେ ଚର୍ଚ୍ଚା କରୁଥିଲେ। ଏପରିକି କାଚଗ୍ଲାସ୍‌ରେ ପାଣି ଆଣି ୫/୭ ଥର ମନ୍ତ୍ର ପଢ଼ି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପିଇବାକୁ ଦେଇଥାନ୍ତି। ସେହି ପାଣି ପିଇବା ପରେ ବ୍ୟକ୍ତି ଜଣଙ୍କର ଏକପ୍ରକାର ବିଶ୍ୱାସ ଜନ୍ମିଯାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ ଯାହା କହନ୍ତି ସେ ସହଜରେ ମାନିଥାନ୍ତି ବୋଲି କୈଫି ପୋଲିସ୍‌କୁ କହିଛନ୍ତି।

**ଅଣ୍ଟୁ ନ ଥିଲା ରୋଜଗାର**

କୈଫି କଟକ ସହରର ୨/୩ଟି ମସ୍‌ଜିଦ୍‌ରେ ପିଲାଙ୍କୁ ପାଠ ପଢ଼ାଉଥିଲେ। ହେଲେ ମାସିକ ରୋଜଗାର ମାତ୍ର ୭ରୁ ୮ ହଜାର ହେଉଥିଲା, ଯାହା ପରିବାର ଖର୍ଚ୍ଚ ପାଇଁ ଅଣ୍ଟୁ ନ ଥିଲା। ତେବେ ମନରେ କାର୍ ଚଢ଼ିବା, ଭଲ ଘର ତିଆରି ଯୋଜନା ଏବଂ ସ୍ତ୍ରୀ, ମା'ବାପାଙ୍କୁ ବୁଲାଇବାର ଇଚ୍ଛା ରହିଥିଲା ଯାହା ଏତିକି ରୋଜଗାରରେ ସମ୍ଭବ ନୁହେଁ ବୋଲି ସେ ଭାବିସାରିଥିଲେ। ତେଣୁ ଅଧିକ ଅର୍ଥ ଉପାର୍ଜନ ପାଇଁ ସେ ଏପରି ପନ୍ଥା ଆପଣେଇବା ପାଇଁ ସ୍ଥିର କରିନେଇଥିଲେ।

**ଆଲିମ ପାଠରୁ ଶିଖିଥିଲେ ଗୁଣିଗାରେଡ଼ି**

କୈଫି ରାଜ୍ୟ ବାହାରକୁ ଯାଇ ବହୁତ କିଛି ପାଠ ପଢ଼ିଥିଲେ। ମୌଲାନା, କୋରାନ୍, ହାଫିଜ୍ ଓ ଆଲିମ ଆଦି ଅନେକ ପାଠରେ ସେ ବହୁ ଜ୍ଞାନ ହାସଲ କରିଥିଲେ। ଆଲିମ ପାଠରୁ ଗୁଣିଗାରେଡ଼ି, ତନ୍ତ୍ର ଆଦି ସମ୍ପର୍କରେ ଶିଖିଥିବା ସେ ଜେରାବେଳେ ପୋଲିସ୍ ନିକଟରେ ସ୍ୱୀକାର କରିଛନ୍ତି।

## ଗହଣା ତରଳାଇବା ବେଳେ ସୁନା ଠକେଇ, ୩ କାରିଗର ଗିରଫ

କଟକ ଅଫିସ,୫।୫

ପୁରୁଣା ଅଳଙ୍କାର ତରଳାଇ ସୁନାମୁଣ୍ଡା କରୁଥିବାବେଳେ ସୁନା ଚୋରି ଠକେଇ କରି ୩ଜଣ କାରିଗରଙ୍କୁ ମଧୁପାଟଣା ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ବାଡ଼ିସାହିର ଦିଲ୍ଲୀପ ସାହୁ(୪୫), ଦୁର୍ଯ୍ୟୋଧନ ସାହୁ(୪୮) ଓ ବ୍ରହ୍ମବରଦା ଥାନା ଅନ୍ତର୍ଗତ ବଡଡିହ ମଝିସାହିର ମହେଶ୍ୱର ସାହୁ(୨୭)। ପୋଲିସ ସେମାନଙ୍କଠାରୁ ୩୦.୭୬ ଗ୍ରାମ୍ ସୁନାଖଣ୍ଡ, ୨ଟି ମୋବାଇଲ, ଗୋଟିଏ ମୋପେଡ୍ ଓ ଅଳଙ୍କାର ତରଳାଇବା ପାଇଁ ବ୍ୟବହୃତ ଯନ୍ତ୍ରପାତି ଜବତ କରିଛି। ଅଭିଯୋଗ ଅନୁସାରେ, ବାଲିସାହିର ରହୁଥିବା ସସ୍ମିତା ରାଉତଙ୍କ ନିକଟରେ ସୁନା କାରିଗର ପରିଚୟ ଦେଇ ତାଙ୍କର ଦୁଇଟି କାନଫୁଲକୁ ତରଳାଇଥିଲେ। ତରଳାଇବା ବେଳେ ଅଭିଯୁକ୍ତମାନେ ସେଥିରୁ ଚଞ୍ଚକତା କରି ଅସଲି ସୁନା ନେଇଯାଇଥିଲେ। ଗତ ୨୬ ତାରିଖରେ ଘଟିଥିବା ଏହି ଘଟଣା ବାବଦରେ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ କରି ୨ଜଣଙ୍କୁ ଧରିଥିଲା।



କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାରେ ଅନୁଷ୍ଠିତ ଚିତ୍ରକଳା କର୍ମଶାଳାରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଭାଗନେଇଥିବା ଛାତ୍ରୀଛାତ୍ର।

## ହିନ୍ଦୀ ସଂସ୍ଥାନରେ ଶିକ୍ଷଣ ସାମଗ୍ରୀ ଚିତ୍ର କର୍ମଶାଳା

କଟକ ଅଫିସ, ୫।୫

କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ଶୁକ୍ରବାର ଶିକ୍ଷଣ ସାମଗ୍ରୀ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଗ୍ରାସ୍ଥିତ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନର ପ୍ରଫେସର ଭରତ ସିଂ ପରମାର ଏବଂ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କର୍ମଶାଳାରେ ୫୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷଣାର୍ଥୀ ଯୋଗଦେଇ ବୁଦ୍ଧଦେବଙ୍କ ଚିତ୍ର ଆଙ୍କିବା ସହ ପୁସ୍ତକ ଆଧାରିତ ଚିତ୍ର ପ୍ରସ୍ତୁତ କରିଥିଲେ। ଏଥିରେ ଶିଳ୍ପୀ ପ୍ରଭବ ଅଖଣ୍ଡ ଏବଂ ସୋମା ଏମ୍. ବାଗ୍‌ଚୀ ଅତିଥି ଭାବେ ଯୋଗଦେଇଥିଲେ। ସହାୟକ ଅଧ୍ୟାପକ ଡ. ଅର୍ଜୁନ ନାଏକ, ରାଜୀବ ଲୋଚନ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସହାୟକ ଅଧ୍ୟାପକ ହେମନ୍ତ ମଲ୍ଲିକ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଶିଳ୍ପୀ ରବି ରଥ କର୍ମଶାଳା ପରିଚାଳନା ଏବଂ ଡ. ଜାନକୀ ଝା ଧନ୍ୟବାଦ ଦେଇଥିଲେ। ଲୋପାମୁଦ୍ରା ବେହେରା, ପ୍ରିୟଙ୍କା ସ୍ୱାଇଁ, ରାଜ କିଶୋର ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ପ୍ରଶାନ୍ତ ନନ୍ଦ, ସୁନୀତା ଆଚାର୍ଯ୍ୟ, ସମିରୁନ ଖାତୁନ, ରଶ୍ମିରଞ୍ଜନ ଦାସ ଏବଂ ପ୍ରାଚୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ତ୍ରିଦିବସୀୟ ପ୍ରୟୋଜନମୂଳକ ହିନ୍ଦୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କନ୍ଦରପୁରରେ ବାଇପାସ୍ ରାସ୍ତା ନିର୍ମାଣ ପ୍ରସ୍ତାବ ଅଗ୍ରାହ୍ୟ

କଟକ ସଦର,୫।୫(ଡି.ଏନ.ଏ.)

କଟକ- ନୂଆଗାଁ ଜାତୀୟ ରାଜପଥ ନଂ. ୫୫ ନିର୍ମାଣ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିବା ପରେ ବିଭାଗୀୟ ତତ୍ପରତା ଆରମ୍ଭ ହୋଇଛି। ଗୁରୁବାରଠାରୁ ସଶସ୍ତ୍ର ପୋଲିସ ମୁତୟନ କରାଯାଇ କନ୍ଦରପୁର ବଜାରରେ ମାପଚୁପ ଆରମ୍ଭ ହୋଇଛି। ହେଲେ ସ୍ଥାନୀୟ ଲୋକମାନେ କରିଥିବା ବାଇପାସ ରାସ୍ତା ନିର୍ମାଣ ଦାବିକୁ ଏନ୍‌ଏଚ୍ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିବା ପରେ ସରଜମିନ ମାପଚୁପ କରାଯାଉଛି। ଏହି ମାପ ଥାନାଠାରୁ କନ୍ଦରପୁର ଲେବେଲ କ୍ରସିଂ ପର୍ଯ୍ୟନ୍ତ କରାଯାଇ ୭୦ ଫୁଟ ଜାଗା ଚିହ୍ନଟ କରାଯିବ। ଏଥିସହ କୋଠାବାଡ଼ି ପାଇଁ କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ସମ୍ପ୍ରସାରଣରେ କୋଠା, କଲ୍ୟାଣ ମଣ୍ଡପ, ସମବାୟ ସମିତି ଓ ପଞ୍ଚାୟତ ଗୃହ ଭଙ୍ଗାଯିବା ନିଶ୍ଚିତ ହୋଇଯାଇଛି। ମାତ୍ର କନ୍ଦରପୁର ଛକରୁ ରାସ୍ତା କରା ନ ଯାଇ ଷ୍ଟେଟ ବ୍ୟାଙ୍କ ନିକଟ ଖୋଲା ଚାଷ ଜମି ଉପରେ ବାଇପାସ ରାସ୍ତା କରିବା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀଙ୍କ ନିକଟରେ ଦାବି କରିଥିଲେ। ଏହି ଦାବିର ସମାଧାନ ବାଟ ବାହାର କରିବା ପାଇଁ ଗତ ଡିସେମ୍ବର ୩୦ରେ ଜାତୀୟ ରାଜପଥ ପ୍ରାଧିକରଣର ଅତିରିକ୍ତ ମହାନିର୍ଦ୍ଦେଶକ ଧର୍ମାନନ୍ଦ ଷଡ଼ଙ୍ଗୀ, ମୁଖ୍ୟ ଯନ୍ତ୍ରୀ ପ୍ରସନ୍ନ ଶତପଥୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଧ୍ୟାନଚନ୍ଦ୍ର ନାୟକ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଏମ୍‌ପି ମହତାବ କ୍ଷେତ୍ରସ୍ଥଳ ପରିଦର୍ଶନ କରି ବାଇପାସ ପାଇଁ ଜାଗା ଚିହ୍ନଟ କରିଥିଲେ। ମାତ୍ର ଏହି ପ୍ରସ୍ତାବକୁ ଉଭୟ ରେଳବାଇ ଓ ଜାତୀୟ ରାଜପଥ ପ୍ରାଧିକରଣକୁ ନେଇ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ ବୈଷୟିକ କମିଟି ଅଗ୍ରାହ୍ୟ କରି ଦେଇଥିବା ଜଣାପଡ଼ିଛି।

## ବିରୂପାରେ ନିର୍ମାଣ ହେବ ମଣ୍ଡାପଡ଼ା-ଜଗତପୁର ସେତୁ

ଚୌଦ୍ୱାର,୫।୫ (ଡି.ଏନ୍.ଏ.)

ଚୌଦ୍ୱାରରୁ କଟକ ଯିବା ପାଇଁ ଚୌଦ୍ୱାର ସହରାଞ୍ଚଳ ଅନ୍ତର୍ଗତ ମଣ୍ଡାପଡ଼ାଠାରୁ ଜଗତପୁର ବଟ ଛକ ପର୍ଯ୍ୟନ୍ତ ବିରୂପା ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ସରକାରୀ ସ୍ତରରେ ସ୍ଥିର କରାଯାଇଛି। ୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରସ୍ତାବିତ ସେତୁର ରୂପରେଖ ସ୍ଥିର କରିବା ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ତାରାପ୍ରସାଦ ମିଶ୍ର ଶୁକ୍ରବାର ଜଗତପୁର ଗୋଲେଇ ଛକ ଓ ମଣ୍ଡାପଡ଼ାସ୍ଥିତ ଲଞ୍ଚ ଘାଟ ପରିଦର୍ଶନ କରିଥିଲେ। ୫୦୦ ମିଟର ଦୀର୍ଘ ଏହି ପ୍ରସ୍ତାବିତ ସେତୁ ପାଇଁ ଉଭୟ ପଟରେ ଜମି ଗ୍ରହଣ ପ୍ରକ୍ରିୟା ଆସନ୍ତା ୨ମାସ ମଧ୍ୟରେ ଆରମ୍ଭ ହେବ ବୋଲି ମିଶ୍ର ସୂଚନାଦେଇ ଏଦିଗରେ ଉଭୟ ପଟର ଜନସାଧାରଣ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ସେତୁର ନକ୍ସାକୁ ସେ ଲୋକାର୍ପିତ କରିଥିଲେ। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅଶୋକ କୁମାର ଗିରି ଓ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ଏଥିରେ ଉପସ୍ଥିତ ରହି କ୍ଷେତ୍ର ଅନୁଧ୍ୟାନ କରିଥିଲେ। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଚୌଦ୍ୱାର ବିଜେଡି ସଭାପତି ବିଷ୍ଣୁଚରଣ ପରିଡ଼ା, କାଉନସିଲର ରଞ୍ଜୁଲତା ଦାସ, ପୂର୍ବତନ କାଉନସିଲର ସବିତା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ସେତୁ ପରିଦର୍ଶନରେ ଆସିଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗର ମୁଖ୍ୟ ଯନ୍ତ୍ରୀ ତାରା ପ୍ରସାଦ ମିଶ୍ର।

## ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ଜାମିନ

କଟକ ଅଫିସ,୫।୫

ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କୁ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହ ଉକ୍ତ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଦାଲତଙ୍କ ବିନା ଅନୁମତିରେ ଅଭିଯୁକ୍ତ ରାଜ୍ୟ ବାହାରକୁ ଯାଇପାରିବେ ନାହିଁ, କୌଣସି ପ୍ରକାର ସାକ୍ଷୀଙ୍କୁ ପ୍ରଭାବିତ କରିବେନି ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାନୁସାରେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଜେନାଙ୍କୁ ଭିଜିଲାନ୍ସ ମାର୍ଚ୍ଚ ୩ରେ ଗିରଫ କରିଥିଲା। ତାଙ୍କ ନିକଟରୁ ୧ କୋଟି ୫୬ ଲକ୍ଷ ନଗଦ ଟଙ୍କା ସମେତ କେନ୍ଦୁଝରରେ ୫ଟି ପ୍ଲଟ, ୩ଟି ଫ୍ଲାଟ ଓ ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ ଭିଜିଲାନ୍ସ ଜବତ କରିଥିଲା।

## ଲୋକଙ୍କ ସମସ୍ୟା ଶୁଣି ସମାଧାନ ପ୍ରତିଶ୍ରୁତି ଦେଲେ ମେୟର




ବୈଠକରେ ଉପସ୍ଥିତ ମେୟର ସୁବାସ ସିଂ ଓ ଅନ୍ୟମାନେ।

କଟକ ଅଫିସ,୫।୫

କଟକ ମହାନଗର ନିଗମ (ସିଏମ୍‌ସି)ର ମେୟରଙ୍କ ମୋ ୱାର୍ଡ କାର୍ଯ୍ୟକ୍ରମ ଶୁକ୍ରବାର ୪୯ ନଂ ୱାର୍ଡରେ ଆରମ୍ଭ ହୋଇଛି। ମୋ ୱାର୍ଡ କାର୍ଯ୍ୟକ୍ରମ ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କ ବୈଠକ ସ୍ଥାନୀୟ ନାନ୍‌କାର କମ୍ୟୁନିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୦ଜଣ ବରିଷ୍ଠ ନାଗରିକ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯଥା ଡ୍ରେନ ସମସ୍ୟା, ରାସ୍ତାଘାଟ, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ ଓ ଅଙ୍ଗନୱାଡ଼ିର ବିକାଶ, ମଶାଣି ଓ ଖେଳପଡ଼ିଆ ଉନ୍ନତି ଇତ୍ୟାଦି ବିଷୟରେ ମତାମତ ଉପସ୍ଥାପନ କରିଥିଲେ। ମେୟର ସୁବାସ ସିଂ ଏବଂ କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମସ୍ୟା ଶୁଣି ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝି ବରିଷ୍ଠ ନାଗରିକଙ୍କ ସହଯୋଗ କାମନା କରିଥିଲେ। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ପୂର୍ବତନ କର୍ପୋରେଟର ନବ ସ୍ୱାଇଁ, ଦିଲୀପ କୁମାର ଜେନା, ଅଶୋକ ମିଶ୍ର, କଳ୍ପନା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ତ୍ରିନାଥ ବସ୍ତିରେ ସନ୍ଧ୍ୟା ୭ଟାଠାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ସଭାରେ ମେୟର ବସ୍ତିବାସିନ୍ଦାଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତିର ପ୍ରାୟ ୪୦୦ଜଣ ବାସିନ୍ଦା ଯୋଗଦେଇ ମେୟରଙ୍କୁ ସମସ୍ତ ପ୍ରସ୍ତାବ କହିଥିଲେ। ଏହି ଅବସରରେ ଡେପୁଟି କମିଶନର ସଂଜୀବିତ ରାୟ ଉପସ୍ଥିତ ରହି ବସ୍ତିବାସିନ୍ଦାଙ୍କ ପ୍ରସ୍ତାବକୁ ଗ୍ରହଣ କରି ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୨ ସାମାଜିକ କର୍ମୀଙ୍କୁ ମମତା ସ୍ମୃତି ସମ୍ମାନ ପ୍ରଦାନ

କଟକ ଅଫିସ,୫।୫



ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିଦ୍ୱୟ।

ସାମାଜିକ କର୍ମୀ ମମତା ଦାସଙ୍କ ପ୍ରଥମ ସ୍ମୃତି ଉତ୍ସବ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ପ୍ରଫେସର ସଙ୍ଗୀତା ରଥ ଉଦ୍‌ଘାଟନ କରି କହିଲେ, ମଣିଷ ପାଇଁ ହିଁ ମଣିଷ ଜନ୍ମିଛି। ସେବା ମନୋବୃତ୍ତି ମାନବିକ ମୂଲ୍ୟବୋଧର ପ୍ରତୀକ। ଆଖିରୁ ଲୁହ ପୋଛିଦେଇ ଓଠରେ ହସ ଭରିବା ମଣିଷର ଶ୍ରେଷ୍ଠ ଧର୍ମ ବୋଲି ପ୍ରଫେସର ରଥ କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ବିଜୟଲକ୍ଷ୍ମୀ ପରିଜା କହିଲେ, ନାରୀମାନେ ହେଉଛନ୍ତି ତ୍ୟାଗର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଲେ, ମଣିଷ ନେବା ପରିବର୍ତ୍ତେ ଦେବାର କଳାକୌଶଳକୁ ଆପଣାଇଲେ ଦେବତ୍ୱର ଅଧିକାରୀ ହୋଇପାରିବ। ସ୍ମୃତି ସଂସଦର ଉପଦେଷ୍ଟା ଡା. ରବିନାରାୟଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ସାମାଜିକ କର୍ମୀ ସତ୍ୟଭାମା ପାତ୍ରଙ୍କୁ ମମତା ସମାଜସେବା ସମ୍ମାନ ଓ ପ୍ରେମଲତା ରାଉତଙ୍କୁ ମମତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସସ୍ମିତା ପଟ୍ଟନାୟକ ଏବଂ ସ୍ମିତା ଦାସ ମାନପତ୍ର ପାଠ କରିଥିଲେ। ସମ୍ପାଦକ କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା ଓ ଉପସଭାପତି ଡ. ଅଭୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଆନିମଲ୍ ହେଲ୍ପ୍‌ଲାଇନ୍ ଯୋଜନା ବାଟବଣା

କଟକ ଅଫିସ,୫।୫

କଟକ ସହରର ୫୯ଟି ୱାର୍ଡରେ ପ୍ରତିବର୍ଷ ବୁଲାପ୍ରାଣୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସହରରେ ଏବେ ବୁଲା କୁକୁରଙ୍କ ସଂଖ୍ୟା ୬୦ହଜାର ଉପରେ ଥିବାବେଳେ ବୁଲା ଗୋରୁ ଓ ଷଣ୍ଢଙ୍କ ସଂଖ୍ୟା ୨୦ ହଜାରରୁ ଅଧିକ ରହିଛି। ପ୍ରତିଦିନ ବିଭିନ୍ନ ସ୍ଥାନରେ ବୁଲାପ୍ରାଣୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବୁଲା କୁକୁର ଓ ଗାଈଙ୍କଠାରୁ ଆରମ୍ଭ କରି ଷଣ୍ଢ ଦୁର୍ଘଟଣାର ଶିକାର ହେଲେ ସେମାନଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚିକିତ୍ସା ଯୋଗାଇ ଦେବାକୁ ଯୋଜନା ହୋଇଥିଲା। ଏଥିପାଇଁ ଗତବର୍ଷ ଜାନୁୟାରୀରେ ନିଷ୍ପତ୍ତି ନିଆଯାଇ 'ଆନିମଲ୍ ହେଲ୍ପ ଲାଇନ୍' ବା 'ଏଏଚ୍‌ଏଲ୍' ଯୋଜନା କରାଯାଇଥିଲା। ଏହି ଯୋଜନାକୁ ଏକବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି କାର୍ଯ୍ୟକାରିତା ଦେଖିବାକୁ ମିଳୁନାହିଁ। ଖପୁରିଆରେ ୨ ଏକର ଜାଗାରେ ଏକ ପ୍ରାଣୀ ଚିକିତ୍ସାଳୟ ସହିତ ସେମାନଙ୍କ ରହିବା ଓ ଚିକିତ୍ସା ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ସେଠାରେ ଦୁଇମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କରାଯାଇ ଆହତ ପ୍ରାଣୀଙ୍କ ଚିକିତ୍ସା କରାଯିବା ସହ ଆବଶ୍ୟକ ସ୍ଥଳେ ଅସ୍ତ୍ରୋପଚାର ପାଇଁ ଓଟି ବ୍ୟବସ୍ଥା କରିବାକୁ ସ୍ଥିର ହୋଇଥିଲା। ଏପରିକି ପ୍ରାଣୀମାନଙ୍କୁ ଏଠାରେ ରଖି ଚିକିତ୍ସା ଯୋଗାଇ ଦିଆଯିବାର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଏଠାରେ ବୁଲାକୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଲାଗି ଯୋଜନା ଥିଲା। ଏଥିପାଇଁ ୫୦ରୁ ଅଧିକ କୁକୁରଙ୍କ ପାଇଁ 'ଡଗ୍ କେନେଲ୍' କରିବାକୁ କୁହାଯାଇଥିଲା। ସିଏମ୍‌ସି ପକ୍ଷରୁ ଦୁଇଜଣ ଡାକ୍ତର ଓ ଦୁଇଜଣ ସହାୟକଙ୍କୁ ନିଯୁକ୍ତି ଦେବାକୁ ସ୍ଥିର ହୋଇଥିଲା। ତେବେ ଏତେ ସବୁ ଯୋଜନା କେବଳ ଜାଗା ଚିହ୍ନଟ ଏବଂ ଏଏଚ୍‌ଏଲ୍ ନକ୍ସା ପ୍ରସ୍ତୁତି ମଧ୍ୟରେ ରହିଯାଇଛି। ଅପରପକ୍ଷରେ ସିଏମ୍‌ସି ପକ୍ଷରୁ ବିଡ଼ାନାସୀରେ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ ପାଇଁ ଯୋଜନା ସହ ପୁନର୍ବାର ନୂତନ ସ୍ଥାନ ଚିହ୍ନଟ କରାଯାଇଛି। ତେବେ ପୂର୍ବ ଭଳି ଏହା ମଧ୍ୟ ଯୋଜନାରେ ସୀମିତ ହୋଇରହିଯିବ ବୋଲି ଚର୍ଚ୍ଚା ଚାଲିଛି।

### ସପ୍ତାହେ ମଧ୍ୟରେ କାର୍ଯ୍ୟକାରୀ ହେବ ଯୋଜନା



"ସହରରେ ବୁଲା ପ୍ରାଣୀଙ୍କୁ ଉଠାଇବା ଲାଗି ବଡ଼ ଗାଡ଼ି ଆସିଯାଇଛି। ଏଥିପାଇଁ ଇ-ଟେଣ୍ଡର କରାଯାଇଥିଲା। ହାଇଡ୍ରୋଲିକ ବଡ଼ ଗାଡ଼ି ହୋଇଥିବାରୁ କୁଶଳୀ ଡ୍ରାଇଭରଙ୍କ ଆବଶ୍ୟକ ରହିଛି। ଏହି କାର୍ଯ୍ୟରେ ଜଣେ ଭେଟେରିନାରି ଡାକ୍ତର ଏବଂ ସିଏମ୍‌ସିରୁ ଜଣେ କର୍ମଚାରୀ ଦାୟିତ୍ୱରେ ରହିବେ। ବୁଲାପ୍ରାଣୀଙ୍କୁ ଉଠାଇ ନେବା ନେଇ ୨ଟି ନମ୍ବର ଖୁବ ଶୀଘ୍ର ଜାରି ହେବ। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ।

– ସତ୍ୟବ୍ରତ ମହାପାତ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୫।୨୦୨୩

| ୪,୯୩,୦୧୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧୩୬.୯୫୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- କଳାଞ୍ଜଳି ଆର୍ଟିଷ୍ଟ୍ସ ଟ୍ରଷ୍ଟ ପକ୍ଷରୁ ଲୋକ ନୃତ୍ୟ ଉତ୍ସବ, ଉତ୍କଳ ମଣ୍ଡପ, ସକାଳ ୮ଟା ୩୦।
- ଆଇକେଏଆଇ ସଂଗଠନ ପକ୍ଷରୁ କର୍ମଶାଳା, ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା ୩୦।
- ଫିକି ପକ୍ଷରୁ ଆଲୋଚନା, ମେ ଫେୟାର ଲାଗୁନ, ପୂର୍ବାହ୍ନ ୧୧ଟା।
- ବାସନ୍ତୀ ପଟ୍ଟନାୟକଙ୍କ ସ୍ମୃତିସଭା, ଗ୍ରାଣ୍ଡ ଲୁମ୍ବିନୀ କନଭେନଶନ, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ୨୫ତମ ଶିଶୁ ମହୋତ୍ସବ(କଳିଙ୍ଗ)-୨୦୨୩, ସୂଚନା ଭବନ, ସନ୍ଧ୍ୟା ୬ଟା।
- ନୃତ୍ୟଶାଳାର ୨୦ତମ ବାର୍ଷିକ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ମହୋତ୍ସବ ପାଳନ ଅବସରରେ ମାଗଣା ଅପେରା ପରିବେଷଣ, ନହରକଣ୍ଟାର ଶ୍ରୀ ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ, ରାତି ୧୧ଟା।

କଟକ
- ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଅବସରରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।

# ଦିନକରେ ରେଳଧାରଣାରୁ ୨ ମୃତଦେହ ଜବତ

### ଭଉଣୀ ଆଗରେ ଚାଲିଗଲା ଭାଇର ଜୀବନ

**ଭୁବନେଶ୍ୱର,୫।୫(ବ୍ୟୁରୋ):** ଗୋଟିଏ ଦିନରେ ଭୁବନେଶ୍ୱର ସରକାରୀ ରେଲ୍‌ୱେ ଥାନା ପୋଲିସ (ଜିଆରପି) ରେଳ ଧାରଣାରୁ ୨ଟି ମୃତଦେହ ଜବତ କରିଛି। ମୃତକ ହେଲେ ପୁରୀ ଜିଲା କଣାସ ଅଞ୍ଚଳର ଆଦର୍ଶ ବେହେରା ଓ ଅନ୍ୟଜଣେ ରାଉରକେଲାର ଗଣେଶ ସରକାର। ଦୁଇଜଣ ଟ୍ରେନରୁ ଖସି ପଡିଥିବା ଜଣାପଡିଛି। ତେବେ ସେମାନେ ଟ୍ରେନରୁ କେମିତି ପଡିଲେ ନା ସେମାନଙ୍କୁ କିଏ ଠେଲି ଦେଇଛି, ତାହାର କାରଣ ଜାଣିବା ଲାଗି ଜିଆର୍‌ପି ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ମୃତକ ଗଣେଶ ଗୁରୁବାର ରାତିରେ ଟ୍ରେନ ଯୋଗେ ଭୁବନେଶ୍ୱରରୁ ରାଉରକେଲା ଯାଉଥିଲେ। ହେଲେ ଶୁକ୍ରବାର ସକାଳେ ବାପୁଜୀନଗର ନିକଟ ରେଳଧାରଣାରେ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ସେହିପରି ଆଦର୍ଶ ତାଙ୍କ ଭଉଣୀଙ୍କ ସହ ପୁରୀରୁ ଭୁବନେଶ୍ୱରରେ ଆସୁଥିବାବେଳେ ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ତଳକୁ ଖସି ପଡିଥିଲେ। ଏହାଦେଖି ତାଙ୍କ ଭଉଣୀ ଅନ୍ୟ ଯାତ୍ରୀମାନଙ୍କୁ ଏ ସମ୍ପର୍କରେ ଜଣାଇବା ସହ ଟ୍ରେନ୍‌ର ଚେନ୍ ଟାଣିବାକୁ ନେହୁରା ହୋଇଥିଲେ। ହେଲେ କେହି ତାହା କରି ନ ଥିଲେ। ତେବେ ସ୍ଥାନୀୟ ଲୋକେ ଆଦର୍ଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବୁଣାକାରଙ୍କ ବିକାଶ ପାଇଁ ବୟନିକା ବଦ୍ଧପରିକର

### ବୟନିକାର ୬୭ତମ ପ୍ରତିଷ୍ଠା ଦିବସ

- ୨୦୨୩-୨୪ରେ ୨୦୦ କୋଟିର ବ୍ୟବସାୟ ଲକ୍ଷ୍ୟ
- ମାର୍କେଟ ବିଲ୍‌ଡିଂରେ ବୟନିକାର ଆଉଏକ ବିକ୍ରୟ କେନ୍ଦ୍ର ଖୋଲିଲା





ପ୍ରତିଷ୍ଠା ଦିବସ ପାଳନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମେୟର ସୁଲୋଚନା ଦାସ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୫।୫(ବ୍ୟୁରୋ)

ଉତ୍କର୍ଷ କଳାର ରାଜ୍ୟ ଓଡ଼ିଶା ନିଜର କଳା ସଂସ୍କୃତି ଓ ସ୍ଥାପତ୍ୟ ପାଇଁ ବିଶ୍ୱବିଦିତ। ଉତ୍କଳୀୟ କଳା ସଂସ୍କୃତି ପାଇଁ 'ହସ୍ତତନ୍ତ ବସ୍ତ୍ର'ର ଭୂମିକା ସ୍ୱତନ୍ତ୍ର। ଭାରତର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ କ୍ଷେତ୍ରରେ ଯୁଗଯୁଗରୁ ଓଡ଼ିଶା ହସ୍ତତନ୍ତ ବସ୍ତ୍ର ବିଶେଷ ଭାବେ 'ବାନ୍ଧବସ୍ତ୍ର'ର ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଏହି ପ୍ରାଚୀନ କଳାକୁ ବଂଶାନୁକ୍ରମେ ବୃତ୍ତି ଭାବେ ଆଦରି ନେଇଥିବା ଓଡ଼ିଶାର ଅଗଣିତ ବୁଣାକାର ବଞ୍ଚାଇ ରଖି ଆସିଛନ୍ତି। ଏହି ବୁଣାକାରଙ୍କ ପାଇଁ ଦୀର୍ଘ ୬୭ବର୍ଷ ଧରି ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ 'ବୟନିକା' ବ୍ୟାପକ ବଜାର ସୃଷ୍ଟି କରିଛି। ଏଥିସହ ବୁଣାକାରଙ୍କ ବିକାଶ ପାଇଁ ବୟନିକା ବଦ୍ଧପରିକର ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ବୟନିକା ତା'ର ୬୭ତମ ପ୍ରତିଷ୍ଠା ଦିବସ ସମାରୋହ ପାଳନ କରିଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ମୁଖ୍ୟାଳୟ ସମେତ ସମସ୍ତ ଶାଖାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ୟୁନିଟ୍-୨ ୱେଷ୍ଟର୍ନ ମାର୍କେଟ ବିଲ୍‌ଡିଂସ୍ଥିତ ବୟନିକାର ବିକ୍ରୟ କେନ୍ଦ୍ରକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଉଦ୍‌ଘାଟନ କରିଛନ୍ତି। ସେହିପରି ସନ୍ଧ୍ୟାରେ ବୟନ ଭବନଠାରେ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମେୟର ସୁଲୋଚନା ଦାସ, ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣ ସାହୁ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୟନିକା ୨୦୨୨-୨୩ ବର୍ଷରେ ନିଜର ପ୍ରତିଷ୍ଠିତ ବିକ୍ରୟ ଶାଖା ଏବଂ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରଦର୍ଶନୀରେ ଭାଗନେଇ ଓ ଆୟୋଜନ କରି ୧୬୨ କୋଟିର ବ୍ୟବସାୟ ହାସଲ କରିଛି। ଚଳିତ ୨୦୨୩-୨୪ ବର୍ଷରେ ୨୦୦ କୋଟିର ବ୍ୟବସାୟ ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ବୟନିକା ଏହାର ବ୍ୟବସାୟିକ ଅଭିବୃଦ୍ଧି ଘଟାଇବା ପାଇଁ ବଦ୍ଧପରିକର। ଏଥିସହ ଏହି ସଂସ୍ଥା ଅଗଣିତ ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶକୁ ପରିବର୍ଦ୍ଧିତ କରିବା ପାଇଁ ଚେଷ୍ଟା ଜାରି ରଖିବ ବୋଲି ସେମାନେ କହିଛନ୍ତି।



ଅଘରିଆ ସମାଜ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ପ୍ରଦାନ କରିଥିବାରୁ ପଶ୍ଚିମ ଓଡ଼ିଶାର ଅଘରିଆ ସମ୍ପ୍ରଦାୟର ମହିଳାମାନେ ଶୁକ୍ରବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଉଛନ୍ତି।

# ରାଜ୍ୟରେ ତଳମୁହାଁ ଦୈନିକ ସଂକ୍ରମଣ

ଭୁବନେଶ୍ୱର ୫।୫ (ବ୍ୟୁରୋ)

ନିୟନ୍ତ୍ରଣକୁ ଆସୁଛି ସଂକ୍ରମଣ। ରାଜ୍ୟରେ କରୋନା ସ୍ଥିତିରେ ଏବେ ପରିବର୍ତ୍ତନ ହେବାରେ ଲାଗିଛି। କିଛିଦିନ ହେବ ଦୈନିକ ସଂକ୍ରମଣ ତଳମୁହାଁ ରହିଛି। ସେହିପରି ପରୀକ୍ଷଣ କମିଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ମୋଟ ୬୭୩୭ ନମୁନା ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣରୁ ୨୫୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସୁସ୍ଥ ସଂଖ୍ୟା ୧୫୯ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇ ୪୨୫୦ରେ ପହଞ୍ଚିଛି। କରୋନା ଜନିତ କୌଣସି ମୃତ୍ୟୁ ହୋଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ଜନସାଧାରଣଙ୍କୁ ସତର୍କତା ମୂଳକ କରୋନା ନିୟମ ଅନୁପାଳନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଭାଷା, ସଂସ୍କୃତିର ତ୍ରାଣକର୍ତ୍ତା

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଜୟନ୍ତୀ



ଏକାଡେମୀ ପକ୍ଷରୁ ପ୍ରକାଶିତ ଗଣେଶ ରାମ ନାହାକଙ୍କ ରଚିତ ଜୀବନୀ ଓ କୃତି ଗ୍ରନ୍ଥ 'ଶ୍ରଦ୍ଧାକର ସୂପକାର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୫।୫(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଦିମ୍ ଅୱାର ଜାର୍ପା ପକ୍ଷରୁ ଗୁରୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରବୀନ୍ଦ୍ର ମଣ୍ଡପଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବକୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ରଘୁନାଥ ମୁର୍ମୁ ଯଥାର୍ଥରେ ଥିଲେ ସାନ୍ତାଳୀ ଭାଷା ଓ ସଂସ୍କୃତିର ତ୍ରାଣକର୍ତ୍ତା। ଏହି ଭାଷାର ଲିପି (ଅଲଚିକି) ଉଦ୍ଭାବନ କରି ସମଗ୍ର ସାନ୍ତାଳ ଜାତିକୁ ସେ ଯେଉଁ ପରିଚୟ ଦେଇ ଯାଇଛନ୍ତି, ତାହା ଏହି ଜାତି କେବେ ବି ବିସ୍ମୃତ ହେବ ନାହିଁ। ସମ୍ମାନିତ ଅତିଥି ଭାବେ 'ଆଦିମ ଅୱାର ଜାର୍ପା'ର ସଭାପତି କାରୁ ମୁର୍ମୁ ଯୋଗଦେଇ କହିଲେ, 'ଲିପି' ନ ଥିଲେ କୌଣସି ଭାଷା ବିକଶିତ ହୋଇପାରିବ ନାହିଁ। ପଣ୍ଡିତ ମୁର୍ମୁ ଏହି କାର୍ଯ୍ୟଟି କରି ଭାଷାଗତ ଏକତା ସୂତ୍ରରେ ଦେଶର ସାନ୍ତାଳମାନଙ୍କୁ ବାନ୍ଧି ଦେଇଛନ୍ତି। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ଓ ସୁଲେଖକ ଉଦୟନାଥ ମାଝୀ ଯୋଗଦେଇ ରଘୁନାଥ ମୁର୍ମୁଙ୍କ ସାହିତ୍ୟିକ ଓ ଧାର୍ମିକ ଅବଦାନ ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରିଥିଲେ। ସଭାପତି ଡ. ମଲ୍ଲିକ କହିଲେ, ପଣ୍ଡିତ ମୁର୍ମୁ ଭାଷା, ସାହିତ୍ୟ ଓ ଧର୍ମ ଦୃଷ୍ଟିରୁ ଥିଲେ ଜଣେ ପୁରୋଦ୍ରଷ୍ଟା। ସେ ସାନ୍ତାଳ ଜାତିର ଯେଉଁ ଉପକାର କରିଯାଇଛନ୍ତି ତା'ର ବିକଳ୍ପ ନାହିଁ। ସାନ୍ତାଳୀ ଭାଷାର ସେ ଆଦିକବି ଓ ସାନ୍ତାଳୀ ଏକତାର ମନ୍ତ୍ରଦାତା। ପ୍ରାରମ୍ଭରେ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ସମାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ସାନ୍ତାଳୀ ସଙ୍ଗୀତ ଓ ସାଂସ୍କୃତିକ ଉତ୍ସବର ପରିବେଶକୁ ଗୁରୁ ଗମ୍ଭୀର କରିଥିଲା। ଏକାଡେମୀ ପ୍ରକାଶିତ ଗଣେଶ ରାମ ନାହାକଙ୍କ ରଚିତ ଜୀବନୀ ଓ କୃତି ଗ୍ରନ୍ଥ 'ଶ୍ରଦ୍ଧାକର ସୂପକାର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କଳ୍ପନା



@ ପ୍ରଦୀପ



@ ଯୁଗଳ



@ ଅରବିନ୍ଦ



@ ଦୁଲେଶ୍ୱର



@ ବୈଶାଳୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଥୱାଲେ ମହାବୋଧି ଶାନ୍ତିସ୍ତୂପ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରୁଛନ୍ତି।

# ମହାବୋଧି ଶାନ୍ତିସ୍ତୂପ ପାଇଁ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୫।୫(ବ୍ୟୁରୋ)

ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର ଓଡ଼ିଶା ଶାଖା ପକ୍ଷରୁ ଶୁକ୍ରବାର ବୁଦ୍ଧ ମନ୍ଦିରଠାରେ ୨୫୬୭ତମ ବୁଦ୍ଧ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଥୱାଲେ ଯୋଗଦେଇ ମନ୍ଦିର ପରିସରରେ ମହାବୋଧି ଶାନ୍ତିସ୍ତୂପ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ୍‌ର ଚେୟାରମ୍ୟାନ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାହାରୀ, ନରେନ୍ଦ୍ର କୁମାର ମିଶ୍ର, ଡ. ସୌରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



ପରିଚୟ ଫାଉଣ୍ଡେଶନ ପକ୍ଷରୁ କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ଜାତୀୟ ଆଦିବାସୀ ମେଳାର ଶୁକ୍ରବାର ୮ମ ଦିନରେ କଳାକାରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ।

# ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

**ବାରିପଦା ଅଫିସ,୫।୫**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୌରୋହିତ୍ୟ କରିବେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେବେ। ସମାବର୍ତ୍ତନ ଉତ୍ସବରେ ଖ୍ୟାତନାମା କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଭାରତର ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ସିନେ ତାରକା ତଥା ନିର୍ଦ୍ଦେଶିକା ନନ୍ଦିତା ଦାସ, ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତ, ରାଜଯୋଗିନୀ ବ୍ରହ୍ମାକୁମାରୀ କମଲେଶ, ସାନ୍ତାଳୀ ସାହିତ୍ୟିକ ଅର୍ଜୁନ ଚରଣ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ମାନସୂଚକ ଡି.ଲିଟ୍ ଏବଂ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ପ୍ରଦାନ କରାଯିବ। ୯୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ଓ ୩୪ ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ରାଷ୍ଟ୍ରପତି ପୂର୍ବାହ୍ଣ ୧୦ଟାରେ ବିଶ୍ୱବିଦ୍ୟାଳୟରେ ପହଞ୍ଚିବେ। ୧୦ଟା୫ରେ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ରାଷ୍ଟ୍ରପତିଙ୍କ ସହ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଓ ଏକାଡେମିକ କାଉନସିଲ ସଦସ୍ୟଗଣଙ୍କ ଚିତ୍ର ଉତ୍ତୋଳନ କାର୍ଯ୍ୟକ୍ରମ ରହିଛି। ୧୦ଟା୧୫ରୁ ୧୧ଟା ପର୍ଯ୍ୟନ୍ତ ରାଷ୍ଟ୍ରପତି ବିଶ୍ୱବିଦ୍ୟାଳୟର ୨୦୦ ସିଟ୍ ବିଶିଷ୍ଟ ସମ୍ମେଳନ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଏକ କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟ (ପିଭିଟିଜି)ର ଲୋକମାନଙ୍କ ସହ ଭାବବିନିମୟ କରିବେ। ୧୧ଟା୧୫ରେ ଏକାଡେମିକ୍ ଶୋଭାଯାତ୍ରାରେ ବାହାରି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟରେ ପହଞ୍ଚିବେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ତଥା ବିବରଣୀ ପାଠ କରିବେ। ରାଷ୍ଟ୍ରପତି ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍.ଡି. ଡିଗ୍ରୀଧାରୀମାନଙ୍କୁ ଡିଗ୍ରୀ ପ୍ରଦାନ ପୂର୍ବକ ଶପଥପାଠ କରାଇବେ। ୭ଜଣଙ୍କୁ ମଞ୍ଚରେ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସଙ୍ଗେ ସଙ୍ଗେ ୮ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନଜନକ ଡକ୍ଟରେଟ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୁଳପତି ପ୍ରଫେସର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, କୁଳସଚିବ ସହଦେବ ସମାଧିଆ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ସଦସ୍ୟମାନେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ବିଲାୱଲ ଆତଙ୍କ ଶିଳ୍ପର ମୁଖପାତ୍ର: ଜୟଶଙ୍କର

**ପାଣଜୀ, ୫।୫**


ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ପାକିସ୍ତାନ ପ୍ରତିପକ୍ଷ ବିଲାୱଲ ଭୁଟ୍ଟୋ।

ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଆତଙ୍କ ଶିଳ୍ପର ମୁଖପାତ୍ର ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ଆତଙ୍କ ଭିଆଉଥିବା ଅପରାଧୀ ଓ ପୀଡ଼ିତ କେବେ ହେଲେ ଆତଙ୍କବାଦ ରୋକିବା ନେଇ କରାଯାଉଥିବା ଆଲୋଚନାରେ ଏକାଠି ବସି ଭାଗ ନେଇପାରିବେ ନାହିଁ। ଗୋଆରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ରେ ଚାଲିଥିବା ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକ ସରିବା ପରେ ଖବରଦାତାଙ୍କୁ ପ୍ରତିକ୍ରିୟା ଦେଇ ଜୟଶଙ୍କର କହିଛନ୍ତି, ଏସ୍‌ସିଓ ସଦସ୍ୟ ରାଷ୍ଟ୍ର ଭାବେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ବୈଠକରେ ସାମିଲ ହୋଇଛନ୍ତି। ତାଙ୍କଠାରୁ ଆମେ ଅଧିକ କିଛି ଆଶା କରୁ ନାହୁଁ। ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଋଣ ପାଇଁ ଏବେ ଅନ୍ୟ ପାଖରେ ହାତ ପତାଇବାକୁ ବାଧ ହୋଇଛି। ବୈଠକ ଅବସରରେ ଦୁଇ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହୋଇ ନାହିଁ। ଅନ୍ୟପକ୍ଷେ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ଯୋଗାଇ ଦିଆଯାଉଥିବା ଫଣ୍ଡିଂ ଚ୍ୟାନେଲ୍‌କୁ ଜବତ କରିବାକୁ ପଡ଼ିବ ବୋଲି ବୈଠକ ଜୟଶଙ୍କର କହିଛନ୍ତି। ଏସ୍‌ସିଓ ବୈଠକରେ ଯୋଗଦେବାଲାଗି ଆସିଥିବା ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲଙ୍କୁ ଜୟଶଙ୍କର ସ୍ୱାଗତ କରିଥିଲେ। ବୈଠକରେ ଯୋଗ ଦେବା ଅବସରରେ ବିଲାୱଲ କହିଛନ୍ତି, ଆତଙ୍କବାଦ ବୈଶ୍ୱିକ ସୁରକ୍ଷା ପାଇଁ ବିପଦ। ପ୍ରତ୍ୟେକ ଲୋକଙ୍କ ସୁରକ୍ଷା ପାଇଁ ସବୁ ଦେଶ ଏକାଠି ଆତଙ୍କବାଦ ବିରୋଧରେ କାର୍ଯ୍ୟ କରିବା ଜରୁରୀ।


ଲୋଗୋ ଉନ୍ମୋଚନ ଅବସରରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଏବଂ ସାଇ ଉପମହାନିର୍ଦ୍ଦେଶକ ଏକତା ବିଷ୍ଣୋଇଙ୍କ ସହ ଅନ୍ୟ ଅତିଥିମାନେ।

# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲୋଗୋ ଉନ୍ମୋଚିତ

**ଲକ୍ଷ୍ନୌ, ୫।୫**

ଉତ୍ତର ପ୍ରଦେଶ ଲକ୍ଷ୍ନୌଠାରେ ଶୁକ୍ରବାର କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର 'ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉତ୍ତରପ୍ରଦେଶ ୨୦୨୨'ର ଅଫିସିଆଲ ଲୋଗୋ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଯୋଗଦେଇଥିଲେ। ଲୋଗୋ ସାଙ୍ଗକୁ ମାସ୍କଟ, ମଶାଲ, ସଙ୍ଗୀତ ଏବଂ ଜର୍ସି ଉନ୍ମୋଚନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଖେଲୋ ଇଣ୍ଡିଆ ଆଜି ଏକ ବିପ୍ଲବରେ ପରିଣତ ହୋଇଛି। ଏହା ଜରିଆରେ କ୍ରୀଡ଼ାର ମାନ ବଢ଼ିବା ସହ ଖେଳ ପ୍ରତି ଆଥଲେଟ୍‌ମାନଙ୍କ ଆଗ୍ରହ ମଧ୍ୟ ବୃଦ୍ଧିପାଇଛି। ୟୁପିରେ ଖେଲୋ ଇଣ୍ଡିଆ ସର୍ବଶ୍ରେଷ୍ଠ ହେବ ବୋଲି ସେ ଆଶାବାଦୀ ଥିବା ଅନୁରାଗ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, ରାଜ୍ୟରେ ଏବେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ କ୍ରମାଗତ ବଢ଼ୁଥିବାରେ ଲାଗିଛି। ରାଜ୍ୟର ବିଭିନ୍ନ ସହରରେ ମେ ୨୫ରୁ ଜୁନ୍ ୩ ପର୍ଯ୍ୟନ୍ତ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖେଲୋ ଇଣ୍ଡିଆ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ୟୁପି କ୍ରୀଡ଼ାମନ୍ତ୍ରୀ ଗିରୀଶ ଚନ୍ଦ୍ର ଯାଦବ, ପରିବହନମନ୍ତ୍ରୀ ଦୟା ଶଙ୍କର ସିଂ, କ୍ରୀଡା ଓ ଯୁବ ବ୍ୟାପାର ଅତିରିକ୍ତ ସଚିବ ନବନୀତ ସେହଗଲ ଏବଂ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଉପମହାନିର୍ଦ୍ଦେଶକ ଏକତା ବିଷ୍ଣୋଇ, ଏଆଇୟୁ ମହାସଚିବ ଡା.ପଙ୍କଜ ମିତ୍ତଲ ଏବଂ ସାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ସାରସ୍ୱତ ପ୍ରମୁଖ ଉପସ୍ଥିତଥିଲେ।

# ବାଷ୍ଟିଲେ ଡେ' ପରେଡ୍‌ର ସମ୍ମାନିତ ଅତିଥି ମୋଦି


ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୫।୫**

ଚଳିତବର୍ଷ ପ୍ୟାରିସ୍‌ରେ ଅନୁଷ୍ଠିତ ହେବାକୁ ଥିବା ବାଷ୍ଟିଲେ ପରେଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମାନିତ ଅତିଥି ଭାବେ ଯୋଗଦେବେ। ବାଷ୍ଟିଲେ ପରେଡ୍ ଜୁଲାଇ ୧୪ରେ ଅନୁଷ୍ଠିତ ହେବ। ଭାରତ-ଫ୍ରାନ୍ସ ଷ୍ଟ୍ରାଟେଜିକ୍ ପାର୍ଟନରଶିପ୍‌କୁ ୨୫ ବର୍ଷ ପୂର୍ତ୍ତି ଅବସରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁ ମୋଦିଙ୍କୁ ନିମନ୍ତ୍ରଣ କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏ ନେଇ ମାକରଁ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

**ରାସୋଳ, ୫।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜରେ ଶୁକ୍ରବାର ପୁଣି ମୁଣ୍ଡ ନେଇଛି ଗୋଠଛଡ଼ା ଦନ୍ତା। ମୃତକ ହେଲେ ରାସୋଳ ସେକ୍ସନ ଜରଡ଼ା ପଞ୍ଚାୟତ ଅନ୍ତର୍ଗତ ବାଲିକିଆରୀ ଗ୍ରାମର ଲକ୍ଷ୍ମୀଧର ପାତ୍ର (୭୦)। ଶୁକ୍ରବାର ଭୋର୍ ସମୟରେ ଲକ୍ଷ୍ମୀଧର ଶୌଚ ହେବା ପାଇଁ ଘର ନିକଟ ପୋଖରୀକୁ ଯାଇଥିବାବେଳେ ଉକ୍ତ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହିଂସ୍ର ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ଡେପୁଟି ବନାଞ୍ଚଳ ଅଧିକାରୀ ରାକେଶ ଦଳେଇ, ରାସୋଳ ବନପାଳ ଶୁଭେନ୍ଦୁ ଭୂୟାଁ, ପଶାସିଂ ଫରେଷ୍ଟଗାର୍ଡ ସବିତା ବେହେରା, ହାତୀ ସ୍କ୍ୱାଡ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ମୃତଦେହ ଜବତ କରିଥିଲେ। ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ନିୟମ ଅନୁଯାୟୀ ଲକ୍ଷ୍ମୀଧରଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ମିଳିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଧର ଗାଁ ଗାଁ ବୁଲି ଖେଳଣା ବିକ୍ରି କରୁଥିଲେ। ତାଙ୍କର ଦୁଇପୁଅ ମଧ୍ୟରୁ ଜଣଙ୍କର କିଡ୍‌ନୀ ରୋଗରେ ଦେହାନ୍ତ ହୋଇଯାଇଥିବାବେଳେ ଅନ୍ୟ ଜଣେ ବେଙ୍ଗାଲୁରୁରେ ରହୁଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# 'ଧରଣୀଧରଙ୍କ ନୀତିଆଦର୍ଶର ପ୍ରାସଙ୍ଗିକତା ରହିଛି'

**ଭୁବନେଶ୍ୱର,୫।୫(ବ୍ୟୁରୋ)**

କେନ୍ଦୁଝରର ଭୂୟାଁ ସମ୍ପ୍ରଦାୟର ଲୋକେ ଅତ୍ୟାଚାରୀ ଇଂରେଜ ଓ ରାଜତନ୍ତ୍ର ବିରୋଧରେ ବହୁବାର ବିଦ୍ରୋହ କରିଥିଲେ। ସେଥିମଧ୍ୟରୁ ପ୍ରମୁଖ ବିଦ୍ରୋହ ଥିଲା ଧରଣୀଧରଙ୍କ ନେତୃତ୍ୱାଧୀନ ଧରଣୀମେଳି, ଯାହା ଅତ୍ୟାଚାରୀଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଏହି ସଂଗ୍ରାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତାଙ୍କର ମହାନ ଆଦର୍ଶ ଓ ନୀତିନିଷ୍ଠ ଜୀବନ ଆଜିର ସମୟରେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି ବୋଲି କେନ୍ଦୁଝର ପାଟଣା ବିଧାୟକ ଜଗନ୍ନାଥ ନାଏକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ନାଏକ କହିଲେ, ଧରଣୀଧରଙ୍କ ଜାତି ପ୍ରୀତି ଓ ସାହସିକତା ସବୁବେଳେ ଓଡ଼ିଆମାନଙ୍କୁ ପ୍ରେରଣା ଯୋଗାଉଥିବ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର କହିଲେ, ଧରଣୀଧର ଅସାଧାରଣ ଜ୍ଞାନର ଅଧିକାରୀ ଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁମନ୍ତ ନାଏକ କହିଲେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ । ଯେଉଁଠି ସମସ୍ତଙ୍କର ସମାନ ଅଧିକାର ରହିବ। ସେଭଳି ଦୂରଦ୍ରଷ୍ଟା ପ୍ରଜ୍ଞା ପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ସେ ପ୍ରକାଶ କରିଥିଲେ। ପଦ୍ମଶ୍ରୀ ଦୈତାରୀ ନାଏକ, କେନ୍ଦୁଝର ନାଗରିକ ପରିଷଦ ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକ, ଅଧ୍ୟାପିକା ଡ. ଯାଜ୍ଞସେନୀ ଛତ୍ରିଆ ପ୍ରମୁଖ ଅନ୍ୟମ ଅତିଥି ଭାବେ ଯୋଗଦେଇଥିଲେ।



ଉତ୍ସବରେ ଉପସ୍ଥିତ ଅତିଥିମାନେ।

**୧୫୯ତମ ରାଜ୍ୟସ୍ତରୀୟ ଜୟନ୍ତୀ**

ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଥିଲେ ଧରଣୀଧର ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କେନ୍ଦୁଝର ସଂଘ ପକ୍ଷରୁ ଏକ ମୁଖପତ୍ର ଉନ୍ମୋଚିତ ହୋଇଥିଲା । ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସମ୍ପାଦକ ବିଜୟ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବାଦାମ ପାଟ ଓ ଫୁଲଝର, ଲହୁଣି ପଡ଼ା, ସୁନ୍ଦରଗଡର କଳାକାରଙ୍କ ଦ୍ୱାରା ଚାଙ୍ଗୁ ନୃତ୍ୟ, ପାରମ୍ପରିକ ଜନଜାତି ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲେରୋ ଓଲଟି ୫ ପୋଲିସ ଗୁରୁତର

**ଅମରପାଲି,୫।୫(ଡି.ଏନ.ଏ.)**

ପାଟ୍ରୋଲିଂ ସାରି ଫେରୁଥିଲା ପୋଲିସ ଗାଡ଼ି। ହେଲେ ବାଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯିବାରୁ ରାସ୍ତା ତଳକୁ ଖସିପଡି ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ୫ ପୋଲିସ କର୍ମଚାରୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତମାନେ ହେଲେ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନାର ଏସ୍‌ଆଇ ଦୀପ୍ତିରଞ୍ଜନ ଦିଗାଲ, ଏଏସ୍‌ଆଇ ସନ୍ତୋଷ ସିନ୍ଦିରିଆ, ଗୃହରକ୍ଷୀ ନିରଞ୍ଜନ ସେଠୀ, ପୀତବାସ ଭୋଇ ଓ ରମେଶ ସେଠୀ । ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ସୁବଳୟା ଥାନାରୁ ଏକ ବୋଲେରୋରେ ଏସ୍‌ଆଇ ଦୀପ୍ତିରଞ୍ଜନଙ୍କ ସମେତ ୫ ଜଣ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂରେ ସୁବର୍ଣ୍ଣପୁର-ସମ୍ବଲପୁର ଜିଲା ସୀମାବର୍ତ୍ତୀ ଗରିଆମୁଣ୍ଡା ଅଞ୍ଚଳକୁ ଯାଇଥିଲେ। ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଭୋର ସମୟରେ ବୋଲୋରୋ ଭାରସାମ୍ୟ ହରାଇ ପିତାମହୁଲ ନିକଟବର୍ତ୍ତୀ ବାଉରିଯୋର ପୋଲ ପାଖ ଏକ ବରଗଛରେ ପିଟି ହୋଇ ତଳକୁ ଖସି ପଡିଥିଲା ।

# ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ଭୀମ ଭୋଇ

**ସନ୍ଥକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ**

**ଅନୁଗୋଳ ଅଫିସ, ୫।୫**


ଅଙ୍ଗାରବନ୍ଧ ମହିମା ଧାମ ପରିସରରେ ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ଅଙ୍ଗାରବନ୍ଧ ମହିମା ଧାମ ପରିସରରେ ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଓ ଅଲେଖ ମହିମା ଧାମ ପରିଚାଳନା କମିଟିର ମିଳିତ ସହଯୋଗରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଗୋପାଳ ଚନ୍ଦ୍ର ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଙ୍ଗାରବନ୍ଧ ଧାମର ଧର୍ମାଧ୍ୟକ୍ଷ ବାବା ମୁରଲୀଧର ଦାସ ଓ ବାବା ତ୍ରିନାଥ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସଭାପତି ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ସନ୍ଥକବି ଭୀମଭୋଇ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତାଭାବେ ମହିମା ଧର୍ମର ବିଶିଷ୍ଟ ଗବେଷକ ଡ. ଉଦ୍ଧବ ଚରଣ ନାୟକ ଯୋଗଦେଇ ସନ୍ଥକବି ଭୀମଭୋଇ ଓ ମହିମା ଧର୍ମ ଉପରେ ଏକ ଦୀକ୍ଷାନ୍ତ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତାଭାବେ ଉପସ୍ଥିତ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ସର ମହିମା ଧର୍ମର ବିଭିନ୍ନ ବିଚାରଧାରା ଉପରେ ଆଲୋଚନା କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା ଧାମ ଓ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ, ଅଲେଖ ମହିମା ଧାମ ପରିଚାଳନା କମିଟି ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଆଶୁକବି ଡ. ସତ୍ୟନାରାୟଣ ସିଂହ ସାମନ୍ତ ମହିମା ଧର୍ମ ଉପରେ ଏକ କବିତା ପାଠ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି ଭାପତି ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଲେଖ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ସହଯୋଗ କରି କରିଥିଲେ।

# ସୁଦାନରୁ ଭାରତୀୟଙ୍କୁ ସୁରକ୍ଷିତ ଫେରାଉଛନ୍ତି କେନ୍ଦ୍ର ସରକାର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୫।୫(ବ୍ୟୁରୋ)**


ଧର୍ମେନ୍ଦ୍ର ପ୍ରଧାନ

ସୁଦାନରେ ହିଂସା ଦ୍ୱାରା ପ୍ରଭାବିତ ହୋଇଥିବା ଓଡ଼ିଆଙ୍କ ସମେତ ଭାରତୀୟଙ୍କୁ ସୁରକ୍ଷିତ ଭାବେ କେନ୍ଦ୍ର ସରକାର ଉଦ୍ଧାର କରୁଛନ୍ତି। ଆକସନ୍ ମୋଡ୍‌ରେ କେନ୍ଦ୍ର ସରକାର ଏହି କାର୍ଯ୍ୟ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିଲେ ଏସବୁ ସମ୍ଭବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରି କହିଛନ୍ତି, ବିଦେଶରେ ରହୁଥିବା ପ୍ରତ୍ୟେକ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତା କେନ୍ଦ୍ର ସରକାରରେ ପ୍ରାଥମିକତାରେ ରହିଛି। ଭାରତ ସରକାର ଅପରେସନ କାବେରି ମାଧ୍ୟମରେ ସୁଦାନରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଅନେକ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇବାରେ ସଫଳ ହୋଇଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁଦାନରେ ରହୁଥିବା ଜଣେ ଓଡ଼ିଆ ଉଦ୍ଧାର ହୋଇ ମୁମ୍ବାଇରେ ପହଞ୍ଚିବା ପରେ କହିଛନ୍ତି, ସୁଦାନରେ ଭାରତର ବହୁତ ସମ୍ମାନ ଅଛି। ସେଠାରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଭାରତର ଖ୍ୟାତି ରହିଛି। ଆମେରିକା ଭଳି ରାଷ୍ଟ୍ର ମଧ୍ୟ ନିଜ ଲୋକଙ୍କୁ ସେଠାରୁ ଉଦ୍ଧାର କରିବାରେ ସକ୍ଷମ ହେଉନାହିଁ। କିନ୍ତୁ ଭାରତ ସରକାର ନିଜ ଲୋକଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରୁଛନ୍ତି। ଏଥିପାଇଁ ସରକାର ଏବଂ ଉଦ୍ଧାରକାରୀ ଟିମ୍‌କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

# ଭାରତୀୟ କମ୍ପାଉଣ୍ଡ ତୀରନ୍ଦାଜଙ୍କ କ୍ଲିନ୍ ସୁଇପ୍

**ତାଶକେଣ୍ଟ, ୫।୫ (ପି.ଟି.)**

ଏଠାରେ ଚାଲିଥିବା ଏସିଆ କପ୍ ଷ୍ଟେଜ୍-୨ ବିଶ୍ୱ ର୍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରି ଭାରତର କମ୍ପାଉଣ୍ଡ ତୀରନ୍ଦାଜମାନେ କ୍ଲିନ୍ ସୁଇପ୍ କରିଛନ୍ତି। ୭ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସହ ଭାରତ ପଦକ ତାଲିକା ଶୀର୍ଷରେ ରହିଛି। କମ୍ପାଉଣ୍ଡ ତୀରନ୍ଦାଜମାନେ ଉଭୟ ପୁରୁଷ ଓ ମହିଳା ବିଭାଗରେ କ୍ଲିନ ସୁଇପ ହାସଲ କରି ମୋଟ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପାଇଛନ୍ତି। ଭାରତ ସମସ୍ତ ୧୦ ସ୍ୱର୍ଣ୍ଣ ହାସଲ ଲକ୍ଷ୍ୟରେ ଥିବାବେଳେ ରିକର୍ଭ ତୀରନ୍ଦାଜମାନେ ଚାଇନା ବିପକ୍ଷ ତିନୋଟି ଫାଇନାଲରେ ପରାଜିତ ହୋଇଥିଲେ। ଏହା ସତ୍ତ୍ୱେ ଭାରତ ପଦକ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିପାରିଛି। ସୂଚନାଯୋଗ୍ୟ, ହେଭିୱେଟ୍ ଚାଇନା ଏଥର ପ୍ରତିଯୋଗିତାରେ ଭାଗ ନେଇ ନାହିଁ। ଓଭର ଅଲ୍ ରିକର୍ଭ ତୀରନ୍ଦାଜମାନେ ଦୁଇ ସ୍ୱର୍ଣ୍ଣ ଓ ୩ ରୌପ୍ୟ ଜିତିଥିଲେ। ଭାରତ ଫାଇନାଲ ଷ୍ଟାଣ୍ଡିଂରେ ମୋଟ ୧୪ପଦକ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲା। ପୁରୁଷ ରିକର୍ଭ ବ୍ୟକ୍ତିଗତ ବିଭାଗ କ୍ୱାଲିଫିକେଶନ ଶୀର୍ଷରେ ରହିଥିବା ମୃଣାଳ ଚୌହାନ ଚାଇନାର ୱାଙ୍ଗ୍ ବାଓବିନ୍‌ଙ୍କଠାରୁ ୨-୬ (୨୯-୩୦, ୨୯-୨୯, ୨୭-୨୮, ୨୬-୨୬)ରେ ପରାଜିତ ହୋଇଥିଲେ। ସଙ୍ଗୀତା ତାଙ୍କଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ଉ ଜିଆଜିନ୍‌ଙ୍କଠାରୁ ୩-୭ (୨୭-୨୬, ୨୭-୨୭, ୨୬-୨୭, ୨୪-୨୭, ୨୬-୩୦)ରେ ପରାସ୍ତ ହୋଇଥିଲେ। ସିଙ୍ଗୀତା, ମଧୁ ବିଦ୍ୱାନ ଓ ତନିଶା ବର୍ମାଙ୍କୁ ନେଇ ମହିଳା ରିକର୍ଭ ଦଳ ପ୍ରତିପକ୍ଷ ଚାଇନା ଦଳଠାରୁ ୦-୬ (୫୨-୫୬, ୪୭-୫୨, ୫୧-୫୨)ରେ ହାରିଯାଇଥିଲା। ଶେଷରେ ରିକର୍ଭ ପୁରୁଷ ଦଳ ଏବଂ ମିକ୍ସଡ ଯୋଡ଼ି ଦୁଇ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲେ। ପୁରୁଷ ଟିମ୍ ଫାଇନାଲରେ ମୃଣାଳ ଚୌହାନ, ତୁଷାର ସିଲ୍‌କେ ଓ ଜୟନ୍ତ ତାଲୁକ୍‌ଦାର ଚାଇନାକୁ ୫-୧ (୫୭-୫୪, ୫୪-୫୪, ୫୪-୫୧)ରେ ହରାଇ ଦେଇଥିଲେ। ମିକ୍ସଡ ଟିମ୍ ଯୋଡ଼ି ଚୌହାନ ଓ ସଙ୍ଗୀତା ଚାଇନା ବିପକ୍ଷରେ ୫-୪ (୩୬-୩୭, ୩୯-୩୯, ୩୭-୩୬, ୩୭-୩୭, ୨୦-୧୮)ରେ ବିଜୟ ହାସଲ କରିଥିଲେ।

ସକାଳ ସେସନରେ କମ୍ପାଉଣ୍ଡ ତୀରନ୍ଦାଜମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ପରନିତ କୌର, ରାଗିନି ମାର୍କୁ ଓ ପ୍ରଗତି ୨୩୨-୨୨୩ରେ କାଜାଖସ୍ତାନକୁ ପରାସ୍ତ କରି ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। କମ୍ପାଉଣ୍ଡ ପୁରୁଷ ଟିମ୍ ଇଭେଣ୍ଟ ଫାଇନାଲରେ ଅଭିଷେକ ବର୍ମା, କୁଶାଲ ଦଲାଲ ଓ ଅମିତ ହଂକଂକୁ ୨୩୩-୨୨୬ରେ ହରାଇଦେଇଥିଲେ। ବର୍ମା ଓ ପରନିତ କୌରଙ୍କୁ ନେଇ କମ୍ପାଉଣ୍ଡ ମିକ୍ସଡ ଟିମ୍ ୧୫୭-୧୪୫ରେ କାଜାଖସ୍ତାନକୁ ପରାଜିତ କରି ଭାରତ ପାଇଁ ୩ୟ ସ୍ୱର୍ଣ୍ଣ ଆଣିଦେଇଥିଲେ। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାଗିନି ଶୁଟ୍ ଆଉଟରେ ୧୪୪-୧୪୪ (୧୦*-୧୦) ସ୍ୱଳ୍ପ ବ୍ୟବଧାନରେ ପ୍ରଗତିଙ୍କୁ ହରାଇ ଦେଇଥିଲେ। ପରନିତଙ୍କ ବ୍ୟକ୍ତିଗତ ବ୍ରୋଞ୍ଜ ଦ୍ୱାରା ଭାରତ ମହିଳା କମ୍ପାଉଣ୍ଡ ବିଭାଗରେ କ୍ଲିନ ସୁଇପ କରିଥିଲା। କମ୍ପାଉଣ୍ଡ ପୁରୁଷ ଫାଇନାଲ ମଧ୍ୟ ଦୁଇ ଭାରତୀୟଙ୍କ ମଧ୍ୟରେ ହୋଇଥିଲା। ଏକାଧିକ ବିଶ୍ୱକପ ସ୍ୱର୍ଣ୍ଣ ବିଜେତା ବର୍ମା ୧୪୩-୧୪୩ (୧୦*-୧୦)ରେ ଅମିତଙ୍କୁ ହରାଇ ଦେଇଥିଲେ। ପରେ ଦଲାଲ କାଜାଖସ୍ତାନର ସର୍ଗେ ଖ୍ରିଷ୍ଟିଚ୍‌ଙ୍କୁ ୧୪୨-୧୪୧ରେ ପରାସ୍ତ କରି ବ୍ୟକ୍ତିଗତ ବ୍ରୋଞ୍ଜ ହାସଲ କରିବା ଦ୍ୱାରା ପୁରୁଷ କମ୍ପାଉଣ୍ଡ ତୀରନ୍ଦାଜମାନେ କ୍ଲିନ୍ ସୁଇପ୍ ହାସଲ କରିଥିଲେ।




# ଓଡ଼ିଶା କ୍ରିକେଟର ବିକାଶ ପାଇଁ ଭେଙ୍କଟରାମ୍‌ଙ୍କ ଯୋଜନା

**ଭୁବନେଶ୍ୱର, ୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

(ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଦ୍ୱାରା ନବନିଯୁକ୍ତ ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମ ରାଜ୍ୟ କ୍ରିକେଟର ବିକାଶ ପାଇଁ ପ୍ରସ୍ତୁତ କରିଥିବା ତାଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ଶୁକ୍ରବାର ଓସିଏ କନଫରେନ୍ସ ହଲ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଥମେ ତାଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ନେଇ ସେ ଓସିଏ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତାଙ୍କ ଯୋଜନା ମଧ୍ୟରେ ସନ୍ଦେହଜନକ ବୋଲିଂ ଆକ୍ସନର ସୁଧାରିକରଣ କ୍ୟାମ୍ପ ଆୟୋଜନ ଅନ୍ୟତମ। କୋଚ୍‌ଙ୍କ ଲାଗି ରିଫ୍ରେସର କୋର୍ସର ପ୍ରଚଳନ ହେବ। ସମସ୍ତ ଆଶାୟୀ କୋଚ୍ ପୂର୍ବରୁ ଯେଉଁମାନେ କୋଚିଂ ପ୍ରୋଗ୍ରାମ୍‌ରେ ସାମିଲଥିଲେ ବିଭିନ୍ନ ଜିଲାର କ୍ରିକେଟ ଏକାଡେମୀରେ ନିଯୁକ୍ତି ପାଇବା ପୂର୍ବରୁ ଭେଙ୍କଟରାମଙ୍କ ନେତୃତ୍ୱରେ ଏହି ପାଠ୍ୟକ୍ରମ ଶେଷ କରିବାକୁ ହେବ। ପୁନଶ୍ଚ ଭେଙ୍କଟରାମଙ୍କ ତତ୍ତ୍ୱାବଧାନରେ ଓସିଏ ଜୁନିୟର କ୍ରିକେଟର (୧୬ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବୟସ ବର୍ଗ କାଟେଗୋରି)ଙ୍କ ଲାଗି ଏକ ହାଇପରଫର୍ମାନ୍ସ ସ୍କିଲ ଡେଭଲପମେଣ୍ଟ କ୍ୟାମ୍ପ ପରିଚାଳନା କରିବ। ସମସ୍ତ ଜିଲାକୁ ବିଭିନ୍ନ କ୍ଲଷ୍ଟରରେ ବିଭକ୍ତ କରି ବିଭିନ୍ନ ବୟସବର୍ଗରେ ଟୁର୍ନାମେଣ୍ଟ ଆୟୋଜନ କରିବା ଭେଙ୍କଟରାମଙ୍କ ଯୋଜନାରେ ସ୍ଥାନ ପାଇଛି। ଏହାଛଡ଼ା ପ୍ରତ୍ୟେକ କ୍ରିକେଟରଙ୍କୁ ନିକଟରୁ ମିନଟର କରିବା ଏବଂ ସେମାନଙ୍କ ସମସ୍ୟାକୁ ପେଶାଦାର ଭାବେ ସମାଧାନ କରିବା। ବିଭିନ୍ନ ଜିଲାରେ ବିଭିନ୍ନ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରି ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ପୋଷଣ କରିବା ଉପରେ ଭେଙ୍କଟରାମ ଗୁରୁତ୍ୱାରୋପ କରିଛନ୍ତି।



ଭି. ଭେଙ୍କଟରାମ

## ଗ୍ରୀଷ୍ମକାଳୀନ ଟେବୁଲ ଟେନିସ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୫।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ଟେବୁଲ ଟେନିସ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ବର୍ଗ ପାଇଁ ପୃଥକ୍ ପୃଥକ୍ ସେସନ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ଭାରତର ଅନ୍ୟତମ ପ୍ରତିଷ୍ଠିତ ଟେବୁଲ ଟେନିସ କୋଚ୍ ମିହିର ଘୋଷ, ବିଜୁ ଜନତା ଦଳର ଯୁଗ୍ମ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ବୋପାନ୍ନା-ଇବିଡେନ୍ ଫାଇନାଲରେ

**ମାଡ୍ରିଡ୍, ୫।୫ (ପି.ଟି.)**

ଇଣ୍ଡିଆନ ଟେନିସ ଷ୍ଟାର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆନ ପାର୍ଟନର ମାଥ୍ୟୁ ଇବିଡେନ୍ ଦୃଢ ପ୍ରତ୍ୟାବର୍ତ୍ତନ ସହ ସାଣ୍ଟିଆଗୋ ଗୋଞ୍ଜାଲେଜ୍ ଓ ଏଡୁୱାର୍ଡ ରୋଜର ଭେସ୍‌ଲିନ୍‌ଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ ଟେନିସ ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୪୩ ବର୍ଷୀୟ ବୋପାନ୍ନା ଓ ଇବିଡେନ୍ (୩୫) ୫-୭, ୭-୬ (୩), ୧୦-୪ରେ ଅଷ୍ଟମ ସିଡ୍ ଗୋଞ୍ଜାଲେଜ୍-ଭେସ୍‌ଲିନ୍‌ଙ୍କୁ ହରାଇ ସିଜନରେ ଦ୍ୱିତୀୟ ଏଟିପି ମାଷ୍ଟର୍ସ ୧୦୦୦ ଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ଅଷ୍ଟ୍ରେଲିଆନ ଯୋଡ଼ିଙ୍କୁ ଏଠାରେ ୭ମ ସିଡ୍ ମାନ୍ୟତା ମିଳିଛି। ଟାଇବ୍ରେକରରେ ୭ ରିଟର୍ନ ପଏଣ୍ଟରୁ ସେମାନେ ୪ଟିରେ ବିଜୟ ଲାଭ କରିଥିଲେ। ଏହି ଯୋଡ଼ି ବର୍ତ୍ତମାନ ଶନିବାର ଫାଇନାଲରେ ଅଣସିଡ୍ ରୁଷୀୟ ଯୋଡ଼ି କାରେନ ଖାଚାନୋଭ ଓ ଆନ୍ଦ୍ରେ ରୁବ୍ଲେଭଙ୍କୁ ଭେଟିବେ। ଖାଜାନୋଭ ଓ ରୁବ୍ଲେଭ ଦ୍ୱିତୀୟ ସେମିଫାଇନାଲରେ ଫ୍ରେଞ୍ଚ ଓପନ ଚାମ୍ପିୟନ ମାର୍ସେଲୋ ଆରେଭାଲୋ ଓ ଜିନ୍ ଜୁଲିନ୍ ରୋଜରଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସୂଚନାଯୋଗ୍ୟ, ବୋପାନ୍ନା ଗତ ମାର୍ଚ୍ଚ ମାସରେ ସବୁଠାରୁ ବୟସ୍କ ଖେଳାଳି ହିସାବରେ ଏଟିପି ମାଷ୍ଟର୍ସ ୧୦୦୦ ଚାମ୍ପିୟନ ହୋଇଥିଲେ। ସେତେବେଳେ ସେ ଓ ଇବିଡେନ୍ ବିଏନ୍‌ପି ପାରିବାସ ଓପନ ଜିତିଥିଲେ।

# ଦୋହା ଡାଇମଣ୍ଡ ଲିଗ୍ ମିଟ୍ ଜିତିଲେ ନୀରଜ

**ଦୋହା, ୫।୫ (ପି.ଟି.):** ଅଲିମ୍ପିକ ଚାମ୍ପିୟନ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଶୁକ୍ରବାର ଏଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ଜିତିଛନ୍ତି। ନୀରଜ ତାଙ୍କ ସିଜନ ଆରମ୍ଭ ପ୍ରତିଯୋଗିତାରେ ୮୮.୬୭ ମିଟର ଜାଭେଲିନ୍ ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗିତାରେ ବିଶ୍ୱ ଅଗ୍ରଣୀ ଜାଭେଲିନ୍ ଥ୍ରୋୟରମାନେ ଅଂଶଗ୍ରହଣ କରିଥିଲେ। ୨୫ ବର୍ଷୀୟ ଚୋପ୍ରା ଗତ ସେପ୍ଟେମ୍ବରରେ ସୁଇଜରଲାଣ୍ଡରେ ୨୦୨୨ ଡାଇମଣ୍ଡ ଲିଗ୍ ଫାଇନାଲ ଟ୍ରଫି ହାସଲ କରିଥିଲେ। ଏଠାରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୮.୬୭ ମିଟର ଯାହାକି ତାଙ୍କ କ୍ୟାରିୟରର ଚତୁର୍ଥ ଶ୍ରେଷ୍ଠ। କାତାର ସ୍ପୋର୍ଟ୍ସ କ୍ଲବରେ ନୀରଜଙ୍କର ଏହା ଥିଲା ଦ୍ୱିତୀୟ ପଦାର୍ପଣ। ନୀରଜ ପୂର୍ବରୁ ୨୦୧୮ରେ ଏଠାରେ ପ୍ରଥମ ପଦାର୍ପଣରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରୌପ୍ୟ ଜିତିଥିବା ଚେକ୍ ରିପବ୍ଲିକର ଜାକବ ଭାଦଲେଚ୍ ତାଙ୍କ ଦ୍ୱିତୀୟ ରାଉଣ୍ଡ ଥ୍ରୋ ୮୮.୬୩ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଭାଦଲେଚ୍ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିଲେ। ଗତବର୍ଷ ଦୋହା ଡାଇମଣ୍ଡ ଲିଗ୍‌ରେ ୯୦.୮୮ ମିଟର ଥ୍ରୋ କରି ଏକ ରୌପ୍ୟ ଜିତିଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସ ଗତବର୍ଷ ଏଠାରେ ୯୩.୦୭ ମିଟର ଥ୍ରୋ କରି ଇଭେଣ୍ଟ ଜିତିଥିଲେ। କିନ୍ତୁ ଏଥର ୮୫.୮୮ମିଟର ଥ୍ରୋ ସହ ତୃତୀୟ ହୋଇଛନ୍ତି। ସୂଚନାଯୋଗ୍ୟ, ଚୋପ୍ରାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ୮୯.୯୪ ମିଟର ରହିଛି।




## ରାଜ୍ୟ ଖବର


ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ଭଗତ ସିଂ କୋସିଆରୀ ନିକଟରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ନେତା ରାଜ୍ୟର ବିକାଶ ସାଙ୍ଗକୁ ବର୍ତ୍ତମାନର ପରିସ୍ଥିତି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ।

## ଗଛରେ ପିଟି ହେଲା ବାଇକ୍, ୨ ମୃତ

**ମାଧପୁର,୫।୫:** ଅନୁଗୋଳ ଜିଲା କିଆକଟା ଥାନା ଟୁସର ପଞ୍ଚାୟତ ଝୁଣ୍ଟୁଙ୍ଗାମାଳ ଗ୍ରାମ ନିକଟରେ ଶୁକ୍ରବାର ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାସୁଦେବପୁର ପଞ୍ଚାୟତ ଗୌତମପୁର ଗ୍ରାମର ଇଶ୍ରାନ ଆଦାମ ବୁଡ(୨୫) ଓ ବିଭିଷଣ ସୁରିନ(୬୨)। ଗୁରୁତର ଗେଲବଟ ସୁରିନଙ୍କୁ ପ୍ରଥମେ ବୌଦ୍ଧ ମେଡିକାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗୌତମପୁର ଗ୍ରାମର ଇଶ୍ରାନ, ବିଭିଷଣ ଏବଂ ଗେଲବଟ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ବାଇକ୍‌ରେ ଫେରୁଥିବାବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ଇଶ୍ରାନ ଓ ବିଭିଷଣଙ୍କ ମୃତ୍ୟୁ ଘଟିଥିଲା। କିଆକଟା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ୩୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

# ଅଶ୍ୱିନୀ, ଅବନୀଙ୍କ କାର୍ଟୁନ୍ ପୁରସ୍କୃତ

### ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତା

**ବଲାଙ୍ଗୀର ଅଫିସ,୫।୫**

ଛତିଶଗଡ ସରକାରଙ୍କ ସଂସ୍କୃତି ବିଭାଗ, ଛତିଶଗଡ ପର୍ଯ୍ୟଟନ ବୋର୍ଡ ଏବଂ ରାୟପୁର (ଛତିଶଗଡ)ରୁ ପ୍ରକାଶିତ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। 'ବିଶ୍ୱ କାର୍ଟୁନିଷ୍ଟ ଦିବସ-୨୦୨୩' ପାଳନ ପରିପ୍ରେକ୍ଷୀରେ ଏହି ପ୍ରତିଯୋଗିତା 'କିପ୍ କ୍ଲିନ୍ ୱାଆର କଲ୍‌ଚରାଲ ହେରିଟେଜ୍ ଏଣ୍ଡ ଟୁରିଷ୍ଟ ପ୍ଲେସେସ୍' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା। ସଂପ୍ରତି ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ମନୁଷ୍ୟକୃତ ପ୍ରଦୂଷଣ ହେତୁ ନଷ୍ଟ ପ୍ରାୟ ସାଂସ୍କୃତିକ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀଗୁଡିକର ସୁରକ୍ଷା ସଂପର୍କରେ ଏକ ବଳିଷ୍ଠ ବ୍ୟଙ୍ଗାଧାରିତ ଆହ୍ୱାନ ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ନିକଟ ଅତୀତରେ 'ଏକକ ବିଶ୍ୱ', 'ଯୁଦ୍ଧ ନୁହେଁ କେବଳ ଭ୍ରାତୃତ୍ୱ' ଉପରେ ଆଧାରିତ ଦୁଇଟି ଜାତୀୟ ପ୍ରତିଯୋଗିତା ତଥା 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଆୟୋଜିତ ଭିନ୍ନ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ଗୁଡିକ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଆହୁରି ମଧ୍ୟ ସୂଚନା ଦିଆଯାଇପାରେ ଯେ ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ 'ସ୍ପିରିଟ୍ ଅଫ୍ ଗାନ୍ଧୀ ଏକ୍ସିବିସନ', ମୁମ୍ବାଇଠାରେ ହୋଇଥିବା 'ବାଲ୍ ଠାକରେ ଆନ୍ତର୍ଜାତୀୟ କାର୍ଟୁନ୍ ଏକ୍ସିବିସନ', ଜାମୁଠାରେ ପ୍ରଖ୍ୟାତ ସନ୍ତୁର ବାଦକ ପ. ଶିବ କୁମାର ଶର୍ମାଙ୍କ ସ୍ମୃତି ପ୍ରଦର୍ଶନୀ ଏବଂ କୋଚିଠାରେ କାର୍ଟୁନ୍ ମେନ୍ ବାଦୁସା ମେମୋରିଏଲ୍ ଇଣ୍ଟର ନ୍ୟାଶନାଲ୍ କେରିକେଚର୍ ଏକ୍ସିବିସନ୍‌ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା।

ଏହା ମଧ୍ୟ ସୂଚାଇ ଦିଆଯାଇପାରେ ଯେ, ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ , ଏଫ୍.ସି.ଡବ୍ଲୁ.ଚୀନ୍ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଏ ମଧ୍ୟରେ ଅନ୍ତର୍ଭୁକ୍ତ। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।



ପୁରସ୍କୃତ ହୋଇଥିବା କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ।

# ପଲୁରୁ ଅଞ୍ଚଳରେ ୨ ମାସ ମଧ୍ୟରେ ହେବ ପୁଷ୍ପା-୨ ଶୁଟିଂ

### ମାଲକାନଗିରି ଜିଲାରେ ପହଞ୍ଚିଲେ ୨୦ ଜଣିଆ ଟିମ୍

**ମାଲକାନଗିରି,୫।୫ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପଲୁରୁ ଅଞ୍ଚଳରେ ଖୁବ୍ ଶୀଘ୍ର ଆରମ୍ଭ ହେବ ପୁଷ୍ପା-୨ ଚଳଚ୍ଚିତ୍ର ଶୁଟିଂ। ଶୁକ୍ରବାର ପୁଷ୍ପା-୨ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସୁକୁମାରଙ୍କ ସହ ଜର୍ମାନୀରୁ କ୍ୟାମେରା ମୁଖ୍ୟ କୁବା ମାଲକାନଗିରି ଜିଲାରେ ଆସି ପହଞ୍ଚିଛନ୍ତି। ତାଙ୍କ ସହ ଆସିଥିବା ୨୦ଜଣିଆ ଟିମ୍ ପଲୁରୁ ଅଞ୍ଚଳର ପଲୁରୁ, ମାନ୍ୟମକୋଣ୍ଡା ଅଞ୍ଚଳ ବୁଲି ଦେଖିଛନ୍ତି। ଆଗାମୀ ଦୁଇମାସ ମଧ୍ୟରେ ଏହି ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହେବ ବୋଲି ନିର୍ଦ୍ଦେଶକ ସୁକୁମାର କହିଛନ୍ତି। ଆଲ୍ଲୁ ଅର୍ଜୁନଙ୍କ ସମେତ ଏହି ଚଳଚ୍ଚିତ୍ରର ଅନ୍ୟ କଳାକାରମାନେ ମାଲକାନଗିରିରେ ପହଞ୍ଚି ସୁଟିଂ ଆରମ୍ଭ କରିବେ। ସ୍ଥାନୀୟ ଜନସାଧାରଣ ଓ ପୋଲିସ ପ୍ରଶାସନ ସହଯୋଗରେ ଏଠାରେ ଶୁଟିଂ କରାଯିବ ବୋଲି ସୁକୁମାର କହିଛନ୍ତି।

ଅନ୍ୟପକ୍ଷରେ ପୁଷ୍ପା-୧ ଚଳଚ୍ଚିତ୍ର କେବଳ ଦକ୍ଷିଣ ଭାରତ ନୁହେଁ ସାରା ଭାରତରେ ଏକ ଚର୍ଚ୍ଚିତ ଚଳଚ୍ଚିତ୍ର ରୂପେ ବିବେଚିତ ହୋଇଛି। ପ୍ରସ୍ତାବିତ ପୁଷ୍ପା-୨ ଚଳଚ୍ଚିତ୍ର ପ୍ରାୟ ୫୦୦ କୋଟି ଟଙ୍କା ବଜେଟ୍‌ରେ ନିର୍ମାଣ ହେବ ବୋଲି ଜଣାପଡିଛି। ଏଥିରେ ମଧ୍ୟ ଚଳଚ୍ଚିତ୍ରର ନାୟକ ଭାବେ ସାଉଥ୍ ସୁପରଷ୍ଟାର ଆଲ୍ଲୁ ଅର୍ଜୁନ ଏବଂ ନାୟିକା ରଶ୍ମିକା, ସାଇ ପଲ୍ଲବୀ, ସୁନୀଲ, ଅନସୂୟା, ସାହାଦ୍ ଅସିମ, ଜଗଦିଶ ପ୍ରସାଦ, ଅଜୟ ଘୋଷଙ୍କ ଭଳି କଳାକାର ଅଭିନୟ କରିବେ। ପୁଷ୍ପା-୨ ଚଳଚ୍ଚିତ୍ର ମଧ୍ୟ ପୁଷ୍ପା-୧ ଭଳି ସଫଳତାର ଶୀର୍ଷରେ ରହିବ ବୋଲି ପ୍ରଯୋଜକମାନେ ଆଶା ପ୍ରକାଶ କରିଛନ୍ତି। ଗତମାସରେ ଏହି ଚଳଚ୍ଚିତ୍ର ପାଇଁ ଏକ ଟିମ୍ ଆସି ମାଲକାନଗିରି ଜିଲାପାଳ ଓ ଏସ୍‌ପିଙ୍କ ଅନୁମତି ଲୋଡିଥିଲେ। ସ୍ୱାଭିମାନ ଅଞ୍ଚଳରେ ମଧ୍ୟ ଚଳଚ୍ଚିତ୍ର ଶୁଟିଂ ନେଇ ସିଡ୍ୟୁଲ ରହିଥିବା ସୁକୁମାର କହିଛନ୍ତି। କିଛି ପୋଲିସ କାର୍ଯ୍ୟାବଳୀ ସମ୍ପର୍କିତ ଶୁଟିଂ ଏଥିରେ ରଖାଯାଇଛି। ଆସନ୍ତା ୯ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପଲୁରୁ ଅଞ୍ଚଳ ବୁଲିବା ପରେ ଆସନ୍ତା ଜୁନ, ଜୁଲାଇ ମାସରେ ଉକ୍ତ ଅଞ୍ଚଳରେ ଶୁଟିଂ ଆରମ୍ଭ ହେବ ବୋଲି ସୁକୁମାର କହିଛନ୍ତି।


ଶୁଟିଂ ପାଇଁ ମାଲକାନଗିରି ଜିଲାରେ ପହଞ୍ଚିଥିବା ଟିମ୍।

# ଦୁର୍ଘଟଣା ପରେ ଜଳିଗଲେ ପିକ୍‌ଅପ୍ ଡ୍ରାଇଭର

**ଦେଓଗାଁ,୫।୫(ଡି.ଏନ.ଏ.)**

ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ୨୬ନଂ ଜାତୀୟ ରାଜପଥର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଆମ୍ବ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ପିକ୍‌ଅପ୍ ଭ୍ୟାନ୍‌ରେ ହଠାତ୍ ନିଆଁ ଲାଗି ଯାଇଥିଲା। ଫଳରେ ପୋଡ଼ି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ପ୍ରକାଶଯେ, ଟ୍ରାକ୍ଟର (ନଂ ଓଡି୦୩କେ ୯୬୭୮୦) ଦେଓଗାଁ ପଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ପଛରୁ ଆସୁଥିବା ଆମ୍ବବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ ଓଡି୧୫ଆର୨୧୦୧) ଧକ୍କା ଦୋଇଥିଲା। ଫଳରେ ପିକ୍‌ଅପ୍ ଭ୍ୟାନ୍‌ର ଆଗପଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇ ନିଆଁ ଲାଗି ଯାଇଥିଲା। ଉକ୍ତ ଗାଡିରୁ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଫଳରେ ସେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦେଓଗାଁ ପୋଲିସ ତଦନ୍ତ ଜାରି ରଖିଛି।


ଦୁର୍ଘଟଣାଗ୍ରସ୍ତ ଗାଡ଼ି।



ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ଇସ୍ତଫା ନିଷ୍ପତ୍ତି ବଦଳାଇବା ପରେ ମୁମ୍ବାଇସ୍ଥିତ ଦଳୀୟ କାର୍ଯ୍ୟାଳୟ ବାହାରେ ସମର୍ଥକମାନେ ଖୁସି ମନାଉଛନ୍ତି।

# ଭାଜପା ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥାଏ: ବିଜେଡି

ଭୁବନେଶ୍ୱର,୫।୫(ବ୍ୟୁରୋ)

ଓଡ଼ିଶା ଭାଜପା ରାଜନୀତିରେ ଆପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କୁ ଉତ୍ସାହିତ କରୁଥିବା ବେଳେ ରାଜ୍ୟରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି।

ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଝାରସୁଗୁଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ନାମରେ ହତ୍ୟା ଉଦ୍ୟମ ସମେତ ୧୨ଟି ମାମଲା ରହିଛି। ଓଡ଼ିଶା ଭାଜପା ସବୁବେଳେ ଆପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ହିଁ ସ୍ଥାନ ଦେଇଥାଏ। ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ବିରୋଧରେ ୧୩ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ଇରାଶିଷ ଆଚାର୍ଯ୍ୟଙ୍କ ବିରୋଧରେ ୧୪ଟି ମାମଲା ବିଚାରାଧୀନ ଅଛି। ସେହିପରି ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ହତ୍ୟା ମାମଲା ସମେତ ୧୬ଟି ଆପରାଧିକ ମାମଲା ରହିଛି। କିଏ ବେଆଇନ କାର୍ଯ୍ୟ କରୁଛି ଏବଂ ଅପରାଧୀଙ୍କୁ କିଏ ସମର୍ଥନ କରୁଛି ତାହା ଓଡ଼ିଶାର ଲୋକମାନେ ଦେଖୁଛନ୍ତି। ସେମାନେ ଏହାର ଉପଯୁକ୍ତ ଉତ୍ତର ଦେଉଛନ୍ତି ବୋଲି ଲେନିନ କହିଛନ୍ତି। ଝାରସୁଗୁଡ଼ା ଉପନିର୍ବାଚନରେ ଭାଜପା ନିଜର ଆସନ୍ନ ପରାଜୟକୁ ଦେଖି ବିଜେଡି ନେତା ତଥା କର୍ମୀଙ୍କ ଉପରେ ନିର୍ବାଚନ ହିଂସା ଆରମ୍ଭ କରିଦେଇଛି। ପଦ୍ମପୁର ଏବଂ ବିଜେପୁର ଉପନିର୍ବାଚନରେ ଏବଂ ବର୍ତ୍ତମାନ ଝାରସୁଗୁଡ଼ା ଉପନିର୍ବାଚନରେ ପରାଜୟକୁ ଭୟ କରି ସେମାନେ ପୁଣି ଏଭଳି କାଣ୍ଡ ଆରମ୍ଭ କରିଛନ୍ତି।

ମେ' ୨ ତାରିଖରେ ଭାଜପା କର୍ମୀ ଓ ବହୁସମର୍ଥକ ବିଜେଡି କର୍ମୀ ଗୋବିନ୍ଦ ଝରାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ କ୍ଷେତ୍ରର ଗୌରପଡ଼ା, ଧୁବେନବୁଡ଼ା, କୁଲିହାମଲ, କୋଲାବିରା ବ୍ଲକରେ ବିଜେଡି କର୍ମୀଙ୍କ ଉପରେ ସେମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିଜେଡି କର୍ମୀ ଗୋବିନ୍ଦ ଝରା ଗୁରୁତର ଆହତ ହୋଇଛନ୍ତି। ମେ' ୩ ତାରିଖରେ ଭାଜପା ବିଧାୟିକା କୁସୁମ ଟେଟେ ଓ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ତାଙ୍କର ଦଳବଳ ସହିତ ଲଇକେରା ବ୍ଲକର ନିକିମୋଲଠାରେ ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ। ଓଡ଼ିଶା ଭାଜପା ନେତାଙ୍କ ଆପରାଧିକ ମାମଲା ତଥା ଝାରସୁଗୁଡ଼ା ଉପନିର୍ବାଚନରେ ନିର୍ବାଚନୀ ହିଂସା ଦର୍ଶାଉଛି ଯେ ଆପରାଧିକ ରେକର୍ଡ ଥିବା ଲୋକଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଓଡ଼ିଶା ଭାଜପା କିପରି ଉତ୍ସାହିତ କରୁଛି। ଯେତେବେଳେ ନିର୍ବାଚନରେ ନିଶ୍ଚିତ ପରାଜୟ ଦେଖୁଛି ଭାଜପା ଏଭଳି ହିଂସାକାଣ୍ଡ ଭିଆଉଛି। ଏଥିପାଇଁ ରାଜ୍ୟର ଲୋକମାନେ ଓଡ଼ିଶା ଭାଜପାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ଝାରସୁଗୁଡ଼ା ଉପନିର୍ବାଚନରେ ମଧ୍ୟ ଅନୁରୂପ ଭାବେ ପ୍ରତ୍ୟାଖ୍ୟାନ କରିବେ ବୋଲି ଲେଲିନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲୋରା ମହାପାତ୍ର ଏବଂ ମଧୁସ୍ମିତା ସାହୁ ଉପସ୍ଥିତ ଥିଲେ।

# ପଞ୍ଚାୟତବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

## ନିର୍ବାଚନ ପରେ ପଦକ୍ଷେପ ନିଆଯିବ: ମନ୍ତ୍ରୀ

ସମ୍ବଲପୁର/କୋଲାବିରା, ୫।୫(ବ୍ୟୁରୋ/ଡି.ଏନ.ଏ.)

ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବା ପ୍ରତିବାଦରେ ଶୁକ୍ରବାର ଝାରସୁଗୁଡା ଜିଲା କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତବାସୀ ବୈଠକ କରି ଉପନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଜାଣିବା ପରେ ଅଞ୍ଚଳରେ ପ୍ରଚାର କରୁଥିବା ଦୁଇ ମନ୍ତ୍ରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ନିର୍ବାଚନ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ଚାଷୀମାନେ ଅଭିଯୋଗ କରିଥିଲେ, ସୋଡ଼ାମାଲ ଗ୍ରାମ ଭେଡେନ ନଦୀ କୂଳରେ ଦୀର୍ଘଦିନ ହେବ ଏକ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇରହିଛି। ପ୍ରକଳ୍ପ ଯେଉଁଠାରେ ନିର୍ମାଣ ହେବା କଥା କରାଯାଇ ନାହିଁ। ଖାଲ ସ୍ଥାନରେ ନିର୍ମାଣ ହୋଇଥିବାରୁ ମରୁଡ଼ି ସମୟରେ ଚାଷ ପାଇଁ ପାଣି ମିଳୁନାହିଁ। ଅନ୍ୟପଟେ ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ପାଇପ୍ ଫାଟିଯାଇଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ଭୋଟ ନ ଦେବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସହିତ ଭେଡେନ ନଦୀଠାରେ ବ୍ୟାରେଜ ନିର୍ମାଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ସମାସିଂହା ଅଞ୍ଚଳରେ ନିର୍ବାଚନ ପ୍ରଚାର କରୁଥିବା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅସନ୍ତୁଷ୍ଟ ଚାଷୀଙ୍କୁ ଭେଟିଥିଲେ। ନିର୍ବାଚନ ସରିବା ପରେ ଏକ ଟିମ୍ ଭୁବନେଶ୍ୱରକୁ ଆସି ଆଲୋଚନା କରିବା ପାଇଁ ଉଭୟ ମନ୍ତ୍ରୀ କହିଥିଲେ। ଚାଷୀମାନେ ମନ୍ତ୍ରୀଙ୍କ କଥାରେ ସହମତ ହେବା ସହିତ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବା ସହ ୨୦୨୪ ନିର୍ବାଚନ ସମୟରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ।



ଚାଷୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ ଏବଂ ନିରଞ୍ଜନ ପୂଜାରୀ।

# ଭାଜପାରେ ଯୋଗଦେଲେ ପଞ୍ଜାବ ପୂର୍ବତନ ବାଚସ୍ପତି

ଚଣ୍ଡିଗଡ,୫।୫

ଶିରୋମଣି ଅକାଳୀ ଦଳର ବରିଷ୍ଠ ନେତା ତଥା ପଞ୍ଜାବ ବିଧାନସଭାର ପୂର୍ବତନ ବାଚସ୍ପତି ଚରଣଜିତ ସିଂ ଅଟୱାଲ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଚରଣଜିତଙ୍କୁ ବିଧିବଦ୍ଧ ଭାବେ ଶୁକ୍ରବାର ଦଳରେ ସାମିଲ କରାଇଛନ୍ତି। ନିକଟରେ ସେ ଶିରୋମଣି ଅକାଳୀ ଦଳରୁ ଇସ୍ତଫା ଦେଇଥିଲେ। ଏହାର କିଛି ଦିନ ପୂର୍ବରୁ ତାଙ୍କ ପୁଅ ଇନ୍ଦର ଇକବାଲ ଅଟୱାଲ ଭାଜପାରେ ଯୋଗ ଦେଇଥିଲେ। ଦୀର୍ଘ ଦିନ ଧରି ଚରଣଜିତ ଭାଜପାରେ ଯୋଗଦେବା ନେଇ କଳ୍ପନାଜଳ୍ପନା ଲାଗିରହିଥିଲା। ସୂଚନାଯୋଗ୍ୟ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଚରଣଜିତ ଲୋକ ସଭାର ଉପବାଚସ୍ପତି ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ଅପରପକ୍ଷେ ତାଙ୍କୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲଙ୍କ ପାଖ ଲୋକ ବୋଲି ବି ବିବେଚନା କରାଯାଏ।

# ବିପ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

## ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୫।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନରେ ହାରିବା ଭୟରେ ବିଜେପୁର ଓ ପଦ୍ମପୁର ଭଳି ହିଂସା ରାଜନୀତି ଭାଜପା ଆପଣାଇଥିବା ବିଜେଡି ଅଭିଯୋଗ କରିଛି। ଭାଜପା କର୍ମକର୍ତ୍ତା ବିପ୍ର ବନଛୋର ଓ ସେମାନଙ୍କ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଗତ ୨ ତାରିଖରେ ଗୌଡ଼ପଡ଼ାର ବିଜେଡି କର୍ମୀ ଗୋବିନ୍ଦ ଝରା ପ୍ରଚାର କରୁଥିବା ବେଳେ ଭାଜପା କର୍ମୀ ବିପ୍ର ବନଛୋର ଓ ଦଳର ସମର୍ଥକ ଗୋବିନ୍ଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କିତ ଫଟୋ ଓ ଭିଡିଓ ସିଇଓଙ୍କୁ ବିଜେଡି ପ୍ରତିନିଧି ଦଳ ହସ୍ତାନ୍ତର କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତିଙ୍କ ନେତୃତ୍ୱରେ ୪ ଜଣିଆ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତ।

## ଫୁର୍ସତ୍

# ଅପରେଶନ ମାଧ୍ୟମରେ ଉଚ୍ଚତା ବୃଦ୍ଧି

ବର୍ଲିନ୍

ଅଧିକ ସୁନ୍ଦର ଦେଖାଯିବାକୁ ଲୋକେ କେତେ କ'ଣ ପନ୍ଥା ଆପଣେଇଥା'ନ୍ତି। ଏପରିକି ଅନେକେ ମୁହଁର ପ୍ଲାଷ୍ଟିକ ସର୍ଜରି ମଧ୍ୟ କରାନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ଲାଷ୍ଟିକ ସର୍ଜରି ଏକ ସାଧାରଣ କଥା। ହେଲେ କେହି ସୁନ୍ଦର ଦିଶିବା ପାଇଁ ଗୋଡ଼ ଲମ୍ବା କରିବା ଶୁଣିଛନ୍ତି? ଏହା ଅଜବ ଲାଗୁଥିବେ ବି ସତ। ରିପୋର୍ଟ ମୁତାବକ, ଜର୍ମାନୀର ୩୧ ବର୍ଷୀୟା ମେଡେଲର ଥେରେସିଆ ଫିଶ୍ଚର ଏପରି କରିଛନ୍ତି। ତାଙ୍କ କହିବା ମୁତାବକ, ତାଙ୍କର କମ୍ ଉଚ୍ଚତା ପାଇଁ ଲୋକେ ତାଙ୍କୁ ଅନେକ କଥା ଶୁଣାଉଥିଲେ। ଏଥିସହ ସେ ତାଙ୍କ ମଡେଲିଂ କ୍ୟାରିୟର ପାଇଁ ମଧ୍ୟ ନିଜର ଗୋଡ଼ ଲମ୍ବା କରିବା କଥା ଚିନ୍ତା କଲେ। ନିକଟରେ ସେ ୨ଟି ଅପରେଶନ ସାହାଯ୍ୟରେ ୨ଟି ଟେଲିସ୍କୋପି ରଡ଼ ଭର୍ତ୍ତି କରାଇଛନ୍ତି। ଏଥିପାଇଁ ତାଙ୍କୁ ୧୬୧ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ କୋଟି ୩୧ ଲକ୍ଷ ୬୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଅପରେଶନ ଯୋଗୁ ତାଙ୍କ ଉଚ୍ଚତା ୧୪ ସେ.ମି. ବୃଦ୍ଧି ପାଇ ୬ ଫୁଟ୍ ହୋଇଛି। ଏପରି କରିବା ଦ୍ୱାରା ତାଙ୍କୁ ବହୁତ ଫାଇଦା ମିଳିଛି। ଏବେ ତାଙ୍କର ୬ ନୂଆ ବୟଫ୍ରେଣ୍ଡ ହେବା ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି। ଏଥିସହ ଖୁସି ଏବଂ ସନ୍ତୁଷ୍ଟି ମିଳିଥିବା ସେ କହିଛନ୍ତି। ହେଲେ ତାଙ୍କୁ ସୋସିଆଲ ମିଡିଆରେ ଲୋକଙ୍କ ଅନେକ କଥା ଶୁଣିବାକୁ ପଡୁଛି, ଯାହା ତାଙ୍କୁ କଷ୍ଟ ଦେଉଛି।



# ବାଂଲାଦେଶରେ 'ପଠାନ'

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହରୁଖ ଖାନ୍, ଦୀପିକା ପାଦୁକୋନ ଓ ଜନ ଆବ୍ରାହମଙ୍କ ଫିଲ୍ମ 'ପଠାନ' ଲୋକଙ୍କ ମନ ଜିଣିଛି। ପ୍ରାୟ ୪ ବର୍ଷ ପରେ ବଡ଼ ପରଦାକୁ ଫେରିଥିବା କିଙ୍ଗ ଖାନ୍‌ଙ୍କ ଜବରଦସ୍ତ ଲେଉଟାଣି ପରେ 'ପଠାନ୍' ମୁଭି ବକ୍ସ ଅଫିସରେ ସବୁଠାରୁ ଅଧିକ ଆୟ କରିଛି। ଫିଲ୍ମଟି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି। ସାରା ବିଶ୍ୱରେ ନିଜର ଜଲୱା ଦେଖାଇଥିବା ପଠାନ ଏବେ ପଡ଼ୋଶୀ ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହୋଇଗଲାଣି। ପଠାନ ଭାରତ ସମେତ ପ୍ରାୟ ୧୦୦ ଦେଶରେ ୨୫ ଜାନୁୟାରୀରେ ରିଲିଜ ହୋଇଥିଲା। ରିଲିଜର ପ୍ରଥମ ଦିନରୁ ହିଁ ଫିଲ୍ମ ଦମଦାର ଆୟ କରିବା ଆରମ୍ଭ କରିଥିଲା। ଏବେ ପ୍ରାୟ ସାଢେ ତିନି ମାସ ପରେ ପଠାନ ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହୋଇଯାଇଛି। ବାଂଲାଦେଶରେ ମୁଭି ମେ'୧୨ରେ ରିଲିଜ ହେବ ବୋଲି କୁହାଯାଉଛି।୧୯୭୧ ପରେ ପଠାନ ପ୍ରଥମ ହିନ୍ଦୀ ମୁଭି ଭାବେ ବାଂଲାଦେଶରେ ରିଲିଜ ହେବ।



ଶାହରୁଖ ଖାନ୍

# ଛତା ଧରି ବାହାହେଲେ ବର



ରାୟପୁର

ଅନେକ ସମୟରେ ବିବାହକୁ ନେଇ ଭିନ୍ନ ଘଟଣା ଶୁଣିବାକୁ ମିଳିଥାଏ, ଯାହା ଅତ୍ୟନ୍ତ ରୋଚକ ହୋଇଥାଏ। ଯେପରିକି ବର ଜେସିବି ସାହାଯ୍ୟରେ ହେଉ କି କନ୍ୟାକୁ ବର ମୋଟରସାଇକେଲରେ ଆଣିବା ନଜରକୁ ଆସିଛି। ସେହିପରି ନିକଟରେ ଏକ ଭିନ୍ନ ବିବାହ ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ବର-କନ୍ୟାଙ୍କ ବିବାହ ଚାଲିଥିବା ସମୟରେ ହଠାତ୍ ଜୋର୍‌ରେ ବର୍ଷା ହେଲା। କିନ୍ତୁ ବିବାହ ସମୟରେ ଅଗ୍ନିକୁ ସାକ୍ଷୀ ରଖି ୭ ଘେରା ବାକି ରହିଯାଇଥିଲା। ହେଲେ ସେହି ବର୍ଷାରେ ସେମାନେ ପରସ୍ପର ହାତ ଛନ୍ଦି ଛତା ତଳେ ୭ ଘେରା ବୁଲିଥିଲେ। ବ୍ରାହ୍ମଣ ଘର ଭିତରେ ଥାଇ ମନ୍ତ୍ରୋଚାରଣ କରୁଥିବା ଦେଖିବାକୁ ମିଳିଥିଲା। ଘଟଣାଟି ଛତିଶଗଡ଼ କବର୍ଦ୍ଧା ଜିଲାର ପଣ୍ଡରିଆ ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ଏହି ବିବାହର ଏକ ଭିଡିଓ ଜଣେ ବ୍ୟକ୍ତି ତାଙ୍କ ସୋସିଆଲ ମିଡିଆରେ ଛାଡ଼ିବା ପରେ ତାହା ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଲୋକେ ଏହି ଭିଡିଓକୁ ଅଧିକ ପସନ୍ଦ କରିଥିବା ଦେଖିବାକୁ ମିଳିଛି। ଏଥିରେ ଲୋକେ ଅନେକ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। ଜଣେ ଲେଖିଛନ୍ତି, ଦୁହିଁଙ୍କ ଡେଡିକେଶନକୁ ମାନିବାକୁ ପଡିବ। ଅନ୍ୟଜଣେ ଲେଖିଛନ୍ତି, ଲୋକେ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥା'ନ୍ତି, ହେଲେ ଏମାନେ ପାଣିକୁ ସାକ୍ଷୀ ରଖି ବିବାହ କରୁଛନ୍ତି।

# ୧୦୬ ବର୍ଷୀୟା ଟାଟୁ ଆର୍ଟିଷ୍ଟ



**ମାନିଲା:** ବୟସ ୬୦/୭୦ ହେବା ବେଳକୁ ଲୋକେ ଅଣ୍ଟା ସଳଖି ପାରନ୍ତିନି। ବସା-ଉଠା କରିବାରେ ବହୁ କଷ୍ଟ ଅନୁଭବ କରନ୍ତି। ହେଲେ ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ପରିଣତ ବୟସରେ ମଧ୍ୟ ଏମିତି କିଛି କରୁଛନ୍ତି, ଯାହା ଫଳରେ ସେମାନେ ଚର୍ଚ୍ଚାର ପରିସରକୁ ଆସନ୍ତି। ନିକଟରେ ଜଣେ ଟାଟୁ ଆର୍ଟିଷ୍ଟଙ୍କ ଚମତ୍କାର କଳାକୃତିକୁ ଦେଖି ସହଜରେ ତାଙ୍କ ବୟସ ବିଶ୍ୱାସ କରିହେଉନି। ରିପୋର୍ଟ ମୁତାବକ, ୧୦୬ ବର୍ଷୀୟା ଦାଦି ଗ୍ରାହକଙ୍କ ଦେହରେ ନିଖୁଣ ଭାବେ ତାଙ୍କ କଳାକୃତିର ଛାପ ଛାଡୁଛନ୍ତି। ସେ ୯୦ ବର୍ଷ ପୂର୍ବେ ଏହି ଟାଟୁ କରିବା ଆରମ୍ଭ କରିଥିଲେ। ସେ ମାରିୟା ଓଗୟେ ନାମରେ ଅଞ୍ଚଳରେ ବେଶ୍ ଜଣାଶୁଣା। ସେ ୧୬ ବର୍ଷ ବୟସରେ ବଟୋକ ଟାଟୁର ପାରମ୍ପରିକ କାର୍ଯ୍ୟ ତାଙ୍କ ବାପାଙ୍କଠାରୁ ଶିଖିଥିଲେ। ସେ ବସକାଲନ ନାମକ ଏକ ଗାଁରେ ଟାଟୁ କରୁଥିଲେ। ନିକଟରେ ଭୋଗ୍ ମାଗାଜିନ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା, ଯେଉଁଥିରେ କି ସବୁଠୁ ବୟସ୍କା ମହିଳା ଟାଟୁ ଆର୍ଟିଷ୍ଟ ଭାବେ ମାଗାଜିନ୍‌ରେ ସେ ସ୍ଥାନ ପାଇଥିଲେ।

# ନାଟକ: ଜାନକୀ ପରିଣୟ

## ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜାନକୀ ପରିଣୟ ନାଟକ ପ୍ରାରମ୍ଭିକ ପର୍ଯ୍ୟାୟର ଏକ ଉତ୍କୃଷ୍ଟ ସୃଷ୍ଟି। ଲୀଳାସୁଆଙ୍ଗର ଚମତ୍କାରିତାକୁ ଗର୍ଭସ୍ଥ କରି ମଞ୍ଚ ନାଟକର ସ୍ୱାଦ ଆଣିଦେବାରେ ଏହାର ଆଭିମୁଖ୍ୟ ସଫଳ। ପାରଳାଖେମୁଣ୍ଡିର ପଦ୍ମନାଭ ନାରାୟଣ ରଙ୍ଗମଞ୍ଚରେ ଏହା ଅନେକ ରାତି ମଞ୍ଚସ୍ଥ ହୋଇଥିଲା। ଜାନକୀ ପରିଣୟ ନାଟକଟି ତୈଲଙ୍ଗ ପଣ୍ଡିତ ରାମଭଦ୍ର ମଖୀନ୍ଦ୍ରଙ୍କ ଦ୍ୱାରା ସଂସ୍କୃତରେ ରଚିତ। ୧୯୦୦ ମସିହାରେ ତତ୍କାଳୀନ ପାରଳାଖେମୁଣ୍ଡି ରାଜକଲେଜ (ବର୍ତ୍ତମାନ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ବିଦ୍ୟାଳୟ)ର ଇତିହାସ ଅଧାପକ ରାମମୂର୍ତ୍ତି ମହାଶୟ ଗୋପୀନାଥଙ୍କୁ ଓଡ଼ିଆ ଭାଷାରେ ଜାନକୀ ପରିଣୟ ପରି ନାଟକଟିଏ ଅଛି କି ବୋଲି ଉପହାସ କରି ପଚାରିଥିଲେ। ସେ ସମୟରେ ତେଲୁଗୁ ଭାଷାରେ ଅନୂଦିତ ଜାନକୀ ପରିଣୟ ନାଟକଟି ଆନ୍ଧ୍ରର ଏଫ୍.ଏ. କ୍ଲାସ୍ ପାରଳାଖେମୁଣ୍ଡି ରାଜକଲେଜରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା। ଏହି ଉପହାସକୁ ଚାଲେଞ୍ଜ ରୂପେ ଗ୍ରହଣକରି ଗୋପୀନାଥ ଏହାକୁ ଓଡ଼ିଆରେ ଅନୁବାଦ କରି ରାମମୂର୍ତ୍ତିଙ୍କୁ ଦେଖାଇଥିଲେ ଏବଂ ସେ ଏହାକୁ ଏକ ଉତ୍କୃଷ୍ଟ ପୁସ୍ତକ ରୂପେ ସ୍ୱୀକାର କରିଥିଲେ। ଏହି ନାଟକଟି ପାରଳାଖେମୁଣ୍ଡି ରଙ୍ଗମଞ୍ଚରେ ମଞ୍ଚସ୍ଥ ହେବା ସହ ଉତ୍କଳ ସାହିତ୍ୟ ପ୍ରେସ୍, କଟକରୁ ୧୯୧୫ରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି।



ଗୋପୀନାଥ ୨୧ ଅଗଷ୍ଟ ୧୮୬୯ରେ ଜନ୍ମଗ୍ରହଣ କରିଥିଲେ। ପିତା ରଘୁନାଥ ନନ୍ଦ ଓ ମାତା ରମାଦେବୀଙ୍କର ସେ ଦ୍ୱିତୀୟ ସନ୍ତାନ। ମାମୁଘର ଅଜା ମଞ୍ଜୁଷା ରାଜାଙ୍କ ରାଜବୈଦ୍ୟ। ତାଙ୍କର ନନ୍ଦବଂଶ ପୁରୀ ବଳଭଦ୍ରପୁର ଶାସନରୁ ସୁରଙ୍ଗୀ ଦେଇ ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ପାରଳା ରାଜଗୁରୁ ସାହିରେ ଅବସ୍ଥାନ କରୁଥିଲେ। ତାଙ୍କ ପିତା ତଥା ଅନୁଜମାନେ ସଂସ୍କୃତ ଓ ବୈଦ୍ୟଶାସ୍ତ୍ରରେ ଧୁରୀଣ ଥିଲେ। ତାଙ୍କର ଅନୁଜ ବଳଭଦ୍ର ନନ୍ଦ ପଦ୍ମନାଭ ରଙ୍ଗାଳୟର ପରିଚାଳକ ଥିଲେ। ତାଙ୍କର ନାଟ୍ୟ ନିର୍ଦ୍ଦେଶନା ଓ ମଞ୍ଚ ପରିଚାଳନାରେ ଅପୂର୍ବ ଦକ୍ଷତା ଥିଲା। ଗୋପୀନାଥଙ୍କ ନାଟକଗୁଡ଼ିକ ତାଙ୍କରି ଉଦ୍ୟମରେ ମଞ୍ଚସ୍ଥ ହୋଇଥିଲା।

ଗୋପୀନାଥ ଓଡ଼ିଆ ସାହିତ୍ୟରେ ଶବ୍ଦତତ୍ତ୍ୱବୋଧ ଅଭିଧାନ (୧୯୧୬) ଓ 'ଓଡ଼ିଆ ଭାଷାତତ୍ତ୍ୱ' ପାଇଁ ଚିରଦିନ ଅମର ରହିବେ। ଓଡ଼ିଆ ଭାଷାରେ ଏଯାବତ୍ ଏପରି ଭାଷାତତ୍ତ୍ୱ ପୁସ୍ତକ ରଚିତ ହୋଇନାହିଁ। ସାରଳା ମହାଭାରତ, ବଳରାମଙ୍କ ରାମାୟଣ ଓ ଜଗନ୍ନାଥଙ୍କ ଭାଗବତର ସେ ଦୀର୍ଘ ସମାଲୋଚନା ରଚନା କରି ଉତ୍କଳ ସାହିତ୍ୟ, ମୁକୁର, ସତ୍ୟବାଦୀ ପ୍ରଭୃତି ପତ୍ରିକାରେ ଧାରାବାହିକ ପ୍ରକାଶ କରିଥିଲେ। ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ଓ ସଂସ୍କୃତ ରାଗରାଗିଣୀରେ ସେ ଅନେକ କାବ୍ୟକବିତା ରଚନା କରିଥିଲେ। ରଥୋତ୍ସବ, ରାଧାମାଧବ ବିଳାସ, ଉଦ୍ଧବଦୂତ, ମେଘଦୂତ, ସ୍ନେହ ନିମନ୍ତ୍ରଣ, ପୀୟୂଷଧାରା, ବିହ୍ଲଣୀୟ କାବ୍ୟ ସହିତ ମୁକୁନ୍ଦାନନ୍ଦ ଭାଣ, ସୀତା ବନବାସ ନାଟକ, ବିକ୍ରମୋର୍ବଶୀୟ ନାଟକ, ଦ୍ରୌପଦୀ ବସ୍ତ୍ରହରଣ, ରାମାଶ୍ୱମେଧ ନାଟକ, ଉନ୍ନ ରାଘବ ନାଟକ ରଚନା କରିଥିଲେ। ଏହି ନାଟକଗୁଡ଼ିକରେ ଭରତଙ୍କ ନାଟ୍ୟଶାସ୍ତ୍ରର ଚାରୋଟି ଅଙ୍ଗ ଆହାର୍ଯ୍ୟ, ନାଟକ, ଆଙ୍ଗିକ ଓ ସାତ୍ତ୍ୱିକ ଯଥାରୀତିରେ ସ୍ଥାନ ପାଇଛି। ସଂସ୍କୃତ ଛନ୍ଦ ଓ ରାଗରାଗିଣୀରେ ଗୀତଗୁଡ଼ିକ ସଂଯୋଜିତ ହୋଇ ନାଟକକୁ ଚିତ୍ତାକର୍ଷକ କରିଛି।

ଜାନକୀ ପରିଣୟ ନାଟକଟି ଏକରାତ୍ରିର ଅଭିନୟ ପାଇଁ ଉଦ୍ଦିଷ୍ଟ। ଏଥିରେ ସୂତ୍ରଧାର, ନଟୀ ଚରିତ୍ର ମାଧ୍ୟମରେ ନାଟ୍ୟାରମ୍ଭ ହୋଇଛି। ଶାର୍ଦ୍ଦୂଳବିକ୍ରୀଡ଼ିତ, ଉପେନ୍ଦ୍ରବଜ୍ରା, ସ୍ରଗ୍‌ଧାରା, ମନ୍ଦାକ୍ରାନ୍ତା, ମାଳିନୀ ପ୍ରଭୃତି ବୃତ୍ତରେ ଗୀତ ସଂଯୋଜିତ। ଓଡ଼ିଆ ସାହିତ୍ୟରେ ଲୀଳା, ରସ ଓ ସଖୀନାଚର ସଙ୍ଗୀତ ପ୍ରାବଲ୍ୟ ସହିତ ଆଧୁନିକ ନାଟକର ସଂଳାପର ଅପରୂପ ସଂଶ୍ଳେଷରେ ପାରଳା ନାଟ୍ୟଧାରା ଋଦ୍ଧିମନ୍ତ। ଓଡ଼ିଆ ଭାଷାର ପ୍ରଥମ ନାଟକ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ନାଟକରେ ଓଡ଼ିଶୀ ମହନୀୟ ସଙ୍ଗୀତ ଧାରା ପରୀକ୍ଷିତ। ସେହି ଧାରାର ଉତ୍କୃଷ୍ଟ ପରମ୍ପରାକୁ ଗୋପୀନାଥଙ୍କ ନାଟକାବଳୀ ସୁରକ୍ଷିତ କରିଛି। ଜାନକୀ ପରିଣୟ ନାଟକ ଅନେକ ରାଗରାଗିଣୀଯୁକ୍ତ ଗୀତରେ ସମୃଦ୍ଧ। ଏହି ଧରଣର ଉପାଦେୟ ଓ ପୌରାଣିକ ବା ଐତିହାସିକ ନାଟକ ଉତ୍କଳ ଭାଷାରେ ରଚିତ ନ ହୋଇଥିବାର ପଦ୍ମନାଭ ନାରାୟଣ ଦେବ ସ୍ୱୀକାର କରନ୍ତି।

ଜାନକୀ ପରିଣୟ ସାତୋଟି ଅଙ୍କରେ ବିଭକ୍ତ। ପ୍ରତି ଅଙ୍କରେ ଦୁଇଟି ଅଭିନୟ କେନ୍ଦ୍ର ଦର୍ଶିତ। ଏକପକ୍ଷରେ ରାବଣ, ଶୁକ, ସାରଣ, ବିଦ୍ୟୁଜିହ୍ୱର ଅଭିନୟ ଚାଲିଥିଲାବେଳେ ଅନ୍ୟପଟରେ ଋଷିଙ୍କ ଉପବନ ବା ସଖୀ ପରିବେଷ୍ଟିତା ସୀତାଙ୍କ ଅଭିନୟ ପ୍ରଦର୍ଶିତ। ଜାନକୀ ପରିଣୟ ପ୍ରସଙ୍ଗଠାରୁ ନାଟକଟି ଆରମ୍ଭ ହୋଇ ରାମାଭିଷେକ ପ୍ରସଙ୍ଗରେ ପରିସମାପ୍ତି ଘଟିଛି। ନାଟକରେ ତିରସ୍କରଣୀ ପ୍ରଭାବରେ ଚରିତ୍ର/ ବିମାନ ପ୍ରଭୃତି ଅଦୃଶ୍ୟ ହେବା ନାଟକୀୟତାକୁ ଋଦ୍ଧିମନ୍ତ କରିଛି। ଷଷ୍ଠ ଅଙ୍କରେ ପ୍ରେକ୍ଷଣିକା ମାଧ୍ୟମରେ ରାବଣକୁ ବାଳୀ ବଧର ଦୃଶ୍ୟ ଦେଖାଇ ସତର୍କ କରାଇ ଦିଆଯାଇଛି। ଅନ୍ୟପଟରେ ସୀତାଙ୍କୁ ଅନଳା ରାମଚନ୍ଦ୍ରଙ୍କ ଅଭିନୟ ସନ୍ଦର୍ଶନ ପାଇଁ ପ୍ରରୋଚିତ କରିଛି। ବିଶ୍ୱାମିତ୍ରଙ୍କ ପ୍ରଦତ୍ତ ରାକ୍ଷସାନ୍ଧକରଣ ଖଚିତ କଙ୍କଣ ଜାନକୀ ପିନ୍ଧିଥିବାରୁ ରାକ୍ଷସମାନେ ତାଙ୍କୁ ଦେଖିପାରି ନାହାନ୍ତି। ଆଧୁନିକ ନାଟକର ବିଭିନ୍ନ ଜୋନ୍‌ରେ ମଞ୍ଚକୁ ବିଭକ୍ତ କଲାପରି ଜାନକୀ ପରିଣୟରେ ଅନୁଘଟଣା ସଂଯୋଜନା ନାଟକକୁ ଚିତ୍ତାକର୍ଷକ କରିଛି। ନାଟକରେ ସନ୍ନିବିଷ୍ଟ ଘଟଣା ଓ ଚରିତ୍ରାବଳୀ ରାମାୟଣ କାହାଣୀଠାରୁ ଅନେକ ଭିନ୍ନ। ପ୍ରତିଟି ଅଙ୍କରେ କିଛି କିଛି କାଳ୍ପନିକ ଉପଘଟଣା ସଂଯୋଜିତ। ସମ୍ପୂର୍ଣ୍ଣ ନୂତନ, ଦ୍ୱନ୍ଦ୍ୱାତ୍ମକ ଓ ନାଟକୀୟ ଘଟଣାର ଚରିତ୍ରାୟନ ନାଟକକୁ ରୁଚିକର ଓ ଆକର୍ଷଣୀୟ କରିଛି। ନାଟକରେ କ୍ଳିଷ୍ଟ ଶବ୍ଦର ପ୍ରୟୋଗ ଥିଲେ ମଧ୍ୟ ଓଡ଼ିଆ ନାଟ୍ୟରୀତିକୁ ସଂସ୍କୃତ ବା ପ୍ରାଦେଶିକ ତେଲୁଗୁର ପ୍ରତିସ୍ପର୍ଦ୍ଧୀ କରି ଗଢ଼ି ତୋଳିବାରେ ପଣ୍ଡିତଙ୍କର ସଯତ୍ନ ପ୍ରୟାସ ପ୍ରଶଂସାଯୋଗ୍ୟ।

ମୋ: ୯୪୩୭୨୫୬୧୭୬



ଜାନକୀପରିଣୟ
ନାଟକ।
ପାରଲାଖିମଣ୍ଡୀ ରାଜକଲେଜର ହେଡ୍‌ପଣ୍ଡିତ
ଶ୍ରୀ ଗୋପୀନାଥ ନନ୍ଦଶର୍ମାଙ୍କ ପ୍ରଣୀତ
ଓ
ପ୍ରକାଶିତ।
ପ୍ରଥମ ସଂସ୍କରଣ।
Printed by V. Kar.
The Utkal Sahitya Press,
CUTTACK.
1915.
ମୂଲ୍ୟ ୬୧। ମାତ୍ର।

## କବିତା

### କବିତାର କଥା

ପିନାକୀ ମିଶ୍ର

ଝଡ଼ ପଶି ଆସିଛି ଝରକାଦେଇ
କବିତାର ପ୍ରଗାଢ଼ ନୀରବତା
ଚାହିଁଛି ତାଳଗଛକୁ

ଆକାଶର କି ଯାଏ !
କି ଯାଏ ବାଉଁଶରାଣୀର
କବିତାକକ୍ଷର ଅନ୍ଧାର ବି
ଝଡ଼ସାଥେ ମିଶି କବିତାକୁ କୋରୁଥାଏ।

ଫେରିପାରୁନି ପକ୍ଷୀ– କବିତା କାଠ
ଉଡ଼ିପାରୁନି ଶାବକ– ଦୋହଲେ ମନ
ସମ୍ଭାଳିପାରୁନି ପାଦପ– ଶବ୍ଦସବୁ ବିକ୍ଷିପ୍ତ
ଝଡ଼ ବୁଝେନା
କବିତା କିଶୋରୀର ଛନ୍ଦ ଆଉ ଭେଦ।

ଝର୍କାଦେଇ କୁଆପଥର ମାଡ଼,
ମେଘମେଦୁର କେତେ କଟାକ୍ଷ,
କେତେ କୁହାର କେତେ ବାଦ,
ଆଖି କୁଞ୍ଚୁହୁଏ, ଛାତି ଧକଧକ
କବିତାକକ୍ଷରେ ଆକ୍ରାନ୍ତ ଈଶ୍ୱରୀ
ଭାବ ପହଁରିପାରେନା,
ଦୁଶ୍ଚିନ୍ତାର ଦଳ ଗୋଡ଼ ଛନ୍ଦେ,

ନ ହେଲା ନାହିଁ ଫଗୁବସନ୍ତ
କୋଇଲି ଛନ୍ଦ, ମିଥୁନ ଆନନ୍ଦ
ଝଡ଼ର ବେଗ, ତାଳଗଛ ତାଳି
ସବୁ କବିତାର ପଥରୋଧରେ
କଷିଫୁଲ ଗୁମୁରେ।
ଯେତେ ପେଶ, ଯେତେ ପକାଅ ଫାଶ
ସେ ମୁହଁମାଡ଼ି ପଡ଼ିଥିବ
ଝଡ଼ ଥମୁ
ପୁଣି ଚାଲିବ କବିତାର
କଳ୍ପଛାଇ ଛନ୍ଦ, ଦୂରନ୍ତ ଉଡ଼ାଣ।

ଝଡ଼ର ଯେତେ ଅପମାନ
ସବୁ ସହିଛି କିଶୋରୀ,
ମାଛିଅନ୍ଧାରେ ଜହ୍ନ ଆସିବ,
ବିପଦରେ ଆହାପଦ,
କ୍ଷତାକ୍ତ ନାୟିକାର
ସାରାତନୁକୁ ଆଉଁଶିଦେଇ
ଡାକିବ ନଈପାଖକୁ
ଯିଏ ଅନେଶତ ଝଡ଼ ସହି
କାଳଜିଣା ସୁନ୍ଦରୀ କବିତା ବନିଛି।

ମୋ: ୯୪୩୮୧୧୮୩୯୭

### କିଛି ବାକି ରହେ

ମଞ୍ଜୁଲତା ସିଂହ

ଅନେକ କିଛି ଲେଖିଲା ପରେ ବି
ଉତାରି ହୁଏନା ହୃଦୟର
ନିଭୃତ କୋଣେ ସଂଗୋପିତ
କିଛି କାହାଣୀର ବର୍ଣ୍ଣମାଳା...
ଯିଏ ତିଆରି ପାରେ
ଅଶ୍ରୁମୟ ଉପନ୍ୟାସଟିଏ।
ସବୁ ସାମର୍ଥ୍ୟ ସତ୍ତ୍ୱେ
ତୋଳି ହୁଏନା କଣ୍ଟା ଆଡ଼େଇ ଫୁଲ।

ସ୍ମୃତିକୁ ଜୀବନ୍ୟାସ ଦେଇ
ଜୀବନକୁ ଫେରେଇ ଦେଇ ହୁଏନା
ହଜିଲା ମଧୁମୟ ମୁହୂର୍ତ୍ତ ସବୁକୁ।
ସକଳ ପ୍ରାପ୍ତି ଭିତରେ
ମିଳେନା ଜୀବନର ଆବେଗମୟ ଛନ୍ଦ।
ସାଉଁଟି ହୁଏନା କିଛି ଟୁକୁଡ଼ା କାଚଖଣ୍ଡକୁ
କ୍ଷତାକ୍ତ ହୃଦୟ ନିଗିଡ଼ା
ରକ୍ତ ଭିଜା ପାପୁଲିରେ।

ମୁକୁଳି ଫିଟି ପଡୁଥିବା ଇଚ୍ଛାମାନେ
ଫିଟି ପାରନ୍ତିନି ବ୍ୟାଧର ଫାନ୍ଦରୁ।
ସ୍ୱପ୍ନ ସବୁ ବାଟବଣା
ଆକାଶର ନୀଳାଭ ନୀଳିମାରେ।
ଥାକ ଥାକ ସାଇତା ସ୍ମୃତିର
ଶବ୍ଦମାନେ ବନ୍ଦୀ
ନିବୁଜ କୋଠରିର କାଠ ସିନ୍ଦୁକରେ।
ଅକସ୍ମାତ୍ ଫିଟିଗଲେ
ଫୁଟି ଯାଆନ୍ତି... କଣ୍ଟାରେ
ଫୁଲ ହୋଇ ଝରିପଡ଼ନ୍ତି ପ୍ରୀତିମଗ୍ନା
ଶବ୍ଦମୟ ଝରଣା ପରି
କାଗଜର ପ୍ରଶସ୍ତ ଛାତିରେ।

ତଥାପି ମୁଁ ଅନୁଭବେ
ମୋ' ଭିତରେ
କିଛି ବାକି ରହିଯିବାର...
ଶବ୍ଦ ହୋଇ ଉତୁରି ଯିବାର
ଅସାମର୍ଥ୍ୟରେ
ମୁଁ ଏକ ଆଚ୍ଛନ୍ନ ଅନ୍ଧକାର
ପାଲଟୁଥାଏ ଦିନ ପରେ ଦିନ।

ମୋ: ୮୮୪୭୮୫୨୯୧୭

ଗୀତି କବିତା

### ମେଘମହ୍ଲାର

ଦେବେନ୍ଦ୍ର ଦାସ

ତୁମର ଆଭୂମ କେଶର ବିଳାସ
ଅନ୍ଧାରି ମାୟା କଲା
ତାକୁ ଘନ ଭାବି ଭ୍ରମରେ ମୟୂର
ପୁଚ୍ଛ ଟେକି ନାଚିଗଲା ॥୦॥

ଚମ୍ପକ ଦେହେ କଳା କୁନ୍ତଳ
କେତେ ଯେ ଉଜଳ ଦିଶେ
ଘନ କୁହୁଡ଼ିରେ ଶୁଭ୍ର ସକାଳ
ଯେମିତି ପଉଷ ମାସେ
ଏତେ ରୂପ ଭରି କେଉଁ ବିଧାତା
ତୁମକୁ ଯେ ଗଢ଼ି ଦେଲା ॥୧॥

ଧୀର ସମୀରଣେ ଦୋହଲି ଗଲେ ସେ
ପୁରୁଷ ଅଳକ ରାଶି
ଭ୍ରମରେ ଭ୍ରମରା ଉଡ଼ି ଉଡ଼ି ଆସି
ସେହିଠାରେ ଯାଏ ବସି
ଏତେ କେତେ ଭଲ ରୂପର ମାଧୁରୀ
ତା'ର କି ତୁଳନା ହେଲା ॥୨॥

ମୋ: ୯୭୭୭୭୨୫୮୧୨

## ପୁସ୍ତକ ପରିଚୟ

### ଜୀବନ ଯେମିତି



**କବି:** ପ୍ରଦୀପ ବିଶ୍ୱାଳ
**ପ୍ରକାଶକ:** ଶାଳନ୍ଦୀ ବୁକ୍ସ, ଜଗନ୍ନାଥ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୭୦/-

ମୋଟ ୩୨ଟି କବିତା ଆଲୋଚ୍ୟ କାବ୍ୟଗ୍ରନ୍ଥରେ ସ୍ଥାନିତ। 'ନିଜକଥା'ରେ କବି କହିଛନ୍ତି: ''କବିତା ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ହେବା କଥା। ତାକୁ ଜାଣିଶୁଣି କ୍ଳିଷ୍ଟ ଓ ଉଭଟ କରିବାର ଅର୍ଥ କିଛି ନାହିଁ। ମୋ' କବିତାରେ ମାର୍ଗ ସେଇ ଅନୁସାରେ ବାଛି ନେଇଥିଲି।'' ଆହୁରି ବି କହିଛନ୍ତି: ''ଜଣେ ସଚ୍ଚା କବି ଏକାଧାରରେ ପ୍ରେମିକ, ପୁଣି ବିଦ୍ରୋହୀ ଏବଂ ସର୍ବୋପରି ସନ୍ନ୍ୟାସୀ ହେବାକୁ ବାଧ୍ୟ। x x ମୋ' ଭିତରେ ମୁଁ ଏହା ଅନୁଭବ କରିଛି।'' ନିଜ କବିତାର ଅଙ୍ଗ ଓ ଆତ୍ମା ବିଷୟରେ ପ୍ରଦୀପ ଯାହା କହିଛନ୍ତି, ତାହା କିପରି ତାଙ୍କର ଏହି କବିତା ପୁସ୍ତକରେ ରୂପ ଘେନିଛି ତାହା ବିଚାରର ବିଷୟ। ବହି ଭିତରୁ ଏଥର ଆମେ ଦୁଇଟି ଉଦାହରଣ ନେବା। ୧. ''କଥା ଥିଲା/ ଯିବା ବଦ୍ରୀନାଥ/ କରିବା ତର୍ପଣ।/ ସବୁ କିଛି ହୁଏ ନାହିଁ/ ଆମ ଇଚ୍ଛା ମତେ/ କେହି ଜଣେ ବାଟ ଓଗାଳେ ଆମର।'' ('ଯିବାକୁ ଅଛି'– ପୃ: ୭୦) ୨. ''କାମନା ରହିତ/ ଜୀବନଟେ ପାଇଁ/ ଏତେ କୃଚ୍ଛ୍ର ସାଧନା/ ଏ ବି ତ ଗୋଟେ କାମନା/ ମହାଭାଗ।'' ('ସିଦ୍ଧାର୍ଥ'– ପୃ: ୮୭)। ଏହିପରି ବହିଟିର ପ୍ରାୟ କବିତାର ଭାଷା ଓ ଭଙ୍ଗୀ ସରଳ ଅଥଚ ଭାବଗର୍ଭୀ, ବକ୍ତବ୍ୟ ଶାଣିତ ଓ ଜୀବନମୁଖୀ। ରେଡିଓ, ସାଇକେଲ, କଲମ, ଘଣ୍ଟା, ଚଷମା, ଟୋପି, ଛତା ଓ ଜୋତା ଆଦିକୁ ନେଇ ହେଉ ବା ମେଘ, ବୋଉ, ଆକାଶ ବା ଅଯୋଧ୍ୟାକୁ ନେଇ ହେଉ; କବିତା ମାତ୍ରକେ ହୋଇଉଠିଛି ଆବେଦନମୁଖର। 'ଜୀବନ ଯେମିତି' କବିତା ବହିଟି ପାଠିକାପାଠକଙ୍କ ମହଲରେ ଯେ ଆଦୃତ ହେବ– ଏହି ଆସ୍ଥା ରଖିହେବ।

### ଅରୋଭୂମି



**ସମ୍ପାଦନା:** ହୃଷୀକେଶ ମଲ୍ଲିକ
**ପ୍ରକାଶକ:** 'ସାନନ୍ଦ', ଶ୍ରୀଅରବିନ୍ଦ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ନିଃଶୁଳ୍କ

'ଶ୍ରୀଅରବିନ୍ଦ ନଗରାଞ୍ଚଳ ପ୍ରତିବେଶ ଉନ୍ନୟନ ସଂଘ, ଭୁବନେଶ୍ୱର'ର ବାର୍ଷିକ ମୁଖପତ୍ର 'ଅରୋଭୂମି: ୨୦୨୩' ପ୍ରକାଶ ପାଇଛି। ଏଥିରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ବହୁ କାଳଜୟୀ ଲେଖା (ଉଭୟ ଇଂଲିଶ୍ ଓ ଓଡ଼ିଆରେ) ସ୍ଥାନିତ ହେବା ସହ ଅନ୍ୟ ଯେଉଁ ବିଶିଷ୍ଟ ମାତୃପ୍ରେମୀ ଲେଖକଙ୍କର ଲେଖା ପ୍ରକାଶ ପାଇଛି, ସେମାନେ ହେଲେ– ଶ୍ରୀ ନଳିନୀକାନ୍ତ ଗୁପ୍ତ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ଶ୍ରୀ ଗଣେଶୀ ଲାଲ୍, ଲଳିତ ମୋହନ ଘୋଷ, ଚନ୍ଦ୍ରଶେଖର ରଥ, ମହେନ୍ଦ୍ର ସ୍ୱାଇଁ, ଇଂ. ସୁବାସ ଚନ୍ଦ୍ର କର, ପ୍ରଫେସର ଶରତ ଚନ୍ଦ୍ର ରଥ, ପ୍ରପତ୍ତି, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ବିଶ୍ୱଜିତ୍ ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର, ମଧୁସୂଦନ ମିଶ୍ର, ସାନ୍‌ଭି ପାଲ୍ ଓ ରୀତେଶ ମହାପାତ୍ର ପ୍ରମୁଖ। ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ନାନା ସାମାଜିକ ସଙ୍କଟର ସମାଧାନ ଦିଗରେ ତାଙ୍କର ଦିବ୍ୟଦୃଷ୍ଟିସମ୍ପନ୍ନ ବିଚାର ସମ୍ପର୍କରେ ପାଠକେ ପତ୍ରିକାଟିରୁ ବହୁ ମୂଲ୍ୟବାନ ତଥ୍ୟ ପାଇପାରିବେ। କଟକ ଜିଲାରେ ଅବସ୍ଥିତ 'ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ'ର ବୈଶିଷ୍ଟ୍ୟ ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳସଚିବ ମଧୁସୂଦନ ମିଶ୍ର ଲେଖିଥିବା ଲେଖାଟି ଏକବିଂଶ ଶତାବ୍ଦୀର ପୃଥିବୀରେ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ଯୁଗୋପଯୋଗୀ କରାଇବା କ୍ଷେତ୍ରରେ ସ୍ୱାମୀ ଶ୍ରୀ କୃପାଳୁଜୀ ମହାରାଜଙ୍କ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଛି। ମୁଖପତ୍ରର ସମ୍ପାଦନା କରିଛନ୍ତି ଡ. ହୃଷୀକେଶ ମଲ୍ଲିକ ଓ ଅନୁଷ୍ଠାନର ସଭାପତି– ଅଭିବ୍ୟକ୍ତି ଉପସ୍ଥାପନ କରିଛନ୍ତି 'ସାନନ୍ଦ'ର ସଭାପତି ଧୀରେନ୍ କୁମାର ବାରିକ। କାର୍ଯ୍ୟକାରୀ ସମ୍ପାଦକ ଅଛନ୍ତି ଅଭିମନ୍ୟୁ ଦାଶ ଓ ପ୍ରଚ୍ଛଦ ଆଙ୍କିଛନ୍ତି ପ୍ରଭଞ୍ଜନ ମହାନ୍ତି। ଉତ୍ତର-ଭୁବନେଶ୍ୱରର ଆବାସିକ-ମୁଖପତ୍ରଗୁଡ଼ିକ ମଧ୍ୟରେ 'ଅରୋଭୂମି'ର ସ୍ୱାତନ୍ତ୍ର୍ୟ ଅନୁସରଣୀୟ ହୋଇପାରିଛି।

## ଠିକଣା

ଶ୍ରୀମତୀ ରାଧାରାଣୀ ତ୍ରିପାଠୀ

ମିନି ଗଳ୍ପ

ମୁଁ ରହିବାର ଦୁଇମାସ ପରେ ମୋ' ସରକାରୀ କ୍ୱାର୍ଟର୍ସର ପାଖ କ୍ୱାର୍ଟର୍ସକୁ ମୋ' ଉପରିସ୍ଥ କର୍ମଚାରୀ ଜଣେ ରହିବାକୁ ଆସିଲେ। ଏଠାକୁ ଆସିବା ପୂର୍ବରୁ କ୍ୱାର୍ଟର୍ସଟା ଏକପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଥିଲା। ଚାରିଆଡ଼େ କୁଢ଼କୁଢ଼ ଅଳିଆ ଆବର୍ଜନା ଆଉ ଅଗଣାସାରା ଅରମା ବଣରେ ଭରପୂର। କ୍ୱାର୍ଟର୍ସ ପରିସରକୁ ଦି' ମାସ ଲାଗି ମଣିଷ ବାସୋପଯୋଗୀ କରିପାରିଥିଲି ମୁଁ।

'ଆଚ୍ଛା ତ୍ରିବେଦୀବାବୁ! ଆପଣ ମୋତେ ଟିକିଏ ସାହାଯ୍ୟ କରିବେ। ଏଇ ଅଞ୍ଚଳର ପରିବେଶ ପରିସ୍ଥିତି ସହ ବିଲ୍‌କୁଲ୍ ଅପରିଚିତ ମୁଁ। ପ୍ଲିଜ୍ ମୋତେ ଅବଗତ କରାଇବେ ଏଠାକାର ସମସ୍ତ ଅସୁବିଧା ସୁବିଧା ବିଷୟରେ।' ଉପରିସ୍ଥ କର୍ମଚାରୀ ଜଣକ ମୋତେ ପରାମର୍ଶ ମାଗିଲେ।

ମୁଁ ଖୁସିରେ ରାଜି ହୋଇଗଲି। ଏଠାକାର ପରିବେଶ ପରିସ୍ଥିତି ବିଷୟରେ ମୁଁ ଯାହା ଜାଣିଥିଲି ସବୁକଥା କହିଗଲି। କାହା ସହିତ ସମ୍ପର୍କ ରଖିଲେ ଭଲ, କାହାଠୁ ଦୂରେଇ ରହିବା ଉଚିତ, କେଉଁଆଡ଼େ ଗଲେ ବିପଦ ଅଛି, ଏପରିକି କେଉଁ ଅଞ୍ଚଳରେ ରାଣୀ ମହୁମାଛିଙ୍କ ଭିଡ଼ ଲାଗେ ବୋଲି ସହରରେ ଜାଣିବା ଶୁଣିବା ମହଲରେ ଚର୍ଚ୍ଚା ହୁଏ। ସେସବୁ ତାଙ୍କୁ ଗୋଟିଗୋଟି କରି ଅବଗତ କରେଇଲି। ବଡ଼ ଆଗ୍ରହରେ ମୋ' କଥା ଶୁଣୁଥିଲେ ସେ। ମଝିରେ ମଝିରେ କିଛି ଟୀକାଟିପ୍ପଣୀ ବି କରୁଥିଲେ।

ଇତିମଧ୍ୟରେ କିଛିଦିନ ବିତିଗଲା। ମୋ' ଅଫିସ୍ କାମକୁ ନେଇ ବ୍ୟସ୍ତଥିଲି ମୁଁ। ଉପରିସ୍ଥ କର୍ମଚାରୀ ଜଣକ ବି ତାଙ୍କ କାମରେ ବ୍ୟସ୍ତ। କେତେବେଳେ କେମିତି ଦେଖାହେଲେ ପଦେଅଧେ କଥା ଯାହା ସାର। 'ଏଇ କିଛିଦିନ ହେଲା ପଡ଼ୋଶୀ କର୍ମଚାରୀଙ୍କ କ୍ୱାର୍ଟର୍ସକୁ ନହେଲା ଲୋକ ସବୁ ଆସୁଛନ୍ତି କୋଉଠୁ କୋଉଠୁ। ତୁମେ ତ ଘରେ ରହୁନ। କୋଉଠି କ'ଣ ହେଉଛି ଜାଣିବ କେମିତି? ତୁମେ ଯାହା କହିଲେ କୁହ ଶ୍ରୀମାନ୍, କାହିଁକି ଯେ ତୁମ ଉପରିସ୍ଥ



କର୍ମଚାରୀ ଜଣକ ଭଲଲୋକ ପରି ଲାଗୁନି ମୋତେ।' ଦିନେ ଶ୍ରୀମତୀ କହିଲେ।

'ହଉ ଦେଖିବା, ବୁଝିବା।' କଥାଟାକୁ ହାଲୁକା କରିବା ପାଇଁ ମୁଁ କହିଲି। 'ଲୋକଟା ସେମିତି କିଛି ଖରାପ କାମ କରୁଥିବା ପରି ତ ମୋତେ ଲାଗୁନି। ତା'ପରେ ଆମର ତ ଲୋକସମ୍ପର୍କ ଚାକିରି। ଏମିତି କେତେ ଲୋକଙ୍କ ସହିତ ଦେଖାସାକ୍ଷାତ୍ ହୁଏ ନିତିଦିନ। କାଳେ କାହାର କିଛି କାମ ଥିବ ବାବୁଙ୍କ ପାଖରେ। ସମସ୍ତଙ୍କୁ ଏମିତି ସନ୍ଦେହ ଦୃଷ୍ଟିରେ ଦେଖିଲେ ଏଇ ଦୁନିଆରେ କ'ଣ ଚଳିହେବ?'

'ହଁ ଯେ... ତୁମେ ଭଲ ଲୋକ ବୋଲି ଦୁନିଆର ସବୁଲୋକ ଯେ ନିଶ୍ଚିତ ରୂପେ ଭଲ ହେବେ, ତା'ର କିଛି ଗ୍ୟାରେଣ୍ଟି ଅଛି କି? ଆଜିକାର ଲୋକେ କୋଉଠୁ ଯାଇ କୋଉଠି ପହଞ୍ଚିଲେଣି, ହେଲେ ତୁମର ସେଇ ମାନ୍ଧାତା ଯୁଗର ବିଚାର ଗଲାନାହିଁ। ସେଇଟା ପୁଣି କ'ଣ ନା 'ଆପେ ଭଲ ତ ଦୁନିଆ ଭଲ'। ହୁଁ... ଭଲ ନା ଛେନାଗୁଡ଼! ବିରକ୍ତିରେ ମୁହଁ ଛିଞ୍ଚାଡ଼ି କହିଲେ ଶ୍ରୀମତୀ।

ଶ୍ରୀମତୀଙ୍କୁ ଆଉ ଅଧିକ କିଛି ନ କହି ଚୁପ୍ ରହିଲି ମୁଁ ସେଦିନ। ହେଲେ ସେଇ ଦିନଠୁ ଆମ ଉପରିସ୍ଥ କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖିବା ଆରମ୍ଭ କରିଦେଲି ତାଙ୍କ ଅଲକ୍ଷ୍ୟରେ। ଦିନେ ରାତିରେ ଆମ ଉପରିସ୍ଥ କର୍ମଚାରୀଙ୍କ କ୍ୱାର୍ଟର୍ସ ଭିତରୁ କିଛି ଚାପା କଣ୍ଠସ୍ୱର ସାଙ୍ଗକୁ ଖିଲିଖିଲି ହସ ଭାସି ଆସୁଥିବା ଲକ୍ଷ୍ୟକଲି। ଚୁପ୍‌ଚାପ୍ ପାଦ ଚିପିଚିପି ତାଙ୍କ କ୍ୱାର୍ଟର୍ସର ଝରକା ଫାଙ୍କରେ ଦେଖେ ତ ବାବୁଙ୍କ ଚଉକତି ଲାଗିଛି ଆମ ଅଞ୍ଚଳର ମାର୍କାପିଟା ରାଣୀ ମହୁମାଛିଙ୍କ ଭିଡ଼।

ଏସବୁ ଦେଖି କାନମୁଣ୍ଡା ମୋର ଝାଇଁଝାଇଁ କରିବାକୁ ଲାଗିଲା। ତା'ହେଲେ ଶ୍ରୀମତୀଙ୍କ କଥାଟା ସତ। କେବେଠୁ ଆମ ସହରର ସବୁତକ ରାଣୀ ମହୁମାଛି ତାଙ୍କ ବସା ବଦଳାଇ ଆମ ଉପରିସ୍ଥ କର୍ମଚାରୀଙ୍କ କ୍ୱାର୍ଟର୍ସରେ ଆସ୍ଥାନ ଜମାଇ ସାରିଲେଣି। ଆଉ ଆମକୁ ବିନ୍ଦୁବିସର୍ଗ କିଛି ବି ଜଣାନାହିଁ? ହେଲେ ଏବେ ଉପାୟ କ'ଣ? ଭୁଲ୍ ତ କରିସାରିଛି। ଅଜାଣତରେ ମୋ' ହୃଦୟ ଭିତରୁ ପଶ୍ଚାତାପର ସ୍ୱର ବାହାରିପଡ଼ିଲା। ମନେମନେ ନିଜକୁ ନିଜେ କହିବାକୁ ଲାଗିଲି ''ତା'ହେଲେ ଶାଗୁଣାକୁ ମୁଁ ଶବର ଠିକଣା ଦେଇଦେଲି... ?''

ମୋ: ୮୨୪୯୮୦୭୨୬୭

## କାଳକାଳକୁ

''କୂଳରେ ଠିଆହୋଇ କେବଳ
ପାଣିକୁ ଚାହିଁ ରହିଲେ
କେହି ସମୁଦ୍ର ଲଂଘିପାରେ ନାହିଁ।''
– ରବୀନ୍ଦ୍ରନାଥ ଠାକୁର



**ରବୀନ୍ଦ୍ରନାଥ ଠାକୁରଙ୍କ** ଜନ୍ମ ୭ ମେ ୧୮୬୧ରେ ଓ ପରଲୋକ ୭ ଅଗଷ୍ଟ ୧୯୪୧ରେ, କଲିକତାରେ। ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର, ଗୀତିକାର ଓ ଚିତ୍ରଶିଳ୍ପୀ ଏହି ବିଶାଳଚେତା ଲେଖକ ବଙ୍ଗଳା ସାହିତ୍ୟରେ ଏକ ନୂତନ ଗଦ୍ୟ ଓ ପଦ୍ୟ ରୀତିର ପ୍ରବର୍ତ୍ତକ ଥିଲେ। ବଙ୍ଗଳା ସାହିତ୍ୟରେ ଗ୍ରାମୀଣ ଭାଷାର ବ୍ୟବହାର କ୍ଷେତ୍ରରେ ସେ ଥିଲେ ବଙ୍ଗ ସାହିତ୍ୟିକଙ୍କ ମଧ୍ୟରେ ଅଗ୍ର ସ୍ମରଣୀୟ ଓ ଅନତିକ୍ରମଣୀୟ। ବିଶ୍ୱ ସାହିତ୍ୟକୁ ଯୁଗାନ୍ତକାରୀ ଅବଦାନ ପାଇଁ ୧୯୧୩ରେ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର। ପୁରସ୍କୃତ ପୁସ୍ତକ ଥିଲା ୧୯୧୨ରେ ରଚିତ 'ଗୀତାଞ୍ଜଳି'। ବ୍ରିଟିଶ୍ ସରକାର ତାଙ୍କୁ ୧୯୧୫ରେ 'ନାଇଟ୍ ହୁଡ୍' ସମ୍ମାନରେ ଭୂଷିତ କରିଥିଲେ ବି ୧୯୧୯ରେ ପଞ୍ଜାବର ଅମୃତସରରେ ସଂଘଟିତ ବର୍ବର ଜାଲିଆନାୱାଲାବାଗ୍ ଗଣହତ୍ୟାର ପ୍ରତିବାଦରେ ତାହା ସେ ଫେରାଇ ଦେଇଥିଲେ। ରବୀନ୍ଦ୍ରନାଥ କହୁଥିଲେ– ''ବିଶ୍ୱାସ ଏକ ପକ୍ଷୀ, ଯିଏ ଆଲୋକକୁ ଅନୁଭବେ ଓ ଅନ୍ଧାର ଆହୁରି ବାକିଥିବା ପ୍ରତ୍ୟୁଷରେ ଗୀତଗାଏ।''

## କୁନିଫୁଲର ମହତଭାବ

ଲଘୁଗଳ୍ପ

ଦେବେନ୍ଦ୍ର କର

ମହମହ ବାସ୍ନାରେ କୁନିଫୁଲଟି ଚତୁର୍ଦ୍ଦିଗ ମହକାଇ ଦେଉଥାଏ। ଆଜି ସେ ଦିଅଁଙ୍କ ପାଖରେ ଲାଗିବ। ଫୁଲଚାଙ୍ଗୁଡ଼ିରେ ସାଙ୍ଗସାଥୀଙ୍କ ସହିତ ବାହାରି ପଡ଼ିଥାଏ ମନ୍ଦିର ଅଭିମୁଖେ। ମନରେ ତା'ର ଅଫୁରନ୍ତ ଆନନ୍ଦ। ସ୍ୱଚ୍ଛ ଧବଳ ରଙ୍ଗ, ହଳଦୀ ଟହଟହ ପରାଗ ରେଣୁ। ଶାନ୍ତ, କୋମଳ ନିଷ୍କପଟ ଚାହାଣି। ସକାଳର କାକରବୁନ୍ଦା ସ୍ପର୍ଶରେ ତା'ର ପ୍ରତିଟି ପାଖୁଡ଼ା ମୋତି ପରି ଚିକ୍‌ମିକ୍ ଦିଶୁଥାଏ। ଧୀରେଧୀରେ କୁନିଫୁଲର ଆଗ୍ରହ ଉତ୍କଣ୍ଠା ବଢ଼ୁଥାଏ। କଡ଼ିଟିବେଳୁ ଶୁଣିଛି ଭାଗ୍ୟରେ ଥିଲେ କୁଆଡ଼େ ଦିଅଁଙ୍କ ପାଖରେ ସ୍ଥାନ ମିଳେ। ଚାହୁଁ ଚାହୁଁ ଶୁଭକ୍ଷଣର ଆଗମନ ହେଲା। ପ୍ରଭୁଙ୍କ ଗର୍ଭଗୃହରେ ତା'ର ପାଦ ପଡ଼ିଲା। ପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରି କୁନିଫୁଲର ମନ ପ୍ରାଣ ମୁଗ୍ଧ ହୋଇଗଲା।

ମନେମନେ କହୁଥାଏ ଏ ଜଗତର ସ୍ରଷ୍ଟା ସତରେ କେଡ଼େ ସୁନ୍ଦର! ଶାନ୍ତ, ସୁନ୍ଦର କମନୀୟ ରୂପକାନ୍ତି। ହାତରେ ଶସ୍ତ୍ର, ଗଳାରେ ଅଳଙ୍କାର, ଶରୀରରେ ବିବିଧ ରଙ୍ଗର ବସ୍ତ୍ର ଆଉ ପାର୍ଶ୍ୱରେ କେତେ ଦେବଦେବୀ। ସେବକ ମହାଶୟ କୁନିଫୁଲଟିକୁ ପ୍ରଭୁଙ୍କ ମଥାରେ ସ୍ଥାନ ଦେଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନିରେ ଗର୍ଭଗୃହ କମ୍ପିଉଠିଲା।

ତା' ସାଙ୍ଗକୁ ଚନ୍ଦନ, ଧୂପଦୀପ, କର୍ପୂର ମହକ। ପୂଜକ ମହାଶୟଙ୍କ ମନ୍ତ୍ର ଉଚ୍ଚାରଣ କୋଣ ଅନୁକୋଣକୁ ଛୁଇଁଗଲା। ଦୀପ ଆଲୋକରେ ପ୍ରଭୁଙ୍କ ମୁଖମଣ୍ଡଳ ସ୍ୱର୍ଣ୍ଣ ପରି ଝଲସି ଉଠିଲା। ଭକ୍ତିମୟ ହୋଇଉଠିଲା ସମଗ୍ର ମନ୍ଦିର ଆଉ ଏହାର ଚତୁଃପାର୍ଶ୍ୱ। ଭକ୍ତଗଣ ଧାଡ଼ିବାନ୍ଧି ଛୁଟି ଆସିଲେ। କୁନିଫୁଲର ଆଗ୍ରହ ଉତ୍କଣ୍ଠା ଧୀରେଧୀରେ ତୁଟି ଆସିଲା। ଏବେ ସେ ଖୁବ୍ ଅଣନିଃଶ୍ୱାସି ଅନୁଭବ କଲା। ନିରୁପାୟ ହୋଇ କୁନିଫୁଲଟି କଇଁକଇଁ ହୋଇ କାନ୍ଦିଲା।



ଭଗବାନ୍ ତା' କାନ୍ଦ ସହି ନ ପାରି ପ୍ରଶ୍ନ କଲେ– ତୁମେ କାନ୍ଦୁଛ କାହିଁକି? କୁନିଫୁଲ କହିଲା– ପ୍ରଭୁ, ଭକ୍ତର ମନ ପ୍ରାଣ ଆଜି କାମନାରେ ପରିପୂର୍ଣ୍ଣ। ଦିଅଁଙ୍କ ଗୃହରେ କେବଳ ଦିଅ ଦିଅ ସ୍ୱର ଗୁଞ୍ଜରିତ ହେଉଛି। ଦୁନିଆଯାକର ଲୁହ, କୋହ, ଦୁଃଖ, କ୍ଷୋଭ ଆଜି ତୁମ ଚତୁଃପାର୍ଶ୍ୱରେ ପରିପୂର୍ଣ୍ଣ। ଏସବୁ ତ ମତେ ଆବର୍ଜନା ପରି ପ୍ରତୀୟମାନ ହେଉଛି।

ଆପଣ ତ ସଭିଙ୍କର ପାଳନକର୍ତ୍ତା, ରକ୍ଷାକର୍ତ୍ତା ଓ ଶୁଭଚିନ୍ତକ। ସବୁ ପରେ ବି ଆପଣଙ୍କ ପ୍ରତି ଏତେ ଅବିଚାର କାହିଁକି? କର୍ମ ଅନୁଯାୟୀ ଫଳ ତ ପୂର୍ବ ନିର୍ଦ୍ଧାରିତ। ଏଠି ଆପଣ ଦୋଷୀ ହେଲେ କିପରି?

ସବୁ କଥା ଶୁଣି ଭଗବାନ୍ ଅଳ୍ପ ହସି କହିଲେ– ତୁମେ କୁନି ଅଥଚ ତୁମ ଭାବନା ଖୁବ୍ ଉଚ୍ଚ। ସମସ୍ତେ ଯଦି ତୁମ ପରି ଭାବିବେ ଏ ଜଗତରୁ ଦୁଃଖ ସମସ୍ୟା ନିମିଷକ ମଧ୍ୟରେ ଦୂର ହୋଇଯିବ। ମୋହ, ମାୟା, କାମନାରେ ବଶୀଭୂତ ଏ ଦୁନିଆ। ମଣିଷ ସବୁ ଜାଣି ବି ଅଭିନୟ କରୁଚି। ଆଉ ମନୁଷ୍ୟ ଯାହାକୁ ସମସ୍ୟା କହି ବ୍ୟତିବ୍ୟସ୍ତ ହେଉଛି ଏସବୁ ତ ଜୀବନର ଅଂଶ ମାତ୍ର। ଭଲା ଜୀବନର ଅଂଶକୁ ବାଦ୍ ଦେଇ କ'ଣ ଜୀବନ ନିର୍ବାହ ସମ୍ଭବ। ମଣିଷ ଯାହା ଚାହେଁ ତାହା ପାଏନି, ଯାହା ତା' ପାଇଁ ଉପଯୁକ୍ତ ମୁଁ ତାହା ହିଁ ପ୍ରଦାନ କରେ। ହେଲେ ନିର୍ବୋଧ ମଣିଷ କ'ଣ ବୁଝିପାରୁଚି। ଭଗବାନ୍ ପୁଣି କହିଲେ– ମନରୁ ଭୟ, ଘୃଣା, ଅସନ୍ତୋଷ ଭାବ ପରିହାର କରିନିଅ। ଜୀବନ ସ୍ୱଳ୍ପ ସମୟର, ଆଉ ପ୍ରତ୍ୟେକ କ୍ଷଣ ପାଇଁ ଲୋଡ଼ା କେବଳ ତ୍ୟାଗ, ସମର୍ପଣ ଓ ସେବା ମନୋବୃତ୍ତି। ନିଜ ପାଇଁ ନୁହେଁ ଯିଏ ଅନ୍ୟ ପାଇଁ ବଞ୍ଚେ, ତା' ଜୀବନ ହୁଏ ସାର୍ଥକ। ସବୁ କଥା ଶୁଣି କୁନିଫୁଲ ମୁହଁରେ ହସ ଫୁଟିଉଠିଲା। ଏବେ ସେ ଭଗବାନ୍‌ଙ୍କ ନାମ ଜପିବାକୁ ଲାଗିଲା। ତା' ସ୍ୱରରେ ଭରି ରହିଥିଲା ଗଭୀର ଭକ୍ତିଭାବ।

ମୋ: ୯୯୩୭୯୬୩୯୧୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୬/୨୦୨୩ Bhubaneswar, Saturday, May 6/ 2023

# ଗୁଜରାଟ ଟାଇଟନ୍ସର ବୃହତ୍ ବିଜୟ

**ଜୟପୁର,୫ା୫**

ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ରେ ୪୮ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୯ ଉଇକେଟରେ ହରାଇ ବୃହତ ବିଜୟ ହାସଲ କରିଛି ଗୁଜରାଟ ଟାଇଟନ୍ସ। ରଶିଦ୍ ଖାନ୍ ଓ ନୁର୍ ଅହମଦଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ୧୭.୫ ଓଭରରେ ୧୧୮ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୧୩.୫ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ୍

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
ସ୍ଥାନ:ଦିଲ୍ଲୀ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ହାସଲ କରି ନେଇଥିଲା ଗୁଜରାଟ। ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ରିୟାନ୍ ପରାଗ ଓ ମୋହିତ ଶର୍ମାଙ୍କ ସ୍ଥାନରେ ଶୁବମାନ୍ ଗିଲ୍‌ଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳାଇଥିଲା।

ରାଜସ୍ଥାନ ପକ୍ଷରୁ ଅଧିନାୟକ ସଞ୍ଜୁ ସାମ୍ସନ୍ ସର୍ବାଧିକ ୩୦ ରନ୍ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ୧୪, ଦେବଦତ୍ତ ପଡିକଲ୍ ୧୨ ଓ ଟ୍ରେଣ୍ଟ ବୋଲ୍ଟ ୧୫ ରନ୍ କରିଥିଲେ। ସାମସନ୍ ୨୦ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଏକଦା ୪୭ ରନ୍‌ରେ ଗୋଟିଏ ଉଇକେଟ ହରାଇଥିବା ରାଜସ୍ଥାନ ୭୭ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା।ଦଳର ୭ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ରଶିଦ୍ ୧୪ ରନ୍‌ରେ ୩ ଓ ନୁର୍ ୨୫ ରନ୍‌ରେ ଦୁଇ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋଶୁଆ ଲିଟଲ, ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୧୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ପକ୍ଷରୁ ଶୁବମାନ ଗିଲ୍ ଓ ରିଦ୍ଧିମାନ ସାହା ପ୍ରଥମ ଉଇକେଟରେ ୭୧ ରନ୍ ଯୋଡିଥିଲେ। ଗିଲ୍ ୩୫ ବଲ୍ ଖେଳି ୩୬ ରନ୍ କରିଥିବା ବେଳେ ସାହା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ବିଜୟୀ କରିଥିଲେ। ୩୪ ବଲ୍ ଖେଳି ୫ ଚୌକା ସହିତ ସାହା ୪୧ ରନ୍ କରିଥିବା ବେଳେ ପାଣ୍ଡ୍ୟା ୧୫ ବଲ୍‌ରୁ ୩ଟି ଲେଖାଏ ଛକା ଓ ଚୌକା ସହ ୩୯ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରଶିଦ୍ ଖାନ୍।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୧୪ | +୦.୭୫୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୪ | ୧୧ | +୦.୩୨୯ |
| ରାଜସ୍ଥାନ ରୟାଲ୍ସ | ୧୦ | ୫ | ୫ | ୧୦ | +୦.୪୪୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | -୦.୩୭୩ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୧୭.୫ ଓଭରରେ ୧୧୮/୧୦ (ସଞ୍ଜୁ ସାମସନ୍-୩୦, ଟ୍ରେଣ୍ଟ ବୋଲ୍ଟ-୧୫, ଯଶସ୍ୱୀ ଜୟସ୍ୱାଲ-୧୪, ରଶିଦ୍ ଖାନ୍-୩/୧୪, ନୁର ଅହମ୍ମଦ-୨/୨୫)। ଗୁଜରାଟ ଟାଇଟନ୍ସ ୧୩.୫ ଓଭରରେ ୧୧୯/୧( ରିଦ୍ଧିମାନ ସାହା-୪୧*, ହାର୍ଦ୍ଦିକ୍ ପାଣ୍ଡ୍ୟା-୩୯*, ଶୁବମାନ ଗିଲ୍-୩୬, ଯୁଜବେନ୍ଦ୍ର ଚହଲ-୧/୨୨)।


ସ୍ତ୍ରୀ ଅଞ୍ଜଳି ଓ ଝିଅ ସାରାଙ୍କ ସହ ରୋଷେଇ କରୁଛନ୍ତି ସଚିନ ତେନ୍ଦୁଲକର।

# ଚୁଲିରେ ରୋଷେଇ କଲେ ସଚିନ୍ ତେନ୍ଦୁଲକର

**ମୁମ୍ବାଇ,୫ା୫**

କ୍ରିକେଟର ଭଗବାନ ତଥା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ଚୁଲିରେ ରୋଷେଇ କରିଛନ୍ତି। ନିକଟରେ ସେ ନିଜର ୫୦ ତମ ଜନ୍ମ ଦିବସ ପାଳନ କରିଥିଲେ। ଏହି ଅବସରରେ ନିଜ ଗ୍ରାମରେ ସେ ଏକ କାଠ ଚୁଲିରେ ରୋଷେଇ କରିଥିଲେ। ଶୁକ୍ରବାର ତେନ୍ଦୁଲକର ନିଜ ଟୁଇଟର ଆକାଉଣ୍ଟରେ ଏହି ଫଟୋ ଶେୟାର କରିଥିଲେ। ଏହା ସହିତ କ୍ୟାପ୍‌ଶନ୍ ଲେଖିଥିଲେ 'ଜୀବନରେ ତୁମେ ସବୁଦିନ ଅର୍ଦ୍ଧଶତକ ମାରିବାର ସୁଯୋଗ ପାଇ ନଥାଅ, ନିଜ ଲୋକଙ୍କ ସହିତ ହିଁ ଏହାର ମଜା ଉଠାଇ ହୁଏ। ନିକଟରେ ଏମିତି ଏକ ଅର୍ଦ୍ଧଶତକର ମଜା ମୁଁ ଗାଁର ନିରୋଳା ପରିବେଶରେ ନେବାରେ ସମର୍ଥ ହେଲି। ଏହି ଫଟୋରେ ସଚିନଙ୍କ ସହିତ ପତ୍ନୀ ଅଞ୍ଜଳି ଓ ଝିଅ ସାରା ନଜର ଆସିଥିଲେ। ଏହା ସହ ସେ କ୍ୟାପସନ୍‌ରେ ଅର୍ଜୁନଙ୍କୁ ମିସ୍ କରୁଥିବା ମଧ୍ୟ ଉଲ୍ଲେଖ କରିଛନ୍ତି।

# ଇଣ୍ଡିଆନ୍ ଓମେନ୍ସ ଲିଗ୍: ଓଏଫ୍‌ସିର ବୃହତ୍ ବିଜୟ

## ବାଲା, ମାଳତୀ, କରିସ୍ମାଙ୍କ ଡବଲ ଗୋଲ


ଓଡ଼ିଶା ଏଫ୍‌ସି ଓ ଚର୍ଚ୍ଚିଲ ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର,୫ା୫(ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)ର ବୃହତ୍ ବିଜୟ ହୋଇଛି। ଶୁକ୍ରବାର ଶାହିବାଗରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୦-୦ ବୃହତ୍ ବ୍ୟବଧାନରେ ଜିତି ନେଇଥିଲା। ଓଏଫ୍‌ସି ପକ୍ଷରୁ ଅଧିନାୟିକା ନାନ୍‌ଗୋମ୍ ବାଲା ଦେବୀ (୬, ୨୧ ମିନିଟ), ମାଳତୀ ମୁଣ୍ଡା (୬୫, ୯୦+୧ ମିନିଟ) ଓ କରିସ୍ମା ଓରାମ(୧୮ଓ ୪୫+୩) ମିନିଟରେ ଡବଲ ଗୋଲ ସ୍କୋର କରିଥିଲେ।

ଶୁକ୍ରବାର ମ୍ୟାଚ ଆରମ୍ଭରୁ ଓଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚର ଷଷ୍ଠ ମିନିଟରେ ବାଲା ଦେବୀ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ୬ ମିନିଟ ପରେ ଯଶୋଦା ମୁଣ୍ଡାଙ୍କ ଗୋଲରେ ଓଏଫ୍‌ସି ୨-୦ରେ ଆଗୁଆ ହୋଇଥିଲା। ୧୮ ତମ ମିନିଟରେ ଡିଫେଣ୍ଡର କରିସ୍ମା ଓରାମ ଗୋଲ ସ୍କୋର କରିଥିବା ବେଳେ ୨୧ତମ ମିନିଟରେ ବାଲା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ମିଡ୍ ଫିଲ୍ଡର କାର୍ତ୍ତିକା ଅଙ୍ଗମୁଥୁ ୩୯ତମ ମିନିଟରେ ଯଶୋଦାଙ୍କ ପାସ୍‌ରୁ ଗୋଲ ସ୍କୋର କରିବା ସହିତ ଦଳକୁ ୫-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ୪୫+୩ ମିନିଟରେ କରିସ୍ମା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଓଏଫ୍‌ସି ୬-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମାଳତୀ ମୁଣ୍ଡା ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଏସ୍ ଲିଣ୍ଡା କୋମ୍ ଓ ଫୌଷ୍ଟିନା ଓରୋନିଓ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୫୬ତମ ମିନିଟରେ ଫୌଷ୍ଟିନା ସ୍କୋର କରିଥିବା ବେଳେ ୬୦ ତମ ମିନିଟରେ ଫୌଷ୍ଟିନାଙ୍କ ଆସିଷ୍ଟରେ ସ୍କୋର କରିଥିଲେ ଲିଣ୍ଡା। ୬୫ ତମ ମିନିଟରେ ଡିଫେଣ୍ଡର ସୋନାଲି ଚେମଟେଙ୍କ ପାସ୍‌କୁ ଗୋଲରେ ପରିଣତ କରି ଓଏଫ୍‌ସିର ଅଗ୍ରଣୀକୁ ୯-୦ରେ ପହଞ୍ଚାଇଥିଲେ ମାଳତୀ ମୁଣ୍ଡା। ମ୍ୟାଚ୍ ଶେଷ ହେବାକୁ କିଛି ମିନିଟ ରହିଥିବା ବେଳେ ଇଞ୍ଜୁରୀ ଟାଇମରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମାଳତୀ। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଲର୍ଡସ ଏଫ୍‌ଏ କୋଚିକୁ ଭେଟିବ।

# ମାଉଣ୍ଟ ଏଲବ୍ରୁସରେ ସିଦ୍ଧାର୍ଥ


ସିଦ୍ଧାର୍ଥ ରାଉତରାୟ

**ଭୁବନେଶ୍ୱର,୫ା୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ପର୍ବତାରୋହଣକାରୀ ସିଦ୍ଧାର୍ଥ ରାଉତରାୟ ୟୁରୋପର ସର୍ବୋଚ୍ଚ ଗିରି ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ଆରୋହଣ କରିଛନ୍ତି। ମେ ୩ ତାରିଖରେ ସିଦ୍ଧାର୍ଥ ଏହି ପର୍ବତ ଚଢ଼ିଥିଲେ। ଶୁକ୍ରବାର ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିବା ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ଏହା ପୂର୍ବରୁ ମାଉଣ୍ଟ ଭିନସେଣ୍ଟ, ମାଉଣ୍ଟ କିଲିମାଞ୍ଜାରୋ ଏବଂ ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ସାରିଛନ୍ତି।

# ଡବ୍ଲ୍ୟୁଟିସି ଫାଇନାଲ ଖେଳିବେନି ରାହୁଲ

**ନୂଆଦିଲ୍ଲୀ, ୫ା୫ (ପି.ଟି.):** ଭାରତର ଟପ୍ ଅର୍ଡର ବ୍ୟାଟର ଲୋକେଶ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲରେ ଖେଳିବେ ନାହିଁ। ଶୁକ୍ରବାର ସେ ଏହା ସ୍ପଷ୍ଟ କରିଛନ୍ତି। ମେଡିକାଲ ଟିମ୍‌ର ପରାମର୍ଶ ଅନୁସାରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହେବ। ଲକ୍ଷ୍ନୌ ଅଧିନାୟକ ରାହୁଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଆହତ ହୋଇଥିଲେ। ଆହତ ଲାଗି ଯେଉଁ ଖେଳାଳିମାନେ ଉପଲବ୍ଧ ହେବେ ନାହିଁ ସେମାନେ ହେଲେ ଯଶପ୍ରୀତ ବୁମ୍‌ରା, ଶ୍ରେୟସ ଆୟାର ଓ ରିଷଭ ପନ୍ତ।

# ଶୌର୍ଯ୍ୟ ସ୍ୱରୂପ, ସୋହିନୀଙ୍କୁ ଡବଲ୍ ଟାଇଟଲ୍


ଅତିଥି ଓ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।

## ସର୍ବଭାରତୀୟ ଟେନିସ୍ ଟୁର୍ନାମେଣ୍ଟ

**ଭୁବନେଶ୍ୱର,୫ା୫(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ କମ୍ ସର୍ବାଭାରତୀୟ ଓଟିଏ-ଏଆଇଟିଏ ଟେନିସ ଟୁର୍ନାମେଣ୍ଟରେ ପଶ୍ଚିମବଙ୍ଗର ଶୌର୍ଯ୍ୟ ଏସ୍ ସ୍ୱରୂପ ଓ ଓଡ଼ିଶାର ସୋହିନୀ ଏସ୍ ମହାନ୍ତି ଡବଲ୍ ଟାଇଟଲ୍ ହାସଲ କରିଛନ୍ତି। ସୌର୍ଯ୍ୟ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ଟାଇଟଲ୍ ହାସଲ କରିଥିଲେ। ଅନ୍ୟପକ୍ଷରେ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ଟାଇଟଲ୍ ହାସଲ କରିଥିଲେ ସୋହିନୀ। ସିଙ୍ଗଲ୍ସରେ ଦ୍ୱିତୀୟ ସିଡେଡ ଶୌର୍ଯ୍ୟ ୭-୫, ୧-୬ ଓ ୬-୩ ସେଟ୍‌ରେ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ସେହିପରି ବାଳକ ଡବଲ୍ସ ବର୍ଗରେ ନିଜ ରାଜ୍ୟର ଅରିତ୍ର ସାସମଲଙ୍କୁ ସାଥୀ କରି ସେ ଓଡ଼ିଶାର ଆଦ୍ୟି ବିକ୍ରମ ଓ ଆଦିତ୍ୟ ସିଂ ଜାଦୋନଙ୍କୁ ୬-୩ ଓ ୭-୫ ସେଟରେ ପରାସ୍ତ କରିଥିଲେ। ବାଳିକା ସିଙ୍ଗଲ୍ସରେ ସୋହିନୀ ଓଡ଼ିଶାର ଅଭିପ୍ସା ଦେହୁରୀଙ୍କୁ ୬-୧, ୬-୦ ସେଟରେ ପରାସ୍ତ କରିଥିଲେ। ବାଳିକା ଡବଲ୍ସରେ ସେ ଆଦ୍ରିକା ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ବେଳେ ଅନ୍ୟତମ ଓଡ଼ିଆ ଯୋଡି ଅଭୀପ୍ସା ଦେହୁରୀ ଓ ପ୍ରିଶା ଦାସଙ୍କୁ ୬-୧ ଓ ୬-୨ ସେଟରେ ପରାସ୍ତ କରିଥିଲେ। ୮ ରାଜ୍ୟର ୬୪ ପ୍ରତିଯୋଗୀ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟେନିସ ଆସୋସିଏଶନ୍(ଓଟିଏ)ର ଯୁଗ୍ମ ସଚିବ ତଥା ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା, କ୍ରୀଡା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ବିଜୟୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ପରିଚାଳନା ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ରେଫରୀ ଯତୀନ୍ ବସ୍ୟ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ବିଜେତାଙ୍କୁ ୨୫ ଓ ରନର୍ସ ଅପ୍ ପ୍ରତିଯୋଗୀଙ୍କୁ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଥାଏ।

# ବିହାର, ମହାରାଷ୍ଟ୍ର, କର୍ନାଟକ ବିଜୟୀ

**ରାଉରକେଲା ଅଫିସ, ୫ା୫**

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ସବ୍-ଜୁନିୟର ମହିଳା ହକି ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ଦିବସରେ ପ୍ରଥମ ମ୍ୟାଚ୍ ବିହାର ଓ ତେଲଙ୍ଗାନା ମଧ୍ୟରେ ହୋଇଥିଲା। ବିହାର ୪-୧ରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମହାରାଷ୍ଟ୍ର ଦଳ ୧୧-୦ ଗୋଲରେ ଦାଦ୍ରାନଗର ହାବେଲୀକୁ ହରାଇଥିଲା। ତୃତୀୟ ମ୍ୟାଚରେ କର୍ନାଟକ ୮-୦ରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଦେଶର ୨୮ଟି ରାଜ୍ୟର ହକି ଦଳ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ୮ଟି ପୁଲରେ ଭାଗ କରାଯାଇଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଓ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଅତିଥି ଭାବେ ଯୋଗ ଦେଇଥିଲେ।

# ପ୍ରଥମ ଦିନରେ ଓଡ଼ିଶା ଖେଳାଳିଙ୍କୁ ୩ ପଦକ

**ଭୁବନେଶ୍ୱର,୫ା୫(ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁ ସ୍ଥିତ ଶ୍ରୀ କାନ୍ତିବୀରା ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ର ପ୍ରଥମ ଦିନରେ ଓଡ଼ିଶା ଆଥଲେଟଙ୍କୁ ୩ ପଦକ। ୧୨ଦେଶର ୨୯୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ପକ୍ଷରୁ ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପଙ୍କଜ ଭୁଏ ରୌପ୍ୟ ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମହିଳା ୧୦୦ ମିଟର ଟି୩୫/୪୨/୪୭/୬୨ ବର୍ଗରେ ଜୟନ୍ତୀ ୧୩.୨୮ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶ୍ରୀଲଙ୍କାର କୁମୁଦିକା ଦୟାନି ରୌପ୍ୟ ଓ ଅନ୍ୟତମ ଭାରତୀୟ ଖେଳାଳି ପ୍ରୀତି ପାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦ ମିଟର ଟି୧୩ ବର୍ଗରେ ପଙ୍କଜ ଭୁଏ ୧୨.୩୪ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଶଟ୍ ପୁଟ୍‌ର ଏଫ୍-୫୪ ବର୍ଗରେ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୬.୯୧ ମିଟର ଦୂରକୁ ଶଟପୁଟ ଫିଙ୍ଗିଥିଲେ।


ପଙ୍କଜ ଭୁଏ


ଜୟନ୍ତୀ ବେହେରା


ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ

# ସୁନ୍ଦରଗଡ଼, ବରଗଡ଼ ବିଜୟୀ

**ଭୁବନେଶ୍ୱର,୫ା୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ଜାତୀୟ ପୁରୁଷ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର କ୍ୱାର୍ଟରଫାଇନାଲ ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶୁକ୍ରବାର ସୁନ୍ଦରଗଡ଼ ଓ ବରଗଡ଼ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ରାଚରେ ସୁନ୍ଦରଗଡ଼ ୪-୧ ଗୋଲ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କିଶୋର ଖାଡିଆ (୬୮ତମ ଓ ୭୩ ତମ ମିନିଟ) ଦୁଇଟି ଗୋଲ୍ ଦେଇଥିବା ବେଳେ ଦୀପକ ମୁଣ୍ଡା (୫୨ତମ) ଓ ସ୍ୱାଧୀନ ବଡେଇ (୭୮ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି। ପ୍ରଶାନ୍ତ ବେହେରା, ଦିଲୀପ ରାଉତ, ଦେବାଶିଷ ବାଗ୍ ଓ ଉତ୍କଳମଣି ବେହେରା ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ବେଳେ ଯୁଗଳ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ବରଗଡ଼ ୩-୨ ଗୋଲ୍‌ରେ ଝାରସୁଗୁଡାକୁ ହରାଇ ଦେଇଛି। ଏହି ମ୍ୟାଚରେ ବରଗଡ଼ ପକ୍ଷରୁ କ୍ରିଷ୍ଣା ହରିପାଲ (୩୪ତମ ଓ ୬୯ତମ ମିନିଟ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଫ୍ରାନ୍‌ସିସ୍ ଲାକ୍ରର (୪୨ତମ) ଗୋଟିଏ ଗୋଲ୍ ଦେଇଥିଲେ। ଝାରସୁଗୁଡ଼ା ତରଫରୁ ଅବିନାଶ ମୁଣ୍ଡା (୬୧ତମ) ଓ ଘନଶ୍ୟାମ ମାଝି (୪୫ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଭୀମ ଛେତ୍ରୀ, ପ୍ରଦୀପ୍ତ ନାୟକ, ଲକ୍ଷ୍ମଣ ସେଠ୍ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ ଅଫିସିଆଲ ଏବଂ ସୁଜିତ ପାତ୍ରୋ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।


ବରଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ